# ମିଳନ

ଶ୍ରୀ ନରସିଂହ ମିଶ୍ର

Digitized by srujanika@gmail.com

# ମିଳନ

ନରସିଂହ ମିଶ୍ର

ପ୍ରକାଶକ :

କୋଣାର୍କ ପବ୍ଲିଶର୍ସ

ବିନୋଦବିହାରୀ, କଟକ-୨

Digitized by srujanika@gmail.com

# ମିଳନ

ଲେଖକ-ନରସିଂହ ମିଶ୍ର

ପ୍ରକାଶକ :
ଚନ୍ଦ୍ର ଶେଖର ପାଢ଼ି
କୋଣାର୍କ ପବ୍ଲିଶର୍ସ
ବିନୋଦବିହାରୀ,
କଟକ-୨
ପ୍ରକାଶକାଳ :
ବିଜୟା ଦଶମୀ, ୧୯୮୬
ମୁଦ୍ରଣ :
ଓଡ଼ିଶା ପ୍ରିଣ୍ଟିଙ୍ଗ ଓ୍ୱାର୍କସ
ମିଶନ ରୋଡ୍,
କଟକ
ମୂଲ୍ୟ : ସାଧାରଣ ବନ୍ଧାଇ—୧୪-୦୦
ଶୋଭନ-ବନ୍ଧାଇ—୧୬-୦୦

MILAN

*Written by :*
**Narasingh Mishra**

*Published by :*
**Konark Publishers**
Binodbihari
Cuttack-2
*Date of Publication :*
**Bijaya Dasami, 1986**
*Printed by :*
**Orissa Printing Works**
Mission Road,
Cuttack
**Price : Ordinary binding 14-00**
**Deluxe binding 16-00**

*Digitized by srujanika@gmail.com*

# ଦ୍ୱିତୀୟ ସଂସ୍କରଣ

ମିଳନର ଦ୍ୱିତୀୟ ସଂସ୍କରଣ ବାହାରିବା ଅତି ଆନନ୍ଦର କଥା । ଓଡ଼ିଆ ଉପନ୍ୟାସଟି ଥରେ ବାହାରିବା ପରେ, ଆଉଥରେ ସାଧାରଣତଃ ଲୋକଙ୍କ ହାତକୁ ପ୍ରାପ୍ତ ବାହୁଡ଼େ ନାହିଁ । ଖଣ୍ଡିଏ ବହି ଥରେ ଛପା ହେଲେ ପ୍ରଥମଥରର [illegible] କୁଆଁ ତାକ ପରେ ତାହା ମରିଯାଏ । ଅବଶ୍ୟ କେତେକ ପୁସ୍ତକର [illegible]ଧିକ ସଂସ୍କରଣ ଯେ ନ ହୋଇଛି ତା' ନୁହେଁ, ତେବେ ତାହା ଅନ୍ୟଭାଷାର ପୁସ୍ତକ ତୁଳନାରେ ସେତେ ଯଶସ୍ୱୀ ନୁହେଁ ।

ମିଳନ, ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଆସନ ଦାବି କରେ । ଏହା ଏକ ଗତାନୁଗତିକ ଉପନ୍ୟାସ ନୁହେଁ । ଏ ଉପନ୍ୟାସଟି ଓଡ଼ିଆର ଅଲୋଡ଼ା ଅପରିହାର୍ଯ୍ୟ ବନ୍ଧୁ, ବନ୍ୟା ଉପରେ ଆଧାରିତ । ଏହାର ବିଷୟବସ୍ତୁ, କାହାଣୀର ରୂପକଳ୍ପ ନେଲେ ମଧ୍ୟ, ଆମ୍ଭ ସତ୍ୟର ଶାଶ୍ୱତତାକୁ ବହନ କରିଛି । ଏହାର ଘଟଣା ଓ ଘଟଣାଚାପ, ବାସ୍ତବତା ଓ କଳ୍ପନାର ଏକ ଲୁଚକାଳି ।

ମୋର ଦ୍ୱିତୀୟ ବନ୍ୟା ଉପନ୍ୟାସ "ଶତାବ୍ଦୀର ପ୍ରଳୟ" ଅନୁରୂପ ଚିନ୍ତା ଓ ଚେତନାର ପ୍ରକାଶ ମାତ୍ର । ମିଳନର ମୂଳରେ ଯେ ଏକ ଶାଖା ମାତ୍ର ।

[illegible] ଏହି ସଂସ୍କରଣରେ କେତେକ ଖଣ୍ଡନ ମଣ୍ଡନ କରାଯାଇଛି [illegible]ପୂର୍ଣ୍ଣ କରିବାପାଇଁ । ଆଶା, ଏହା ପାଠକମାନଙ୍କୁ ଆନନ୍ଦ ଦେବ ।

ନରସିଂହ ମିଶ୍ର

ଭୁବନେଶ୍ୱର

Digitized by srujanika@gmail.com

ମିନାକ୍ଷୀ ।

ମୁଁ ତୁମକୁ କରାଳ ବନ୍ୟାର କାଳସ୍ରୋତରୁ ଛଣିଆଣିଛି ମୋ ଲେଖନୀ ମୁନରେ । ତମର ମୁକ୍ତି ମୋର ପାଥେୟ । ତମପରି ଅଗଣିତ ବନ୍ୟାଚଖା ଦାରୁଣ ଦୁଃଖ ଜର୍ଜରିତ ଲୋକଙ୍କ ହାତରେ ମୁଁ ଏହାକୁ ଅର୍ପଣ କରୁଛି ।

ନରସିଂହ

Digitized by srujanika@gmail.com

* * * * "ଆଖି ନାହିଁ କି କାନ ନାହିଁ,
ବାଜିଗଲେ ମୋ ଦୋଷ ନାହିଁ ।"

ଆଖି ବୁଜି, ଦୁଇହାତ ମେଲାଇ, ଘରପାଖକୁ ଘୁରୁଘୁରୁ ମିନାକ୍ଷୀର ପାଖକୁ ଲାଗିଆସିଲା ମନ୍ତୁ । ନାକକାନ୍ଦୁଣୀ ମିନି, ତାର କଣ୍ଢେଇ-ପୁଅଝିଅଙ୍କୁ ସାଉଣ୍ଟି-ପକାଇ ସତେଇ ସତେଇ କହିଲା, "ମନ୍ତୁ ଭାଇ ! ଖବରଦାର, ମୋ ପାଖକୁ ଆ ନା; ମୋ ଦିହରେ ତୋ ହାତ ଯଦି ବାଜିବ, କି ମୋ କଣ୍ଢେଇ-ପୁଅଝିଅଙ୍କୁ ତୁ ଯଦି ମାଡିଦେବୁ ନା, ମୁଁ ଚଟ୍‌କିନା ବାପାଙ୍କୁ ଡାକଦେବି । ଫଟ୍‌କିନା ଗାଲରେ ଗୋଟାଏ ବସିଯିବ ।"

ନ ଶୁଣିଲାପରି ମନ୍ତୁ ପୁଣି ଆରମ୍ଭ କଲା, "ଆଖି ନାହିଁ କି କାନ ନାହିଁ, ବାଜିଗଲେ ମୋ ଦୋଷ ନାହିଁ ।" ଏତିକି କହୁ କହୁ ହାତ ତା'ର ଯାଇ ବାଜିଲା ମିନାକ୍ଷୀର କଣ୍ଢେଇ-ବାକ୍‌ସ ଦେହରେ । ବାକ୍‌ସଟି ଖଟ୍‌କିନା ତଳେ ଖସିପଡ଼ିଲା । ମିନି ଭେଁ କରି କାନ୍ଦି ଉଠିଲା ।

ମନ୍ତୁ ତା ପାଖକୁ ଦଉଡ଼ି ଯାଇ, ପାଟିରେ ହାତ ଦେଇ ଅନୁନୟ କରି କହିଲା, "ମିନି, ମୋ ସୁନା ଭଉଣୀଟା ପରା । ତୁନି ହ; ହେଇ ମୋ ପିଠି ପତେଇ ଦେଉଛି, ତୁ ମନଇଚ୍ଛା ମାର୍ । ଯେତେ ବଳ ଅଛି ସେତେ ବିଧା ପକା । ଆଉ ବାପାଙ୍କୁ ଡାକେ ନା । ଆଚ୍ଛା, ମୁଁ ଗଣୁଛି—ଏକ···ଦୁଇ···ତିନ୍··· । ତୁ ସଂଖ୍ୟା ସହିତ ତାଳ ପକାଇ······ ।

ମିନିର କାନ୍ଦ ବନ୍ଦ ହୋଇଗଲା । ତାର ଥରିଲା ଅଧରରେ ଏକ କ୍ଷୀଣ ହସର ରେଖା ଖେଳିଗଲା; ସତେ ଯିମିତି ବରଷା ଓ ଖରାର ଲୁଚକାଳି ।

ମିନି କହିଲା, ମୁଁ ନିଷ୍ଟୟ ମାରିବି, ନି···ଷ୍ଟ···ୟ, ନି ··ଷ୍ଟ···ୟ ! ତୁ କାହିଁକି ମୋ ପୁଅଝିଅଙ୍କୁ ଧୂଳିରେ ପକାଇଦେଲୁ କି ?

"ଆଚ୍ଛା ମିନି, ତୁ ରେଡ଼ି ହ, ମୁଁ ପିଠି ପତାଇଲି । ହିଁ, ରେଡ଼ି ! ଉଆନ୍ !! ଟୁ !!! ଥ୍ରୀ !!!

ମିନି ହାତ ଉଠାଇଲାକ୍ଷଣି ମନ୍ତୁ ଚଟ୍‌କିନା ତଳେ ବସିପଡିଲା । ବିଧାଟା ବାଜିଲା ନାହିଁ ତା' ପିଠିରେ । ମିନି ପୁଣି ରାଗରେ ଜରଜର ହୋଇ କାନ୍ଦି କାନ୍ଦି

Digitized by srujanika@gmail.com

ଦଉଡ଼ିଲା ବାପାଙ୍କୁ କହିଦେବାକୁ । ମସ୍ତୁ ଦଉଡ଼ିଯାଇ ପଛରୁ ତାର ଫ୍ରକ୍‌କାନିଟା ଭିଡ଼ି ଧରି କରୁଣଭାବରେ ଗୃହିଁ ରହିଲା ତା' ମୁହଁକୁ ।

"ନା, ମୁଁ କିଛି ଶୁଣିବିନି । ମୋତେ ଛାଡ଼ି ଦେ । ମୁଁ ଏଥର ବୋଉକୁ କହିଦେବି ।"

"ନାଇଁ ଲୋ ମିନି ! ସୁନା ଭଉଣୀଟା ପରା । ମୁଁ କଣ ତୋ ମାଡ଼ଭୟରେ ବସିପଡ଼ିଲି କି ? ତୋର ଏତିକ ଟିକି ହାତରେ କଅଁଳ ମାଡ଼ କଣ ମୋର ଏଇ ଥାକୁଲା ପିଠିଟା ସହିପାରି ନ ଥାନ୍ତା ? ତୋ କୁନି କଣ୍ଢେଇ ପୁଅଟି ପରା ମୋ ଆଡ଼କୁ ଗୃହିଁ ବିକଳ ହୋଇ କାନ୍ଦିଲା ପାଇ ହେବାକୁ । ମୁଁ ଲଇଁପଡ଼ି ତାକୁ ଟିକୁ ଗୋଟାଉଥିଲି । ହେଇ ଦେଖିଲୁଣି, କମିତି କୁଉଁ···କୁ···ଉଁ ହେଉଛି ତୋ ପାଖକୁ ଯିବାକୁ ।

"ସତରେ ମସ୍ତୁ ଭାଇ ? ଦେ, ମୁଁ ତାକୁ ଟିକଏ ଧରିପକାଏ । ହେଲେ ମସ୍ତୁ ଭାଇ, ମୁଁ ତୋ ସାଥିରେ ଆଉ ଖେଳିବିନି । ତୁ କଆଁ ମୋ ପିଲାକୁ ତଳେ ପକାଇଲୁ କି ?"

"ଆଉ କେବେ ପକାଇବିନି ।" କହିଲା ମସ୍ତୁ ।

"ତେବେ କାନ ମୋଡ଼ି ହ ।"

"ହଉ, ରେଡ଼ି, ୱାନ୍ ! ଟୁ ! ଥ୍ରୀ । ଖାଲି କାନ ମୋଡ଼ି ହେବ କାହିଁକି, ହେଇ ଦେଖ୍, ଜାବଡ଼ା ମାରିହେଉଛି ।"

"ଆହା······ଡ୍ରାଃ ମସ୍ତୁ ଭାଇ, ତୁ ବଡ଼ ଦୁଷ୍ଟ । ମୁଁ କଣ କହିଥିଲି ଜାବଡ଼ା ମାରିହେବାକୁ । ଦେଖିଲୁ, କାନମୂଳ କ'ଣ ହେଲା ?"

ତୋ ମନ ଏଥର ଖୁସି ହେଲା ତ ମିନି ? ବାପାଙ୍କଠାରୁ ମାଡ଼ ଖାଇବା ଅପେକ୍ଷା ନିଜ ମାଡ଼ ନିଜେ ଖାଇବା ଭଲ ।"

"ଛି, ମସ୍ତୁ ଭାଇ । ମୁଁ କ'ଣ ସତରେ ବାପାଙ୍କ ପାଖକୁ ଯାଉଥିଲି । ତତେ ଡରେଇବାପାଇଁ ଖାଲି ମିଛିମିଛିକା ବାପାଙ୍କୁ ଡାକିବାକୁ କହୁଥିଲି ନା ।"

"ସତ କହୁଛୁ ମିନି ? ଦେଖି ଆ, କହିଲୁ ବିଦ୍ୟା-ରାଣ ।"

"ବିଦ୍ୟା-ରାଣ । ମୁଁ ମିଛିମିଛିକା ବାପାଙ୍କ ପାଖକୁ ଯାଇଥିଲି ?"

Digitized by srujanika@gmail.com

ମଯୁ ହସି ହସି କହିଲା, "ଆଲୋ ବୋକା, ମୁଁ କଣ ସତସତକା ଜାବଡ଼ା ମାଉ ହୋଇଛି ? ଗାଲ ପାଖରେ ଫଟ୍‌କିନା ଚାଳଟାଏ ମାରିଲୁ ନା; ତୋର ମଜା ଦେଖିବାକୁ ।"

ଦୁହେଁଯାକ ଖିଲିଖିଲି ହୋଇ ହସିଉଠିଲେ । ମୃଣ୍ମୟୁ ମିନକୁ ଟାଣି ଟାଣି ନେଲା କଣ୍ଟେଇ ପୁଅଝିଅଙ୍କ ପାଖକୁ । ସେଗୁଡ଼ିକୁ ଡହୁ ଗୋଟାଇ ପକାଉଥିଲ ଦୁହେଁ । ମିନ ଗୋଟିକୁ କୋଳରେ ଧରି ଝୁଲାଇ ଗାଇ ଉଠିଲା, "ଝୁଲ ରେ ହାଣ୍ଡି ଝୁଲ, ବାଆପାଣି ଖାଇ ଫୁଲ ।"

ମଯୁ ହଠାତ୍ ତା ଗୀତକୁ ବନ୍ଦ କରିଦେଇ କହିଲା, "ମିନ ! ସୁନାଟା ପରି ! କହିଲୁ ଦେଖି, ପିଲାଗୁଡ଼ିକ ବଡ଼ ହେଲେ କଅଣ ବୋଲି ଡାକିବେ ?"

ମିନ ଆନନ୍ଦରେ ନାଚି ନାଚି ମଯୁର କାନ ପାଖରେ ଚିତ୍କାର କରି କହିଲା, "ବୋଉ ! ବୋଉ !! ବୋଉ !!!"

ମଯୁ ନରମ ଗଳାରେ କହିଲା, "ମୋତେ କ'ଣ ଡାକିବେ ଜାଣିଛୁ ?"

"କଣ କହିଲୁ ?"

ମଯୁ ତାର କାନପାଖରେ ଚୁପି ଚୁପି କହିଲା, "ବାପା ! ବାପା !! ବାପା !!!"

ଦୁହେଁଯାକ ଦାଣ୍ଡ ଉଚ୍ଛୁଳାଇ ହସି ହସି ଧୂଳିରେ ଗଡ଼ିଗଲେ । କଳ-ରୋଳରେ ଫାଟିପଡ଼ିଲା ଦାଣ୍ଡ । ଅନ୍ୟ ପିଲାମାନେ ଖେଳରୁ ଅଟକିଯାଇ ସେଇ-ଆଡ଼କୁ ଚାହିଁ ରହିଲେ—ଦାଣ୍ଡ ମଣ୍ଡପରେ ଦୁଇଟି ନୃତ୍ୟଚପଳ ଶିଶୁର ପ୍ରାଣଭୁଲା ଅଭିନୟ ।

ଏତ ନିତିଦିନିଆ ଖେଳ । ଦାଣ୍ଡଧୂଳିରେ କୁଟା କାଠିର ଘର ତିଆରି କରି ଦୁହେଁ ସୃଷ୍ଟି କରନ୍ତି ସେମାନଙ୍କର ଶାନ୍ତିମୟ ନୀଡ଼ । ମିନାକ୍ଷୀ ସାଜନ୍ତି ଅନେକ ଦିନ ଘରଣୀ କପୋତୀ; ମୃଣ୍ମୟ ଘରହକାତର କପୋତ । ତା'ର ଭିତରେ ସେମାନଙ୍କର ହୁଏ ପ୍ରାଣ ଦିଆନିଆଁ ! ଧୂଳିଶେଯରେ ଦୁହେଁ ସାଜନ୍ତି ବର ଆଉ ବଧୂ । ମୃଣ୍ମୟ ଖେଳରେ ଯେତେବେଳେ ମିନାକ୍ଷୀକୁ ନୂଆ-ବୋଉ ବୋଲି ସମ୍ବୋ-ଧନ କରେ, ସେତେବେଳେ ସେ ଲାଜକୁଳି ହୋଇଯାଇ ତାର ଫୁଲକାନକୁ ଦାନ୍ତରେ

Digitized by srujanika@gmail.com

କାମୁଡ଼ି କହେ, "ଦୁଷ୍ଟ !" ମୃଣ୍ମୟୀ ତାଙ୍କୁ କୋଳକୁ ଟାଣିନେଇ ତାର କଅଁଳ ଗାଲରେ ସରୁ ସରୁ ଥାପଡ଼ ଦେଇ କହେ, "ଚଗଲ !" ତାଙ୍କର କଣ୍ଢେଇ-ପୁଅ ଝିଅ—ଟୁନି, ମିନି, ବାବୁନ, ବୁଢ଼ା, ବାବୁଲ ହସିଉଠନ୍ତି ।

"କିରେ, ତୁମେ ଆଜି କଣ ସ୍କୁଲକୁ ଯିବନି ? କେତେବେଳେ ଯାଏ ଧୂଳ୍ ଖେଳ ଚାଲିଥିବ ?" ଗର୍ଜିଉଠେ ପ୍ରଫେସର ସରୋଜବାବୁଙ୍କର ଶାସନ କଣ୍ଠ ।

ଉଭୟଙ୍କର ସୁଖସ୍ୱପ୍ନ ଭାଙ୍ଗିଯାଏ । ଦୋଷୀପରି ଦୁହେଁଯାକ ଧୂଳିରୁ ଉଠି ଆଗ ପଛ ହୋଇ ବାହାରନ୍ତି ସ୍କୁଲକୁ । ଆଗରେ ଚାଲେ ମିନି; ପଛରେ ମୃଣ୍ମୟୀ । ସରୋଜବାବୁ ତନ୍ମୟତାରେ ଚାହିଁ ରହନ୍ତି ସେଇ ଦୁଇଟି ଶିଶୁର ନୃତ୍ୟ-ତରଳ ପଦକ୍ଷେପକୁ ।

ମିନାକ୍ଷୀ ପ୍ରଫେସର୍ ସରୋଜମୋହନ ପଟ୍ଟନାୟକଙ୍କର ଏକମାତ୍ର ଆଦରଣୀ କନ୍ୟା । ସେ ତାଙ୍କୁ ପ୍ରାଣଠାରୁ ବଳି ଭଲପାଆନ୍ତି । ସ୍ତ୍ରୀ ରାଧାମଣି କେତେ ଦିଅଁ-ଦେବତା ପୂଜି, ବାରବ୍ରତ ତେର ଓପାସ କରି ଯମମୁହଁରୁ ବହୁ କଷ୍ଟରେ ଛଡ଼ାଇ-ଛନ୍ତି ଏଇ କନ୍ୟାଟିକୁ । ମୃତ୍ୟୁ ତାଙ୍କ କୋଳରୁ ସାତୋଟି ଶିଶୁନେଇ ଏଇ ଗୋଟିକୁ ଛାଡ଼ିଯାଇଛି ଅଇଁଠା କରି । ସରୋଜବାବୁ ସ୍ୱନାମଧନ୍ୟ ପ୍ରଫେସର୍ । ଛାତ୍ରମହଲରେ ତାଙ୍କର ଖ୍ୟାତି ଅସରନ୍ତି । ସେ ଆଜି ଚାକିରିରେ ନଥିଲେ ମଧ୍ୟ ପ୍ରଶଂସା ତାଙ୍କର କମି ନାହିଁ । ରାଜନୀତି କ୍ଷେତ୍ରରେ ଏଇ ଅଳ୍ପଦିନ ମଧ୍ୟରେ ସେ ନାଁ କମେଇଛନ୍ତି । ଘର ତାଙ୍କର ରେଢ଼ାଖୋଲର ଗୋଟିଏ କ୍ଷୁଦ୍ର ପଲ୍ଲୀରେ

ବନବେଷ୍ଟିତ ଗଡ଼ଜାତ ପ୍ରକୃତି-ରାଣୀର ବିଳାସ-ଉଦ୍ୟାନ । ରେଢ଼ାଖୋଲର ବହିଃପ୍ରକୃତି ଅତ୍ୟନ୍ତ ରମଣୀୟ । ଦିଗନ୍ତବିସ୍ତୃତ ସବୁଜ ଶୈଳ-ସୀମା ନୀଳ ଆକାଶର ନୀଳିମା ସହିତ ମିଶିଯାଇଛି ହାତକୁ ହାତ ମିଳାଇ । ଗଗନ ନଇଁଆସିଛି ପୃଥିବୀ କୋଳକୁ । ଘନ ବନାନୀର ବୁକୁ ଚିରି ସର୍ପିଳ-ଗତିରେ ଆଗେଇଯାଇଛି ରାଜପଥ । ଘଞ୍ଚ ବନ-ବେଦୀରେ ଋତୁ-ଲକ୍ଷ୍ମୀର ନିତ୍ୟ ସମାଗମ । ହସିଉଠେ ବର୍ଣ୍ଣିଳ ପ୍ରକୃତି । କାମିନୀ-ଯାମିନୀର କୃଷ୍ଣକବରୀ କୋଳରେ ତାରା-ଫୁଲର ଶୋଭାସମ୍ଭାର ଦର୍ଶକଙ୍କୁ ମୁଗ୍ଧ କଲେ ମଧ୍ୟ ଗୁଳ୍ମ, ଲତା ଓ ବନପାଦପର ଲୋହିତ ପୁଷ୍ପରାଜି ପ୍ରତ୍ୟେକଙ୍କ ମନରେ ଏକ ମହାଭାବ ସୃଷ୍ଟି କରିଥାଏ । କେଉଁ ଏକ ଅନନ୍ତ ସାଧନାର ଉତ୍ସ ନେଇ ବନପ୍ରଦେଶରୁ ବହିଆସିଛି

Digitized by srujanika@gmail.com

ଗିରି-କନ୍ୟା "ଖଣ୍ଡାଧାର"—ଶିଳା-ନିର୍ଝରଣୀ। କର୍ତ୍ତବ୍ୟର ଗୀତ ଗାନ କରି ଆବେଗରେ ଆଗେଇଛି ସମୁଦ୍ରର ମହାସତ୍ତା ସହିତ ନିଜକୁ ମିଶାଇଦେବାକୁ। ପ୍ରକୃତିର ବୈଚିତ୍ର୍ୟ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ ଶିଳାବନ୍ଧୁର ବକ୍ଷ ଉପରେ ତାର ଗୋଟିଏ କ୍ଷୀଣ ଚଲାପଥ ସୃଷ୍ଟି କରିଛି। ବଡ଼ ଆଶ୍ଚର୍ଯ୍ୟ ଲାଗେ; କୃଷ୍ଣ ଶିଳାର କଠିନ ବୁକୁରେ ସେ କପରି ରେଖାପାତ କଲା ? ତାକୁ ଦେଖିଲେ ସ୍ୱତଃ ମନେ ହୁଏ, "କଠିନ ଶୈଳ-ଶିଖରରୁ ଅମୃତ-ଝର ଛୁଟିଲାପରି କଠିନ ସାଧନାର ବକ୍ଷରୁ ଯଶର ପ୍ରବାହ ଛୁଟିଥାଏ।" ବାଃ, ପ୍ରକୃତିର ମାନବପ୍ରତି କି ଗୀତ-ବାଣୀ।

ପ୍ରଫେସର୍ ସରୋଜବାବୁ ଜଣେ ଭାବୁକ ଓ କବି ମଧ୍ୟ। ସେ ଅଧିକାଂଶ ସମୟ ନିର୍ଜନତାରେ ସେଇ ଲୀଳାମୟୀ ପ୍ରକୃତିର ରୂପାମୃତ ପାନ କରନ୍ତି।

ସରୋଜବାବୁଙ୍କର ଘର ପାଖକୁ ଲାଗି ମଣିକାନ୍ତବାବୁଙ୍କର ଘର। ସେ ହେଉଛନ୍ତି ମୃଣ୍ମୟର ମାମୁଁ। କୋଳକୁ ତାଙ୍କର ପିଲାଟିଏ ନାହିଁ ବୋଲି ତାଙ୍କର ଦୁଃଖ। ମୃଣ୍ମୟର ମୁହଁକୁ ଚାହିଁ ସେ ସନ୍ତାନର ଅଭାବ ଭୁଲିଯାଆନ୍ତି। ପ୍ରାଣଠାରୁ ବଳି ମାମୁଁ ଓ ମାଇଁ ଭଲ ପାଆନ୍ତି ମୃଣ୍ମୟକୁ। ଧନୀ କଣ୍ଟ୍ରାକ୍ଟର। ପ୍ରାଚୁର୍ଯ୍ୟ ଭିତରେ ବଢ଼ିବାର ସୁଯୋଗ ପାଇଛି ମୃଣ୍ମୟ। ଘର ତା'ର ବଉଦରେ; ଲେଡ଼ା-ଖୋଲଠାରୁ ଅଳ୍ପ ବାଟ।

ପିତା ତା'ର ଅବସରପ୍ରାପ୍ତ ଡାକ୍ତର ସହକାରୀ ପରିଦର୍ଶକ। ଡାକ୍ତର ହିସାବରେ ସେ ଯଥେଷ୍ଟ ନାଁ ଅର୍ଜନ କରିଛନ୍ତି। ଗାଁରେ ଗୋଟିଏ ଘରୋଇ ଡାକ୍ତରଖାନା କରି ଶେଷ ଜୀବନଟା କଟାଇବାରେ ଲାଗିଥାନ୍ତି। ମୃଣ୍ମୟକୁ ତା'ର ମାମୁଁ ପାଖକୁ ନେବାପରେ କୋଳରେ ଏକମାତ୍ର ଗୋଟିଏ କନ୍ୟା। ନାଁ ତାର ରଖିଛନ୍ତି ଭାନୁ।

ମୃଣ୍ମୟ ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ମିନାକ୍ଷୀ ପଢ଼ୁଥାଏ ପ୍ରଥମ ଶ୍ରେଣୀରେ। ମୃଣ୍ମୟ ମାଇନର ଶେଷ କରିବା ପର୍ଯ୍ୟନ୍ତ ଦୁହେଁ ପାଠ ନିବିଡ଼ ଆତ୍ମୀୟତା ମଧ୍ୟରେ ଚାଲିଥିଲେ।

କିଛି ଦିନପରେ ହେଲା ପଟ୍ଟପରିବର୍ତ୍ତନ। ମୃଣ୍ମୟ ଉଚ୍ଚଶିକ୍ଷା ପାଇଁ ଗଲା ସମ୍ବଲପୁର। ମିନା ହେଲା ସାଥୀହରା। ମିନା ବହୁତ ଦିନ ମୃଣ୍ମୟର ଅଭାବ

Digitized by srujanika@gmail.com

ଅନୁଭବ କଲା । ସେ ଅନେକ ଥର ବାପାଙ୍କୁ ପଚାରିଛି—"ବାପା ! ଏଠାରେ ତ ହା: ଇ: ସ୍କୁଲ ଥିଲା, ମଧୁ ଭାଇ ସମ୍ବଲପୁର ଗଲେ କାହିଁକି ?

"ହଁ ଲୋ ମା ! ସେଠାରେ ସ୍କୁଠାରୁ ବଡ଼ ସ୍କୁଲ ଅଛି । ଅନେକ ପିଲା ପଢ଼ୁଛନ୍ତି । ବହୁତ ଶିକ୍ଷକ ଅଛନ୍ତି । ତାହା ପୂରାପୂରି ସରକାରୀ ସ୍କୁଲ । କୌଣସି ବିଷୟରେ ଅସୁବିଧା ନାହିଁ । ଆମର ଏଠା ସ୍କୁଲ ପୂରା ସରକାରୀ ସ୍କୁଲ ନୁହେଁ । ସବୁ ବିଷୟ ପଢ଼ାଇବାପାଇଁ ଶିକ୍ଷକ ନାହାନ୍ତି । ବିଶେଷ ବିଜ୍ଞାନ, ଯନ୍ତ୍ରପାତି ନାହିଁ, ସେଇଥିପାଇଁ ସେ ଏଠାରୁ ପଳାଇଲା ।"

"ଆମ ସ୍କୁଲ ଭଲ ନୁହେଁ ବାପା ? ମୁଁ ବଡ଼ ହେଲେ ତା' ହେଲେ ସମ୍ବଲପୁରରେ ପଢ଼ିବି ମଧୁ ଭାଇ ସାଥିରେ ।"

"ତୁ ସେଠିକି ପଢ଼ିବାକୁ ଗଲାବେଳକୁ ସେ କଣ ଆଉ ଥିବ ? ସେ ପଳାଇବଣି କଲେଜକୁ । କଟକରେ ଥିବ, କି କଲିକତାରେ ଥିବ କିଏ କହିବ ।" ହସି ହସି କହିଲେ ସରୋଜବାବୁ ।

ମିନାକ୍ଷୀ ଆଖି ଛଳଛଳ କରି କମ୍ପିତ କଣ୍ଠରେ କହିଲା, "ମୁଁ ଆଉ ପଢ଼ିପାରିବିନି ମଧୁ ଭାଇ ସାଥିରେ !"

ସମ୍ବଲପୁରରେ ପଢୁଥିବାବେଳେ ମଧୁ ସମୟେ ସମୟେ ତାର ମାମୁଁ-ଘରକୁ ଆସେ । ତାର ରୂପ, ବେଶ ପୋଷାକ ସବୁଥିରେ ବିରାଟ ପରିବର୍ତ୍ତନ ଆସିଛି । ମିନା ସହିତ ତାର ଦେଖାହୁଏ । ସେ ମିନାକୁ ବିସ୍କୁଟ ଲଜେଞ୍ଜନ୍ସ ଖାଇବାକୁ ଯାଚେ । ମିନା ଲାଜରେ ହୋଇ ତା'ଠାରୁ ଦୂରେଇ ରହେ; ପାଖକୁ ଡାକିଲେ ଆସେନା । ସେ ତାର ମନ ଭିତରେ ଯେଉଁ ଧୂଳିସାଥିଟିର ରୂପକୁ ସାଇତି ରଖିଛି ତା'ର ସହିତ ଆଜିର ମୃଣ୍ମୟର ରୂପକୁ ତୁଳନା କରେ । ଆଜି ତାର ଧୂଳିଧୂସରିଆ ମଧୁ ଭାଇ ନାହିଁ । ସେ ଦୀର୍ଘ ନିଶ୍ୱାସଟିଏ ପକାଇ ସେଠାରୁ ପଳାଇଯାଏ । ବାପା ତା'ର କହନ୍ତି, ମିନା ! ତୋର ମଧୁ ଭାଇ ପରା ଆସିଛି; ତୁ ତା ପାଖକୁ ଯାଉନୁ ।" ସେ ତୁନି ତୁନି କହେ "ମଧୁ ଭାଇ ପରା ସମ୍ବଲପୁରରେ ପଢ଼ୁଛନ୍ତି ?"

ବର୍ଷ ମାସର ଦିନ ଗଡ଼ିଯାଏ ତାର ଉଡ଼ନ୍ତା ଗୁଳାରେ । ମୃଣ୍ମୟ ଉଚ୍ଚ ଶିକ୍ଷା ପାଇଁ ଗଲା କଟକ । ରେଭେନ୍ସା କଲେଜର ସାଏନ୍ସ କ୍ଲାସରେ ନାମ ଲେଖାଇଲା । ଇଚ୍ଛା ତାର ବାପାଙ୍କ ପରି ସେ ଜଣେ ଡାକ୍ତର ହେବ ।

Digitized by srujanika@gmail.com

ସ୍ୱର୍ଗ ହନଧର ତା'ର ଆଜ ଦେଖାହୁଏନା ଧୂଳି ସଂସାରର କପୋଞ୍ଚ ପାଖରେ । ଶିଶୁଜୀବନର ସ୍ମୃତିକୁ ସେ ଧୂଳିଚୁଲିରେ ସମାଧି ଦେଇ ନିଷ୍ଠୁର ଜୀବନ ସହିତ ସଂଘର୍ଷ କରିବାକୁ ବାହାରିଛି । କର୍ମ ଆଜ ଜୀବନ ଭିତରେ ସଂଘର୍ଷ । ମିନର ସ୍ମୃତି ଲିଭିଯାଇଛି ସେଇ ଧୂଳିଦେଶପରେ । ସ୍ମୃତି ପରଦାର କେଉଁ ଅବହେଳିତ କୋଣରେ ତାର ଚିହ୍ନଟିକିଏ ଅଛି କି ନାହିଁ, ସନ୍ଦେହ । ତେବେ ମିନାକ୍ଷୀର ନାମ ସହିତ ବେଶ ପରିଚିତ । ସେଇ ନାଁରେ କାହାକୁ ଦେଖିଲେ କ୍ଷଣକପାଇଁ ଧୂଳି-ଘରର କପୋଞ୍ଚ କଥା ମନେ ପଡ଼େ ଏକ ଅସ୍ପଷ୍ଟ ଆଲେଖ୍ୟ ନେଇ ।

ମିନାକ୍ଷୀ ହେଲା ପରିଣୀତା ।

ଯୌବନର କୁହୁକ ସ୍ପର୍ଶରେ ତାର ଅଙ୍ଗଲତା ପଲ୍ଲବୀ ଉଠିଲା । ଅକଳ୍ପନୀୟ ରୂପସମ୍ଭାର ନେଇ ନମ୍ରତା ମଧ୍ୟରେ ସେ ହେଲା ନମିତା । ପ୍ରବେଶିକା ପରୀକ୍ଷା ପରେ ତା'ର ଶିକ୍ଷା ସମାପ୍ତ ହେଲା । ଭବିଷ୍ୟତର ଠିକ ସଂସାରର ସୂଚୀପତ୍ରପାଇଁ ପ୍ରସ୍ତୁତ କଲା ନିଜକୁ । ମା' ହେଲେ ତାର ପରିଚାଳିକା । ସେ ଗୃହ-ଜୀବନର ପ୍ରତ୍ୟେକ ଧନ୍ଦା ମିନାକ୍ଷୀକୁ ଶିଖାଇଲେ । ସେ ଜାଣନ୍ତି ଝିଅ ଜନମ ପାଇ ଘର-ସଂସାର ପାଇଁ ଉପଯୁକ୍ତା ନ ହେଲେ ଜୀବନ ସୁଖମୟ ହୋଇପାରିବ ନାହିଁ 'ପୁଅର ଭାଗ୍ୟ ପତରତଳେ ଝିଅର ଭାଗ୍ୟ ପଥରତଳେ ।'

ସେ ଭାବନ୍ତି ପୁରୁଷର ଜୀବନ ପୂର୍ଣ୍ଣିମାର ଶୁଭ୍ର ମାପର ସ୍ୱଚ୍ଛ । ନିନ୍ଦା-ଅପବାଦର ଧୂଳିମଳି ଲାଗିଲେ ମଧ୍ୟ ଧୋଇ-ଧାଇଦେଲେ ଯେଉଁ ତୋଫାକୁ ସେଇ ତୋଫା । ନାରୀ-ଜୀବନର ଉଆଁସର ଅନ୍ଧାରପରି କଳା । ସେଥିରେ କଳଙ୍କ ଲାଗିଲେ ଯେତେ ଧୁଆଗଲେ ମଧ୍ୟ ଯେଉଁ କଳାକୁ ସେଇ କଳା । ଝିଅପାଇଁ ସେ ବଡ଼ ସାବଧାନ ।

ଏଥି ମଧ୍ୟରେ ମିନର ବିବାହ ପ୍ରସ୍ତାବ ଆସିଛି ଅନେକ ଜାଗାରୁ—କଟକ, ପୁରୀ, ବାଲେଶ୍ୱର ଓ ଆଉ କେତେଆଡ଼ୁ । ମିନାକ୍ଷୀର ବାପା ଭାବନ୍ତି, 'ମିନକୁ ପୁରୀରେ ବିବାହ ଦେଲେ (ନୀଳାଚଳନାଥ ଜଗନ୍ନାଥଙ୍କର ଦର୍ଶନ ଜୀବନରେ ବହୁତ ଥର ମିଳନ୍ତା । କଟକରେ ଦେଲେ ପିଲାମାନଙ୍କର ଭବିଷ୍ୟତ ପଢ଼ାପଢ଼ିରେ ସୁବିଧା ହୁଅନ୍ତା ।), ଏପରି କେତେ କଣ ଭାବନା ତାଙ୍କର ମୁଣ୍ଡରେ ଆସି ପଡ଼ନ୍ତି ।



Digitized by srujanika@gmail.com

ଆଖି ଆଗରେ ତାଙ୍କର କୁତ୍ସିତ ରୂପ ନେଇ ଦେଖାଦିଏ କଳଙ୍କିତ ଯୌତୁକ ପ୍ରଥା । ଝିଅଟିକୁ ଜନ୍ମଦେବା ଆଜି ଅଭିଶାପ । ବିବାହ ବିକାକିଣାର ବଜାର ନୁହେଁ । ସେ ଅନ୍ତତଃ ଶିକ୍ଷକ ହିସାବରେ ଏ କୁ-ପ୍ରଥାକୁ ନିଜଘରେ ପ୍ରଶ୍ରୟ ଦେବେ ନାହିଁ । ତାଙ୍କର ଏଇ ପବିତ୍ର ପଲ୍ଲୀ-ପୁରରେ ଏପରି ଏକ କଳଙ୍କକୁ ପ୍ରଶ୍ରୟ ଦେଇ ସମସ୍ତଙ୍କ ପାଇଁ ଧ୍ୱଂସର ବାଟ ପରିଷ୍କାର କରିଦେବେ ନାହିଁ । ଯେଉଁ ସ୍ଥାନର ଲୋକ ଯେତେ ଶିକ୍ଷିତ ଏ କଳଙ୍କ ସେମାନଙ୍କୁ ସେତେ ବେଶି ଗ୍ରାସ କରିଛି । ଆଲୋକ ଓ ସଭ୍ୟତାହୀନ ତାଙ୍କର ବନପଲ୍ଲୀରେ ବର୍ବର ସଭ୍ୟତାର ଏ ଉଗ୍ରତା ନାହିଁ । ଅଶିକ୍ଷିତ ହୋଇ ପଶୁମତ ଜୀବନଯାପନ କରିବା ବରଂ ଭଲ; କିନ୍ତୁ ଶିକ୍ଷିତ ହୋଇ ଅବିବେକୀ ହେବା ପଶୁଠାରୁ ଆହୁରି ଘୃଣ୍ୟ ।

ତାଙ୍କର ଅନେକ ବନ୍ଧୁ ତାଙ୍କ ସହିତ ଯୁକ୍ତି କରନ୍ତି ଯୌତୁକ-ପ୍ରଥା ମନ୍ଦ ନୁହେଁ । ଝିଅମାନଙ୍କର କଳଙ୍କମୋଚନ ପାଇଁ ଏହା ଏକା ସୁନ୍ଦର ପ୍ରାୟଶ୍ଚିତ୍ତ-ବ୍ୟବସ୍ଥା । ଗୋଟିଏ ନକଲି ଘଡ଼ି, ନକଲି ସାଇକେଲ ଓ ନକଲି ରେଡ଼ିଓ ଯଦି ସମସ୍ତ ପ୍ରକାରର କଳଙ୍କକୁ ପୋଛି ଦେଇପାରେ ତେବେ କ୍ଷତି କଣ ?

ମିନାକ୍ଷୀର ବାପା ହସି ହସି କହନ୍ତି 'ତାହେଲେ କ୍ଷତି କଣ ଅଛି । ତେବେ ଅନ୍ୟାୟ ଏ କଳଙ୍କର ମାତ୍ରା ବଢ଼ାଇବାପାଇଁ ଏହା ସାହାଯ୍ୟ କରୁନାହିଁ କି ? ପାପପାଇଁ ପ୍ରାୟଶ୍ଚିତ୍ତର ବ୍ୟବସ୍ଥା ଥିବାପର୍ଯ୍ୟନ୍ତ ପାପ ରହିବ । ଯେଉଁଦିନ ସେ ବ୍ୟବସ୍ଥାକୁ ବନ୍ଦକରି ଦିଆଯାଇ ପାରିବ, ସେଦିନ ଆପେ ଆପେ ତାହା ବନ୍ଦ ହୋଇଯିବ ।

ମିନାକ୍ଷୀର ବୋଉ ଚାହାନ୍ତି ଝିଅଟିକୁ ପାଖରେ ଦେବେ । ସେ ତାର ସୁଖ-ସଂସାର ଗଢ଼ିବାରେ ସାହାଯ୍ୟ କରିବେ । କେତେ ଦିଅଁଦେବତା ପୂଜି ସେ ଝିଅଟିକୁ ପାଇଛନ୍ତି । କୋଳକୁ ପିଲାଟିଏ ନ ଥିଲା ବୋଲି କେତେ ଦୁଃଖ । ଭଗବାନ ପୁଅଟିଏ ଦେଖିବାର ସୁଯୋଗ ଦେଇ ନାହାନ୍ତି । ମିନାକ୍ଷୀ ତାଙ୍କର ପୁଅ, ଝିଅ-ସବୁ କିଛି ।

ସେ ଦିନ ପଡ଼ିଶାଘରକୁ ମିନର ବୋଉ ବୁଲିବାକୁ ଯାଇଥିଲେ । ସମସ୍ତଙ୍କ ପାଟିରୁ ଶୁଣିଲେ ଝିଅଗୁଡ଼ାକ ଗୋଟାଏ ଗୋଟାଏ ଶୋଷକ ମହାଜନ । ଠାକୁରଙ୍କର ଅଭିଶାପ ।

Digitized by srujanika@gmail.com

ପିଲାଟିଏ ଜନ୍ମ ହେଲାବେଳେ ସମସ୍ତେ ବ୍ୟଗ୍ର ହୋଇ ଶୁଣନ୍ତି—ପୁଅ ହେଲା କି ଝିଅ ହେଲା । ପୁଅଟିକୁ ଦେଖିଲାକ୍ଷଣି ମା'ଠାରୁ ଆରମ୍ଭ କରି କୁଳର ସମସ୍ତେ ଆନନ୍ଦରେ ବିହ୍ୱଳ ହୋଇଉଠନ୍ତି । ଝିଅ ହେବାର ଶୁଣି ଜନ୍ମକଲା ମା'ର ପ୍ରସବ-ଗର୍ଭ-ବେଦନା ଅପେକ୍ଷା ଆଉରି କଷ୍ଟ ବଢ଼ିଯାଏ । ମୁଖମଣ୍ଡଳରେ ଖେଳିଯାଏ ଉଦାସର ଛାୟା । ପୁଅଟିକୁ ଜନ୍ମ ଦେଇପାରିଲାନି ବୋଲି ନିଜକୁ ହିନମାନୀ ହତଭାଗିନୀ ବୋଲି ଭାବିଥାଏ । ସାଥୀହରା ଅସହାୟା ବାଳିକାଟିର ପୃଥିବୀ ସହିତ ପରିଚୟ ଆରମ୍ଭ ନ ହେଉଣୁ ସମସ୍ତେ ଆନନ୍ଦ ବଦଳରେ ଦୁଃଖେ, ଗ୍ଲାନି ଓ ଘୃଣା ମଧ୍ୟରେ ତାକୁ ଗ୍ରହଣ କରିଥାନ୍ତି । ସେଥିରେ ନ ଥାଏ ଆବେଗ ଓ ପରିତୃପ୍ତି । ମଣିଷ ଆସ୍ତେ ଆସ୍ତେ ଅତୃପ୍ତି ମଧ୍ୟରୁ ତୃପ୍ତି ପାଇବାକୁ ଚେଷ୍ଟା କରେ ।

ମିନାକ୍ଷୀର ବୋଉ ନିଜ ଜାତିର ଦୁର୍ଦ୍ଦଶା କଥା ବିଚାରି କରି ଦୁଃଖରେ ଅଧୀର ହୁଅନ୍ତି । ସେ ଭାବନ୍ତି, ଯେଉଁ ଘରେ ଜନ୍ମିତ ଝିଅକୁ ମହାଜନ ବୋଲି ଭାବି ତା' ପ୍ରତି ଅଶ୍ରଦ୍ଧା ଓ ଅବହେଳା କରିଯାଏ, ସେ ଘରେ ବୋହୂର ଅବସ୍ଥା କଣ ହେଉଥିବ ।

ମିନ ତାଙ୍କର ମହାଜନ ନୁହେଁ; କଲ୍ୟାଣୀ । ଧନର ଉର୍ଜନରେ ମନ କଣିବାର ପ୍ରତିଯୋଗିତା ସ୍ୱାମୀ, ସ୍ତ୍ରୀ, ଶାଶୁଶ୍ୱଶୁରଙ୍କ ମଧ୍ୟରେ ସୃଷ୍ଟି ହେଲେ ତାହା ବଡ଼ ମାରାତ୍ମକ ହୋଇଥାଏ । ସାରା ଜୀବନପାଇଁ ମନକଣାର ପାଥେୟ କେହି କେବେ ଦେଇ ପାରିବେ ନାହିଁ ।

ଅନେକ ସମୟରେ ତାଙ୍କ ଆଖି ଆଗରେ ଆଶାର ଧ୍ରୁବତାରାପରି ନାଚିଯାଏ "ମୃଣ୍ମୟ" । ଦୁହେଁ ଯାକ ବେଶ ସୁନ୍ଦର ଦିଶିବେ । ମୃଣ୍ମୟର ବୋଉ ମଧ୍ୟ ତାଙ୍କର ଜୀବନ-ବୃନ୍ତର ଗୋଟିଏ ପାଖରେ ମୃଣ୍ମୟ ଓ ଆଉ ଗୋଟିଏ ପାଖରେ ମିନାକ୍ଷୀକୁ ଦେଖିବାକୁ ଚାହାନ୍ତି ।

ଏଥିମଧ୍ୟରେ ମୃଣ୍ମୟ ସାଇନ୍‌ସ ଛାଡ଼ି କଳା-ଛାତ୍ର ହିସାବରେ କୃତୀ ଅର୍ଜ୍ଜନ କରିଛି । ଏମ୍. ଏ. ପାଶ କରିଛି ପ୍ରଥମ ଶ୍ରେଣୀରେ ଇଂରାଜୀ ନେଇ । ଓ ଏ ଏସ୍ ପରୀକ୍ଷାରେ ମଧ୍ୟ ପ୍ରଥମ ହୋଇ ଡେପୁଟି ହିସାବରେ ନିଯୁକ୍ତି ପାଇଛି କଟକରେ । ବର୍ତ୍ତମାନ ସେ ଡେପୁଟି ମାଜିଷ୍ଟ୍ରେଟ ମୃଣ୍ମୟବାବୁ ।

Digitized by srujanika@gmail.com

ଏଥି ଭିତରେ ତାଙ୍କର ବିବାହପାଇଁ କେତେ ଜାଗାରୁ ପ୍ରସ୍ତାବ ଆସିଲାଣି । ଶିକ୍ଷା ନାମରେ ଔଦ୍ଧତ୍ୟ ପ୍ରକାଶ କରିବାକୁ ସେ ଶିଖିନାହାନ୍ତି । ପିତାମାତାଙ୍କର ମନୋନୟନ ଉପରେ ସେ ସବୁ ଛାଡ଼ି ଦେଇଛନ୍ତି । ତାଙ୍କର ଆନନ୍ଦ ଅଧିକାରରୁ ସେ ତାଙ୍କୁ ବଞ୍ଚିତ କରିବାକୁ ଚାହାନ୍ତି ନାହିଁ । ବିବାହ ପୂର୍ବରୁ ବାପା-ବୋଉ ନିଶ୍ଚୟ ତାଙ୍କର ମତାମତ ନେବେ; ଶେଷ ସିଦ୍ଧାନ୍ତ କରିବାର ସୁଯୋଗ ଦେବେ ।

କେତେ ସେକ୍ରେଟାରୀ, ଅଣ୍ଡର-ସେକ୍ରେଟାରୀ ମୃଣ୍ମୟବାବୁଙ୍କ ପ୍ରତି ଆକୃଷ୍ଟ ହେଲେଣି ତାଙ୍କୁ ଜାମାତାରୂପେ ପାଇବା ପାଇଁ । କିଏ କଟକରେ ତାଙ୍କ ନାମରେ ବିରାଟ କୋଠା ଉଇଲ କରିଦେବାକୁ ଲୋଭ ଦେଖାଇଲେଣି ତ, ଆଉ କିଏ ପଦବୀରେ ତାଙ୍କୁ ଉଚ୍ଚ ପାହ୍ୟାକୁ ଉଠାଇବାକୁ ପ୍ରତିଯୋଗିତା କଲେଣି । ମୃଣ୍ମୟ କିନ୍ତୁ ସବୁଥିରେ ନିରପେକ୍ଷ—'ଆଚ୍ଛା, ହଉ ଦେଖିବା, ମୁଁ ବାପାଙ୍କର ମତାମତ ନିଏ ।' ଏତିକି କହି ସେ ନିଜକୁ ଉଦ୍ଧାର କରିବାକୁ ଚେଷ୍ଟା କଲାବେଳେ କେହି କେହି କହନ୍ତି, "ମୃଣ୍ମୟ ବାବୁ ! ଆଜିର ରକେଟ-ଯୁଗର ପିଲା ପୁଣି ବାପା ମା'ଙ୍କ ଅନୁମତି ଦରକାର କରୁଛି ତାର ଜୀବନସାଥୀ ସ୍ଥିର କରିବାପାଇଁ ?"

ମୃଣ୍ମୟବାବୁ କହନ୍ତି, 'ଆମର ହିନ୍ଦୁ ଝିଅକୁ ସ୍ୱାମୀପାଖରେ ସ୍ତ୍ରୀ ହେବା ପୂର୍ବରୁ ଘରପାଖରେ ବଧୂ ହେବାକୁ ପଡ଼ିଥାଏ । ବର-ବେଦୀରେ ସେ ପ୍ରଥମେ ଯାହାର କୁଳବଧୂ ହେବ, ସେଇ କୁଳର କର୍ତ୍ତାଙ୍କୁ ମୁଁ ପୁତ୍ର ହୋଇ ଉପେକ୍ଷା କରିବି କିପରି ? ତେବେ ଆପଣମାନଙ୍କ ପରି ଅଭିଜାତ ପରିବାର ସହିତ ବନ୍ଧୁତା-ବନ୍ଧନକୁ ମୋର ପିତାମାତା ସ୍ୱାଗତ ଜଣାଇବା ସହିତ ଗୌରବ ବୋଲି ମନେ ନ କରିବାର କୌଣସି କାରଣ ନାହିଁ ।

ସମସ୍ତଙ୍କୁ ସେଇ ଏକ କଥା । ଏଇଥିରୁ ପ୍ରାୟ ସମସ୍ତେ ଆଶାର ସୂଚନା ପାଆନ୍ତି । ଚଳଚ୍ଚିତ୍ର ଅଭିନେତ୍ରୀଙ୍କର ଫଟୋଟିଏ କାନ୍ଥରେ ଝୁଲୁଥିଲେ ତାକୁ ଦେଖି ପ୍ରତ୍ୟେକ ଦର୍ଶକ ଯେପରି ଭାବନ୍ତି ଯେ ସେ ପ୍ରଣୟ-ପୂର୍ଣ୍ଣ ଚକ୍ଷୁରେ ମୋ ଆଡ଼କୁ ଚାହିଁଛି; କିନ୍ତୁ 'ପ୍ରକୃତରେ ସେ କାହାର ଆଡ଼କୁ ଅନାଇ ନଥାଏ । ସେହିପରି ସମସ୍ତ କନ୍ୟା-ପିତା ଭାବନ୍ତି ଯେ ମୃଣ୍ମୟବାବୁ ତାଙ୍କ ଘରେ ବିବାହ କରିବାକୁ ନୀରବ ସମ୍ମତି ଦେଇଛନ୍ତି; କିନ୍ତୁ ସେ ପ୍ରକୃତରେ କାହାରିକୁ ସୂଚନା ମଧ୍ୟ ଦେଇ ନ ଥାନ୍ତି ।

Digitized by srujanika@gmail.com

ସେ ଗୋଟିଏ ଘର ଭଡ଼ାନେଇ ଏକା ରହନ୍ତି କଟକରେ । ପାଖରେ ଥାଏ ପୂଜାରୀ-ପିଲାଟିଏ । ବାବୁଙ୍କୁ ତାର ଭାରି ଆଦର । ଦେହପା, ଭଲମନ୍ଦ କଥା ସବୁ ଦେଖେ । ପ୍ରାଣ ଦେଇ ତାଙ୍କର ସେବା କରେ । ମୃଣ୍ମୟ ଅଫିସରୁ ଫେରିବା ପରେ ତାଙ୍କର ଲାଇବ୍ରେରୀରେ ବନ୍ଧୁ-ସାଥୀମାନଙ୍କ ଗହଣରେ ବୁଡ଼ିରହନ୍ତି । କ୍ଲାନ୍ତି ଆସିଲେ ସୀତାର ବଜାନ୍ତି । ଆଜି କେଇଁଦିନ ଦାଣ୍ଡ ଧୂଳିରେ ଖେଳୁଥିବା ପିଲାମାନଙ୍କର ଅଭିନୟ ଦେଖି ତନ୍ମୟ-ବିଭୋର ହୁଅନ୍ତି ।

ପିଲାମାନେ ଖେଳନ୍ତି ବାଲି-ଧୂଳିର ଘର କରି । ବର ଓ ବଧୂ ସାଜନ୍ତି ବାଲି—ବେଘରେ । ଏ ଦୃଶ୍ୟ ତାଙ୍କର ହୃଦୟକୁ ଆଲୋଡ଼ନ କରେ କ୍ଷଣକପାଇଁ । ସେ ପ୍ରାଣଭରି ଉପଭୋଗ କରନ୍ତି ସେ ଦୃଶ୍ୟ । ବିସ୍ମୃତିର ଘନାନ୍ଧକାର ମଧ୍ୟରୁ ଗୋଟିଏ କ୍ରୀଡ଼ାରତା ନୃତ୍ୟଚପଳା ବାଳିକାର ଧୂଳି-ଧୂସରିଆ ରୂପ ତାଙ୍କରି ଆଖି ଆଗରେ ହେମ-ହରିଣୀପରି ନାଚି ନାଚି ବୁଲିଯାଏ । ସେ ଫେରିଯାଆନ୍ତି ଅତୀତକୁ······ମଧୁମୟ ଅତୀତକୁ । ମନେ ପଡ଼େ ତାଙ୍କର ପ୍ରାଣର ମିନାକ୍ଷୀ କଥା । ସେ କ'ଣ ଆଜି ତା'ର ସେଇ ବାଲି-ବେଘର ବରକୁ ମନେ ରଖିଥିବ । ସେ କଣ ତାଙ୍କୁ ଆଜି ଚିହ୍ନିପାରିବ ? ମୃଣ୍ମୟବାବୁ କଣ ଆଜି ମିନାକ୍ଷୀର ପୂର୍ଣ୍ଣ ରୂପରୁ ତାଙ୍କର ବାଲି ବେଘର ବଧୂକୁ ଆବିଷ୍କାର କରିପାରିବେ ? ମିନକୁ ଦେଖିବା ପାଇଁ ମନ ତାଙ୍କର ବ୍ୟାକୁଳ ହୋଇଉଠିଲା । ସେଦିନର ମିଛୁମିଛିକା ଅଭିନୟ ଆଜି ସତରେ ପରିଣତ ହେବାର ସମୟ ଆସିଛି । ତେବେ ସେ ମନ ଗହନର ଗୋପନ କଥା କାହାକୁ କହିବେ ?

ଦିନେ ସେ ଅଫିସ ଫାଇଲ ଭିତରେ ବ୍ୟସ୍ତ ଅଛନ୍ତି । ଲେଡ଼ି ଷ୍ଟେନୋ ଦୁଇଥର ଆସି ଦରଜାପାଖରୁ ଫେରିଗଲାଣି । ହଠାତ୍ ଗୋଟାଏ ଟେଲିଗ୍ରାମ ଆସି ପହଞ୍ଚିଲା ଗ୍ରାମରୁ । ବାପା ଜଣାଇଛନ୍ତି ଶୀଘ୍ର ଘରକୁ ଯିବାକୁ । ଜରୁରୀ କାର୍ଯ୍ୟ । ଖୁବ୍ ପାଞ୍ଚଦିନ ଛୁଟି ନେଇ ଯିବାକୁ ହେବ ।

ଡ଼: ଏମ୍: ନୂଆଲୋକ । କାହାରିକୁ ଛୁଟି ଦେବାକୁ ରାଜି ନୁହନ୍ତି । ଉନ୍ନୟନ କାମରେ ବାଧା ପଡ଼ୁଛି ବୋଲି ସେ ରାଗିଛନ୍ତି ମୃଣ୍ମୟବାବୁଙ୍କ ଉପରେ ।

ତା' ପରଦିନ ଛୁଟି ନେଇକି ସେ ଗଲେ ଗାଁକୁ । ମନରେ କେତେ ଅସରନ୍ତି ପ୍ରଶ୍ନ—ବାପା ଟେଲିଗ୍ରାମ୍ କଲେ କାହିଁକି ? କଣ ହେଲା ? କାହାର ଦେହପା କଥା ତ ଲେଖିନାହାନ୍ତି । ଏହାପରି କେତେ କଣ ?

Digitized by srujanika@gmail.com

"ବୋଉ ! ବୋଉ !!"

"ମଧୁ କି ରେ ? ହଇ ଟି ଭାନୁ; ହେଇ, ଭାଇ ଆସିଲାଣି ।" ମଧୁ-ବୋଉ କବାଟ ଫିଟାଇ ଦେଇ ପଚାରିଲେ, "ସବୁ ଭଲ ତ ବାପ ?"

ମଧୁବାବୁ ପ୍ରଣାମ କରୁ କରୁ ଭାନୁ ଦୌଡ଼ି ଆସି ଭାଇଙ୍କର ହାତକୁ ଉଡ଼-ଘଳାଇ କହିଲି, "ଭାଇ ! ମୋ ପେନ୍ସିଲ୍ ବକ୍ସ ଆଣିଛ ? ଲେସ୍ ଆଣିଛ ? ଜ୍ୟାମିତି-ବାକ୍ସ ଆଣିବାକୁ ଲେଖିଥିଲି, ଆଣିଛ ?"

"ଆରେ ଚଗଲି ! ତୋର କୋଉ ପ୍ରଶ୍ନର ଉତ୍ତର ମୁଁ ଦେବି ? ତୁ ତ ନିଜେ ଗୋଟାଏ ରନିଙ୍ଗ୍ ପେନ୍ସିଲ୍ ।—କମା ନାହିଁ, ଫୁଲ୍ଷ୍ଟପ୍ ନାହିଁ, ଖାଲି ପ୍ରଶ୍ନ ଉପରେ ପ୍ରଶ୍ନ ।"

ଅଭିମାନରେ କହିଲି ଭାନୁ, "ବାଃ···ରେ ବାଃ । ତୁମେ ଏଥିଭିତରେ ଏତେ ଅଳସୁଆ ହୋଇଗଲଣି ? ମୋର କେତୋଟା ପ୍ରଶ୍ନର ଉତ୍ତର ତ ଦେଇ ପାରୁନ; ୟୁନିଭରସିଟିରେ ଏତେ ପ୍ରଶ୍ନର ଉତ୍ତର ଦେଇ କେମିତି ଇଂରାଜୀରେ ଏମ୍: ଏ: ପାଶ୍ କଲ ମ ?"

"ହଁ, ତୋ ଦରକାର ଜିନିଷ ସବୁ ଆଣିଛି । ଚାଲ, ଘରକୁ ଚାଲ । ବୋଉ, ତୁ ଏଥିଭିତରେ କ'ଣ ପଚାରିବାକୁ ଭୁଲିଗଲଣି । ଏ···ଦେହପା କଥା ତ ? ବେଶ୍ ଭଲ ଅଛି । ଖିଆପିଆର କିଛି ଅସୁବିଧା ହେଉନି । କେବଳ ସେ ପୂଜାରୀପିଲାଟା ଥିଲା ଯେ, ଏବେ ଦୁଇଚାରି ଦିନ ହେଲା ଗାଁକୁ ଚାଲିଯାଇଛି । ମୋତେ ନିଜେ···"

"ତୋତେ ନିଜେ ରୋଷେଇ କରିବାକୁ ପଡୁଛି ?" ପଛରୁ ପଚାରିଲେ ମଧୁର ପିତା ।

ମୃଣ୍ମୟ ମୁହଁ ଫେରାଇ ବାପାଙ୍କ ପାଦ ପାଖରେ ପ୍ରଣତ ବାଡ଼ି ଗୋଟିଏ ବାଧ ଶିଶୁପରି କହିଲା, "ନାଇଁ ବାପା, ମୋତେ ରାନ୍ଧିବାକୁ ପଡୁନି ଯେ; ଅନ୍ୟାନ୍ୟ କାମ······ ।"

"ମୁଁ ତ ସେଇଥିପାଇଁ ତା'ର ଗୋଟିଏ ଫଏସଲ କରିଦେବାକୁ ତୋତେ ଟେଲିଗ୍ରାମ୍ କରି ଡକାଇଲି । ଆଜି ଏ ହୋଟେଲ, କାଲି ସେ ହୋଟେଲ, କୋଉ ଦିନ ଖାଇକରି ଅଛୁ ତ କୋଉ ଦିନ ଖାଇକରି ନାହିଁ, କେଉଁ ଦିନ ଠିକ୍ ସମୟରେ

Digitized by srujanika@gmail.com

ଗଣ୍ଡେ ଖାଇବାକୁ ମିଳିଲାଣି ତ କେଉଁ ଦିନ ନାହିଁ—ଏ ଅଭିନୟ କେତେ ଦିନ ଚାଲିବ ?"

ମଧୁବାବୁଙ୍କର ବୋଉ ଅଭିମାନିଆ କଣ୍ଠରେ କହିଲେ, "ତୁମେ ବିରକ୍ତ କାହା ଉପରେ ହେଉଛ ଯେ ? ସେଇଟା କଣ ମଧୁର ଦୋଷ, ନା ମୋର ଦୋଷ ?"

"ନା ନା ଦୋଷଟା ପୂର୍ବପୁରୁଷ ମୋର ହେ । ତୁମର କାହିଁକି ହେବ ? ତୁମେ ଯାଅ, ତା'ର ଖାଇବା କଥା ବୁଝ ।"

ଭାନୁ ଗୋଡ଼ହାତ ଧୋଇବାକୁ ପାଣି ଆଣିଦେଲା । ଆସନ ପକାଇଦେଲା; ତାର ହାତତିଆରି ଆସିନ ।

ମଧୁବାବୁ ଧୋଇଧାଇ ହୋଇ ଜଳଖିଆ ବଢ଼ାହୋଇଥିବା ଜାଗାକୁ ଗଲା-ବେଳକୁ ଖୁସିହୋଇ କହିଲେ, "କି ଲୋ ଭାନୁ ! ଏ ଆସିନଟି ତୁ ତିଆରି କରିଛୁ ? ବାଃ ବଡ଼ ଚମତ୍କାର ହୋଇଛି !"

ଭାନୁ ହସି ଦେଇ ଚାଲିଲା ତାର ବଗିଚାଆ ଜିନିଷଗୁଡ଼ିକ ଆସିଛି କି ନାହିଁ ଦେଖିବାକୁ ।

ମଧୁବୋଉ ପୁଅ ପାଖରେ ବସି ଏଇଟା ଖା, ସେଇଟା ଖା—ଏଇପରି ବରାଦରେ ଲାଗିଥାନ୍ତି ।

ପିତା ସଞ୍ଜୟବାବୁ ଛିଡ଼ିଲା କଥାର ଖିଅ ଯୋଡ଼ି ଆରମ୍ଭ କଲେ, "ବୁଝିଲୁ ମଧୁ, ତୋ ବୋଉ ମୋତେ କଷ୍ଟ କରାଇଦେବନି । ଯୁଆଡ଼ୁ ଯେତେ ପ୍ରସ୍ତାବ ଆସୁଛି, କୌଣସିଟା ତା ମନକୁ ପାଉନି । ଏବେ ଦଶଦିନ ତଳେ ତୋ ମାମୁଁ ଘରକୁ ଯାଇଥିଲି, କାଲି ଫେରିଛି । କାଲିଠାରୁ ତା'ର ଗୋଟାଏ ଜିଦ୍, ତୋର ବିବାହ ସେହି ରେଢ଼ାଖୋଲରେ କରିବାକୁ । ତୋ ମାମୁଁ ଘରକୁ ଲାଗି ପ୍ରଫେସର ସରୋଜ ପଟ୍ଟନାୟକଙ୍କ ଘର । ତୁ ତ ଦେଖିଛୁ । ତୋର ମନେ ଅଛି କି ନାହିଁ, ତୁ ସେଠାରେ ଥିଲାବେଳେ ତାଙ୍କର ଗୋଟାଏ କୁନି ଝିଅ ଥିଲା......"

"ସେ ଚିହ୍ନିବ କଅଣ ମ ? ସେ ଦୁହେଁ ତ ସାଥି ହୋଇ ଏକାଠି ପଢ଼ୁଥିଲେ । ତା ନାଁ ତ କଣ ମିନାକ୍ଷୀ । ମିନି ମିନି ସମସ୍ତେ ଡାକନ୍ତି ହସି ହସି କହିଲେ ମଧୁବୋଉ ।

Digitized by srujanika@gmail.com

"ବେଶ୍, ବେଶ୍ ଠିକ୍ କଥା । ତୁ କାଲି ମାମୁଁ ଘରକୁ ସାଇକେଲ ନେଇ ଚାଲିଯା । ସେଇଠାରେ ତାଙ୍କୁ ଦେଖିଆସିବୁ । ତୁ ଚାହିଁଲେ ଏଇ ଦିନେ ଦୁଇଦିନ ମଧ୍ୟରେ ନିର୍ବନ୍ଧକାମ ତୁଟିଯିବ । ମୋର ସେଥିରେ କୌଣସି ଆପତ୍ତି ନାହିଁ ।" ବୃଦ୍ଧ ଜଗନ୍ନାଥ କହିଲେ ପୁଅର ମୁହଁକୁ ।

"ହେଲେ ଝିଅଟି ଗୋଟିଏ ଚାନ୍ଦୁଲରେ ଗଢ଼ା । ଠସଣା ଅଛି । ସୁନ୍ଦର ସ୍ୱାସ୍ଥ୍ୟ । ପାଠ ତ ପଢ଼ିଛି ମାଟ୍ରିକୁଲେସନଯାଏଁ । ଅତି ଗୁଣର । ମାଛିକୁ ମ' କହେନି । ବଡ଼ଘରର ଝିଅ ହେଲେ ବି ଗର୍ବ ଟିକିଏ ନାହିଁ । ପୂଜାହାଣ୍ଡି ଚାକର ଥାଉ ଥାଉ ସେ ସବୁକାମ ନିଜ ହାତରେ କରେ । ପରକୁ ଆପଣାର କରିବାକୁ ତାଙ୍କୁ ମିନିଟିଏ ବି ଲାଗେନି । ବାପା, ତୋର ଇଚ୍ଛା କଣ ?" ପଚାରିଲେ ବୋଉ ।

"ମୋର ଇଚ୍ଛା ଆଉ ଗୋଟାଏ କଣ ସ୍ୱତନ୍ତ୍ର? ପିତାମାତାଙ୍କର ଇଚ୍ଛାଠାରୁ ପୁଅର ଇଚ୍ଛା ଅଲଗା ହୋଇ ନପାରେ । ତୁମେ ଯେତେବେଳେ ସ୍ଥିର କରିଛ,ମୋର ଦେଖିବାର ଆବଶ୍ୟକତା ନାହିଁ । ମୁଁ ତାଙ୍କୁ ଦେଖିଛି । ଜାଣିଛି ମଧ୍ୟ ।"

"ବେଶ୍ ମନ୍ତୁ—ବୋଉ ! ମନ୍ତୁ ତ ରାଜି ହୋଇଗଲା । ବର୍ତ୍ତମାନ ତମେ ଜାଣିଲ । ପୁଅ ଥିବାଭିତରେ ନିର୍ବନ୍ଧକାମ ତୁଟାଇଦେବା ।
"ନିର୍ବନ୍ଧ ପୂର୍ବରୁ ମୁଁ ତ ନିର୍ମାଲ୍ୟ ଟେକି ଦେଇଛି । ଯାହା ହେଉ, ଜଗନ୍ନାଥଙ୍କର ଇଚ୍ଛା ପୂରଣ ହେଲା ।"

"ମନ୍ତୁନୋଉ ! ତମେ ବଡ଼ ଭୁଲ କରିଛ । ମୋ ଭାନୁର ମତାମତ ପ୍ରଥମେ ନେବା ଉଚିତ ଥିଲା । ସେ ତାଙ୍କୁ ତାର ନୂଆବୋହୂ ରୂପେ ଚାହେଁ କି ନା ।"

ଭାନୁ ଲାଜଲାଜ ହୋଇ ଦଉଡ଼ି ଆସି ଟେଲେଇ ହୋଇ କହିଲା, "ବାପା ମୁଁ ଏଥର ଯାହା ମାମୁଁଙ୍କ ଘରକୁ ଯାଇଥିଲି, ତାଙ୍କୁ ଦେଖିଲାକ୍ଷଣି ଏ ପ୍ରସ୍ତାବଟା ବୋଉ ପାଖରେ ଆଗ ଦେଲି । ସତରେ ବାପା, ଭଲ ଝିଅଟିଏ । ଆମ ଘରର ଲକ୍ଷ୍ମୀ ପରି ଦିଶିବେ ।"

ସଞ୍ଜୟବାବୁ ସିଗାରେଟ୍‌ର ଧୂଆଁକୁ ରହି ରହି ଛାଡ଼ୁଥିବେଳେ ହସି ଦେଇ କହିଲେ, "ମନ୍ତୁ ! ତୋର ଆଉ ଅମତର ପ୍ରଶ୍ନ ନାହିଁ । ଭାନୁ ଯେତେବେଳେ

Digitized by srujanika@gmail.com

ତାପାଇଁ ନୂଆବୋହୂଟିଏ ବାଛିସାରିଛି, ଆଉ ସେଥିରେ ଭାବିବାର ନାହିଁ । ସମସ୍ତଙ୍କର ସନ୍ତୋଷ ତୃପ୍ତି ତୋପାଇଁ ଈଶ୍ୱରଙ୍କ ଆଶୀର୍ବାଦ ।"

ପୂନେଇଁରେ ବି ସମୁଦ୍ରରେ ଏପରି ଜୁଆର ସୃଷ୍ଟି ହେଉ ନଥିବ—ଆଜି ମଧୁବାବୁଙ୍କ ମନରେ ଯେଉଁ ଆନନ୍ଦର ଜୁଆର ସୃଷ୍ଟି ହୋଇଛି । ଭାଷା ନାହିଁ ତାଙ୍କର ଭାବକୁ ପ୍ରକାଶ କରିବାକୁ । ତାଙ୍କ ପ୍ରାଣର କପୋତି ଆଶା-ଆକାଶର ବକ୍ଷରେ ପକ୍ଷ ଖୋଲି ଜୀବନ-ନଦୀର ତୀରେ ତୀରେ ଉଡ଼ିଆସିବ କୋଳକୁ ଲୟକୁ ।
ବାଃ, କଳ୍ପନାର କି ଚମତ୍କାର ରୂପାୟନ !!



Digitized by srujanika@gmail.com

* * * * ଜ୍ୟୋତ୍ସ୍ନା-ଚର୍ଚ୍ଚିତ ଶୁକ୍ଳପକ୍ଷର ଏକ ବିଳମ୍ବିତ ରଜନୀ । ମୃଣ୍ମୟୀ ସୁପ୍ତାବସ୍ଥା । ଅନ୍ତରେ ତାଙ୍କର ସ୍ୱପ୍ନର ଶିତ୍କାର । ମନରେ କୋଟି କାମନାର ଉଚ୍ଛ୍ୱାସ-ଭରା ଅଭିନୟ । କୋଠରୀ ମଧ୍ୟରେ ଛାୟା ଚଞ୍ଚଳ ଅନ୍ଧକାର । ନିଝୁମ ନୁହେଁ··· ନିରନ୍ଧ୍ର ନୁହେଁ । ଆଲୋକ ଓ ଅନ୍ଧକାରର ମନମତାଣିଆ ଲୁଚକାଳି । ଗବାକ୍ଷ-ପଥ ମୁକୁଳା । ଚନ୍ଦ୍ରାଲୋକରେ ସ୍ନିଗ୍ଧ ଜ୍ୟୋତ୍ସ୍ନାରେଖା ଆସି ପଡ଼ୁଛି ସୁପ୍ତି-ସିକ୍ତ ମୁଖମଣ୍ଡଳ ଉପରେ ।

ଚଲ-ମେଘର ପ୍ରୀତି ସ୍ପର୍ଶ ପାଇ ବୃନ୍ଦବଧୂ ତା'ର ରସଘନ ହସଧାରା ଢାଳିଦେଉଛି ବିରହୀ ବନ୍ଧୁର ପ୍ରେମିକର ବକ୍ଷପୃଷ୍ଠରେ । ବିଳମ୍ବିତ ଦିଗନ୍ତରେ ଖେଳିଯାଉଛି ଜ୍ୟୋତ୍ସ୍ନାଲୋକ । ମୃଣ୍ମୟୀର କୋଠରୀ ମଧ୍ୟରେ ପ୍ରତିଫଳିତ ହେଉଛି ଏ ସବୁର ପ୍ରୀତିମାଖା ଅଭିନୟ ।

ପାଦ ପାଖ କାନ୍ଥରେ ଘଣ୍ଟା—ଟିକ୍···ଟିକ୍···ଟିକ୍ !!! ସେ ଅବିରତ ଢାଳୁଛି କର୍ତ୍ତବ୍ୟର ପ୍ରତିଗୁଞ୍ଜନ । ତାର ବିଶ୍ରାମ ନାହିଁ, ସୁପ୍ତି ନାହିଁ, କଳ୍ପନା ନାହିଁ । ଅଛି କେବଳ କର୍ମ ଆଉ ଧର୍ମ । ଅବାସ୍ତବ ରୂପ-କଳ୍ପନାରେ ବାସ୍ତବତାର ସ୍ଫୁରଣ । ସେ ଏକ ମୂକ ଦାର୍ଶନିକ । ଦୁଇଟି କଣ୍ଟାର ମାପକାଠିରେ ଏ ଦୁନିଆର ପାପ-ପୁଣ୍ୟ, ଭଲମନ୍ଦ, ଜନ୍ମ-ମରଣ, ଆଲୋକ, ଅନ୍ଧକାର, ଏସବୁ ମାପୁଛି । ସେ ତା'ର ଟିପାଖାତାରେ ଟିପିରଖୁଛି—ମଣିଷ ଜୀବନର କେତେ ମୂଲ୍ୟବାନ ସମୟକୁ ଖାଲି ଅଳୀକ ସ୍ୱପ୍ନ ଭିତରେ ବିତାଇ ଦେଉଛି ।

କାନ୍ଥକୁ ଆଉଜି ଠିଆହୋଇଛି ଇଣ୍ଡିଆ ହର୍କୁଲସ ସାଇକେଲଟି । ଭିତରର ପାର୍ଟଗୁଡ଼ିକ ଘୂର୍ଣ୍ଣନ ଭିତରେ ଛିଣ୍ଡିଗଲଣି—ଘୂର୍ଣ୍ଣନ-ସୃଷ୍ଟିର ଧର୍ମ । ତା'ର ଭିତରେ ଅଛି ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ, ଆଲୋକ-ଅନ୍ଧକାର, ଆଶା ଏବଂ ନୈରାଶ୍ୟ । ଏମାନେ ପାଳି କରି ଆସନ୍ତି ଗୋଟିକପରେ ଗୋଟିଏ ।

ମୃଣ୍ମୟୀ ତୁଳନା କରନ୍ତି ନିଜର ଜୀବନ । ସମ୍ଭବତ ଏହାକୁ । ଉପରର ଚହଟ୍‌ଚକ୍‌ଚ ତନମାତଲେ ଗୋଟାଏ ଆଉ ଅତୃପ୍ତିର ବିକଳ ବିଳାପ—ସବୁ ଢିଲ, ସବୁ ଭଙ୍ଗା, ସବୁ ଅସଜଡ଼ା ।

Digitized by srujanika@gmail.com

ତକଆତଳେ ଗୋଟିଏ ନୀଳ ଲଫାଫା ।

ତା ଉପରେ ଚର୍ଚ୍ଚିତ କେତୋଟି ରମ୍ୟ ଲିପି । ଲେଖାର ପ୍ରତିବର୍ଣ୍ଣ ମଧ୍ୟରେ ରୂପାୟିତ ହୋଇଛି ମଞ୍ଜୁଳ ବର୍ଣ୍ଣ ବୈଭବ । ହସ୍ତାଙ୍କିତ ଲତାର ଲଳିତ ଲେଖଣୀ ତଳେ ମୃଣ୍ମୟଙ୍କର ନାମ । ବାଃ······କି ସୁନ୍ଦର ! କି ମଧୁର ! କି ପ୍ରାଣପୂର୍ଣ୍ଣ ସେ ମୃଣ୍ମୟ ପାଇଁ । ତା'ର ଭିତରେ ଗୋଟିଏ ସୁନେଲି କାଗଜ ଗୃହପ୍ରସ୍ଥ ହୋଇ ଭଙ୍ଗାଯାଇଛି । ବୁକୁରେ ଧରିଛି ଗୋଟିଏ ବିରହ-କାତର ବାଳିକା ବଧୂର ଉଷ୍ମ ଅନୁରୋଧ ।

ମିନତି ମଥିତ—ତା'ର ଲେଖା··· ·····

ଅଶ୍ରୁସିକ୍ତ ତା'ର ଭାବ । ଯେ କୌଣସି ଦରଦୀ ହୃଦୟରେ ନିଶ୍ଚୟ କାତର ସ୍ପନ୍ଦନ ସୃଷ୍ଟି କରିବ ।

ପୁରୁଷ ପାଖରେ ନାରୀର ଆତ୍ମସମର୍ପଣର ଲିପି ଲେଖା ସ୍ପନ୍ଦନମୟ । ମିନାକ୍ଷୀ ଅସରନ୍ତି ମିନତି ଢାଳିଛି ପ୍ରିୟ ପାଖରେ । ନିକଟରେ ହେବ ଅଷ୍ଟମ ପର୍ବ । ତା ପରେ ଦିନେ ଅଧେ ଅନ୍ୟ ଛୁଟି । ସେ ଅନୁରୋଧ କରିଛି ତା'ର ପ୍ରିୟକୁ, ଦିନେ ଦୁଇଦିନପାଇଁ ତାର ଉଷ୍ମ କୋଳକୁ ଫେରିଯିବାକୁ ।

ମୃଣ୍ମୟବାବୁ ତାକୁ ପଢ଼ିଛନ୍ତି ଅନେକ ବାର । ଆଖିର ତୃପ୍ତି ମେଣ୍ଟୁନାହିଁ । ପେଟରେ ଭୋକ ଅମି ନାହିଁ । ପ୍ରତି ଲିପି ମଧ୍ୟରୁ ସେ ଆବିଷ୍କାର କରୁଛନ୍ତି ମିନାକ୍ଷୀର ସରଳ ତରଳ ରୂପ, ଲଜ୍ଜା-ପାଟଳଗଣ୍ଡ, ବିହ୍ୱଳ ବଙ୍କିମ କଟାକ୍ଷ, ଆଜନ୍ମ ପ୍ରୀତିମାଖା ସମ୍ବୋଧନ । ନିଜକୁ ସେ କଳ୍ପନାର ସ୍ୱପ୍ନ ମଧ୍ୟରେ ହଜାଇ ଦେଇଛନ୍ତି ।

ଫାଇଲ୍ ଭିତରୁ ଅଫିସରଙ୍କର ଗର୍ଜ୍ଜନ ଶୁଣାଗଲା—ଡ଼. ଏମ୍ ବିରକ୍ତ ହୋଇ ଅର୍ଡ଼ର କରିଛନ୍ତି, "ନିର୍ଦ୍ଦିଷ୍ଟ ସମୟରେ କାମ ଶେଷ ନହେଲେ ସିଭିଅର ଆକ୍‌ସନ ନିଆଯିବ । ମୃଣ୍ମୟ ଚମକି ପଡ଼ନ୍ତି । ହଠାତ୍ ତାଙ୍କର ନିଦ ଭାଙ୍ଗିଗଲା । ଶେଷରେ ଏକଡ଼ ସେକଣ୍ଡ୍ ହୋଇ ଗୁହାଁରିହେଲେ ମନେ ମନେ ବସିଲେ ଅଫିସ ଫାଇଲଗୁଡ଼ାକ ଆଡ଼କୁ ।"

ଗୋଟିଏ ଦୃଶ୍ୟପରେ ଆଉ ଗୋଟିଏ ଦୃଶ୍ୟର ରିଲ୍ ଖୋଲିଛି ତାଙ୍କ ଆଖି ଆଗରେ ।

Digitized by srujanika@gmail.com

ଗୋଟିଏ ହାତରେ ମିନାକ୍ଷୀର ପ୍ରୀତି-ଫଗୁବୋଳା ପ୍ରେମପତ୍ର । ଅନ୍ୟ ହାତରେ ବଡ଼କର୍ତ୍ତାର ବିଷମଖା ଅଫିସ ଫାଇଲ । ଗୋଟିଏ କାଗଜରେ ଫୁଟିଛି ଗଙ୍ଗା-ଜାହ୍ନବୀ-ଯାହାର ଚନ୍ଦ୍ରଭାଗା ତୀର୍ଥରେ ସାନ୍ନୀ ହେବାପାଇଁ ମୃଣ୍ମୟ ପାଇଛନ୍ତି ଅନୁରୋଧ । ଅନ୍ୟ ଗୋଟିଏ କାଗଜରେ ଫୁଟିଛି ଆଗ୍ନେୟ ଆଦେଶ ।

ସେ ମନେ ମନେ ଭାବୁଛନ୍ତି, ଭଗବାନଙ୍କର କି ବିଚିତ୍ର ସୃଷ୍ଟି । ତାଙ୍କର ଜୀବନରେ ଅସାମଞ୍ଜସ୍ୟର କି ଅସମାପ୍ତ ମିଳନ । ଜୀବନର ଗୋଟିଏ ପାଖରେ ସେ ଦେଖିବାକୁ ପାଉଛନ୍ତି ମରୁବୃନ୍ଦ ଓ ଅନ୍ୟ ପାଖରେ ସବୁଜଶୋଭିତ ମରୁଦ୍ୟାନ ଓ ଗୋଟିଏ ପାଖରେ ପୂର୍ଣ୍ଣିମାର ରଜତସମ୍ଭାର ଓ ଅନ୍ୟ ଗୋଟିଏ ପାଖରେ ଅମାବାସ୍ୟାର ନିରନ୍ଧ୍ର ଅନ୍ଧକାର ।

ଫେର୍ ଆଖିଆଗରେ ଦେଖାଦେଲା ଅଫିସ ଘର । ସେ ବସିଛନ୍ତି ଅଫିସର ନର୍ଥି ବ ଫାଇଲଗୁଡ଼ାକୁ ଚାହିଁ । ପ୍ରତି ଅକ୍ଷର ଭିତରେ ଫୁଟିଉଠୁଛି ମିନାକ୍ଷୀର ରୂପ ! ସେ ଭାବାବେଶ । ଲେଡ଼ି ଷ୍ଟେନୋର କରକଙ୍କଣ-ସ୍ୱନରେ ଚମକି ପଡ଼ି, ମିନାକ୍ଷୀ ଭାବି, ସେ ଚାହୁଁଛନ୍ତି ତା'ର ଆଡ଼କୁ । ଉପରଟା ଉଦାସ ଆଉ ଗମ୍ଭୀର ଅଥଚ ଭିତରଟା—ଉଚ୍ଛଳ···ଉତ୍ତାଳ···ପ୍ରବହମାନ ।

ଲଜ୍ଜିତ ହୋଇ ମୁହଁ ଫେରାଇଲେ ଫାଇଲ ଉପରକୁ । ମିନାକ୍ଷୀକୁ ଆବିଷ୍କାର କରିପାରିଲେନି ତା ରୂପ ମଧ୍ୟରୁ । ନାରୀତ୍ୱର ଉଗ୍ର ବିଜ୍ଞାପନ ଭିତରୁ କୁଳବଧୂର ବାଧ୍ୟ ନନତ ସଲଜ୍ଜ ଗୃହାଣୀ ଓ ଜନନୀ ରୂପ ଦେଖିବାକୁ ମିଳିବ କିପରି ?

"ସାର୍ । ଡିକ୍‌ଟେସନ ନବାର ଅଛି ପରା ?"

"ନା, ପରେ । ଦରକାର ହେଲେ ଡକାଇବି ।" ମନେ ମନେ ଏସବୁ ମନର ଅଭିନୟ ।

ଅଫିସରେ ବାକି କେତେ ଘଣ୍ଟା ବିତିଯାଇଛି କର୍ତ୍ତବ୍ୟ ଓ କଳ୍ପନା ମଧ୍ୟରେ ସନ୍ଧି ଚୁକ୍ତି କରି । ନାନା ଚିନ୍ତାର ଖିଅ ଖୋଲି ସେ ବସାକୁ ଫେରିଛନ୍ତି । କୌଣସି କାମରେ ଆଦୌ ମନ ଲାଗୁନି । ଆଖିଆଗରେ ଅତୀତ, ବର୍ତ୍ତମାନ ଓ ଅନାଗତ ଭବିଷ୍ୟତର ଦୁଇଟି ପ୍ରାଣଭୁଲା ଛବି—

Digitized by srujanika@gmail.com

ମୃଣ୍ମୟ ଓ ମିନାକ୍ଷୀ !!

ବର ଆଉ ବଧୂ !!!

ପୁଣି ଆଉ ଗୋଟିଏ ରମ୍ୟ ଦୃଶ୍ୟ ତାଙ୍କ ଆଖିଆଗରେ ଦେଖାଦେଇଛି ।

ସନ୍ଧ୍ୟାବେଳ ।

ସେ ନଦୀ କୂଳକୁ ଯାଇଛନ୍ତି ଭାବନାର ମଧୁ-ଚକ୍ରରୁ ମଧୁ ଶୋଷଣ କରିବେ ବୋଲି । ସାଥିରେ କେହି ନାହାନ୍ତି । ବସାଠାରୁ ଅଳ୍ପ ଦୂରରେ ମହାନଦୀ । ଠିକ୍, ଏଇ ନଦୀଟି କେତେ ବଣଜଙ୍ଗଲ ଅତିକ୍ରମ କରି ବହିଆସିଛି ତା'ର ଗାଁ ପାଖ ଦେଇ । ଏଇ ନଦୀର ଧାରେ ଧାରେ ଗଲେ ସେ ଯାଇ ପହଞ୍ଚିବେ ତାଙ୍କ ଗାଁ-ଘାଟରେ । ଯେଉଁଠାରେ ମିନାକ୍ଷୀ ତାର ହେମଗୋରୀ ଦେହଟିକୁ ପଖାଳିଦିଏ ପ୍ରଭାତର ଶୁଭ୍ରାଲୋକ ମଧ୍ୟରେ । ଯେଉଁଠାରେ ତାର ପବିତ୍ର ନାଭିଭିର ମହାଚକ୍ରରେ ସୂର୍ଯ୍ୟ ମଧ୍ୟ ନିଷ୍ପ୍ରଭ ହୁଏ ।

ମିନାକ୍ଷୀ ଗାଧୋଇ ସାରି ତା'ର ଛଳଛଳ ଯୌବନର ନଗ୍ନ ଭୂମିକା ଉପରେ ନିଜେ ଥରେ ଆଖି ପକାଇ ଦେଇ ନିଜ ଭିତରେ ଚହଲିଯାଏ । ତ୍ରସ୍ତ ହରିଣୀପରି ବୃକ୍ଷଆଡ଼କୁ ମୁହଁ ଫେରାଏ ସେ ।

ନିଜର ଅଭିନୟରେ ଲଜ୍ଜିତ ହୋଇ ପାଣି-ନିଗିଡ଼ା ତା'ର ଲୁଗାଖାନକୁ ବିଛାଇଦିଏ ଗ୍ରାବ ଉପରେ । ଏତିକିବେଳେ ସୂର୍ଯ୍ୟ ମୁଖରେ ତାଙ୍କି ହୋଇଯାଏ ଚଳି ମେଘର ପତଳା ଆସ୍ତରଣ । ଶୁଭ୍ରାଭିଜା ଆବରଣତଳେ ସେ ହୁଏ ବାସମଣ୍ଡିତା ।

ପୁଣି ମୃଣ୍ମୟବାବୁଙ୍କର ଆଖିଆଗରେ ନାଚଉଠିଲି ଅତୀତର ଅପରନ୍ତି ସଜଳ ସ୍ମୃତି । ପକେଟରୁ ପୁଣି ଥରେ ବାହାର କଲେ ଚିଠିଟିକୁ । ମନଧ୍ୟାନ ଦେଇ ତାକୁ ଏକାଧିକ ବାର ପଢ଼ିଲେ । ଦୀର୍ଘ ନିଃଶ୍ୱାସଟିଏ ଛାଡ଼ି ସେ ତାକୁ ରଖିଲେ ଶାର୍ଟପକେଟରେ । ଏଇ ଜୀବନ···ଏଇ ଗୃହକଥା । ମିନାକ୍ଷୀ ବଧୂବେଶରେ ତାଙ୍କ ଘରକୁ ଆସିବାପରେ ସେ ଅଳ୍ପ କେତୋଟି ଦିନ କାଟିଛନ୍ତି ତା ସାଥିରେ ।

ବହୁତ ଥର ଛୁଟିପାଇଁ ସେ ଆବେଦନ କରିଛନ୍ତି । ଡି. ଏମ୍. କିନ୍ତୁ ଅସମ୍ମତ ହୋଇଛନ୍ତି ନାନା କାର୍ଯ୍ୟର ଗୁରୁତ୍ୱ ଦେଖାଇ । ମୃଣ୍ମୟବାବୁ ହତାଶ

Digitized by srujanika@gmail.com

ହୋଇ ଆଜ ଆଉ ଭାବନ୍ତି ଆଉ ଦିନ କେତୋଟି ଛୁଟିଲାଗି ଦରଖାସ୍ତ କରିବେନି । ଅଭିମାନ ଆସିଲା ନିଜ ଉପରେ ।

ଆଜି କିନ୍ତୁ ସେ ପାରିବେନି···

ମିନାକ୍ଷୀର ଅଶ୍ରୁବୋଳା ଅନୁରୋଧକୁ ଆଉ ପଦାଘାତ କରିପାରିବେନି । ତାର ଫୁଲ୍-କଅଁଳ ମନରେ ବଜ୍ରର ଆଘାତ ଦେଇପାରିବେନି । ନିଶ୍ଚୟ ତା'ର ଅଭିମାନକୁ ସେ ଭୁଲାଇବେ । କାଲି ନିଶ୍ଚୟ ଛୁଟି ନେବେ ।

'ନିକଟରେ ମିନାକ୍ଷୀର ଜନ୍ମଦିନ । ଅଗଷ୍ଟ ପନ୍ଦର ସହିତ ଆଉ ଦିନେ ଦୁଇଦିନ ଛୁଟି ଅଛି । ଦିନେ ଅଧେ ଛୁଟି ମିଶାଇକରି ନେବେ । ଅଭିମାନ କରି ଲାଭ କ'ଣ ? କାହା ଉପରେ ବା ଅଭିମାନ କରିବେ । ଚେଷ୍ଟା କଲେ ନିଶ୍ଚୟ ଛୁଟି ମିଳିବ । ଏଇପରି ଭାବୁ ଭାବୁ କାନ୍ଥଘଡ଼ିକୁ ଚାହିଁଲେ, ରାତି ସାଢ଼େ ତିନ୍ । ବର୍ତ୍ତମାନ ତ ଉଠିହେବନି । ଆଖିରେ ପୁଣି ଲେପି ହୋଇଗଲା ତନ୍ଦ୍ରାର ଅଞ୍ଜନ ।

ତନ୍ଦ୍ରାଳ ଅବସ୍ଥାରେ ସେ ପୁଣି ଦେଖୁଛନ୍ତି—ତାଙ୍କୁ ଏଥର ଛୁଟି ମିଳିଛି ଦୀର୍ଘ ଚାରି ପାଞ୍ଚ ମାସପରେ । ସେ ଘରକୁ ବାହାରିଛନ୍ତି । ସାଥିରେ ନେଇଛନ୍ତି କେତେଗୁଡ଼ିଏ ପ୍ରୀତି-ଉପହାର ।

ହଠାତ୍ ଯାଇ ପହଞ୍ଚିଲେ ନଦୀକୂଳରେ । ନଦୀ ଦୁଇକୂଳ ଖାଉଛି । ନଦୀର ପ୍ରଖର ସ୍ରୋତକୁ କାଟି କାଟି କୌଣସିମତେ ଆରପାଖରେ ଯାଇ ପହଞ୍ଚିଲେ ।

ନଦୀଠାରୁ ଅଳ୍ପ ଦୂରରେ ଗାଁ । ମନ ତାଙ୍କର ଆଗୁଆ ହୋଇ ଆଗେଇଗଲା ମିନାକ୍ଷୀକୁ ପ୍ରୀତି-ସମ୍ଭାଷଣ ଜଣାଇଦେବାକୁ । ସେ ଦେଖିଲେ, ନଦୀକୂଳକୁ ମରାଳଗତିରେ ଆସୁଛନ୍ତି ଗାଁର କେତୋଟି ନବବଧୂ । ତାଙ୍କର ସାଥିରେ ଆଉ କେତୋଟି ପଦ୍ମ-କୁମାରୀ ।

ବୋହୂଗୁଡ଼ିକର ମୁଣ୍ଡରେ ଓଡ଼ଣା । ତାର ଭିତରେ ଲୀଳାଚପଳ ଚକ୍ଷୁର ଚଞ୍ଚଳ ଚାହାଣି; ସତେ ଯେପରି ଚକ୍ଷୁ ଦୁଇଟା ତାଙ୍କର ରୂପଭବନର ଜାଗ୍ରତ ପ୍ରହରୀ । ବଡ଼ ସଜାଗ, ବଡ଼ ସତର୍କ ସେମାନେ । ପ୍ରତ୍ୟେକଙ୍କର ରକ୍ତାଧରରେ ଚେନାଏ ଚେନାଏ ଲଜ୍ଜାବୋଳା ପ୍ରୀତିପଝଳା ହସ ।

Digitized by srujanika@gmail.com

ଝିଅଗୁଡ଼ିକର ମୁଣ୍ଡରେ ଅବଗୁଣ୍ଠନ ନାହିଁ । ଲଜ୍ଜାହୀନା ବୋହୂମାନଙ୍କ ସହିତ ଲଜ୍ଜାହୀନା ଚପଳା ଝିଅଗୁଡ଼ିକର ଗୋଟାଏ ବଡ଼ ତର୍କସଭା ଆରମ୍ଭ କରି ଦେଇଛନ୍ତି ସେଇ ଓଢ଼ଣା ଉପରେ—

"ତମେମାନେ ବି ଦିନେ ଆମପରି ବୋହୂ ସାଜିବ, ଓଢ଼ଣାତଳେ ମୁହଁ ଲୁଚେଇବ । ସେଇଦିନସବୁ ନିକଟେଇ ଆସୁଛି ଯେ ।" ହସି ହସି କହିଯାଆନ୍ତି ବୋହୂମାନେ ।

ଝିଅମାନେ ଅନାଗତ ଜୀବନର ଅହେତୁକ ସ୍ୱପ୍ନରେ ଚହଲି ଉଠନ୍ତି । ମୁହଁରୁ ତାଙ୍କର ଝରିଉଠେ ଖିଲିଖିଲି ହସ । କେତେ ଅସୁମାର ସୁଖକଳ୍ପନା ତାଙ୍କର ମନ ମଧ୍ୟରେ ଅଙ୍କୁରିତ ହୋଇଉଠେ । କାହାର କାଉଁରୀ ପରଶରେ ଶିହରିଉଠେ ତାଙ୍କର ଦେହ । ଅଜ୍ଞାତରେ ସେମାନେ ଦେହର ଅସଜଡ଼ା ଲୁଗାକୁ ସଜାଇ ନେଇ କବରୀ ଉପରେ ଗୋଟିଏ ଅଧା ଓଢ଼ଣାର ଆଲେଖ୍ୟ ଟାଣିଦିଅନ୍ତି । ବୋହୂମାନେ ହସିଉଠନ୍ତି ଛଳଛଳ କଳକଳ ନାଦରେ । ହସି ହସି ସମସ୍ତଙ୍କ ଉପରେ ଅମସ୍ତେ ବାଉଳେଇ ହୋଇ ଗଲାବେଳେ ତାଙ୍କର ଓଢ଼ଣା ଖସିପଡ଼େ । ଲଜ୍ଜାରେ ପଛକୁ ଘୁଞ୍ଚିଲାବେଳେ ସେମାନଙ୍କର ଆଖି ମିଶିଯାଏ ମୃତ୍ୟୁଞ୍ଜୟବାବୁଙ୍କ ଆଖି ସହିତ । ସମସ୍ତେ ଲାଜରେ ସଢ଼ିଯାଇଛନ୍ତି ।

ହଠାତ୍ ଚିତ୍କାର ଶୁଣାଯାଇଛି, "ଭାଇ, ଭାଇ ! ତୁମେ କେତେବେଳୁ ।" ମୃତ୍ୟୁଞ୍ଜୟଙ୍କୁ ପ୍ରଣାମ କଲା ଭାନୁ ।

"ଆରେ ଭାନୁ ଯେ, ଆଛା ଆଛା, ସବୁ ଭଲ ତ ?" ଏତିକବେଳେ ପାଟଣାଟି ସ୍ତ୍ରୀଲୋକର ଦରଣାଟି ନୀଳକୁବଳୟଜିଣା ନୀଳ ଆଖିରେ ସୃଷ୍ଟି ହେଲା ଗୋଟିଏ ଲେଖାଏଁ ପ୍ରଶ୍ନ-ବାଚକ ???

···ସ୍ୱପ୍ନ ଭାଙ୍ଗିଗଲା ।

ଆଖିପିଛୁଳାକେ ସମସ୍ତେ କୁଆଡ଼େ ଉଭେଇଗଲେ । କୁଆଡ଼େ ଲୁଚିଗଲେ ବୋହୂ-ଝିଅ, ଭାନୁ । ଭାଙ୍ଗିଗଲା ସେଇ ରଙ୍ଗରସର ଅଭିନୟ । ମୁଣ୍ଡ ଭିତରେ ସ୍ୱପ୍ନର ରିଲ୍ ଘୂରିବାଟା ବନ୍ଦ ହୋଇଗଲା ।

Digitized by srujanika@gmail.com

ମୃଣ୍ମୟୀ ଶଯ୍ୟା ତ୍ୟାଗ କରି ଏଥର ଆସିଲେ ବାହାରକୁ । ପିଣ୍ଡା ଉପରେ ଅସ୍ତାୟମାନ ଚନ୍ଦ୍ରର ଜ୍ୟୋତ୍ସ୍ନାରେଖା । ତା'ରି ଆଡ଼କୁ ମୁହଁ କରି ସେ ବସିଲେ ପିଣ୍ଡା ଉପରେ । ଦେହରେ ତାଙ୍କର ସୃଷ୍ଟି ହୋଇଛି ପୁଲକର ରୋମାଞ୍ଚ ।

ସେ ଦେଖିଲେ, ରାତି ଯେତିକି ପାହି ପାହି ଆସୁଛି, ଶୁନ୍ଦବଧୂ ସେତିକି ତା'ର ପ୍ରାଣପ୍ରିୟ କୃଷ୍ଣ ବାଦଲବୁକୁରେ ମୁହଁ ଲୁଚାଇ ଅଭିମାନ କରି କାନ୍ଦୁଛି ।

ଲୁହଟୋପା ଖସିପଡୁଛି ପ୍ରକୃତି ଉପରେ ଟପ୍...ଟପ୍...ଟପ୍ । ଶୁନ୍ଦ ଚାହେଁନା ପ୍ରିୟର ବାହୁବନ୍ଧନ ଭିତରୁ ମୁକ୍ତ ହେବାକୁ । ଅନନ୍ତ ସୃଷ୍ଟି ଥିବାପର୍ଯ୍ୟନ୍ତ ପ୍ରିୟ-ବୁକୁରେ ଜଡ଼ିରହିବା ତା'ର ଇଚ୍ଛା ।

ମୃଣ୍ମୟୀ ଭାବିଲେ, ମିନାକ୍ଷୀର ଅଭିନୟ ଠିକ୍ ଏଇପରି ।

ରାତି ନ ପାହୁଣୁ ଦୁଆରମୁହଁରେ ଡାକରା ପଡ଼େ—କାଆ...କାଆ...କାଆ । ଶେଯ ଛାଡ଼େ ମିନି । ଯିବାପୂର୍ବରୁ ତାଙ୍କର ପାଦ ଦୁଇଟିକୁ ମୁଣ୍ଡରେ ଲଗାଇ ବୁକୁ ଭିତରେ ଭିଡ଼ିଧରେ କ୍ଷଣକପାଇଁ । ସେ ଆବାକ୍ ହୁଅନ୍ତି ଏ ଅଭିନୟରେ । ସ୍ନେହମଖା ଗଳାରେ କହନ୍ତି, ମିନି ! ତୁମେ ପାଦଟାରେ କାହିଁକି ମୁଣ୍ଡ ଲଗାଉଛ ? ଛି, ବଡ଼ ଭୁଲ କରୁଛ ମିନି !

ମିନି ହସି ହସି କହେ, କ୍ଷତି କ'ଣ ?

ସ୍ୱାମୀର ପବିତ୍ର ପଦ-ତୀର୍ଥ ହିଁ ସ୍ତ୍ରୀର ସ୍ୱର୍ଗ । ତୁମର କୋମଳ-କୋଳ, ମଧୁର ବକ୍ଷ ଓ ବାହୁବନ୍ଧନ ଭିତରୁ ଯେତିକି ଆନନ୍ଦ ନ ମିଳେ, ପାଦ ଦୁଇଟିକୁ ଛୁଇଁଧରି ମୁଁ ତା ଅପେକ୍ଷା ଅଧିକ ଆନନ୍ଦ ଅନୁଭବ କରିଥାଏ । ତାହା ହିଁ ମୋର ଅସରନ୍ତି ତୃପ୍ତିର କାରଣ । ନୂଆ ଦିନର ନୂତନ କର୍ମ ଭିତରକୁ ଯିବାପୂର୍ବରୁ ଏଇ ଅମାପ ଆନନ୍ଦ ନେଇ ଆଗେଇଗଲେ ତାହା ସାରାଦିନପାଇଁ ଶାନ୍ତି ଦିଏ । ପ୍ରତ୍ୟେକ ହିନ୍ଦୁ ନାରୀର ଏହା ଧର୍ମ ।

ଜଣର ଆଖିରେ ଯାହା ଧର୍ମ ହୁଏତ ଅନ୍ୟର ଆଖିରେ ତାହା ଅତ୍ୟାଚାର ହୋଇପାରେ । ଆମର ସେଠାକାର ଜଣେ ଅଫିସରଙ୍କ ସ୍ତ୍ରୀ ଆଉ ଜଣେ ଉଚ୍ଚ ଅଫିସରଙ୍କ ସହିତ ଦିନ-ଦିନପାଇଁ ଯାଇ ପୁରୀରେ ରହନ୍ତି, ଶିକାର କରିବାକୁ ତାଙ୍କ ସହିତ ଜଙ୍ଗଲକୁ ଯାଆନ୍ତି । ତାଙ୍କରି ସ୍ୱାମୀ ପୋଷା କୁକୁରଙ୍କ ପରି ଅବଶ୍ୟ

Digitized by srujanika@gmail.com

ସମସ୍ତ ସମୟରେ ତାଙ୍କ ପଛରେ ଗୃଲଥାନ୍ତି । ତେବେ ସ୍ତ୍ରୀଙ୍କର ପାଦ ମିଳଥାଏ ପୂର୍ବ ଅଫିସରଙ୍କ ସାଥିରେ । କେତେ ମଧୁର ଆଳାପ ଭିତରେ ସେମାନେ ଆଗେଇଲାବେଳେ ସେହି ଅଫିସର ସେମାନଙ୍କର ଅସମାପ୍ତ କଥାର ଖିଅ ଧରି ତାକୁ ସମାପ୍ତ କରନ୍ତି । ମନେ ମନେ ଏକ ଗ୍ରହାରେ କହିଗୃଲନ୍ତି ମୃଣ୍ମୟ ।

ନା-ନା, ମୁଁ ଏହା କେବେହେଲେ ସମ୍ଭବ ବୋଲି କହିପାରିବିନି । ଜଣେ ନାରୀର ବିପକ୍ଷରେ ବୋଧ ହୁଏ ଏହା ତୁମର ଆକ୍ଷେପମୂଳକ ପ୍ରତିବାଦ । ଅସମ୍ଭବ, ଅସମ୍ଭବ ।

"ଅସମ୍ଭବ ?" କହିଲେ ମୃଣ୍ମୟବାବୁ । ମୁଁ କ'ଣ ତା'ହେଲେ ମିନପରି ଗୋଟିଏ କୁନି ବାଳିକାକୁ ପରି-ରାଇଜର ଗପ କହି ଭୁଲାଉଛି ?"

ପ୍ରକୃତରେ ବିବାହିତ-ଜୀବନ ଭିତରେ ଏ କଳଙ୍କ ପଶି ହିନ୍ଦୁର ସଭ୍ୟତାକୁ ଯଦି ବିଷାକ୍ତ କରୁଥାଏ, ତା'ହେଲେ ଏ ଜାତି ବେଶି ଦିନ ତିଷ୍ଠି ପାରିବନି ଆଉ ।

ବୁଝିଲି ମିନ ! ସେ ବିବାହିତ ଯେ—କଣ୍ଟ୍ରାକ୍ଟ ମ୍ୟାରେଜ । ଚୁକ୍ତି-ବିବାହ ପାଞ୍ଚ ବର୍ଷପାଇଁ । ଏଇ ବର୍ଷ ଜାନୁଆରୀ ମାସରେ ତାହା ପୂରିଯାଉଛି । ନିକଟରେ ତାଙ୍କ ନିର୍ବାଚନ-ପର୍ବ ଗୃଲିବ । ଦ୍ୱିତୀୟ ସ୍ୱାମୀ ନିର୍ବାଚନ କରାଯିବ ।

ମିନ ଉତ୍କ୍ଷିପ୍ତ ହୋଇ କହିଲା, ବିକାକଣାର ପ୍ରେମ । ସେ ତ ପ୍ରକୃତ ନାରୀ-ଧର୍ମ ନୁହେଁ । ବାରାଙ୍ଗନାର ରୂପ-ବ୍ୟବସାୟ ଆଉ ସେହି ଚୁକ୍ତି-ବିବାହ ମଧ୍ୟରେ ପ୍ରଭେଦ କ'ଣ ଅଛି ? ପବିତ୍ର ଭାରତଭୂମିରେ ପୁରୁଷ ଓ ନାରୀର ବିବାହ ହୁଏ ମନ ଓ ମନ ଭିତରେ । ଦେହ ସହିତ ଦେହର ବିବାହ ପ୍ରାଚୀସଭ୍ୟତାର ବିରୋଧୀ । କହିଗୃଲିଲା ସେ······

ଯେଉଁ ନାରୀ ଚୁକ୍ତି-ବିବାହପାଇଁ ଆଗେଇଯାଇ ତାଙ୍କର କ୍ଷଣିକ ଯୌବନର କର-ବର୍ଦ୍ଧି ଭାରତର ଏହି ଧର୍ମରାଜ୍ୟରେ ଆରମ୍ଭ କରନ୍ତି—ସେ ହେଉଛି ନାରୀରୂପରେ ନାରକୀନୀ । ଯେଉଁ ପୁରୁଷ ନିଜର ପୁରୁଷାର୍ଥକୁ ବିଶ୍ୱାସ ନ କରି ସେପ୍ରକାର ବିବାହପାଇଁ ଆଗେଇ ଯାଆନ୍ତି—ସେ ହେଉଛି ପୁରୁଷରୂପରେ ଏକ କ୍ଲୀବ କୀଟାଣୁ । ଯେଉଁ ଶିକ୍ଷା ତାଙ୍କୁ ଏପ୍ରକାର ପ୍ରେରଣା ଦିଏ—ତାହା

Digitized by srujanika@gmail.com

ବର୍ବରତା ଓ ସଇତାନୀ । ଯେଉଁ ସମାଜ ଏପ୍ରକାର ବଉଗ୍ରତାର ଲୀଳାକ୍ଷେତ୍ର— ତାହା ଧର୍ମପାବାଜମାନଙ୍କର ଆଖଡ଼ାସ୍ଥଳୀ । ଚୁକ୍ତି-ବିବାହର ପାପକୁଣ୍ଡରୁ ଯେଉଁ ହତଭାଗ୍ୟଗୁଡ଼ାକ ଜନ୍ମ ନଅନ୍ତି, ସେମାନେ ଦେଶ, ଜାତି, ସମାଜପାଇଁ ଈଶ୍ୱରଙ୍କର ଙ୍ଗୂର ଅଭିଶାପ ।

ମୃତ୍ୟୁଞ୍ଜୟ ଶାସନ-କଣ୍ଠରେ କହୁଛନ୍ତି ।

ଛି, ମିନୁ ! ତୁମେ ସମାଜ-ଶିକ୍ଷା ଓ ଧର୍ମ ଭିତରେ ପ୍ରତିପାଳିତା ହୋଇ ତା'ର ବିପକ୍ଷରେ ବିଷୋଦ୍‌ଗାର କରୁଛ ? ଏ ତ ପାଶ୍ଚାତ୍ୟ-ଜଗତର ସଭ୍ୟତା । ତୁମେ ଯାହାକୁ ପାପ ବୋଲି କହ, ଆଜିର ରକେଟ-ଯୁଗରେ ତାହା ପ୍ରଗତି ।

ପ୍ରଗତି ? ? ଜାତି ବା ଦେଶର ଚରମ ଦୁର୍ଭାଗ୍ୟବେଳେ ଆସି ପହଞ୍ଚିଲେ ପାପ ପ୍ରଗତିରେ ପରିଣତ ହୁଏ; ଅନ୍ୟାୟ, ପବିତ୍ର ନ୍ୟାୟର ରୂପ ନେଇ ଦେଖାଦିଏ । ପାଶ୍ଚାତ୍ୟର ସଭ୍ୟତା ପ୍ରାଚ୍ୟର ସଭ୍ୟତା ହୋଇପାରେ ନା । ପ୍ରାଚ୍ୟ ···ପ୍ରାଚ୍ୟ । ପାଶ୍ଚାତ୍ୟ···ପାଶ୍ଚାତ୍ୟ ! ! ଜ୍ଞାନାଲୋକର ସୂର୍ଯ୍ୟ ପୂର୍ବରୁ ଉଦିତ ହୋଇ ପଶ୍ଚିମରେ ଲୀନ ହେବାର କଥା ।

ରକେଟ୍-ଧର୍ମୀ ମଣିଷ ଆଜ ତାହା ମାନିବାକୁ ପ୍ରସ୍ତୁତ ନୁହେଁ ମିନାକ୍ଷୀ !

ମନେ ରଖ ପ୍ରିୟ ! ରକେଟ୍ ସାଥିରେ ମଣିଷର ପ୍ରଗତି ତାଳ ପକାଇ ଆଗେଇଲେ, ତାହା ଆଖିପିଛୁଳାକେ ଏତେ ପରିବର୍ତ୍ତନ ମଧ୍ୟରେ ଗତି କରିବ ଯେ ଶେଷରେ ଘୂର୍ଣ୍ଣନ ଭିତରେ ହେବ ତାର ସମାଧି । ଜଳପୋଡ଼ ପାଉଁଶ ହୋଇଯିବ ତା'ର ଶିକ୍ଷା, ଦୀକ୍ଷା, ସଂସ୍କୃତି ଓ ପ୍ରଗତି—ଯାହାକ ଦିନକର ଘଟଣା ନୁହେଁ । ସହସ୍ରାଧିକ ବର୍ଷର ଅନୁଭୂତି, ଚେଷ୍ଟା ଓ ସାଧନାର ଫଳ । ସମୁଦ୍ର-ମନ୍ଥନ ମଧ୍ୟରୁ ଅମୃତବିନ୍ଦୁ । ସୃଷ୍ଟି ତାର ହଜାର ହଜାର ବର୍ଷର ପରିଣତି ମଧ୍ୟରୁ; କିନ୍ତୁ ଧ୍ୱଂସ ତାର ଗୋଟିଏ ପଲକ ମଧ୍ୟରେ ।

ମୃତ୍ୟୁଞ୍ଜୟ ମିନାକ୍ଷୀକୁ ବକ୍ଷପଟକୁ ଟାଣି ନେଇ ତା'ର ରକ୍ତିମ ଗଣ୍ଡରେ ଉଷ୍ଣ ଚୁମ୍ବନଟିଏ ଲେଖି ଦେଇ କହନ୍ତି, ମିନୁ ! ତୁମକୁ ଏ ଦର୍ଶନ ଶିଖାଇଲା କିଏ ? ମଣିଷ ପରିବର୍ତ୍ତନ-ବିରୋଧୀ ହେବା ଉଚିତ ନୁହେଁ । ମଣିଷ ଆନନ୍ଦରେ ବଞ୍ଚିଲେ ତ କାମ କରିବ ।

Digitized by srujanika@gmail.com

ମିନ ଗଦ୍‌ଗଦ କଣ୍ଠରେ କହିଗଲେ, ଯାହା ଚିରନ୍ତନ, ସତ୍ୟ ତା'ର କେବେହେଲେ ପରିବର୍ତ୍ତନ ହୁଏନା । ଆମେ ତ ଅସ୍ଥାୟୀ ମଣିଷ, ପରିବର୍ତ୍ତନ ଭିତରୁ ଆମର ଜନ୍ମ ଓ ସେଥିରେ ଆମର ବିକାଶ । ମୁଁ ବିରୋଧ କରିବି କାହିଁକି ? ମୁଁ ବିରୋଧ କରୁଛି ପରିବର୍ତ୍ତନ ନାମରେ ଚାଲିଥିବା ଧ୍ୱଂସକୁ । ଆଜି ତୁମେ ଯେ କହିଲ, ମଣିଷ ବଞ୍ଚିଲେ କାମ କରିବ; ମୁଁ ତାକୁ ଟିକିଏ ଭିନ୍ନ ପ୍ରକାରର ଭାବେ । ମଣିଷର କାମପାଇଁ ତା ଜୀବନ ଯଥେଷ୍ଟ । ସ୍ୱାମୀ ସ୍ତ୍ରୀର ସଂପର୍କ ପଛରେ ଯଦି ପରମ ପାବିତ୍ର୍ୟ ଥାଏ, ଦୁଇଟି ହୃଦୟ ଯଦି ମିଳିଯାଇ ଗୋଟିଏ ହୋଇଥାନ୍ତି, ତାହେଲେ ଜନ୍ମ-ଜନ୍ମାନ୍ତରକୁ ସେ ସମ୍ପର୍କ ନିବିଡ଼ ହୋଇ ରହେ । ଏଁ କଥାର ପ୍ରମାଣ ଆମ ପୁରାଣ, ମହାଭାରତରେ ବହୁତ ।"

ଆଚ୍ଛା ମିନାକ୍ଷୀ ! ସଂସାରର ଦାଉ-ଧକ୍କା ଭିତରୁ ଅଭାବ-ଅନାଟନର ଆଭିମୁଖ୍ୟ ନେଇ କେତେ ଜଣ ନାରୀ-ଧର୍ମ ରକ୍ଷାକରି ପାରନ୍ତି ?

ମନେ ରଖ ପ୍ରିୟ ! ପୁରୁଷମାନେ ଦୁଃଖ, ଦାରିଦ୍ର୍ୟ ଅଭାବଅନାଟନକୁ ବିଭୂତିରୂପେ ଅଙ୍ଗରେ ବୋଳି ସାଧନା ଭିତରୁ ନିଜେ ଶିବରୂପେ ଅବତୀର୍ଣ୍ଣ ହୋଇ ପାରିଲେ, ଆମର ଏଇ ଦୁଃସ୍ଥ ସମାଜରୁ ନାରୀମାନେ ପାର୍ବତୀରୂପେ ନିଶ୍ଚୟ ବାହାରି-ପାରିବେ। ତୁମେମାନେ ଶିବ ହୋଇପାରିଲେ ଆମେମାନେ ପାର୍ବତୀ ହେବା ଅସମ୍ଭବ ହେବନି ।

ମୃଣ୍ମୟ ମନେ ମନେ ମିନାକ୍ଷୀର ଯୁକ୍ତିରେ ସଙ୍କୁଚିତ ହୋଇଉଠିଲେ । ସତରେ କ'ଣ ସେ ତାଙ୍କର ପାର୍ବତୀରୂପୀ ମିନାକ୍ଷୀ ପାଖରେ ସ୍ୱୟଂସିଦ୍ଧ ଶିବ ହୋଇପାରିଛନ୍ତି । ଲଜ୍ଜା ଓ ଗ୍ଲାନିରେ ତାଙ୍କର ମୁଣ୍ଡ ତଳକୁ ହୋଇଗଲା ।

···ଅସରନ୍ତି ଭାବନା, କେତେ ଖାପଛଡ଼ା । ଆସ୍ତେ ଆସ୍ତେ ବାଲିରବିର ରଶ୍ମିରେଖା ଦୁଆରେ ଝରିପଡ଼େ । ମୃଣ୍ମୟ ଛାଡ଼ୁଥିବା ଦୀର୍ଘ-ନିଃଶ୍ୱାସଟିଏ ଗୁଡ଼ି ଉଠନ୍ତି ।

* * * * **ମିନାକ୍ଷୀ** ଶ୍ୱଶୁରଘରକୁ ଗଲାଦିନୁ ଶାଶୁ ତାର ଠିକ୍ ଝିଅଟିଏ ପାଇଲାପରି ମହାଖୁସିରେ ଅଛନ୍ତି । ରାତି ନ ପାହୁଣୁ ବୁଢ଼ୀଙ୍କର ଗୁହାବାର ମରୁଜପକା । କାଲିଠାରୁ ବାଁ-ଆଖି ଫୁରୁଛି । ସକାଳ ନ ପାହୁଣୁ କୁଆ ଆସି ମଥାନ

Digitized by srujanika@gmail.com

ଉପରେ ଡାକ ଦେଲାଣି···କାଆ···କାଆ···କାଆ । ବୁଢ଼ୀ ଖୁଦ ମୁଠେ ବୁଣି ଦେଇ ବାଡ଼ପଟକୁ ଗଲେଣି ଫୁଲ-ଦୁବ ଆଣିବାକୁ ।

କାକଅନ୍ଧାର ନ ଲଭୁଣୁ ମିନାକ୍ଷୀ ତାର ସ୍ନେହର ସାଥୀ ଭାନୁକୁ ଧରି ଗାଧୋଇବାକୁ ଯାଇଥିଲା; ଫେରିଲାଣି । ମନରେ ତା'ର ଅସରନ୍ତ ଭାବନାର ଆଲୋଡ଼ନ ।

ସତରେ କ'ଣ ସେ ଆଜ ଆସିବେ ? ହଁ, ଆସିବେ । ନିଶ୍ଚୟ ଆସିବେ । ବୋଉ କହୁଥିଲେ ତାଙ୍କର ବାଁ-ଆଖି ଫୁରୁଛୁ । ନିଶ୍ଚୟ ଶୁଭ ହେବ । ମନେ ମନେ ଭାବିଲା ମିନା । ଏତିକବେଳେ ସେ ତା'ର ନିଜ ଆଖିକୁ ରଗଡ଼ ଦେଇ ଅନୁଭବ କରେ, ସତେ ଯେପରି ତା'ର ବାଁ-ଆଖି ସ୍ପନ୍ଦିତ ହେଉଛି ।

ନା···ନା···ନାଆଁ ଲଗା ଡାହାଣ ଆଖିଟା ତ କାହିଁକି ଡେଇଁଲା ? ତେବେ ସେ କଣ ଆସୁନାହାନ୍ତି ! ତାଙ୍କୁ କଣ ଛୁଟି ମିଳିଲାନି ! ତାଙ୍କର ଦେହପା କ'ଣ ଖରାପ ଅଛି ? ନା···ଅଶୁଭ କଥାଗୁଡ଼ାକ ଭାବିବି କିଆଁ ? ମନେ ମନେ କହିଲା ମିନା ।

"ନୂଆ'ଉ ! ଆଖି କାହିଁକି ଏତେ ମଳୁଛ ? କ'ଣ କାନ୍ଦୁଛ···ନା କାନ୍ଦଣାର ଛଳନା କରୁଛ ମ ?"

"କାହା ପାଖରେ ଭାନୁ ? କଣ ଆମର ନଟନାଗର ଭାନୁମାଙ୍କ ପାଖରେ ।" କହିଲା ମିନାକ୍ଷୀ ।

ହସି ହସି ଦୁହେଁ ବେଦମ୍ ହୋଇଗଲେ ପଣତକାନିକୁ ମୁହଁରେ ଦେଇ । ଦୁଆରେ ପାଦ ଦେଲାକ୍ଷଣି କୁଆଟା କା' କରି ଖୁଦ ଉପରୁ ମଥାନ ଉପରକୁ ଉଠିଗଲା ।

"ହେଇ ନୂଆ'ଉ ! କୁଆ ଶୁଭ ବାରତା ଦେଇଗଲାଣି । ବୋଉ ଖୁଦ ପକାଇ ତାକୁ ଅଟକାଇଥିଲେ ଆଉରି ଶୁଭ ବାରତା ଶୁଣିବ ବୋଲି ।"

ମୁରୁକିକରି ହସିଦେଲା ମିନାକ୍ଷୀ । ଭାନୁ ଚାଲିଗଲା ତାର ଶୋଇବାଘରକୁ । ମିନାକ୍ଷୀ ସେଇ ଓଦା ଲୁଗା ପିନ୍ଧି ଘରଭିତରକୁ ଚାଲିଗଲା । ମୁଠାଏ ଖୁଦ ଆଣି

Digitized by srujanika@gmail.com

ଦୁଆରେ ବନ୍ଧଦେଇ ଗୃହଆଡ଼କୁ ଚାହିଁ ଚାହିଁ । କୁଆଟା ମୁଣ୍ଡକୁ ଏପାଖ ସେପାଖ କରି ବଡ଼ ଲୋଭଣିଆ ଆଖିରେ ତା ଖାଦ୍ୟଆଡ଼କୁ ଚାହିଁ ରହିଲା । ମିନାକ୍ଷୀ ତାକୁ ଡାକିଲା ଚୁ-ଚୁ କରି ଖୁଦ ଖାଇବାକୁ । ଏତିକବେଳେ ଭାନୁ ଘର ଭିତରୁ ବାହାରି ଆସି, ଖି କରି ହସି ଦେଇ କହିଲା, "ବାଃ ରେ, କୁଆପ୍ରତି ତ କମ୍ ସ୍ନେହ ଆଦର ନାହିଁ ।"

ଏତିକବେଳେ ପଛପଟରୁ ଶୁଭିଲା, କୋଉ ବଲେଇକୁ ଦୁଧଭାତ ଦେବାକୁ ଚୁ ଚୁ କରି ଡାକୁଥିଲୁ କି ଲୋ ବୋହୂ ।"

ମିନି ପଛକୁ ଚାହିଁ ଶାଶୁଙ୍କୁ ଦେଖି ଲାଜରେ ବୁଡ଼ଯାଇ ଭାବିଲା, ସତେ ତ କୁଆଟାକୁ ମୁଁ ବଲେଇପରି କ'ଣ ଡାକୁଛି ମ ।

ଭାନୁ କହିଲା, "ନୂଆ'ଉ ! ସତରେ କ'ଣ ଭାଇ ଆଜି ଆସିବେ ?"

"ନ ଆସିବେ କାହିଁକି ? ତାଙ୍କର କୁନି ଭଉଣୀ ଯଦି ମନେ ପଡ଼ିବେ, ନିଶ୍ଚୟ ଆସିବେ ।"

ଦାଣ୍ଡଘରୁ ଡାକ ଶୁଣାଗଲା, "ମସ୍ତବୋଉ, ମସ୍ତବୋଉ ! ବୋହୂ ପାଇଁ ପରା ଲୁଗା ଆଣିବାକୁ କହୁଥିଲ ?"

"କଣ ଶଗଡ଼େ ହେବ ଶାଢ଼ୀ-ଅଳଙ୍କାର ଆଣିଲ ପରି ତ ଡାକିଲଣି ! ହଁ କହୁଥିଲି ଯେ, କଅଣ ହେଲା ?"

"ତୁମେ ବୁଝୁନା ମସ୍ତବୋଉ ! ଛୁଆଟା ମନରେ ମଧ୍ୟ ଅଳଙ୍କାରର ନିଶା ଭର୍ତ୍ତି କରିଦେଲଣି । ସ୍ତ୍ରୀ ନିଜେ ତା'ର ଅଳଙ୍କାର । ତା ପାଇଁ ଅନ୍ୟ କୌଣସି ଅଳଙ୍କାରର ଆବଶ୍ୟକତା ନାହିଁ । ଆଲୋ ମା ଭାନୁ ! ନେଲୁ ଏଇ ଶାଢ଼ୀ ଦୁଇଟା । ଗୋଟାଏ ଏଥିରୁ ତୋର ଓ ଆରଟା ତୋ ନୂଆବୋହୂର । ସମସ୍ତଙ୍କଠୁ ଭଲ ଶାଢ଼ୀଟାକୁ ଦେବୁ ନୂଆବୋହୂଙ୍କୁ । ଆଜି ତା'ର ଜନମଦିନ । ତୋ ଜନମଦିନରେ ଭଲ ଶାଢ଼ୀ ମଧ୍ୟ ଆଣିବା ।"

ବାପାଙ୍କଠାରୁ ଆଣି ମିନାକ୍ଷୀହାତକୁ ଶାଢ଼ୀ ଦୁଇଟି ବଢ଼ାଇଦେଇ ଭାନୁ ହସି ହସି ଗଡ଼ିଗଲା ।

"କ'ଣ କଲେ ଭାନୁ ! ଇମିତି ହସୁଛୁ କାହିଁକି ?"

Digitized by srujanika@gmail.com

"ବୋଉ ! ବୋଉ ଲୋ ! ଆସିଲୁ ଦେଖିବୁ, ବାପା ନୂଆଉ'ଙ୍କପାଇଁ କମିତି ବଢ଼ିଆ ଶାଢ଼ୀ ଆଣିଛନ୍ତି । ନୂଆ'ଉ ! ମୁଁ ଆଦୌ ଛୁଇଁବିନି, ତୁମେ ଦୁଇଟିଯାକ ପିନ୍ଧ । କହିଲେ କ'ଣ ନା, ବଢ଼ିଆ ଶାଢ଼ୀଟି ନୂଆବୋହୂକୁ ଦେବୁ । ଆ···ହା···ହାଃ, ବଢ଼ିଆ ଶାଢ଼ୀ !"

"କ ଲୋ, କଣ ହେଲା କ ? ବାପା ଏତେ ଶରଧାରେ ଆଣିଛନ୍ତି ?"

"ପିନ୍ଧୁନା, ନ ହେଲେ ବାପାଙ୍କ ମନରେ ଦୁଃଖ ହେବ ଯେ ।"

ମିନା ହସି ହସି କହିଲା, "ବୋଉ, ବାପା ଆମପାଇଁ ଖଦଡ଼ ଶାଢ଼ୀ ଦୁଇଟି ଆଣିଛନ୍ତି ବୋଲି ଭାଉଜମାନଙ୍କର ମନକୁ ପାଉନି ।"

"କ ଲୋ, ଖ···ଦ···ଡ଼ ! ସେ ମିଣିପ ତ ସେଇମିତିଆ । ନଜେ ମୋଟାମୋଟା ଅଖା ପିନ୍ଧିବେ ବୋଲି, ଝିଅ-ବୋହୂଙ୍କର ସ୍ନେହଶରଧା ନାହିଁ । କାହିଁକି, ସେମାନେ କ'ଣ ଗ୍ରାମସେବିକା ହୋଇଛନ୍ତି ଯେ ଖଦଡ଼ ପିନ୍ଧିବେ ?"

"ଏ ତ ଆଚ୍ଛା ଯୁକ୍ତି ! ମିଲ୍ ଶାଢ଼ୀ ଠୁଇ ବେଶି ଦାମ୍ ଦେଇ ଆଣିଲି, ତଥାପି ତମ ମନକୁ ପାଇଲାନି ? ଆଜି କୃଷୀ-ମୂଲିଆଠାରୁ ଅମୀର, ଜମିଦାର ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ଘରେ ଖଦଡ଼ । ତା'ହେଲେ ସମସ୍ତେ କ'ଣ ଖାଲି ଗ୍ରାମସେବିକା ?"

"ନା···ନା···ରଖ ରଖ ତମର ସେ କଥା । ଏ ଶାଢ଼ୀ ଫେରାଇ ଦେଇ ଆଜି ଦୁଇଟା ଭଲ ଶାଢ଼ୀ ଆଣ ।"

"ଆଉ ଫେରାଇବା କଥା ହେବନି । ଏଥିରେ କାମ ଚଳାଇନିଅ । ମଧୁ ତ ଚିଠି ଦେଇଛି, ଆଜି ଆସି ପହଞ୍ଚିବ ବୋଲି । ଯାହା ଲୁଗାପଟା ଦରକାର, ସେ ଆଣୁଥିବ । ମୁଁ ଯାଉଛି ରୋଗୀ ଦେଖିବାକୁ ।"

ମିନି କହିଲା, "ବୋଉ ! ବାପାଙ୍କୁ ଏମିତି କହନ୍ତି ? ମିଛରେ କାହିଁକି ତାଙ୍କୁ ଗାଳି ଦେଉଛ ।"

"ଶାଢ଼ୀ—ଚୁଡ଼ିପାଇଁ ସବୁଘରେ ଇମିତି କଳିଥାଏ ଲୋ—ସବୁ ଘରେ ଥାଏ । ସବୁ ମରଦ ସମାନ, ସବୁ ମାଇପେ ସମାନ ।

Digitized by srujanika@gmail.com

"ତେବେ ମୋତେ ଯେ ଏ ଶାଢ଼ୀ ଖର ଭଲ ଲାଗୁଛି ବୋଉ ! ଏହା ସ୍ନେହ ଓ ଆଶୀର୍ବାଦର ସୂତାଖିଅରେ ବୁଣା । ଭନୁ, ତୁମେ ଗୋଟିଏ ପିନ୍ଧ, ମୁଁ ଗୋଟିଏ ପିନ୍ଧୁଛି ।

"ସତରେ ନୂଆ'ଉ, ବାପା ବଡ଼ ଲୋଭି ।"

"କାହାପାଇଁ ଭନୁ ? ଖାଲି ତମଶପାଇଁ, ତମଶପାଇଁ । ମନେ ରଖିଥା ଭନୁ ! ଫସାଶି ଲୋକ ବରଂ କୃପଣ ହେବା ଭଲ; କିନ୍ତୁ ନିର୍ଧନ ହେବା ଉଚିତ ନୁହେଁ ।"

କିଛି ସମୟପରେ ଦୁହେଁ ନୂଆ ଲୁଗା ଦୁଇଟି ପିନ୍ଧି ଆଗ ତୁଳସୀ ଚଉରା ଓ ଘର-ଦିଅଁଙ୍କ ପାଖରେ ପ୍ରଣାମ ବାଢ଼ିଲେ ଓ ତା'ପରେ ବାପା, ବୋଉଙ୍କର ପଦତୀର୍ଥରେ ପ୍ରଣାମ ଜଣାଇଲେ । ମିନାକ୍ଷୀ ଓ ଭନୁର ହାଲଧା ଗୋରା ଦେହକୁ ଶାଢ଼ୀ ଦୁଇଟିର ଶୁଭ୍ରିମା ବେଶ୍ ସୁନ୍ଦର ମାନୁଥାଏ । ସତେ ଯେପରି ଜୋଛନାର ପାଟଚଲେ ସିନ୍ଦୂରାଧଣ୍ଡ ଗୃହବଧୂ । ପାଦରେ ସରୁ ଅଳତାଗାର, ଆଖିରେ ସରୁ କଜ୍ଜଳରେଖା, ସୀମନ୍ତରେ ସିନ୍ଦୂର, ହାତରେ ସୁନା ଚୂଡ଼ି ପାଖେ ପାଖେ ଗ୍ଳାସପଟ ଲେଖାଏଁ ସରୁ କଳା ଚୂଡ଼ି, ମୁଣ୍ଡରେ ସରୁ ଓଢ଼ଣା,—ଗୃହଲକ୍ଷ୍ମୀର ପବିତ୍ର ରୂପ ।

ମଧୁବାପା ହସି ହସି ଆଶୀର୍ବାଦ ଦେଇ କହିଲେ; "ମା ଭନୁ ! ଦେଖିଲୁ, ଖଦଡ଼ ଶାଢ଼ୀ ଦୁଇଟି କେଡ଼େ ସୁନ୍ଦର ମାନୁଛି ।"

ମଧୁବୋଉ ଟିକିଏ ବ୍ୟସ୍ତ ହୋଇ କହିଲେ, "କାଇଁ, ଏଯାଏ ପୁଅ ଆସିଲାନି । ଗାଡ଼ିବେଳ ତ ଗଲାଣି । କାହିଁକି ମନ ଭିତରଟା ତ ମୋର ଘାଣ୍ଟି-ଗୋଳେଇ ହେଉଛି । ମାଛିଟାଏ ଆସି ପାଟି ପାଖରେ ସବୁବେଳେ ଗୁଣୁଗୁଣୁ ହେଉଛି । ମୋତେ ତ କାଇଁ କିଛି ଭଲ ଦିଶୁନି; ତେବେ ତାକୁ କ'ଣ ଛୁଟି ମିଳିଲାନି ? ନା, ଦେହପା କ'ଣ ଖରାପ ହେଲା ?"

"ଏସବୁ ବାଜେ ଚିନ୍ତା ଛାଡ଼ । ତୁମେ ପିଲାମାନେ ଯାଅ । ସେ ଆସିବ ନିଶ୍ଚୟ । ଆସିବାର ନ ହୋଇଥିଲେ ଟେଲିଗ୍ରାମ୍ କରିଥାନ୍ତା ।"

Digitized by srujanika@gmail.com

✳ ✳ ✳ ✳ ଏ ପାଖରେ ଆଜି ଗୋଟିଏ ଦୃଶ୍ୟ । ମୃଣୁସ୍ତବାବୁ ଏତେ ଦିନପରେ ପାଇଛନ୍ତି ଛୁଟି । ଅଗଷ୍ଟ ପନ୍ଦର ସହିତ ଆଜି ଦୁଇଦିନ ଛୁଟି ଥିଲା, ଅଧିକା ତିନିଦିନ ଛୁଟି ମିଳିଛି । ଏତେଦିନର ପାହାଡ଼ପରି କେତେ ଗୁରୁ ଅଭିମାନ କୁଆଡ଼େ ଉଭେଇ ଯାଇଛି ।

ମନ ତାଙ୍କର ଆଜି ଭାରି ଚଞ୍ଚଳ । ତରତର ହୋଇ କାମ ତୁଟାଇ-ଦେଲେ ବଜାରକୁ ଯିବେ । ଗୁଡ଼ା ପାହିଲେ ମିନାକ୍ଷୀର ଜନ୍ମଦିନ । ଜନ୍ମଦିନର ଉପହାରପାଇଁ କେତୋଟି ଜିନିଷ ଓ ଶାଢ଼ୀ ପ୍ରଭୃତି କିଣିବାକୁ ପଡ଼ିବ । ସମୟ ଅଳ୍ପ । ବ୍ୟସ୍ତ ହୋଇ ବାହାରିପଡ଼ିଲେ ବସାରୁ, ବଜାରକାମ ତୁଟାଇ ଷ୍ଟେସନକୁ ପଳାଇବେ ।

ବ୍ୟଗ୍ରତା ଭିତରେ ଯାଇ ସେ ପହଞ୍ଚିଲେ ଗୋଟିଏ ଦୋକାନରେ । ମିନାକ୍ଷୀ ଆକାଶୀ ନୀଳରଙ୍ଗର ଶାଢ଼ୀ ପିନ୍ଧିବାକୁ ଭଲପାଏ । ସେ ସେହି ରଙ୍ଗର ଗୋଟିଏ ଶାଢ଼ୀ କିଣିଲେ । ତା ସାଥିକୁ ଚକ୍‌ଲେଟ୍ କଲରର ବ୍ଲାଉଜ କନା । ଭାନୁପାଇଁ ତା ମନଲାଖି ଶାଢ଼ୀ, ବ୍ଲାଉଜ, ରିବନ, ଲେଡ଼ିଜ୍ ଚପ୍‌ପଲ—ଆଜି କେତେ କ'ଣ ?

ହଁ, ସବୁ କିଣା ସରିଲା । ବାକି ରହିଲା ପିନ୍ଧିର ବଡ଼ଦରିଆ ଜିନିଷ । ବଡ଼ ଶ୍ରଦ୍ଧାରେ ସେ କହିଥିଲା ତାଙ୍କୁ ଗୋଟିଏ ସିନ୍ଦୁର-ଡବାପାଇଁ । ତାହା ତା'ର ଅତି ପ୍ରିୟ । ତା'ର ମତ—ଯେଉଁ ସ୍ୱାମୀ, ସ୍ତ୍ରୀର ସିନ୍ଦୁର ପାଇଁ ଦାୟୀ ସେ ପ୍ରକୃତ ସ୍ୱାମୀ, ତାହା ହେଉଛି ସ୍ତ୍ରୀର ପ୍ରାଣବନ୍ଧୁ । ସ୍ୱାମୀର ଦାନରେ ସ୍ତ୍ରୀର ସଂସାର ସିନ୍ଦୁରପରି ସୁନ୍ଦର ହୁଏ । ମିନାକ୍ଷୀର ଏଇ ତୁଚ୍ଛ ଅନୁରୋଧରେ ମନେ ମନେ ହସିଥିଲେ ମୟୂବାବୁ । ସେ ବାଧ୍ୟ ହୋଇ କିଣିଲେ ଗୋଟିଏ ସିନ୍ଦୁର-ଡବା; ନ ହେଲେ ତାଙ୍କର ଉପହାର ଅପୂର୍ଣ୍ଣ ରହିଥାନ୍ତା ।

ହଠାତ୍ ସେ ଶୁଣିବାକୁ ପାଇଲେ ଟ୍ରେନର ହୁଇସିଲ୍ । ଗାଡ଼ି ଆସିଗଲା ବୋଲି ସେ ଭାରି ବ୍ୟସ୍ତ ହୋଇପଡ଼ିଲେ । ତରତର ହୋଇ ପକେଟ୍‌ରୁ ପଇସା ବାହାର କରି ଦେଉ ଦେଉ ଗୋଟିଏ ଟଙ୍କା ପାହାଚ ତଳକୁ ଗଡ଼ିଯାଇ କୁଆଡ଼େ ଡ୍ରେନ ଭିତରେ ପଡ଼ିଲା । ଦୋକାନୀକୁ ପଇସା ଦେବାପରେ ତା' ଠାରୁ ଦଶଅଣା ପଇସା ପାଇବାର ଅଛି । କାହାରି ପାଖରେ ରେଜା ନାହିଁ । ଟ୍ରେନ୍ ଆସିଗଲାଣି । ଆଉ ଦୋକାନରୁ ଭଙ୍ଗାଇ ଆଣିବାକୁ ଲୋକ ଯାଇଛି ।

Digitized by srujanika@gmail.com

"ଆଚ୍ଛା, ଦୋକାନୀବାବୁ ! ପଇସାଟା ତୁମ ପାଖରେ ଥାଉ । ଗାଡ଼ି ଆସିଗଲାଣି ବୋଧହୁଏ । ଯଦି ହେବ, ପରେ ଦେବ । ମୁଁ ଯାଉଛି ।"

"ବାବୁ ! ଆପଣ ପାଗଳ ହେଲେ । ଆପଣ ବୋଧ ହୁଏ ତାଳଚେରରେ ଯିବେ। ବର୍ତ୍ତମାନ ଟ୍ରେନ୍ ଟାଇମ୍ ହୋଇନି । ଏ'ଟା ମାଲଗାଡ଼ି ହୋଇଥିବ । ଆଉରି ଅଧ ଘଣ୍ଟାଏ ବାକି ଅଛି ବାବୁ ! ଟିକିଏ ବସନ୍ତୁ । ମୁଁ ଏଇ ଆଖି ପିଛୁଳାକେ ଆସୁଛି ।"

"ନା···ନା, ମୁଁ ଆଉ ରହିପାରିବିନି । ଯାଉଛି । ଏ ରିକ୍ସା ! ଜିନିଷ-ଗୁଡ଼ାକ ଭର୍ତ୍ତି କର ।"

"ଆଚ୍ଛା···ଥାଆନ୍ତୁ । ମୁଁ ଯାଏ । ଟିଣ ଟିଣ୍···ଟିଣ୍ । ଆରେ ବେଗେ ଚଲା। ତୁ ତ ଚଲାଇପାରୁନୁ, ବାଟରେ ତିନିଥର ଚେନ୍ ଫିଟିଗଲାଣି, ଡୋ-ଦେହି କିଛି ହେବନି । ମୁଁ ଆଉ ଗୋଟାଏ ରିକ୍ସା ଡାକୁଛି ।

"ଚାହିଁକି ବାବୁ ! ଇମିତି ଚିଡ଼ିବା ହଉଚ । ତମେ ଆପଣ ବାବୁ, ନିଶ୍ଚେ ଗାଡ଼ି ପାଇବ । ପହଞ୍ଚେଇ ନ ଦେଲେ ପଇସା ନେବିନି ।"

"ଆରେ ଗୁଲ୍ କହିଲା—ତାଡ଼ା ହେଉଚ ।" ରିକ୍ସା ଗୁଳିଲା—ଟିଣ୍ ···ଟିଣ୍ ··ଟିଣ। ପନ୍ଦର ମିନିଟ୍‌ରେ ଯାଇ ପହଞ୍ଚିଲା । ରିକ୍ସାବାଲାକୁ ତରତର ହୋଇ ପଇସା ଦେଇ ସେ ଗାଡ଼ିପାଖକୁ ଦଉଡ଼ିଲେ । ଡବା ପାଖରେ ଅଟକି ଯାଇ କହିଲେ, "ଧେତ୍, ଏଟା ମାଲଗାଡ଼ିଟା । ଲୋକମାନେ ଫେଁ କରି ହସି-ଦେଲେ । କୁଲିଟା ସେ ପାଖେ ଯାଉଥିଲା । ବାବୁଙ୍କର ଏ ଅଭିନୟ ଦେଖି ହସି ହସି କହିଲା, "ଶୁଦ୍ଧ ଶୁଦ୍ଧି ବାବୁ ଏତେବେଳକୁ କହିଲେ ପେଛିବ-ଲାଣି । ସହଯାତ୍ରୀମାନେ ଆଉ ଟିକିଏ ହସିଦେଲେ । ମଧୁବାବୁ ଲାଜରେ ସଙ୍କୁଚିତ ହୋଇ ନିଜକୁ ଜନ-ସମୁଦ୍ରରେ ହଜାଇ ଦେଲେ ।

ଏ, ସ···ମା···ଜ, ମାତୃଭୂମି, ପ୍ରଜାତନ୍ତ୍ର, ଗଣତନ୍ତ୍ର, କଳଙ୍କ—ହକ୍‌ର ଗୋଟିଏ ନିଃଶ୍ୱାସରେ ଡାକ ଛୁଡ଼ୁଛି ।

ପ୍ଲାଟଫର୍ମ ଉପରେ ଏପାଖ ସେପାଖକୁ ଟିକିଏ ଗୁହିଁ ଜାଗାଟିଏ ବାଛିନେଲା ଗୋଟିଏ ଲୋକ । ତଳେ ଚଦରଟିଏ ପକାଇଦେଇ କେତୋଟି ଯୁବ-ପ୍ରାଣଭୂଲ

Digitized by srujanika@gmail.com

ଉପନ୍ୟାସ ସଜାଇଦେଇ । ବେଶ୍ ଗରମ କାକରାପଣ ସବୁଗୁଡ଼ିକ ବସି ଗୁଲଛି । ମୃଣ୍ମୟବାବୁ ବହିଗୁଡ଼ିକ ଉପରେ ଆଖି ପକାଇ ଦେଇ ମୁହଁ ବୁଲାଇଲେ ରେଲଓ୍ୱେ ବୁକ୍-ଷ୍ଟଲ୍ ଆଡ଼କୁ ।

ପ୍ରଥମେ ବହିଗୁଡ଼ିକୁ ଥରେ ଦେଖିନେଲେ । ହଠାତ୍ ଆଖି ତାଙ୍କର ଆବଦ୍ଧ ହେଲା ଗୋଟିଏ ଉପନ୍ୟାସ ଉପରେ—ହିନ୍ଦୀ ଉପନ୍ୟାସ । ପ୍ରଚ୍ଛଦପଟରେ ଛବିଟି ବେଶ୍ ଆକର୍ଷଣୀୟ ହୋଇଛି । ରୂପଦେହରେ ରୂପ ପାଇଛି ସଦ୍ୟଯୌବନ-ଭରା ଗୋଟିଏ ବରବର୍ଣ୍ଣୀ ବଧୂ । କୁଞ୍ଚିତ ଚୂର୍ଣ୍ଣକୁନ୍ତଳରୁ କେଉଁଏ ଆସି ତା'ର ପଲ୍ଲବିତ ଗଣ୍ଡ ଉପରେ ସୃଷ୍ଟି କରିଛି ଏକ ପ୍ରଶ୍ନବାଚକ ? ଆଖିରେ ଅସରନ୍ତି ଅକୁହା କଥାର ଅଶ୍ରୁଉଚ୍ଛୁଳା ବନ୍ୟା । ଅର୍ଦ୍ଧ-ନଗ୍ନ ଛବିଳ ବୁକୁ—ତା ଉପରେ ଆଶ୍ରୟ ନେଇଛି ସ୍ୱର୍ଣ୍ଣହାରର ପଦକ । ପ୍ରକ୍ଷିପ୍ତ ତା'ର ଗୃହାଣୀ । ଶବଟି ରଙ୍ଗ-ବିନ୍ୟାସ ମଧ୍ୟରେ ହୋଇଛି ବେଶ ଆକର୍ଷଣୀୟ । ଯୁବକର ହାଲୁକା ମନକୁ ଚହଲାଇବାପାଇଁ ଏକ କଦର୍ଯ୍ୟ ଆୟୋଜନ; ଯୌନ—ବୁଭୁକ୍ଷାର ଜଳନ୍ତ ଇନ୍ଧନ ।

ତାପରେ ଆଖି ଫେରିଗଲା ବହିଟିର ନାଁ ଉପରକୁ । ଓଃ, ଚମତ୍କାର ନାମ, "ପିୟା ମିଲନ କୋ ଜା ନା ।" ସାରସ୍ୱତ-ସାଧନା ନାମରେ ଲେଖକ ଓ ଶିଳ୍ପୀର ଯୌନ-ବିଜ୍ଞାପନର ଅସରନ୍ତି ଚେଷ୍ଟା ।

ପାଖରେ ଅଛି ଆଉ ଗୋଟିଏ ବହି । ଅତି ସରଳ ତାର ସାଜସଜ୍ଜା—ଗୀତାଞ୍ଜଳୀ; ଲେଖକ ବିଶ୍ୱବରେଣ୍ୟ କବିଗୁରୁ ରବୀନ୍ଦ୍ରନାଥ ଠାକୁର । ଲେଖା ଓ ରେଖା ମଧ୍ୟରେ ନିହିତ ଥିବ ଦ୍ୱନ୍ଦ୍ୱ, ଦର୍ଶନ, ମନସ୍ତତ୍ତ୍ୱ । ବେଶ୍ ଖାଣ୍ଟି ଜୀବନର ନିଗଡ଼ା ମନ୍ତ୍ର । ପକେଟ୍‌ରୁ ପଇସା କାଢ଼ିଲେ ମୃଣ୍ମୟବାବୁ । ବହିଟି ବିକ୍ରେତାକୁ ମାଗି ପଇସା ବଢ଼ାଇଦେବା ସମୟରେ ସେ କହିଲା, "ବାଃ ଚମତ୍କାର ଆପଣଙ୍କର ସିଲେକ୍‌ସନ୍ ସାର ! ବିଶ୍ୱବିଖ୍ୟାତ କବିଙ୍କର ଅମର-ସୃଷ୍ଟି ।"

ମୃଣ୍ମୟବାବୁ ବହିଟିକୁ ଧରି ତନ୍ମୟତାରେ ତାକୁ ଏପାଖ ସେପାଖ କରି ପୁଣି ଆଖି ଢାଳିଲେ କବିତାଗୁଡ଼ିକ ଆଡ଼କୁ । ପ୍ରତ୍ୟେକ ପଂକ୍ତିରେ ଅମର-

Digitized by srujanika@gmail.com

ଆତ୍ମାର ବିଳାପ । ଏତିକବେଳେ ତାଙ୍କ ଗୃହ ପାଖରେ ଦଳେ ଯୁବକ ଓ ଯୁବତୀ ଘେରିଗଲେଣି । ସମସ୍ତେ ଏମ୍ଭିତେଶ୍ଭ ବହି ଦେଉଛାଇବାରେ ବ୍ୟସ୍ତ ।

ଜଣେ ହଠାତ୍ ପାଟିକରି କହିଲା, "ଆରେ, ଏତେ ବାଛୁଛୁ କ'ଣ ମ । କେତେ ରସରସିଆ ଉପନ୍ୟାସ ଅଛି, ଯା କଛି ଗୋଟାଏ କିଣିନେଲେ କ'ଣ ହେବନି ।" ଝିଅଗୁଡ଼ାକ ଆଖିରେ ଭର୍ତ୍ସନାର ଗୃହାଣୀ ହାଣି ମ୍ୟାଗଜିନ୍ ଆଡ଼କୁ ଆଖି ଫେରାଇଲେ ।

"ଓ ବାବୁ, ଦେଲେ ସେ ବହିଟା ।"

"କୋଉ ବହିଟା ବାବୁ, କହିଲେ ?"

"ସେ ଯେଉଁ ଉପର ଥାକରେ ଅଛି ମ ।"

"ଆଚ୍ଛା ଉପର ଥାକରେ ଅଛି, ସେ ବହିଟାର ନାଁ । କହୁନା କିଆଁ ?"

ଜଣେ ଯୁବକ ବିଦ୍ରୂପ କରି କହିଲା, "ତମେ ତ ଏତିକିରେ ଗଳି-ଗଲଣି, ବହିର ନାଁ । ଶୁଣିଲେ ଆଉ ତାଙ୍କୁ ରଖିବ ? ଆଚ୍ଛା ଆଚ୍ଛା, ସେ ଯେଉଁ ହିନ୍ଦୀ ବହିଟା ଦେଲ ।

"ଫେର ସେଇ କଥା । କଣ ସେ ବହିଟିର କିଛି ନାଁ ନାହିଁ ।"

"ହିଁ ମ, କଣ ଅଧାଲୁଚ ଅଧାଦେଖା ଅବସ୍ଥାରେ ବହିଟା ଅଛି; ଲେଖା ହୋଇଛି "ପିୟା ମିଲନ୍ ...... ।"

ଆଉ ଜଣେ ବଡ଼ପାଟି କରି କହିଲା, "ତୋ ଆଖିରେ କଣ ପରଳ ମାଡ଼ିଗଲାଣି ବେ । ଆରେ "ପିୟା ମିଲନ୍ କୋ ଜା ନା ।"

"ବାଃ...ବାଃ, ଚମତ୍କାର ନାମକରଣ । ବାବୁ ସେଇ ବହିଟା ଦିଅ ।"

ଏତିକିରେ ଝିଅଗୁଡ଼ାକ ହୁରୁଡ଼ା ହରଣୀପରି ସେଠାରୁ ପଳାଇଲେ । ବାକି ରହିଲେ ବାବୁମାନେ ।

ଦୋକାନୀ ବହିଟି ସେମାନଙ୍କ ହାତକୁ ଦେଇ କହିଲା, "ବାବୁ, ବଡ଼ ସୁନ୍ଦର ଉପନ୍ୟାସଟିଏ । ଏହାର ନାଁ । ପାଇଁ ବିକି ହୁଏ ଅଜସ୍ର ବହି । ବିଷୟ-

Digitized by srujanika@gmail.com

ବସ୍ତୁ ତ ପଢ଼ିଲେ ଆପଣ ସମ୍ପୂର୍ଣ୍ଣ ଜୀବନକୁ ଭୁଲିଯିବେ । ଏଇସବୁ ବହିର କାଟ୍‌ତି ଉପରେ ଆମର ଏତେ ବଡ଼ ଦୋକାନ ଚଳୁଛି । ଏଇ ନିଅନ୍ତୁ, ଦାମ ଏକ ଟଙ୍କା ।"

"ଦୋକାନୀ ବାବୁ, ତା ପାଖ ବହିଟା କଣ ?"

"ହଁ ଗୀତି-ଗୁଚ୍ଛ । ରବୀ ଠାକୁରଙ୍କର । ହେଇ, ବାବୁ ଧରିଛନ୍ତି ତାଙ୍କର ଗୀତାଞ୍ଜଳୀ ।"

"ଏ ପାଖେ ଗୀତାଞ୍ଜଳୀ, ଆର ପାଖରେ ଗୀତିଗୁଚ୍ଛ, ମଝିରେ ପିପ୍ସୀ ମିଲନ୍ କୋ ଜା ନା—ଚମତ୍କାର ସନ୍ନିକରଣ !"

"ବାବୁ ଆପଣ ବୁଝୁନାହାନ୍ତି, ଖଣ୍ଡେ ସରସା ବହି ପାଖକୁ ଖଣ୍ଡେ ନୀରସା ବହି ନ ରଖିଲେ ବିକ୍ରି ହେବ କିମିତି ?"

ମୃଣ୍ମୟ ନିଜର କୌତୂହଳ ସମ୍ବରଣ କରି ନ ପାରି ପଚାରିଲେ, "ବାବୁ ଏଥିରୁ କେଉଁଟା ସରସିଆ, କେଉଁଟା ନୀରସିଆ ?"

"ତା' କଣ ବୁଝିବାକୁ ବାକି ରହିଲା ବାବୁ, ଆପଣମାନେ ପଚାରିଲେ; ରବୀଠାକୁର, ଗାନ୍ଧୀ, ପଟେଲ, ବିବେକାନନ୍ଦଙ୍କ ବହିକୁ ସରସିଆ କହିବି । ସେ ବାବୁମାନଙ୍କୁ ତାଙ୍କ ଧରିଥିବା ବହିଟି ସରସିଆ ବୋଲି କହିବି ।। ତେବେ କହିବାର ଆବଶ୍ୟକତା ନାହିଁ । ଲୋକେ ନିଜର ରୁଚି ନେଇ ସରସ, ନୀରସ ନିଜେ ଠିକ୍ କରିନେବେ । ଆପଣଙ୍କୁ ଯାହା ସରସ, ସେ ବାବୁଙ୍କୁ ହୁଏତ ତାହା ନୀରସ ଜଣାଗଲା ।

ଜଣେ ଯୁବକ ବାଧାଦେଇ କହିଲେ, "ନୀରସ ଜଣାଗଲାନି ସେ, ଆଜକାଲି ଆଉ ଗାନ୍ଧୀ, ପଟେଲର ଯୁଗ ନାହିଁ । ନିହାତି ଗୁଡ଼ାଏ ବାଜେ ଭ୍ରାନ୍ତ ଦର୍ଶନ ପଛରେ ଗୋଡ଼ାଇ ବହୁମୂଲ୍ୟ ସମୟକୁ ନଷ୍ଟ କରିବା ଉଚିତ ନୁହେଁ ।"

ମୃଣ୍ମୟବାବୁ ଚୁପ୍ ରହିଲେ । ଗୋଟାଏ ବେଗଗାମୀ ବଢ଼ିଲା ସୁଅରେ ଉପଦେଶର ଧୂଳିମୁଠା ପକାଇ କିଛି ଲାଭ ନାହିଁ । କିଛି ସମୟ ପରେ ଯୁବକ-ଗୁଡ଼ିକ ଦୋକାନରୁ ଚାଲିଗଲେ ।

Digitized by srujanika@gmail.com

ତା'ପରେ ମୃଣ୍ମୟବାବୁଙ୍କର ଆଖି ପଡ଼ିଲା ଆଉ ଗୋଟିଏ ଇଂରାଜୀ ବହି ଉପରେ । "Woman" ! ମନ କୌତୂହଳୀ ହୋଇଉଠିଲା ଦେଖିବାକୁ । "ଆଚ୍ଛା, ସେ 'Woman' ବହିଟା ଦେଲ ।"

"ହଁ ବାବୁ, ସେ ବହିଟି ନାଇସ୍ କଲେକ୍‌ସନ୍ । ପୃଥିବୀର ବଡ଼ ବଡ଼ କବି, ଦାର୍ଶନିକ, ବୈଜ୍ଞାନିକ, ସାହିତ୍ୟିକ, ରାଜନୀତିକମାନେ ସ୍ତ୍ରୀମାନଙ୍କ ଉପରେ ଯାହା ମତାମତ ଦେଇଛନ୍ତି ତା'ର ସଂଗ୍ରହ । ପ୍ରତ୍ୟେକଙ୍କ ପାଇଁ ଏହା ଦରକାର ବାବୁ ! ହେଇ ଦେଖନ୍ତୁ ।"

ମୃଣ୍ମୟବାବୁ ବହିଟି ଖୋଲିଲେ । ପ୍ରଥମ କରି ତାଙ୍କର ଆଖି ପଡ଼ିଲା ଗୋଟିଏ ପଂକ୍ତି ଉପରେ—

"Earth has nothing more tender than a Woman's heart when it is the abode of piety" (Luther) ଆଉ ଗୋଟିଏ ସୁ ର ଲାଇନ୍—"Men have sight-Women insight." (Heigo

ମୃଣ୍ମୟବାବୁ ଆନନ୍ଦରେ ଆତ୍ମହରା ହୋଇଉଠିଲେ । ସେ ଏ ବହିଟି କିଣିଲେ ମିନାକ୍ଷୀପାଇଁ ।

ଟ୍ରେନ୍‌ର ଆରାଇଭାଲ ବେଲ୍ ବାଜିଉଠିଲା । ସେ ଏକ ନିଃଶ୍ୱାସରେ ଛୁଟିଲେ ଟ୍ରେନପାଖକୁ । ଭାରି ଲୋକ ଭିଡ଼ । ଟିକିଏ ଏପାଖ ସେପାଖ ହେବାର ବାଟ ନାହିଁ । ଯାତ୍ରୀ ବେଶି ଉତୁରୁ ନାହାନ୍ତି । ପ୍ରତି ଡବାରେ ଭିଡ଼ । ସେ ଜିନିଷପତ୍ରଗୁଡ଼ିକ ଧରି ବ୍ୟସ୍ତ ହୋଇ ଚଢ଼ିଲେ ଗୋଟିଏ ଡବାରେ । ଅନ୍ୟ ଲୋକମାନେ ଚଢ଼ୁଛନ୍ତି, ତାଙ୍କ ପଛରେ ସେ ବାଡ଼ା ଧରି ଉଠିଲେ ଉପରକୁ । କେତୋଟି ଭଦ୍ର ମହିଳା ସେଥିରେ ବସିଥିଲେ । ଖବର କାଗଜରେ ସେମାନଙ୍କ ଆଖି ନିବଦ୍ଧ । ଲୋକମାନଙ୍କୁ ଉଠିବାର ଦେଖି ଜଣେ ସେଥିରୁ ପାଟି କରିଉଠିଲେ, "ଏହା ଲେଡ଼ିଜ କମ୍ପାର୍ଟମେଣ୍ଟ । ଆପଣମାନଙ୍କୁ କଣ ଦେଖାଯାଉନି ।"

ମୟୁବାବୁ ପଳାତକପରି ସେଠାରୁ ଓହ୍ଲାଇପଡ଼ି ଗ୍ଗହିଁଲେ ଉପରକୁ ଡବାରେ ଗୋଟିଏ ମହିଳାର ଛବି ।ଲୋକମାନଙ୍କୁ ଦେଖି ତାଙ୍କ ସାଙ୍ଗରେ ଉପରକୁ

Digitized by srujanika@gmail.com

ନ ଉଠି ବରଂ ଆଗରୁ ଏତକ ଦେଖିଥିଲେ ଏ ଭୁଲଟା ବୋଧ ହୁଏ ହୋଇ ନ ଥାନ୍ତା । ସେ ଆଉ ଗୋଟିଏ ଡବାରେ ବଡ଼ କଷ୍ଟରେ ଯାଇ ଚଢ଼ିଲେ । ସେଥିଭିତରେ ଥିଲେ ଜଣେ ଭଦ୍ରଲୋକ, ତାଙ୍କର ସ୍ତ୍ରୀ, କୋଳକୁ ଗୋଟିଏ କୁନି ପୁଅ—ଏକ କ୍ଷୁଦ୍ର ସଂସାରର ସୂଚୀପତ୍ର । ତନ୍ମୟ ହୋଇ ଚାହିଁରହିଲେ ମୃଣ୍ମୟବାବୁ ସେଇଆଡ଼କୁ ।

ଏତେବେଳେ ତାଙ୍କର କାନେ କାନେ, ଚୁପି ଚୁପି ସେପରି କେହି କହିଉଠିଲା, 'ପ୍ରିୟ, ପୁରୁଷମାନଙ୍କ ମଧ୍ୟରୁ ସ୍ୱୟଂସିଦ୍ଧ ଶିବ ବାହାରିପାରିଲେ ନାରୀମାନଙ୍କ ମଧ୍ୟରୁ ପାର୍ବତୀ ବାହାରିବା ଅସମ୍ଭବ ହେବନି, ଆଖିଆଗରେ ନାଚିଉଠିଲା ମିନାକ୍ଷୀର ଶାନ୍ତ ସରଳ ମଧୁର ରୂପ । ମନ ଭୁଲାଇବାପାଇଁ ବହିପଢ଼ାରେ ମନ ଦେଲେ । ଗୋଟିକପରେ ଗୋଟିଏ ଷ୍ଟେସନ ବିତିଗଲା । ଗାଡ଼ି ଆସି ପହଞ୍ଚିଲା ଆଉ ଗୋଟିଏ ଷ୍ଟେସନରେ ।

"ଚମ୍ପାଫୁଲ···ବଉଳଫୁଲ । ଚମ୍ପାଫୁଲ ବଉଳଫୁଲ ।" ଏ ବୋଧ ହୁଏ ଢେଙ୍କାନାଳ ଷ୍ଟେସନ । ଗାଡ଼ି କୋଡ଼ିଏ ମିନିଟ୍ ଅଟକିବ । ସେ ତଳକୁ ଓହ୍ଲାଇ ଜାଣିଲେ, ଏ ତାଙ୍କର ସେଇ ଚମ୍ପାଫୁଲ-ଷ୍ଟେସନ । ବଡ଼ ଖୁସିରେ କିଣିଲେ ଦୁଇଟି ଫୁଲମାଳ । ଚମ୍ପାଫୁଲରୁ ଗୋଟିଏ ଓ ବଉଳଫୁଲରୁ ଗୋଟିଏ । ସାଇତି ରଖିଲେ ବଡ଼ ଯତ୍ନରେ ମିନାକ୍ଷୀପାଇଁ । ତା'ର କଳା କବରୀକୋଳରେ ବଡ଼ ସୁନ୍ଦର ଦିଶିବ ଏଇ ପୁଷ୍ପ-ମେଖଳାଟି ।

ରାତି ଆସି ହେଲାଣି ସାଢ଼େ ନ' । ହୁଇସିଲ ଦେଇ ଗାଡ଼ି ଚାଲିଲା ଆଗକୁ । ଗତି ମନ୍ଥର । ବିରାଟ ଜନ-ସମୁଦ୍ର ବନ୍ଦୀ ହେଲେ ତା ଭିତରେ । ମୃଣ୍ମୟବାବୁ ଝରକାବାଟେ ଚାହିଁଥାନ୍ତି ଆଗକୁ ।

କାଲୁଆ ପବନ ବାହାରେ ମାତିଛି । ପୂର୍ବ ଦିଗରେ ଗୋଟିଏ କୋଣରେ ହଠାତ୍ ଖଣ୍ଡିଏ କଳାହାଣ୍ଡିଆ ମେଘ ରେଲ-ଇଞ୍ଜିନର ଧୂଆଁପରି ଆସ୍ତେ ଆସ୍ତେ ଆକାଶବୁକୁରେ କାୟା ବିସ୍ତାର କରିବାରେ ଲାଗିଲାଣି । କୃଷ୍ଣ ବାଦଲର ବୁକୁ ଚିରି ଥରିଉଠୁଛି ବିଦ୍ୟୁତ୍‌ର କମ୍ପନ । ଚାହୁଁ ଚାହୁଁ ଆକାଶର ଶୁଭ୍ରିମା ଉପରେ ଘୋଟିଲାଣି ଏକ ମ୍ଲାନ ଆସ୍ତରଣ ରୂପନର୍ତ୍ତକୀ ତାରକାବାଳ ଆକାଶର ମଞ୍ଚ ଉପରୁ ବିଦାୟ ନେଲେଣି ଗୋଟିକ ପରେ ଗୋଟିଏ ।

Digitized by srujanika@gmail.com

ଗୁଡୁଁ ଗୁଡୁଁ ଝପ୍‌ଝପ୍ କରି ବର୍ଷା ଆରମ୍ଭ ହୋଇଗଲା । ଦମକାଏ ଲେଖାଏଁ ଅଳସ ଉଦାସ ଥଣ୍ଡା ପବନ ଟ୍ରେନର ଝରକା ଦେଇ ପଶିଆସିଲା କୋଠରୀ ମଧ୍ୟକୁ । ପ୍ରତି ମୁଖରେ ଲେପି ହୋଇଗଲା ବର୍ଷାଧାରାର ବର୍ଣ୍ଣ-କଣିକା ।

ମୃଣ୍ମୟବାବୁ କାଚବାଡ଼କୁ ତଳକୁ ଖସାଇ ଦେଇ ତାଙ୍କର ଅବଶ-ଅଙ୍ଗକୁ ଢାଳିଦେଲେ ଲମ୍ବା ବେଞ୍ଚ ଉପରେ । କିଛି ସମୟରେ ତାଙ୍କ ଆଖିରେ ବୋଳି ହୋଇଗଲା ତନ୍ଦ୍ରାର ଅଞ୍ଜନ । ସହଯାତ୍ରୀଙ୍କର ପତ୍ନୀ ମଧ୍ୟ ତାଙ୍କ ଦେହର ସମସ୍ତ ଭାର ସ୍ୱାମୀଙ୍କ ଉପରେ ଲଦିଦେଇ ଢଳମଳୁଛନ୍ତି ତନ୍ଦ୍ରାଚ୍ଛନ୍ନ ହୋଇ । ବହୁ ବେଷ୍ଟନୀ ମଧ୍ୟରେ କୋଳର ଶିଶୁଟି ନିଦ୍ରିତ । ତନ୍ଦ୍ରାର ପରିବେଶ ମଧ୍ୟରେ ଭଦ୍ରଲୋକଙ୍କର ଚକ୍ଷୁପତା ମଧ୍ୟ ବୁଜି ହୋଇଗଲା । ବର୍ଷା ଅସରା ମଧ୍ୟରେ ଥରି ଥରି; ଝିମେଇ ଝିମେଇ ଗାଡ଼ି ଗଡ଼ିଲା ଆଗକୁ ।

ବର୍ଷଣଧାରା ଅବିଚ୍ଛିନ୍ନ ଭାବରେ ଲାଗି ରହିଛି । ଉତ୍ତର ମେଘର ରୋଷକ୍ଷିପ୍ତ ବର୍ଷଣ । ବାହାରେ ଝଡ଼ବତାସର ସୁଅ । ଟ୍ରେନ ମଧ୍ୟରେ ତନ୍ଦ୍ରାଳସ ଯାତ୍ରୀମାନଙ୍କର ସୁଖ-ସୁପ୍ତି ।

ଏଥିଭିତରେ ଗାଡ଼ି ଯାଇ ଲାଗିଲା ମେରାମଣ୍ଡଳୀ ଷ୍ଟେସନରେ । ଦୁଇଟି ଷ୍ଟେସନ କେତେବେଳେ ଗଲାଣି ମୃଣ୍ମୟବାବୁ ଜାଣନ୍ତି ନାହିଁ । ଗାଡ଼ିର ହୁଇସିଲ ଶବ୍ଦରେ ନିଦଟା ଭାଙ୍ଗିଯାଇଥିଲା । ଲୋକମାନେ ଜିନିଷପତ୍ର ଉତ୍ତାରିବାରେ ବ୍ୟସ୍ତ । ସେ ନିଜ ଜିନିଷତକ ନେଇ ବାହାରିଆସିବାବେଳେ ଦେଖିଲେ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଙ୍କର ସୁଖ-ସୁପ୍ତି ଏପର୍ଯ୍ୟନ୍ତ ଭାଙ୍ଗିନି ।

"ଆଜ୍ଞା, କୁଆଡ଼େ ଯିବେ ? ଏ ପରା ମେରାମଣ୍ଡଳୀ ଷ୍ଟେସନ ହେଲାଣି । ଉଠନ୍ତୁ ଆଜ୍ଞା, ଗାଡ଼ି ଛାଡ଼ିଦେବ ।"

ଏତେ କହିବାପରେ ପ୍ରଥମେ ନିଦ ଭାଙ୍ଗିଲା ଭଦ୍ରମହିଳାଙ୍କର । ସେ ନିଜକୁ ସଜାଡି ନେଇ ନେଇ ନମ୍ରଭାବରେ କହିଲେ, "ଆଜ୍ଞା, ଆମେ ସମ୍ବଲପୁର ଯିବୁ । ଏ, ଶୁଣୁଛ କି ଉଠ, ଉଠ, ଗାଡ଼ି ଛାଡ଼ିଦେବ ।

ଭଦ୍ରଲୋକ ନିଦରୁ ଚମକି ଉଠିଲେ । ଗାଡ଼ି ଛାଡ଼ିଦେବ ।

ଭଦ୍ରମହିଳା ଅନୁରୋଧପୂର୍ଣ୍ଣ ନୟନରେ ଚାହିଁ ରହିଲେ ମୃଣ୍ମୟବାବୁଙ୍କ ଆଡ଼କୁ । ବହୁତ ଗୁଡ଼ାଏ ଜିନିଷ ।

Digitized by srujanika@gmail.com

ମଧୁବାବୁ ନିଜ ଜିନିଷପତ୍ର ତଳେ ଥୋଇଦେଇ କହିଲେ, "ଆଜ୍ଞା ଆପଣ ମୋତେ ଜିନିଷଗୁଡ଼ିକ ଦେଇଦିଅନ୍ତୁ ଆଜ୍ଞା ! ପିଲାମାନଙ୍କୁ କହନ୍ତୁ ଛୁଆକୁ ନେଇ ବାହାର ଆସିବେ ।" ସେଇଆ ହେଲା । ଭଦ୍ରମହିଳା ତଳକୁ ଗଲେ, ଭଦ୍ରଲୋକ ଓ ମୃତ୍ୟୁଞ୍ଜୟବାବୁ କୌଣସିମତେ ଜିନିଷଗୁଡ଼ିକ ବାହାର କରୁ କରୁ ଗାଡ଼ି ଗୁଡ଼ିଦେଲା । ଭଦ୍ରମହିଳା ଚିତ୍କାର କରି କହୁଥିଲେ, "ଗାଡ଼ି ଗୁଡ଼ିଦେଲା, ବାହାର ଆସ, ବାହାର ଆସ ।" ମଧୁବାବୁ କୌଣସିମତେ ଭଦ୍ରବ୍ୟକ୍ତିଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ତଳକୁ ଆଣିଲେ । ଦମ୍ପତି କୃତଜ୍ଞତାରେ ଚାହିଁରହିଲେ ମୃତ୍ୟୁଞ୍ଜୟ-ବାବୁଙ୍କ ଆଡ଼କୁ ।

"ଆଜି ଆପଣ ନ ଥିଲେ ଅକାରଣରେ ଆମକୁ ତାଳଚେର ଯିବାକୁ ବୋଧ ହୁଏ ପଡ଼ିଥାନ୍ତା ।" ସସ୍ମିତ-ମୁଖରେ କହିଲେ ଭଦ୍ରଲୋକ ।

"ନା...ନା, ମୁଁ ସେମିତି କିଛି ଉପକାର ଆପଣଙ୍କର କରିନି । ଏ ତ ଅତି ସାଧାରଣ କଥା ଆଜ୍ଞା !"

ସେମାନେ ଯିବେ ସମ୍ବଲପୁର । ମୃତ୍ୟୁଞ୍ଜୟବାବୁ ଯିବେ ରେଢ଼ାଖୋଲ୍ । ବର୍ଷା ଭିତରେ ଜିନିଷପତ୍ର ପ୍ରାୟ ତିନ୍ତିଗଲାଣି । କୌଣସିମତେ ବସ୍‌ରେ ସେଗୁଡ଼ାକ ଚଢ଼ା ହୋଇଗଲା ।

ମୃତ୍ୟୁଞ୍ଜୟ ବାବୁ ଆଜି ରାତିଟା ରେଢ଼ାଖୋଲରେ ଶ୍ୱଶୁରଘରେ ରହିବେ । ସକାଳ ପାହିଲେ ସାଇକେଲ ନେଇ ସେଠାରୁ ଗାଁକୁ ଯିବେ । ଶାଶୁଶ୍ୱଶୁରଙ୍କ ସହିତ ବହୁତ ଦିନୁ ତାଙ୍କର ଦେଖାସାକ୍ଷାତ୍ ହୋଇନାହିଁ । ସେମାନେ ମଧ୍ୟ ସ୍ତ୍ରୀଙ୍କୁ ଦେଖିବାପାଇଁ ବଡ଼ ବ୍ୟଗ୍ର ।

ଭଦ୍ରବ୍ୟକ୍ତି, ଭଦ୍ରମହିଳା ଓ ମଧୁବାବୁ ଗୋଟିଏ ବେଞ୍ଚରେ ବସିଲେ । ଗାଡ଼ି ଚାଲିଲା ଆଗକୁ ମେଘ-ଅସରା ସହିତ ସଂଘର୍ଷ କରି । କିନ୍ତୁ ମୃତ୍ୟୁଞ୍ଜୟବାବୁଙ୍କର ମନ ଚାଲିଲା ତା'ଠାରୁ ଆହୁରି ବେଗରେ ।

କାଲୁଆ ପବନରେ ଯାତ୍ରୀମାନଙ୍କ ଆଖିରେ ପୁଣି ତନ୍ଦ୍ରାର ଅଞ୍ଜନ ଲେପି ହୋଇଗଲା । ସମସ୍ତେ ପୁଣି ଢୁଳାଇବାରେ ଲାଗିଲେ; ସତେ ଯେପରି ନିଶାଗ୍ରସ୍ତ କେହି ଆଗକୁ ଝୁଙ୍କି ପଡ଼ିବାବେଳେ, ଆଉ କେହି ପଛକୁ ଝୁଙ୍କି ପଡ଼ି

Digitized by srujanika@gmail.com

ଠୋକର ଖାଉଛୁ ସିଟ୍-ବାଡ଼ା ଦେହରେ । ଗୁଡ଼ାଏଁ କର ନିଦ ଭାଙ୍ଗିଯାଉଛୁ ତା'ର । କ୍ଷଣିକ ପାଇଁ ଆଖି ଖୋଲି ପୁଣି ବନ୍ଦ କରୁଛୁ ।

ସମସ୍ତେ ତନ୍ଦ୍ରାଚ୍ଛନ୍ନ । ଜଣେ କେବଳ ସେଥିମଧ୍ୟରୁ ଜାଗ୍ରତ । ସେ ଯନ୍ତ୍ର ସହିତ ସଂଘର୍ଷ କରି ତାକୁ ଆଗକୁ ଆଗେଇ ନେଉଛୁ—"ସବୁବେଳେ, ସବୁ ଯୁଗରେ ଜଣକର ପୀଡ଼ନରେ ଅନେକଙ୍କର ଆନନ୍ଦ ।"

ଗାଡ଼ି ଆସି ପହଞ୍ଚିଲା, ରେଢ଼ାଖୋଲର ବସ୍-ଷ୍ଟାଣ୍ଡରେ । ଅଧିକାଂଶ ଯାତ୍ରୀଙ୍କର ନିଦ ଭାଙ୍ଗିଗଲା । ଚଞ୍ଚଳ ହୋଇଉଠିଲେ ସମସ୍ତେ ।

ଭଦ୍ରଲୋକ ଓ ଭଦ୍ରମହିଳାଙ୍କ ସହିତ ଏଥିଭିତରେ ଟିକିଏ ଆଳାପ ପରିଚୟ ହୋଇ ଆତ୍ମୀୟତା ସୃଷ୍ଟି ହୋଇଯାଇଥିଲା । ଆସିଲାବେଳେ ବିଦାୟ ନେଇ ଆସିଲେ ମୃଣ୍ମୟବାବୁ । ରାତି ଭଲକରି ପାହି ନାହିଁ । ଆଉ ଘଣ୍ଟାକ ପରେ ନୂତନ ଦିନର ନବାଲୋକକୁ ସ୍ୱାଗତ ଜଣାଇବେ ଜଗତବାସୀ ।

ମୃଣ୍ମୟବାବୁ ଷ୍ଟାଣ୍ଡ ପାଖରେ ଟିକିଏ ରହିବାର ସୁବିଧା ପାଇଲେ ନାହିଁ । ଛତାଟା ଖୋଲି, ଜିନିଷପତ୍ର ଧରି ଆସ୍ତେ ଆସ୍ତେ ଆଗେଇଲେ ଶ୍ୱଶୁର-ଘରଆଡ଼କୁ ।

ବୃଦ୍ଧ ସରୋଜବାବୁ ପ୍ରତିଦିନ ରାତି ଚାରିଟାରୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କପାଇଁ ଫୁଲ ତୋଳନ୍ତି । ସେ ଫାଟକ ପାଖ ଫୁଲଗଛରୁ ଫୁଲ ତୋଳୁଛନ୍ତି, ମୃଣ୍ମୟ ଯାଇ ପ୍ରଣାମ ବାଡ଼ିଲେ ତାଙ୍କ ପାଖରେ । ଏତେବେଳକୁ ମିନିର ମା' ଦ୍ୱାରବନ୍ଧ ପାଖ ଗୋବରରେ ଲିପି ମୁରୁଜ ଓ ଝୋଟି ଦେଉଥାନ୍ତି । କୁଆଟାଏ କୋଉଠୁ ଉଡ଼ି ଆସି ମଥାନ ଉପରେ ବସି ଥରେ-ଅଧେ ଡାକି ଦେଲାଣି କୁଣିଆ ଆସିଲେଣି ବୋଲି । ଅପ୍ରତ୍ୟାଶିତ ଭାବରେ ମୃଣ୍ମୟବାବୁଙ୍କୁ ଦେଖି ସରୋଜବାବୁ ଆନନ୍ଦରେ ଉଚ୍ଛ୍ୱସିତ ହୋଇଉଠିଲେ ।

"କ'ଣ ବାବୁ ବର୍ତ୍ତମାନ ?"

ମୃଣ୍ମୟ ନମ୍ରଭାବରେ ହସି ହସି ଗୋଟିଏ 'ହଁ' କଲେ ।

"ମିନିବୋଉ ! ମିନିବୋଉ ! ହେଇ ଦେଖ ତମର ମୃଣ୍ମୟବାବୁ ଆସିଛନ୍ତି ।"

Digitized by srujanika@gmail.com

ମୁରୁଜରେ ଲକ୍ଷ୍ମୀପାଦ ଆଙ୍କିବା ଅଧା ହୋଇଛି—ସତେଡ଼ଇଟା ସେଠାରେ ଥୋଇ ଦେଇ ସେ ଦଉଡ଼ି ଆସିଲେ ଜ୍ୱାଇଁଙ୍କ ପାଖକୁ । ଏତେବେଳେ ତାଙ୍କ ପ୍ରାଣର ବୁକୁଭରା ଆନନ୍ଦ ଦେଖେ କିଏ । ସତେ ଯେପରି ରଙ୍କଘରେ ରାଜକୁଣିଆ । ଅନେକ ସମୟରେ ଶାଶୁମାନଙ୍କୁ ଜ୍ୱାଇଁ ନିଜର ପୁଅଠାରୁ ବଳି ଲାଗନ୍ତି ।

ମୃଣ୍ମୟ ପ୍ରଣାମ ଜଣାଇ କହିଲେ, "ବୋଉ ! ତୁମେ କ'ଣ ଗାଧୁଆ-ପାଧୁଆ ସାରି ମୁରୁଜ ଦେଉଥିଲ ?"

ବୁଢ଼ୀ ପାଣି ଢାଳେ ଗୋଡ଼ ଧୋଇବାକୁ ଦେଇ ଦେଇ କହିଲେ, "ହଁ ବାପା । ଆଜି ଗୁରୁବାରଟା ବୋଲି···।

ମୟ ନିଜର ସବୁ କାମ ଶେଷ କଲାବେଳକୁ ସମ୍ପୂର୍ଣ୍ଣଭାବରେ ଫେରନ୍ତି ହୋଇସାରିଥିଲି । ସେ ସାମାନ୍ୟ ଜଳଖିଆ ଖାଇସାରି ବାହାରିପଡ଼ିଲେ ଗାଁକୁ ଯିବାକୁ । ସରୋଜ ବାବୁ ବ୍ୟସ୍ତ ହୋଇ କହିଲେ, "ମୟବାବୁ ! ଏ ମେଘ-ବରଷାରେ ଘରୁ ବାହାରିବା ଆଦୌ ଉଚିତ ନୁହେଁ । ଦେହ ଖରାପ ହେବ । ମେଘ ଛାଡ଼ିଗଲେ ଉପରଓଳି ଯିବ ବା କାଲିକୁ ଯିବ ।

ମିନାକ୍ଷୀର ବୋଉ ଆହୁରି ବ୍ୟସ୍ତ ହୋଇ କହିଲେ, "ବାପା ! ଏ ପାଗରେ ଚଢ଼େଇ ମଧ୍ୟ ତା' ବସାରୁ ବାହାରୁନି, ତମେ କେମିତି ଘରୁ ବାହାରି ଯିବ ? ମୁଁ କେମିତି ଛାଡ଼ିଦେବି । ମୋ ମନ ଠିକ୍ ରହିବନି ।"

"ନାଇଁ ବୋଉ । ମୋତେ ତୁମେ ବାଧ କରନି । ମୁଁ କୌଣସିମତେ ରହି ପାରୁ ନାହିଁ । ଛୁଟି ମୋର ନାହିଁ । ମଝିରେ କେବଳ ଦୁଇଟା ଦିନ । ଦିନେ ଫେରିବି, ଦିନେ ଘରେ ରହିବି । ଦରକାର ହେଲେ ଛୁଟି ବଢ଼ାଇପାରେ । ହବ ଯଦି ଫେରିଲାବେଳକୁ ଦିନେ ରହିବାକୁ ଚେଷ୍ଟା କରିବି ।" ଅଶ୍ରୁ-ନୟନରେ ବିଦାୟ ଦେଲେ ମିନାକ୍ଷୀର ବୋଉ ।

ବର୍ଷାଭିଜା ରାସ୍ତା । କଂକ୍ରିଟ ଉପରେ ପିଚୁ ପଡ଼ି ଶକ୍ତ ହୋଇଛି । ତା ଉପରେ ଠାଏ ଠାଏ ପାଣି । ସର୍ ସର୍ ହୋଇ ସାଇକେଲ ଛୁଟିଛି ଆଗକୁ । କାନକୁ ବେଶ ସୁନ୍ଦର ଶୁଣାଯାଉଛି ସେହି ଘର୍ଷଣର ସଙ୍ଗୀତ । ତାଙ୍କର ଉଦ୍‌ବେଳିତ ପ୍ରାଣର ଉଦ୍‌ଗତ ସଙ୍ଗୀତ ଠିକ୍ ଏଇପରି ତାଳ ଦେଉଛି ତାଙ୍କ ସାଥିରେ ।

Digitized by srujanika@gmail.com

ରାସ୍ତା ଶେଷ ହେଉନ.........

ଯେତିକି ଆଗକୁ ଚାହୁଁଛନ୍ତି, ସେତିକି ଦେଖୁଛନ୍ତି ସେହି ଅଙ୍କାବଙ୍କା ରାସ୍ତାର ବଙ୍କିମ ଶ୍ରେଣୀ । ଆଶା ନେଇ ସେ ଗତି ବଢ଼ାଇଛନ୍ତି ଆଗକୁ । ଆଗୁଆ ବର୍ଷା-ଅସରାକୁ ପ୍ରତିରୋଧ କରିବାପାଇଁ ଗୋଟିଏ ହାତରେ ଛତା । ପବନର ପ୍ରତିକୂଳରେ ଯିବାବେଳେ ସମୟେ ସମୟେ ସାଇକେଲର ଗତି ମଧ୍ୟ ବନ୍ଦ ହୋଇଯାଉଛି ।

ସେ ଯାଉ ଯାଉ ପହଞ୍ଚିଲେ ଗିରିକନ୍ୟା ନିର୍ଝରିଣୀ ପାଖରେ । କି ଆଶ୍ଚର୍ଯ୍ୟ ! କୁଳୁକୁଳୁ ନିନାଦିନୀ ତଟିନୀ ଆଜି ହୋଇଛି ଉନ୍ମାଦିନୀ ! ସେ ଧାଇଁଛି ତା'ର ସୁଦୂର ପ୍ରିୟକୋଳକୁ । ଶତ ବାଧା-ବନ୍ଧନକୁ ଛିନ୍ନ କରି ଗର୍ଜି ଚାଲିଛି ପ୍ରଳୟ ହୁଙ୍କାର ଦେଇ ନାଗୁଣୀପରି । ଏତେବେଳେ ସେ କୌଣସି ବାଧା ମାନୁନ । ତା' ବୁକୁରେ ଆଶାର କେତେ ଫେନାୟିତ ଜୁଆର ଆଗେଇଚାଲିଛି ତା'ର ଇୟତ୍ତା ନାହିଁ । ସେ ଚାଲିଛି, ଚିରସୁନ୍ଦର ଶାଶ୍ୱତକୋଳକୁ ପ୍ରେମର ଫେନମାଳା ତୋଳି ।

ବେଣୀ-ବନ୍ଧନ ତା'ର ମୁକୁଳା । କଣ୍ଠରେ ତାର ମୃଦୁଗମ୍ଭୀର ସଙ୍ଗୀତ ନାହିଁ—ଅଛି ବଜ୍ରଗମ୍ଭୀର ପ୍ରଳୟ ଡାକ । ସେ ହୋଇଛି ଉଲ୍ଲଙ୍ଗିନୀ ଭୀମ-ଗର୍ଜନ କରି ଊର୍ମିଅାଟ ସହ କ୍ଷିପ୍ରଗତିରେ ଆଗେଇଚାଲିଛି ଶିଳା-ନିର୍ଝର— ସତେ ଚୁପଚୁପ ତାର ପାହାଡ଼-ମା'କୋଳରୁ ଡେଇଁପଡ଼ିଛି ପୃଥିବୀର ଅସରନ୍ତି ଅନ୍ୟାୟ, ଅନୀତି ସହିତ ଯୁଦ୍ଧ କରି ଆଗେଇବ ତାର ଲକ୍ଷ୍ୟସ୍ଥଳକୁ ।

ସାଇକେଲ୍ ସେଇଠାରେ ଅଟକିଗଲା । ସେ ଆଉ ଆଗକୁ ଯାଇପାରିଲେ ନାହିଁ । ସାଇକେଲ୍‌ଟିକୁ ଗଛମୂଳରେ ଥୋଇ ଦେଇ ନିଜର ବ୍ୟଥିତ ଅବଶ ଅଙ୍ଗକୁ ନେଇ ଥୋଇଲେ ଏକ ଶିଳାଖଣ୍ଡ ଉପରେ । ସେଠାରେ ବସି ସେ ଟାଳିବାକୁ ଲାଗିଲେ ଭୁହାକୁ ଭୁହା ଆଗ୍ନେୟ ଉଚ୍ଛ୍ୱାସ । କୋହକମ୍ପିତ ବକ୍ଷ ତାଙ୍କର ଥରିଉଠିଲା ଥରକୁ ଥର । ସେ ତାଙ୍କର ଗାଁର ଶୈଳ ସୀମାଆଡ଼କୁ ଚାହିଁରହିଲେ ବଡ଼ ସତୃଷ୍ଣ ନୟନରେ । ଅଜର ବହୁତ ବାଟ, ଅନେକ ଦୂର ।

ମୟୂବାବୁ ଚାହିଁଲେ.........

ବଡ଼ କରୁଣ ନୟନରେ ଚାହିଁଲେ—ଅଗ୍ରୁର ଏକ ଉଭୁରା କମ୍ପନ ଭିତରେ ଚାହିଁଲେ; ସତେ ଯେପରି ତାଙ୍କର ଗାଁ ପାଖରେ ପୃଥିବୀର ପାଚେରୀ ସହିତ ଆକାଶର ମଥାନ ମିଶିଯାଇଛି ଏକ ହୋଇ । କି ଅବାଧ ମିଳନ । ଅସରନ୍ତି କୂଟ

Digitized by srujanika@gmail.com

ପ୍ରଶ୍ନର କି ସରଳ ସୁନ୍ଦର ସମାଧାନ । ସେଇଠାରେ ତାଙ୍କର ଆଶା-ଚକ୍ରବାଳର ମଣିମଣ୍ଡପ ।

ସେ ଯାଉଛନ୍ତି·..........

ଏଇ ମାନସୀ ତଟିନୀର ଆବେଗ ଓ ଉଦ୍‌ବେଗ ମଧ୍ୟରେ ଯାଉଛନ୍ତି । ପ୍ରାଣପ୍ରିୟାର ପ୍ରେମବେଶରେ ଉଠିବେ ମଧୁ-ପୂର୍ଣ୍ଣିମା । ସେ ହେବେ ବିଗବିଜୟୀ ଅନନ୍ତ ଆକାଶ । ମିନାକ୍ଷୀ ହେବ ପ୍ରଣୟପୂର୍ଣ୍ଣା ପୃଥିବୀ । ଅମରନ୍ତ ତୃପ୍ତି ମଧ୍ୟରେ ମିଳନର ଚକ୍ରବାଳରେ ଦୁହେଁଯାକ ମିଶିଯିବେ, ଯେପରି ସବୁଜ ବନାନୀ-ଧରଣୀ ସହିତ ମିଶିଯାଏ ନୀଳ ଆକାଶ ।

ଆବର୍ତ୍ତିନୀ ତଟିନୀ ମୃଣ୍ମୟବାବୁଙ୍କର ସମସ୍ତ ସୁଖ-କଳ୍ପନାକୁ ଅଟ୍ଟହାସ କରି ବିରହବ୍ୟଥିତ ପଥିକକୁ ଅଟକାଇ ଦେଇଛି ତା'ର କୂଳରେ । ମିନାକ୍ଷୀର କେତେ ଅଧୁମାର ଆଶାକଳିକା ମନ-ବନରେ ପ୍ରସ୍ଫୁଟିତ ନ ହେଉଣୁ, ମେଘମାଳର ମଳିନ ମୃତ୍ତିକା ଉପରେ ଝଡ଼ିପଡ଼ିଥିବ । ଭଗ୍ନସ୍ୱପ୍ନ ସୃଷ୍ଟି ହୋଇଥିବ ତା' ବୁକୁରେ ନୈରାଶ୍ୟର ଝଡ଼ । ସେ ଯେ ଏଇ ଫୁଲସୁନ୍ଦରୀ ତଟିନୀପରି ଆଜ ନ ହୋଇଥିବ—କିଏ କହିବ ?

ଘଣ୍ଟାପରେ ଘଣ୍ଟା ବିତିଗଲା । ଆଖିପିଛୁଳାକେ ବନ୍ୟାଜଳ ଖେଳିଗଲା ତାଙ୍କର ଖୁବ ପାଖରେ । ଆଉଣି ଭୀମ ଗର୍ଜ୍ଜନ କରି ଫୁଲସୁର ସୁଅ ଛୁଟିଆସିଛି ତା'ର ଅନନ୍ତ କ୍ଷୁଧାର ଅବସାନପାଇଁ ।

ହଠାତ୍ ଜଳବନ୍ୟାର ମାଡ଼ରେ ମୃଣ୍ମୟବାବୁ ଯାଇ ବାଡ଼େଇ ହୋଇ ଯାଇଛନ୍ତି ଗଛ ଦେହରେ । ହାତରୁ କଳ୍ପ ବ୍ୟାଗଟି ଖସିଗଲା । ସେ ପ୍ରାଣବିକଳରେ ଗଛର ଗୋଟିଏ ଡାଳ ଧରି ଆସ୍ତେ ଆସ୍ତେ ଉଠିଲେ ଉପରକୁ । ଗହଳ ଡାଳର ବେଢ଼ା ଉପରେ ନିଜକୁ ଆଶ୍ରୟ ଦେଇ ଟିକିଏ ଆଶ୍ୱସିତ ହେଲେ । କରୁଣ ନୟନରେ ଚାହିଁଲେ ତଳକୁ । ତାଙ୍କର ସଂକେଳଟି ଭାସିଯାଉଛି ସୁଅ ତୋଡ଼ରେ । ଆଖି-କୋଣରେ ଜମିଆସିଲା ଅସ୍ମରନ୍ତ ଲୋତକ । ତଳେ, ଗଛଟିକୁ ଦୃପ୍ତ ପଦାଘାତ କରି ଛୁଟିଛି ପାହାଡ଼ପରି ଜୁଆର । ମୃଣ୍ମୟବାବୁଙ୍କର ହୃଦୟରେ ତା'ଠାରୁ ବଳି ଶୋକଚ୍ଛ୍ୱାସର ଲହଡ଼ା—ଆଖିରେ ଉଛୁଳା ଅଶ୍ରୁର ବନ୍ୟା ।

ସେ ଭାବିଲେ·.......

Digitized by srujanika@gmail.com

ଆଜି ସବୁ ତାଙ୍କୁ ଏଇ ପ୍ରଳୟର ଶିକାର ହେବାକୁ ପଡ଼ିବ । ତା' ହେଲେ ମିନାକ୍ଷୀର ସଜଫୁଟା ରୂପ, ସୀମନ୍ତର ହିନ୍ଦୁରଶିଖା,·····ସେ ଆଉ ଭାବି-ପାରିଲେନି । ଚକ୍ଷୁ ତାଙ୍କର ଭୟ ଓ ଆଶଙ୍କା ମଧ୍ୟରେ ବୁଜି ହୋଇଗଲା । ଇସ୍, କି ଅଶୁଭ କଥା ! ନା···ନା, ସେ ଆଉ ସେସବୁ ପାପକଥା ଭାବିବେନି । ତାଙ୍କର ପ୍ରାଣପ୍ରିୟା ମିନାକ୍ଷୀକୁ ଲକ୍ଷ୍ମୀହିନା ରୂପରେ ସେ ଦେଖିବାକୁ ଚାହାନ୍ତିନି ।

ଦେଖିଲେ ଭୁହାକୁ ଭୁହା ଲହଡ଼ି ମାଡ଼ିଆସୁଛି ପ୍ରଳୟ ନୃତ୍ୟ ରଚନା କରି । ପାହାଡ଼ ଅଞ୍ଚଳରେ ବନ୍ୟା, ତାଙ୍କ ଜୀବନର ଏହା ପ୍ରଥମ ଅନୁଭୂତି । ଧୋଇଆ ଅଞ୍ଚଳରେ ଲୋକଙ୍କ ଅବସ୍ଥା ବର୍ତ୍ତମାନ କଣ ହେଉଥିବ । ସେ ଭାବିପକାଇଲେନି । ଓଡ଼ିଶା ଆଉ କେତେ ଦିନ ଏପରି ବର୍ଷି-ମରୁଡ଼ିର ଦେଶ ହୋଇ ପଡ଼ିରହିଥିବ । ରୋଗ, ଶୋକ, ଦାରିଦ୍ର୍ୟର ଚଗଭୂଇଁ ଏ ଓଡ଼ିଶା ।

ଆଜିର ଏଇ ବନ୍ୟାପରି ଦେଶରେ ପଞ୍ଚବାର୍ଷିକ ଯୋଜନାର ସୁଅ ଛୁଟିଛି । ସାଧାରଣଙ୍କ ଜୀବନର କୂଳଭୂଇଁରେ ପଟୁ ପଡ଼ିବା ନାଆଁରେ ପଡ଼ୁଛି ନୈରାଶ୍ୟର ବାଲି । ପଟୁମାଇ ପଡ଼ୁଛି ଆଉ କାହାରି ଦରିଆ-ଗର୍ଭରେ । ସାଧାରଣର ଜୀବନ ହୋଇଛି ହା-ହୁତାଶିଆ ମରୁପ୍ରାନ୍ତର ।

ଯୋଜନାର ଉଦ୍ଭଟ ଲହଡ଼ି ଦେଶ ଚାହେଁନା; ସେ ଚାହେଁ ଯୋଜନାର ପ୍ରଶାନ୍ତ ପ୍ରବାହ । ସମୁଦ୍ରର ପ୍ରଳୟ ଲହଡ଼ି ସହିତ ସଂଘର୍ଷ ନ କରି ମାଟିର ଉସ ମାଟିରେ ମିଶୁ । ତା'ରି ସ୍ପର୍ଶରେ ଚରଣାମଳ ହେଉ ରୁକ୍ଷ ଟାଙ୍ଗର, କଙ୍କରିଳ, ଶିଳାଭୂମି । ଜନତାର ଅଫୁଟା ଜୀବନ ଫୁଟିଉଠୁ ଆଶା ଉତ୍ସାହର ସବୁଜିମା ମଧ୍ୟରେ । ଯୋଜନାର ରୂପକାରମାନେ ଦେଖନ୍ତୁ, ଆଜିର ବନ୍ୟାପରି ଯଦି ଯୋଜନାର ଉଗ୍ର ଅଭିନୟ ଚାଲେ, ତେବେ ତାହା ଜନତାର ଭିତଥାଳକୁ ପୋପାଡ଼ିବ ବାଲି, ଆଉ ସବଗିଳା ସଇତାନ ଟାଉଟରମାନଙ୍କ ଜୀବନ-କ୍ଷେତରେ ଅଜାଡ଼ିବ ଅସରନ୍ତି ପଟୁ ।

ମୁଣ୍ଡରେ ଛୁଟିଲା ତାଙ୍କର ଯନ୍ତ୍ରଣି । କଳ୍ପନା ମଧ୍ୟରୁ ନିଜକୁ ଫେରାଇଆଣି ଚାହିଁଲେ ନିଜର ଅବସ୍ଥା ଆଡ଼କୁ । ଇସ୍, କି ଅସହାୟ ସେ ! କି ଅଶୁଭ ମୁହୂର୍ତ୍ତରେ ଆରମ୍ଭ ହୋଇଥିଲା ତାଙ୍କର ଯାତ୍ରା ! ନିଜର ଅବସ୍ଥା ତାଙ୍କୁ ଉପହାସ କରୁଛି । ଯୋଜନାର ସଫଳତା କିମ୍ବା ବିଫଳତା ବିଷୟରେ ତାଙ୍କର ଭାବିବାର ଅଧିକାର ନାହିଁ । ବର୍ତ୍ତମାନ ସୃଷ୍ଟି ପାଖରେ ନିଜକୁ ମଣିଷ ବୋଲି ପରିଚୟ ଦେବାକୁ ସେ ଅକ୍ଷମ ।

Digitized by srujanika@gmail.com

ମୃଣ୍ମୟବାବୁ ସନ୍ତୃଷ୍ଟ ନୟନରେ ଗୃହିଁରହିଲେ ସେଇ ବିପୁଳ ଜଳରାଶି ଆଡ଼କୁ । କେତେ କାଠ, ବାଉଁଶ, ଗଛଡ଼ାଳ, ଗାଈଗୋରୁ, ଛେଳି ତା' ମଧ୍ୟରେ ଭାସିଆସୁଛନ୍ତି । ଯେଉଁ ବୃକ୍ଷ ଦୟାକରି ତାଙ୍କୁ ଆଶ୍ରୟ ଦେଇଛି, ସେ ଯଦି ସୋତ ସହିତ ସଂଘର୍ଷ କରି ପରାଜିତ ହୁଏ, ତା'ହେଲେ ତାଙ୍କର ଅବସ୍ଥା କ'ଣ ହେବ !

ହଠାତ୍ ତାଙ୍କର ଆଶ୍ଚର୍ଯ୍ୟକୁ ଦ୍ୱିଗୁଣିତ କରି, ସେ ଦେଖିଲେ ଗୋଟିଏ ମଣିଷ ଏକ କାଠଖଣ୍ଡକୁ ଆଶ୍ରାକରି ଭାସି ଭାସି ଆସୁଛି । ଚମକି ପଡ଼ିଲେ ସେ । ଉପରେ ଟାଙ୍କୁରି ଉଠିଲା ଲୋମ । ଲୋକଟିର ଆର୍ତ୍ତବିଳାପ, କରୁଣ ଚିତ୍କାର ଗଗନପବନକୁ ମଥିତ କରିବାକୁ ଯାଇ ପ୍ରତିହତ ହେଉଛି ସ୍ରୋତର ଗୁରୁଗର୍ଜନ ମଧ୍ୟରେ ।

ସତରେ, ଏଇ ଗଛଟି ପରାଜିତ ସୈନିକପରି ଆଜିର ଏଇ ରଣଭୂମିରେ ଢଳିପଡ଼ିଲେ ତାଙ୍କର ଅବସ୍ଥା ଠିକ୍ ଏଇପରି ହେବ ।

ସେ ଭାବିଲେ, ମୃତ୍ୟୁର କରାଳ ସ୍ରୋତ ମଧ୍ୟରେ ଏଇପରି ଅନବରତ ଅସରନ୍ତି ଜୀବନ କୂଳହରା ହୋଇ ସ୍ରୋତର ଶିକାର ହୁଅନ୍ତି । ସମସ୍ତଙ୍କୁ ଦିନେ ନା ଦିନେ ଏଇ ସ୍ରୋତକୁ ପାରହେବାକୁ ପଡ଼ିଥାଏ । ଯେ ଧାର୍ମିକ, ସେଇମାନେ କେବଳ ସ୍ରୋତ-ମୁଖରେ ଭାସି ଯାଉ ଯାଉ ଅଟକିଯାଏ କେଉଁ ପଠା ବା ଗଛ ପାଖରେ । ଧର୍ମର ଡଙ୍ଗା ତା ପାଖକୁ ଦଉଡ଼ି ଆସେ ତାକୁ ରକ୍ଷାକରି ଈଶ୍ୱରଙ୍କ ପାଖକୁ ନେଇଯିବାକୁ । ଗୋଟିଏ ଗୋଟିଏ ସୁକର୍ମ ଜଳସ୍ରୋତରେ ଭାସିଲା କାଠଖଣ୍ଡ ପରି । ଯାହାର ସୁକର୍ମ ଯେତେ ଅଧିକ, ସେ ସେତିକି ଆଶ୍ରା ପାଏ । ଏଇପରି ଭାବୁ ଭାବୁ ଲୋକଟି ଗଛପାଖ ଦେଇ ଭାସିଗଲା ବହୁତ ଦୂରକୁ । ଚେଷ୍ଟା କରିଥିଲା ଗଛକୁ ଧରି ନିଜକୁ ରକ୍ଷା କରିବ ବୋଲି; କିନ୍ତୁ ସେ ପରାସ୍ତ ହେଲା ନିର୍ଦ୍ଦୟର ପ୍ରତିଘାତ ମଧ୍ୟରେ ।

ମୃଣ୍ମୟ ଆସନ୍ନ ବିପଦର ଆଶଙ୍କାରେ ଅସ୍ଥିର ହୋଇଉଠିଲେ । ସେ ବର୍ତ୍ତମାନ ନିର୍ବାକ୍ ନିସ୍ପନ୍ଦ ଜଡ଼ ମୂର୍ତ୍ତି । ଆଜିର ଏଇ ମର୍ତ୍ତ୍ୟପୁରରେ ଭଗବାନଙ୍କର ବୋଧ ହୁଏ ଦରବାର ବସିଛି । ତାଙ୍କ ଭାଗ୍ୟର ବିଚାର ହେବ ଏଇଠାରେ ।

ମର୍ତ୍ତ୍ୟର ଦରବାରରେ ମର୍ତ୍ତ୍ୟ-ମଣିଷର ବିଚାର ହୁଏ । ତାକୁ ସ୍ୱର୍ଗକୁ ଯିବାକୁ ପଡ଼େନା । ଏଇଠାରେ ସେ ପାଏ ତା'ର ସୁକର୍ମ ବା ଅପକର୍ମ ପାଇଁ ଦଣ୍ଡ ବା ପୁରସ୍କାର ।

ହତଭାଗ୍ୟ ମିନାକ୍ଷୀ ! ! !

Digitized by srujanika@gmail.com

ତାଙ୍କୁ ବୋଧ ହୁଏ ସେ ଆଉ ଦେଖିପାରିବେନି ଏ ଜୀବନରେ । ଶେଷ ବିଗ୍ରହ ହେବା ପୂର୍ବରୁ ତାଙ୍କୁ ଥରେ ଦେଖିଥିଲେ ସେ ପ୍ରାଣଭରି ତାଙ୍କୁ କ୍ଷମା ମାଗିଥାନ୍ତେ । ଅବହେଳାପାଇଁ କ୍ଷମା ମାଗିଥାନ୍ତେ ତାଙ୍କୁ । ଜୀବନର ଅଭିନୟ ଆରମ୍ଭ କରିବାପୂର୍ବରୁ ତାଙ୍କୁ ଶେଷ କରିବାକୁ ପଡ଼ୁଛି । ଧନ୍ୟ ଭଗବାନଙ୍କର ସୃଷ୍ଟି, ଧନ୍ୟ ତାଙ୍କର ବିଗ୍ରହ ।

ବର୍ଷାର ବେଗ କମିଆସିଛି; କିନ୍ତୁ ଜଳରାଶିର ସ୍ଫୀତି କମିନାହିଁ । ତାଙ୍କୁ ସେଇ ଅବସ୍ଥାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିବ । ଗଛ ଯେପରି ତାର ବୃନ୍ତରୁ ଅତି ଆପଣାର ପତ୍ରଟିକୁ ଶୁଖିବାପରେ ଅଦରକାରୀ ମନେ କରି ଧୂଳିମାଟିକୁ ଠେଲିଦିଏ—ସେହିପରି କେଉଁ ମୁହୂର୍ତ୍ତରେ ସେ ସେ ଗଛଦ୍ୱାରା ପ୍ରତ୍ୟାଖ୍ୟାତ ନହେବେ କିଏକହିବ ? ଗଛ ପାଖରେ ପତ୍ରଠାରୁ ସେ ଅଧିକ ଆପଣାରହୋଇପାରିବେ ନାହିଁ । ମିନାକ୍ଷୀର ଅବସ୍ଥା କ'ଣ ହେବ ।

ତାଙ୍କର ମନେ ପଡ଼ିଲା ଏଡିକବେଳେ ଗୋଟିଏ କଥା, ସତେ ଯେପରି ତାଙ୍କୁ ଆଶ୍ୱାସନା ଦେବାପାଇଁ କିମ୍ବା ବିଦ୍ରୂପ କରିବାପାଇଁ ତାଙ୍କ କାନେ କାନେ କେହି କହୁଛି—ସ୍ତ୍ରୀପାଇଁ କାନ୍ଦିବାର ଲୋକ ସଂସାରରେ କମ୍ ନାହାନ୍ତି; କିନ୍ତୁ ଈଶ୍ୱରଙ୍କ ଆଗରେ ପ୍ରାଣର ସମସ୍ତ ଦୈନ୍ୟ ଓ ଗ୍ଳାନି, ଦୁଃଖ ଓ ବିପଦକୁ ଉଜାଡ଼ି ଦେଇ ପ୍ରାଣଭରି କାନ୍ଦିବାର ଲୋକ ଅତି କମ୍ । ସେ କ୍ଷଣକପାଇଁ ଭୁଲିଗଲେ ଘରର ମୋହ, ଆଖି ଆଗରେ ନାଚିଲା ଶୁଦ୍ଧ, ଶୁଭ୍ରମୟ, ଶୁଦ୍ଧଙ୍କର ସଚ୍ଚିଦାନନ୍ଦଙ୍କର କଳ୍ପିତ ରୂପ ।

ମଣିଷ ଏଇପରି କାଣିଚୁଏ ଲେଖାଏଁ ଭକ୍ତିର ଅଭ୍ୟାସ କରି ଶିଖିଲେ ତାହା ବଢ଼ି ବଢ଼ି ହୋଇ ଶେଷରେ ଭକ୍ତିର ଏକ ସିନ୍ଧୁ ସୃଷ୍ଟି କରିପାରିବ ।

ଏତେବେଳକେ ମୃଣ୍ମୟବାବୁଙ୍କୁ ଟିକିଏ ଶାନ୍ତି ମିଳିଲା । ସେ ଶୁଣିହିଁରହିଲେ ମଙ୍ଗଳମୟ ଦେବତାଙ୍କ ଶୁଭ ସଙ୍କେତକୁ ।

Digitized by srujanika@gmail.com

ତୁହାକୁ ଭୂତା ମେଘ ଅସରା ।

କାଲୁଆ ପବନ ସୁ ସୁ ଛୁଟିଛି । ଗଛର କଅଁଳ ଡାଳଗୁଡ଼ାକ ପବନ ମାଡ଼ରେ ବିପରୀତ ଦିଗକୁ ମୁହାଁଇଛନ୍ତି । ମାୟା ମମତାର ବନ୍ଧନ ଭିତରେ ଗଛ ସେମାନଙ୍କୁ ଜୋର୍ ଧରିବ ନିବିଡ଼ ଭାବରେ । ପବନ କିନ୍ତୁ ଝାଙ୍କି ଝୁଙ୍କି ଡାଳପତ୍ର ଗୁଡ଼ିକୁ ଛିଣ୍ଡେଇ ଦେବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି । ମୟୂ ଗୋଟାଏ ମୋଟା ଡାଳରେ ବସିଥାନ୍ତି ଆଉ ଗୋଟାଏ ଡାଳର ଆବରଣ ତାଙ୍କୁ ପବନର ଆକ୍ରମଣରୁ ରକ୍ଷା କରୁଥାଏ ।

ପାଣି ସୁଅ ଫୁଲି ଫୁଲି ଉଠିଲା । ଅଳ୍ପସମୟ ପରେ ତାହା ଆସି ଛୁଇଁଲା ମୟୂବାବୁଙ୍କର ଡାଳକୁ । ସବୁ ଏକାକାର ଦେଖାଗଲା । ଗଛଟି ପ୍ରବଳ ସ୍ରୋତ ସହିତ ଲଢ଼େଇ କରି ସେପରି ଛିଡ଼ା ହୋଇଥାଏ ।

ସେଇବାଟ ଦେଇ ଭାସିଗଲା ଗୋଟାଏ କାଠର ପୋଲ୍ ଗଣ୍ଡି । ତା'ଭିତରେ ରହି ଯାଇଛି ହରିଣ ଛୁଆଟିଏ । ମାତୃହରା । ଭୀତତ୍ରସ୍ତ ହୋଇ ସେ ଏଣେତେଣେ ଚାହୁଁଛି । ସତେ ଯେପରି କାଠ ପାଲଟି ଗଲାଣି । ଇଚ୍ଛା ହେଲା, ସେ ତାକୁ ଟେକି ଆଣିବେ ତାଙ୍କର କୋଳକୁ । ମୟୂ ହାତବଢ଼ାଇଲେ । ଛୁଆଟିକୁ ଉପହାର ଦେବେ ମିନାକ୍ଷୀ ହାତରେ । ବନ୍ୟାର ଉପହାରରେ ତା ମନରେ ସୃଷ୍ଟି କରିବେ ଆନନ୍ଦର ଆଉ ଏକ ବନ୍ୟା ।

ହରିଣ ଛୁଆଟି ହାତରେ ବାଜିଖସିଗଲା କିନ୍ତୁ ଆଖି ପିଛୁଳାକେ ସର୍ କରି ଚଢ଼ିଆସିଲା ସାପଟାଏ । ମୟୂ ବାବୁଙ୍କର ଲମ୍ବିଲା ହାତଟାକୁ ଆଶ୍ରା କରି ଚଢ଼ି ଆସିଲା ଉପରକୁ । ସେ ଚିତ୍କାର କରି ହାତ ଛାଟିଦେଲେ, ସାପଟା ଖସି ପଡ଼ିଲା ପାଣି ସୁଅରେ, କିଛିବାଟ ଭାସି ଭାସି ଯିବାପରେ ଆଉ ଗୋଟିଏ ଗଛର ଡାଳରେ ଲାଖିଗଲା । ବର୍ତ୍ତିବ ବଞ୍ଚିଗଲା ।

ମୃତ୍ୟୁଙ୍କ ସାଥି ଶରୀର ଉପରେ ଥରୁଥାଏ । ବିପଦବେଳେ ଆତ୍ମରକ୍ଷା ହିଁ ଏକମାତ୍ର କାମ୍ୟ । ଭବ ପ୍ରବଣତା ମନୁଷ୍ୟକୁ ଯେ ପ୍ରଳୟର ନିକଟବର୍ତ୍ତୀ କରାଇଥାଏ ମଣିଷ ତା'ବୁଝି ପାରେନା । ସେ ସତର୍କ ହେବେ, ସଜାଗହେବେ । ମୃତ୍ୟୁ ସହିତ ସଂଘର୍ଷ କରି ନିଜକୁ ରକ୍ଷା କରିବା ବ୍ୟତୀତ ଆଉକିଛି ଚିନ୍ତାଯୋଗ୍ୟ କଥାନାହିଁ । ଶାଶୁ ଶ୍ୱଶୁରଙ୍କର ଅନୁରୋଧ ଏଡ଼ିଦେବା ଉଚିତ ହୋଇନି । ଯାତ୍ରାସମୟରେ ଯାତ୍ରା-ନକରିବା ପାଇଁ ଯେଉଁ ବାରଣ କରାଯାଏ । ତାହା ମାନିଯିବା ଉଚିତ । ଶ୍ରେଷ୍ଠ ଶିଶୁଠାରୁ ଆରମ୍ଭ କରି ବଡ଼ ମଣିଷପର୍ଯ୍ୟନ୍ତ କାହାରି କଥାକୁ ହେୟ ଜ୍ଞାନ କରିବା ଭଲନୁହେଁ । ସେ ଭୁଲ୍ କରିଛନ୍ତି । ନିଶ୍ଚୟ ଭୁଲ୍ କରିଛନ୍ତି ।

Digitized by srujanika@gmail.com

କିଛିସମୟ ପରେ ହଠାତ୍ ଗଛର ଗୋଟିଏ ଡାଳ, ସେ'ତର ପ୍ରବଳବେଗ ଓ ପବନ ମାଡ଼ରେ ଭାଙ୍ଗି ପଡ଼ିଲା । ଚହୁଁ ଚହୁଁ ଆଖି ପିଛୁଳାକେ ଭାସିଗଲା ଦୂରକୁ । ମସ୍ତ ଜଣେ ବସିଥିବା ଡାଳର ଏପାଖ ସେପାଖ ଛିନ୍ନ ଛିନ୍ନ କରିପରୀକ୍ଷା କରିନେଲେ । କୌଣସିଠାରେ ଭାଙ୍ଗି ନାହିଁତ । କିଏ କହିବ, କେତେବେଳେ ଏ ଡାଳଟା ବି ବିଶ୍ୱାସଘାତକତା କରି ତାଙ୍କୁ ପ୍ରଳୟ ମୁହଁକୁ ଠେଲି ନଦେବ । ସେ ନିର୍ନିମେଷ ନୟନରେ କରୁଣ ଭାବରେ ଚାହିଁଥାନ୍ତି ପ୍ରକୃତିର ତାଣ୍ଡବଲୀଳାକୁ ।

ଖେଳାଏ ଆଖୁଗଛ ଭାସି ଆସି ସେଇଗଛ ଡାଳରେ ଅଟକି ଗଲା । ମୃଣ୍ମୟବାବୁ ହଠାତ୍ ହାତ ଲମ୍ବାଇ ପାରିଲେ ନାହିଁ ଭୟରେ । ସୌଭାଗ୍ୟ ଭିତରେ ଯେ ଦୁର୍ଭାଗ୍ୟ ଲୁଚିନଥିବ କିଏ କହିବ । ଆଖୁଗଛ ଗୁଡ଼ିକ ଗଛ ଡାଳରେ ଏପରି-ଭାବରେ ଛନ୍ଦାଛନ୍ଦି ହୋଇଥାଏ ଯେ ହଠାତ୍ ଖସି ଯିବା ପରି ଜଣା ପଡ଼ୁନଥାଏ । ତାହା ଦେହରେ ଗୁଡ଼େଇ ହୋଇ ରହିଥିବା ଲଟା ଲଇକୁ ସେ ଗଛ ଡାଳରେ ଶକ୍ତ ଭାବରେ ବାନ୍ଧି ଦେଲେ । ଯଦି ଗଛ ନ ଉପୁଡ଼ିବ କିମ୍ବା ଏ ଡାଳଟି ଭାଙ୍ଗି-ନଯିବ ତା ହେଲେ ବନ୍ୟା କମିବା ପର୍ଯ୍ୟନ୍ତ ତାଙ୍କୁ ଖାଦ୍ୟ ଭଣ୍ଡାର ମିଳିଗଲା । କିନ୍ତୁ ଭୟ ବି ରହିଲା, ଭାସି ଆସୁଥିବା ସାପ, ବିଛା, ଅନ୍ୟ ହିଂସ୍ରପ୍ରାଣୀ ଏଇ ଆଖୁଭେଳା ଦେଇ ଗଛ ଉପରକୁ ହୁଏତ ଆସି ପାରନ୍ତି । ନା, ସେ ତାକୁ ସତର୍କତାର ସହିତ ଲକ୍ଷ୍ୟକରିବେ ଆଖୁ ଗଛ ଗୁଡ଼ିକୁ ସାବଧାନତାର ସହିତ ଭାଙ୍ଗି, ଛୋଟ ଛୋଟ କରି ସାଇତି ଦେବେ । ବାଃ ବିଚିତ୍ର ପରିସ୍ଥିତି । ଈଶ୍ୱରଙ୍କ ରାଜ୍ୟରେ ଏଇଟା ହେଉଛି ବିଶେଷତ୍ୱ । ବିପଦ ଦିଅନ୍ତି, ବିପଦକୁ ସହ୍ୟକରିବାର ଶକ୍ତି ବି ଦିଅନ୍ତି, ଅତିକ୍ରମ କରିବାକୁ ସାମର୍ଥ୍ୟ ଦିଅନ୍ତି, ସାହାଯ୍ୟକାରୀ ବନ୍ଧୁ ବି ଦିଅନ୍ତି । ଏକ ସହିତ ବିପତ୍ତି ଏବଂ ବିଭୂତି କେବଳ ଈଶ୍ୱରଙ୍କ ରାଜ୍ୟରେ ହିଁ ସମ୍ଭବ ।

ମୃଣ୍ମୟଙ୍କର ମନେ ପଡ଼ିଲା, ବ୍ୟାଗ ଭିତରେ ଛୋଟ ଛୁରିଟିଏ ଅଛି । ବାଟରେ ଫଳ କାଟିବା ପାଇଁ ସେ ରଖିଛନ୍ତି । ସେ ବ୍ୟାଗଟା ଖୋଲିଲେ । ଭାନୁ ଆଉ ମିନାକ୍ଷୀ ପାଇଁ ଦୁଇଟି ଶାଢ଼ୀ ଦୁଇଟି ଜରିବ୍ୟାଗରେ ଥିଲା । ଗୋଟିଏ ଜାଗାରେ ସେ ଦୁଇଟା ଯାକ ରଖିଦେଇ, ଜରିମୁଣିଟାଏ ମୁଣ୍ଡରେ ବାନ୍ଧି ଦେଲେ । ମୁଣ୍ଡଟା ବର୍ଷା ମାଡ଼ରୁ କିଛିସମୟ ପାଇଁ ରକ୍ଷା ପାଇଗଲା । ଛୁରି ଟାକୁ ଖୋଜୁ ଖୋଜୁ ହାତରୁ ବ୍ୟାଗଟା ଖସିଗଲା, ରହିଗଲା କେବଳ ଗୋଟିଏ ଛୋଟ ପୁଟୁଳି । ତା ଭିତରେ କିଛିମିଠା, ଫଳ, ଆଉ ଛୋଟ ଟର୍ଚ୍ଚଟିଏ ।

ଉଦାସ ନୟନରେ ମୁହଁ ଫେରାଇନେଲେ ମୃଣ୍ମୟ । ଏ ପୁଟୁଳିଟା ରହିବା ଆଉ ଲାଭ କ'ଣ ।

Digitized by srujanika@gmail.com

କିଛି ସମୟ ପରେ ଗଛର ଆଉ ଗୋଟିଏ ଡାଳ ଛିଣ୍ଡି ପଡ଼ିଲା । ସତେ ଯେପରି ଶ୍ମଶାନର ଚିତାଗ୍ନି ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ିକୁ ଦଗ୍ଧକରି ମୃତ-ଶରୀରଟାକୁ ଗ୍ରାସ କରିବାକୁ ତାର ଲେଲିହାନ ଶିଖା କ୍ଷୁଧାର୍ତ୍ତ ହୋଇ ଉଠିଛି । ମନୁବାବୁଙ୍କ ମନରେ ଭୟର ବଣ୍ୟିକ । ସେ ଗଛର ଆଉ ଗୋଟିଏ ନିରାପଦଡ଼ାଳକୁ ମୁହଁ ଫେରାଇଲେ । ଅପେକ୍ଷାକୃତ ଶକ୍ତ ଡାଳ । କେତେକ ଭଗବାନଙ୍କର ଆଶୀର୍ବାଦ ।

ଶୀତ ଜାଡ଼ର, କାଲୁଆ ପବନ, ବର୍ଷା ମାଡ଼ରେ ସେତେବେଳକୁ ମନୁ ବାବୁଙ୍କ ସାରାଶରୀର ଥରୁଛି । ଦେହର ଉତ୍ତାପ କମି କମି ଆସିଲାପରି ସେ ଅନୁଭବ କରୁଛନ୍ତି । ଖୋଳରେ ପେଟ ଜଳୁଛି । ସେ ପୁଟଳିଟି ଖୋଲିଲେ । ଗଛର ଶାଖାରେ ତାକୁ ସୁବିଧାରେ ରଖି ପାଟିରେ ଗୋଟେଅଧେ ମିଠା ପକାଇବା ସମୟରେ ଝଲକାଏ ପବନ ଆସି ତାକୁ ଗଡ଼ାଇ ଦେଲା ତଳକୁ । କରୁଣ ଭାବରେ ଚାହିଁ-ରହିଲେ ମନୁ ।

ଆଖି ଗଛଗୁଡ଼ିକ ଗ୍ଳେଟ ଗ୍ଳେଟ କରି ବାର୍କି ଗଛ ଡ଼ାଳରେ ସାଇତି ଦେଲେ । ବନ୍ୟା ଯେଉଁ ଖାଦ୍ୟ ଦେଇଛି ସେ ତାକୁ ଏକମାତ୍ର ପାଥେୟ ରୂପେ ଗ୍ରହଣ କରିବାକୁ ପଡ଼ିବ ।

ହାତରେ ଘଡ଼ିକୁ ଚାହିଁଲେ । ଛଅଟା ବାଜିଗଲାଣି । ଏଥି ଭିତରେ ଏତେ ସମୟ ବିତି ଯାଇଛି । ଅଳ୍ପ ସମୟ ପରେ ରାତି ଆସିଯିବ । ଘନ ଅନ୍ଧକାର । ତଳେ ପ୍ରଳୟର ସ୍ରୋତ । ଆକାଶରେ ମେଘର ଅବିଶ୍ରାନ୍ତ ଗୁରୁଗର୍ଜନ । ଆସ୍ତେ ମାଡ଼ି ଆସୁଛି ଅନ୍ଧକାରର ମେଖଳା ।

ଯେଉଁ ପ୍ରଳୟ ଜଳର ଭୀମ ତାଣ୍ଡବ ସୃଷ୍ଟି ହୋଇଛି ତାକୁ ସନ୍ତୁଷ୍ଟ କରିବା ପାଇଁ ମୃଣ୍ମୟ ଋଣ ବେଦର ଏକ ପ୍ରାର୍ଥନା କାତର କଣ୍ଠରେ ଗାନ କଲେ ।

"ହେ ଜଳ !" ତୁମେ ସର୍ବସୁଖରଆଧାର । ସର୍ବଶକ୍ତିର ମୂଳଉତ୍ସ । ତୁମେ ଆମ୍ଭମାନଙ୍କୁ ଆଜିର ଏ ପ୍ରଳୟରେ ସାହାସ ଦିଅ । ଆଜିର ଏ ବିପତ୍ତିକୁ ଅତିକ୍ରମ କରିବାପାଇଁ ସାମର୍ଥ୍ୟ ଦାନ କର । ଆମ୍ଭମାନଙ୍କୁ ଦୂର ଦୃଷ୍ଟି ସମ୍ପନ୍ନ କରାଅ । ହେ ଜଳ ! ତୁମେ ସଂସାରର ସମସ୍ତ ମଙ୍ଗଳ ବିଧାନ ପାଇଁ ଅଭିପ୍ରେତ । ତୁମେ ଶାନ୍ତ ହୁଅ । ମଙ୍ଗଳମୟୀ ମା' ପରି ଏ ସନ୍ତାନ ମାନଙ୍କର ମଙ୍ଗଳ ବିଧାନ କର । ତୁମେ ଆଜିର ଏହି ଘୋର ପ୍ରଳୟରେ ଆମକୁ ନୂତନ ଜୀବନ ଦାନ କର ।

"ଆପୋ ହି ଷ୍ଠା ମୟୋ ଭୁବଃ ।
ତା ନ ଊର୍ଜେ ଦଧାତନ।
ମହେ ରଣାୟ ଚକ୍ଷସେ ।

Digitized by srujanika@gmail.com

ଯୋ ବଃ ଶିବତମୋ ରସଃ
ତସ୍ୟ ଭଜୟତେହ ନଃ
ଉଶତୀରିବ ମାତରଃ ॥

ତସ୍ମା ଅରଂ ଗମାମ ବୋ
ଯସ୍ୟ କ୍ଷୟାୟ ଜନ୍ୱଥା
ଆପୋ ଜନୟଥା ଚ ନଃ ॥"

ସେ ଉଦ୍ଧାର କଣ୍ଠରେ ଗାଇଉଠିଲେ । ବର୍ଷ, ଝଡ଼, ପବନ ବନ୍ୟାର ଘନଘୋର ଗର୍ଜନ ମଧ୍ୟରେ ଏହି ସ୍ୱର ମିଶିଗଲା । ହଠାତ୍ ଦେଖାଗଲା, ଦୂର ଦିଗ୍‌ବଳୟର ଆକାଶ ମଣ୍ଡଳରେ କେତୋଟି ଉଜ୍ଜ୍ୱଳ ଛିନ୍ନ ରେଖା । ଜଳ ଦେବତା ହସିଉଠିଲେ ବୋଧହୁଏ । ବାତ୍ୟା କମିଯିବ, ବନ୍ୟା ଥମିଯିବ, ବର୍ଷା ଏଣିକି ବନ୍ଦ ହୋଇଯିବ ।

ଆଶା……ଆଶା… !! ଆଶା ମଧ୍ୟରେ କେତେ ଆନନ୍ଦ । ଆଶା ହିଁ ଜୀବନ । ଆଶା ହିଁ ଆଲୋକ । ସେ ଆଲୋକ କୃଷ୍ଣ ମେଘ ଖଣ୍ଡର ହୃତପିଣ୍ଡ ବିଦାରଣକରି ବୋଧହୁଏ ଆକାଶ ବକ୍ଷରେ ବିକଶିତ ହେଉଛି । ବିମ୍ବିତ ହୋଇଛି ।

ମୃଣ୍ମୟ ଆନନ୍ଦ ବିସ୍ଫାରିତ ନୟନରେ ସେଇ ଉଜ୍ଜ୍ୱଳ ଦିଗ୍‌ଭାଗ ଆଡ଼କୁ ଚାହିଁ ରହିଲେ ।

ସତରେ, ଆକାଶରୁ ଝରୁଥିବା ବର୍ଷାବିନ୍ଦୁକଣ ଥମି ଥମି ଆସିଲାଣି । ସୂର୍ଯ୍ୟ ଦେବ ମେଘଫାଙ୍କରେ ତାଙ୍କ ଶୁଭ ଆଗମନର ସୂଚନା ବୋଧହୁଏ ଦେଲେଣି । ବନ୍ୟାର ପ୍ରକୋପ ନିଶ୍ଚୟ କମିବ ।

ବର୍ଷିର ଅନ୍ଧକାର ଭିତରେ କ୍ଳାନ୍ତକ୍ଳାନ୍ତ ଶରୀରକୁ ନେଇ ସେ ଗଛଟାରେ ରହିବେ କିପରି ? ଟିକିଏ ସାବଧାନ ନ ହେଲେ କେତେବେଳେ ହୁଏତ ଆଖିପତା ଲାଗିଯିବ । ଅଙ୍ଗପ୍ରତ୍ୟଙ୍ଗ ବେଳ ମାନିବେ ନାହିଁ । ଗଛତଳର ଅମାନିଆ ଢେଉ ଯେ କେତେବେଳେ ତାଙ୍କୁ ଟାଣିନେବ, କିଏ କହିବ ।

ଆସ୍ତେ ଦିନର ଆଲୋକ କମି କମି ଆସିଲା । ପବନର ବେଗ ପ୍ରକୃତରେ କମିଛି । ଦୂର ମୁହଁରେ ଗଛଟି ଅଟଳ ସନ୍ନ୍ୟାସୀପରି ସତେଯେପରି କିଛି ସାଧନା- କରୁଛି । ତାର ସାଧନାର ଶକ୍ତି ଉପରେ ନିର୍ଭର କରୁଛି ମନୁଷ୍ୟର ଜୀବନ ।

Digitized by srujanika@gmail.com

ମୃଣ୍ମୟୀ ଭକ୍ତିଭରେ ପ୍ରଣାମ ଜଣାଇଲେ ସେହି ବୃକ୍ଷରାଜ ପଦପାର୍ଶ୍ୱରେ । ହେ ବୃକ୍ଷରାଜ ! ସାଧନାର ମନ୍ତ୍ର ନେଇ ତମେ ଶକ୍ତି ସମ୍ପନ୍ନ ହୋଇଛ । ତମର ଆତ୍ମାରେ ଭରିଛି ଅପରନ୍ତ ପୂଣ୍ୟର ଆଲୋକ । ବନ୍ୟା ସ୍ରୋତ ତାହା ଲଭାଇ ପାରିବନାହିଁ । ଅତ୍ୟାଚାରୀର ଆତ୍ମବଳନଥାଏ । ତମେ ଆତ୍ମଶକ୍ତିରେ ଶକ୍ତିମାନ୍ । ଏ ଗର୍ଜନ ତମକୁ ଗ୍ରାସ୍ଥାନକରିବ ହିନା ଗ୍ରାସ କରି ପାରିବନାହିଁ ।

ହେ ବୃକ୍ଷରାଜ ! ତୁମ ଆତ୍ମାରେ ମୋର ଆତ୍ମାକୁ ଏକୀଭୂତ କର । ତମରି ସାଧନା ଭିତରେ ମୋର ସାଧନାକୁ ସଂଯୋଗ କର । ତମରି ବିପୁଳ ବୁକୁରେ ମୋତେ ଆଶ୍ରୟଦିଅ ତମରି ବିସ୍ତାର ମୋତେ ବିସ୍ତାରିତ କରୁ । ତମରି ଫଳ ପୁଷ୍ପ ମୋ ଭିତରେ ମହିମା ମଣ୍ଡିତ ହେଉ । ମୋର ମାନବିକ "ମୁଁ"ଇର ମଙ୍ଗଳାୟନ ହେଉ । ମୋଜୀବନ ହେଉ ବହିର୍ମୁଖୀ ବୃକ୍ଷର ପ୍ରତୀକ । ତମେ ମୋତେ ଆଶାଦିଅ, ଆଶ୍ରାଦିଅ, ଆନନ୍ଦଦିଅ···ଉତ୍ସାହ ଦିଅ । ଆଜିର ଏ ଦୁର୍ଯୋଗରୁ ମୋତେ ରକ୍ଷାକର । ସନ୍ତାନପରି କୋଳରେ ଆଶ୍ରୟ ଦିଅ ।

ଦିନର ଆଲୋକ ଲିଭି ଲିଭି ଆସିଲାଣି । ଅନ୍ଧକାର··· ଆଉ ଅନ୍ଧକାର ଜଳ, ସ୍ଥଳ, ଆକାଶ ସବୁ ଏକାକାର । ଅନ୍ଧକାର ମଧ୍ୟରେ ସମସ୍ତେ ଲୀନ ହୋଇ ଯାଇଛନ୍ତି । ଯୋଗକୁ ପୁଟଳିଟିଏ ରହିଯାଇଛି । ମୃଣ୍ମୟୀ ତାକୁ ପରୀକ୍ଷାକରି ନେଲେ । ହଁ···ଦିଗହଜା ଅନ୍ଧକାର ଭିତରେ ଆଶାର ଆଲୋକ ଦେଉଛି । ସେ ଟିକିଏ ଆଶ୍ୱସ୍ତ ହେଲେ ।

ସାରା ରାତିଟା ସେହି ଗଛରେ କଟାଇବାକୁ ହେବ । ଗଛଯଦି ଉପୁଡ଼ି ପଡ଼େ ତା ହେଲେ ତା ସହିତ ମୃତ୍ୟୁ ପଥରେ ଯାତ୍ରା ବାଢ଼ିବାକୁ ହେବ । ଜୀବନ ଆଉ ମୃତ୍ୟୁର ଲୁଚକାଳି ।

ଗଛଟିର ଯେଉଁ ଅଂଶରୁ ଶାଖା ଗୁଡ଼ିକ ବାହାରିଛି ସେଠାରେ ମଣିଷଟିଏ ସ୍ୱଚ୍ଛନ୍ଦରେ ବସି ପାରିବା ଭଳି ଗୋଟିଏ ବେଦୀ ଅଛି । ମମ୍ମ ସେଇ ବୃକ୍ଷ ବେଦୀରେ ବସିଛନ୍ତି । ସେଠାରୁ ଚାରିଦିଗକୁ ସ୍କନ୍ଧେ ଟି ଶାଖା କହୁ ଅଂଶ ଉଚ୍ଚକୁ ଉଠି ବିସ୍ତାରିତ ହୋଇଛି । ପ୍ରତ୍ୟେକ ଶାଖା ମୂଳରୁ ଗ୍ରେଟ ଗ୍ରେଟ ପ୍ରଶାଖା ଆସି ଚାରି-ପାଖରେ ଏପରି ଛନ୍ଦାଛନ୍ଦି ହୋଇଛି ସେ ମନେହେଉଥିବ ଗୋଟିଏ ବାଡ଼ଘେରା ଆଶ୍ରୟ ସ୍ଥଳ ପ୍ରକୃତି ତାଙ୍କ ପାଇଁ ରଚନା କରିଛି ।

ଗୋଟିଏ ଓସାରିଆ ଶାଖା । ଟେକି ପରି ସେ ଲମ୍ବ ହୋଇ ସେଠାରେ ବସିଲେ । ଟାଣଲାଇରେ ଗଛ ଡାଳ ସହିତ ଅଣ୍ଟାକୁ ବାନ୍ଧି ଦେଲେ । ତେଡାଥିବା

Digitized by srujanika@gmail.com

ପର୍ଯ୍ୟନ୍ତ ଅଣ୍ଟା ଫାଶ ହୁଗୁଳୁଥାଏ । ଆଖିରେ ଟିକିଏ ନବର ଅଞ୍ଜନ ମାଖି ଦେଲେ ସେ ସୁବିଧାରେ ଫାଶର ଗଣ୍ଠିକୁ ଦୃଢ଼କରି ଦିଅନ୍ତି । ସାମନାରେ ବଡ଼ ଡାଳଟିଏ । ଦୁଇ ହାତ ପାଖରେ ଦୁଇଟି ଡାଳ । ବେଶ୍ ସୁରକ୍ଷିତ ସ୍ଥାନ । ପଡ଼ ଯିବାର ଆଶଙ୍କା ଖୁବ୍ କମ୍ । ସେ ଆଖୁ ଗଛଟିଏ ଆଣି ଖାଇଲେ । ବେଶ୍ ଖାଦ୍ୟ ଓ ପାନୀୟ ଉଭୟର ଅଭାବ ପୂରଣ ହୋଇଗଲା । ସେ ଟର୍ଚ୍ଚମାରି ଦେଖିଲେ··· ।

ଗଛ ଡାଳର ପିଠିକୁ ଛୁଇଁ ଯେଉଁ ସ୍ରୋତ ବହୁଥିଲା ତାହା ଆସ୍ତେ ଆସ୍ତେ କମିବାରେ ଲାଗିଛି । ମେଘ ଟୋପା ଆଉ ପଡ଼ୁନି । ପବନ ବନ୍ଦ ହୋଇ ଯାଇଛି । ତଳେ ବହୁଥିବା ସ୍ରୋତର ଶବ୍ଦବ୍ୟଞ୍ଜିତ ଆଉକିଛି ଶୁଣାଯାଉନାହିଁ । ପାହାଡ଼ୀ ଝରଣା ବେଶିସମୟ ବନ୍ୟା ରଖିପାରିବ ନାହିଁ । ତେବେ ମନମଧ୍ୟରେ ଅସରନ୍ତି ଆଶଙ୍କା ।

ଗୋଟିକ ପରେ ଗୋଟିଏ ପଟୁଆର ଆରମ୍ଭ କରିଛନ୍ତି । ସମସ୍ତେ ପରି-ଧାନକରିଛନ୍ତି ଭୟଙ୍କର ରୂପର ପୋଷାକ । ଅନ୍ଧକାର ମଧ୍ୟରେ ସେମାନେ ଉଜ୍ଜ୍ୱଳ ହୋଇ ଉଠିଛନ୍ତି । ବିକଟାଳ, କୁତ୍ସିତ, କଦାକାର । ସେମାନଙ୍କର ରୂପାଙ୍କଖି ଆଗରେ ନାଚ ଉଠିଲେ ମଣିଷ ନିଜ ଆଖି ବନ୍ଦ କରି ଦିଅନ୍ତି । ମନର ଭୂତକଣ ଆଖି ବୁଜାକୁ ଖାତିର କରେ ? ମନରେ ଉଠି ମନ ଭିତରେ ତାଣ୍ଡବ ଲୀଳା ରଚନା କରେ । ସେ ମହିରେ ମହିରେ ଅନୁଭବ କରନ୍ତି, ସତେ ଯେପରି କେହି ସାମନାରେ ଛିଡ଼ାହୋଇଯାଇଛି ମୁଖ ବ୍ୟାଦନ କରି, ତାଙ୍କୁ ଗ୍ରାସ କରିବ ବୋଲି ।

ସେ ଟର୍ଚ୍ଚଟିକୁ ଜଳାଇ ଦେଇ ସେଇ ଅଦ୍ଭୁତ କାଳ୍ପନିକ କମ୍ଭୁତ କମାକାରରୂପଟିକୁ ଆଖି ସାମନାରୁ ଦୂରକୁ ହଟାଇ ଦେଲେ । ମନମଧ୍ୟରେ ସାହସ ବାନ୍ଧିଲେ । ଡାଳପଟାଇ ଠାକୁରଙ୍କର ଯେତେ ସ୍ତବ, ସ୍ତୁତି ପ୍ରାର୍ଥନା ମନେ ଥିଲା । ସେ ସବୁ ଗାଇଲେ । ମନ ଭିତରର ଅହେତୁକ ଭୟକୁ ନିରାକରଣ ପାଇଁ ଏ ସଙ୍ଗୀତ ଗାନ କିଛି ମାତ୍ରାରେ ବୋଧହୁଏ ସାହାଯ୍ୟ କରୁଥିଲା ।

ବିପଦ ଭିତରେ ମଧ୍ୟ, ମନ ତାର ଉଦ୍ଭଟ କଳ୍ପନା ବିଳାସକୁ ଛାଡ଼ିପାରେନା । ଅନେକ ଅପ୍ରାସଙ୍ଗିକ ଚିନ୍ତା ଧାରାର କାଳ୍ପନିକ ରୂପ । ଆଶଙ୍କା ଜର୍ଜରିତ ମନକୁ ଆଶ୍ୱାସନା ଦେବାରେ ସାହାଯ୍ୟ କରିଛି ସେହି ଟର୍ଚ୍ଚଟି । ସତେ ଯେପରି ବିପଦ ମୁହୂର୍ତ୍ତର ଜଣେ ଅତି ଅନ୍ତରଙ୍ଗ ସାଥି । ଦଗଦଗା ଅନ୍ଧକାର ଭିତରେ ଏକମାତ୍ର ଆଲୋକ ।

ବାହାରେ ପବନ ନାହିଁ, ଅଥଚ ଗଛର ଡାଳଗୁଡ଼ିକ ହଠାତ୍ ଦୋହଲି ଗଲା । ଗଛଟା ତା ହେଲେ ଉପୁଡ଼ିପଡ଼ିବ ନା କଣ । ସଂଘର୍ଷ ଭିତରେ ପରାସ୍ତ

Digitized by srujanika@gmail.com

ହୋଇଯାଇଛି ବୋଧହୁଏ। ମୃଣ୍ମୟର ଶରୀରରେ ଭୟର କମ୍ପନ । ମୃତ୍ୟୁ ଅନିବାର୍ଯ୍ୟ। ସେ ଅନୁଭବ କଲେ ସତେ ଯେପରି ଗଛଟି ଉପୁଡ଼ି ପଡ଼ୁଛି । ତା'ସହିତ ସେ ଖସି ଯାଉଛନ୍ତି ରସାତଳକୁ । ମୁଣ୍ଡ ଘୂରିଗଲା । ଛାତି ଦପ୍ ଦପ୍ କଲା । ଦେହଟା ଭୁଲାଭଲା ହାଲୁକା ଜଣା ପଡ଼ିଲା । ସାମାନ୍ୟ ପବନରେ ଗଛର ପାଳିତ ପତ୍ର ଖସିପଡ଼ିବା ପରି ସେ ନିଜକୁ ଅନୁଭବ କରୁଥିଲେ । ଜଭ ଶୁଖି ଆସିଲା । ଟର୍ଚ୍ଚଟାକୁ ଚପି ଦେଖିଲେ ସେ କେଉଁ ଅବସ୍ଥାରେ ଅଛନ୍ତି ।

ଏଁ···ଏଇଟା କ'ଣ ?

ଗୋଟାଏ ବିରାଟ ପଥରନା କ'ଣ ?

ବୋଧହୁଏ ପାହାଡ଼ଟା ଫାଟିଯାଇ ଅଧା ଭସି ଆସିଛି ?

ତା'ରି ଆଘାତରେ କଣ ଗଛ ଦୋହଲି ଗଲା ?

ଗଛ ତା ହେଲେ ଉପୁଡ଼ିନି ?

ମନ ଭିତରେ ଟିକିଏ ଆଶା ସଞ୍ଚାର ହେଲା । ଶିରା ପ୍ରଶିରାରେ ଟିକିଏ ଉତ୍ତେଜନାର ଲହର ଖେଳିଗଲା । ନିଜର କ୍ଷିପ୍ର ନିଶ୍ୱାସ ଆସ୍ତେ ତାର ପୂର୍ବ ଅବସ୍ଥାକୁ ଫେରି ଆସିଲା । ସେ ପୁଣିଥରେ ଟର୍ଚ୍ଚ ପକାଇ ଦେଖିଲେ । ପାଣି ପୁଅ ର ହାତୀ ଟାଏ ଭାସି ଆସିଛି । ଗଛ ପାଖରେ ଅଟକି ଯାଇଛି । ଶୁଣ୍ଢରେ ଗଛର ଡାଳଟାଏ ଭିଡ଼ି ପାଟିରେ ପୂରାଇଛି । ଉଦରର ଯନ୍ତ୍ରଣା ଆଉ ମୃତ୍ୟୁ ଯନ୍ତ୍ରଣା ଭିତରେ ସଂଘର୍ଷ ଚାଲିଛି । ମୃଣ୍ମୟ ବ୍ୟସ୍ତ ହୋଇ ଉଠିଲେ । ବଣୁଆ ହାତୀଟା, ବୋଧ କମ୍ପିତ ଅବସ୍ଥାରେ ଅଛି । ଟିକିଏ ମୁକ୍ତ ପାଇଲେ ତାଙ୍କୁ ଟିକ୍ ଟିକ୍ କରି ଚିରି ପକାଇବ। ତେବେ ହାତୀଟା ଶୁଣ୍ଢ ଟେକିଲେବି ତାଙ୍କ ପର୍ଯ୍ୟନ୍ତ ପାଇବ ନାହିଁ । ଏତେବଡ଼ ମୋଟା ଗଛଟାକୁ ପୁଅ ତ ଉପାଡ଼ି ପାରୁନି । ହାତୀ ବୋଧହୁଏ ପାରିବନି ।

ମୃଣ୍ମୟ ଟର୍ଚ୍ଚ ମାରିଲାକ୍ଷଣି ହାତୀଟା ଗୋଟାଏ ବିକଟାଳ ଚିତ୍କାର କଲା । ଆଲୋକର ଭୟରେ ବୋଧହୁଏ ଏହାର ଚିତ୍କାର ସେ ତାକୁ ଆଉ । ଉତ୍ତ୍ୟକ୍ତ କରିବାକୁ ପସନ୍ଦ କଲେନି । ଶାନ୍ତିରେ ସେ ଆଶ୍ରୟ ନେଉ ।

ସେତେବେଳକୁ ରାତି ହୋଇଗଲାଣି । ଅନେକ ରାତି । ଆକାଶରୁ ମେଘ ଧୂମର ଆସ୍ତରଣ ଅପସରି ଯାଇଛି । ତାରାମାନେ ଏଣେ ତେଣେ ଗୋଟି ଗୋଟି ହୋଇ ମିଟି ମିଟି କଲେଣି । ଯାହାପଡ଼ିଆକୁ ଦେଖଣାହାରୀମାନେ ଯେପରି ଜଣ ଜଣ କରି ଆସନ୍ତି । ସମସ୍ତ ଯେଉଁଙ୍କ ଅଜ୍ଞାତ ହୁଏ ସେମାନଙ୍କର ଭିଡ଼ ସେତିକି

Digitized by srujanika@gmail.com

ଅଧିକନ୍ତୁଏ । ତାପରେ ଜମାଣନ୍ତୁଏ ଘମାଘୋଟିଆ । ତାରାମାନେ ସେଇପରି ଆକାଶରଯାକ ପଡ଼ିଆକୁ ଝଲମଲ ଝଲମଲ ଆସୁଛନ୍ତି । କଳାମେଘର ପରଦା ତ ଘୁଞ୍ଚିଗଲଣି । ଆକାଶ ଏଥର ତାରାଫୁଲରେ ଭରପୂର ହୋଇଯିବ ।

ମୃଣ୍ମୟୀ···ଆଖିରେ ଟିକଏ ନିଦର ଅଠା ବୋଳି ହୋଇ ଆସିଲା କିନ୍ତୁ ତାହା ବେଶିସମୟ ରହିଲା ନାହିଁ । ଗୁଡ଼ିଏଁକର ନିଦ ଭାଜିଗଲା । ଅଙ୍ଗ ପ୍ରତ୍ୟଙ୍ଗ ପୁଣିସତେଜ ହୋଇ ଉଠିଲା । ସେ ନିଜକୁ ବୃଷ ବେଶରେ ପୁଣି ସୁବିଧାରେ ସଜାଇ ନେଲେ । ଆକାଶକୁ ଚାହିଁଲେ···ନୀଳ ଆକାଶରେ ଅପହୃତ ନୀଳିମା ପୁଣି ଫେରି ଆସିଛି । ସେ ପ୍ରାଣଭରି ତାକୁ ଚାହିଁ ରହିଲେ । ସତେଯେପରି ତାରି ଭିତରେ ମା'ର ମାତୃତ୍ୱ ଅଛି । ଈଶ୍ୱରଙ୍କ ଅସରନ୍ତି କରୁଣାର ନୀଳସାଗର ସତେଅବା ଲହରି ଉଠୁଛି । ଅନନ୍ତକାଳ ଧରି ସେହି କରୁଣା କୈବଲ୍ୟ ବିତରଣ କରିମଧ୍ୟ ତାର ଗୋଟିଏ ବିନ୍ଦୁ ସେଥିରୁ କମିନାହିଁ । ଅସରନ୍ତି ସେ ସମୁଦ୍ର । ମୂଢ଼ ମାନବ ତାର ଦୀର୍ଘ ଜୀବନକାଳ ମଧ୍ୟରେ ସେହି ଶାଶ୍ୱତ ସମ୍ପତ୍ତିକୁ ଟିକଏ ନଜର କରିବା ନିମିତ୍ତ ହିନକ ପାଇଁ ପ୍ରଶାନ୍ତ ଆକାଶକୁ ସେ ଚାହିଁନି । କେବଳ ମନଭରି ଚାହିଁବାରେ ଯେଉଁ ସମ୍ପତ୍ତି ମିଳିଯିବାର କଥା ତାକୁ ସେ ଗୋଡ଼ରେ ଆଡ଼େଇଦେଇ ଜୀବନ ଭରି ପ୍ରାର୍ଥିବ ସମ୍ପତ୍ତି ପାଇଁ ପାଗଳ ହୋଇଛି । ଅବଶ୍ୟ କିଛି ସେ ନପାଇଛି ତା'ନୁହେଁ । ତେବେ ପାଇବା ଅପେକ୍ଷା ହରାଇଛି ଅଧିକ ।

ଆଜ ସୁଯୋଗ ମିଳିଛି ।

ବିପଦ ଭିତରେ ଭଗବାନ ସ୍ୱର୍ଗୀୟ ସମ୍ପଦର ସମ୍ଭାର ତାଙ୍କ ସାମନାରେ ଥୋଇଛନ୍ତି । ସବୁଦିନେ ତ ସେ ଶୋଇଛନ୍ତି । ଆଜିର ବିନିଦ୍ର ରଜନୀରେ ସେ ଅସୁପ୍ତ ରହିବେ । ନୀଳ ଆକାଶର ନୀଳିମାକୁ ମନ ପ୍ରାଣଭରି ଚାହିଁବେ । ତାହା ବିଶ୍ୱଜୀବନର ସତକ । ପ୍ରଶାନ୍ତ ଆକାଶର ପ୍ରଶାନ୍ତିମା ନୀଳ ତରଙ୍ଗରୂପରେ ତାଙ୍କ ଭିତରେ ପ୍ରବେଶ କରି ଜୀବନରେ ଶାନ୍ତିର ସନ୍ଧାନ ଦେବ ।

ଆକାଶ ! ତୁମେ କେଡ଼େ ମହାନ୍ ।
ଆକାଶ ! ତୁମେ କେଡ଼େ ଉଦାର ।
ଆକାଶ ! ତୁମେ କେଡ଼େ ବ୍ୟାପକ ।
ଆକାଶ ! ତୁମେ କେଡ଼େ ପ୍ରଶାନ୍ତ ।
କେତେ ସ୍ଥିର ।
ମୋତେ ତୁମରି ଭିତରେ ଜଡ଼ୀଭୂତକର ।

Digitized by srujanika@gmail.com

❊ ❊ ❊ ❊ ନୂଆ'ଭ ! ଏ ନୂଆ'ଭଟା ବଡ଼ କାଳୁଣୀ । ଏଥର ଭାଇ ଆସିଲେ ତାଙ୍କୁ କହି ନୂଆ'ଭଟାକୁ ବଦଳାଇଦବା ।"

"କଣ କି ଭାନୁ, ତମର କ'ଣ ଦୋଷ କଲି ଯେ ମୋତେ ବଦଳାଇବା ପାଇଁ ସାଙ୍ଗେ ଦରକାର ପଡ଼ିଲା । ପାରିବ ତ ?"

"ବାଃ-ରେ । ପାରିବନି କାହିଁ ? ଏଥିଲାଗି କ'ଣ କଷ୍ଟ କରିବାକୁ ପଡ଼ିବ ? ଏଡ଼େ କରସିଆ ମାଈଷଟାକୁ ଆମେ ଘରେ ରଖିବୁନି । ସବୁବେଳେ ମୁଣ୍ଡବାଳ ଫୁରୁଫୁରୁ । ମୁହଁରେ ସ୍ନୋ ନାହିଁ, ପାଉଡ଼ର ନାହିଁ । ସବୁବେଳେ ଖାଲି ପୂଜାରୁଣୀବେଶ । ସତରେ ନୂଆ'ଭ ! ମୁଁ ଦିନା ତମକୁ କହୁଛି, ହେଲେ ଏ ପୂଜାରୁଣୀବେଶରେ ତୁମେ ଭାରି ସୁନ୍ଦର ଦେଖାଯାଉଛ । ହଁଅ ଖାଲି ଡାକରା ଶୁଣିଲେ ହେଲା ।"

"ବୁଝିଲ ଭାନୁ ! ଡାକ ଶୁଣିବା ନ ଶୁଣିବାଟା ଯେତେ ବେଶି ବେଶ ଉପରେ ନିର୍ଭର କରେ ନାହିଁ, ତା' ଅପେକ୍ଷା ବେଶି ନିର୍ଭର କରେ ଭକ୍ତି ଉପରେ । ଆମ ହିନ୍ଦୁ ଘରର ଓଷା, ଉପାସ, ବାରବ୍ରତ ପଛରେ ଅନେକ ଭଲ କଥା ରହିଛି ଭାନୁ ।

"ସତରେ ନୂଆ'ଭ !"

"ମିଛ କହୁଛି ଭାନୁ ! ମୋ ବୋଉ ବାର-ଉପାସ ଢେର ବ୍ରତ-କରେ । ମୁଁ ତାକୁ ଏଥିପାଇଁ ଥରେ ଗୋଟାଏ ପଚାରିଥିଲେ, ସେ ମୋତେ କହେ— ତଗଲି, ଓଷା-ବରତ ବିଫଳ ହୁଏନି, ବ୍ରତଶୀଳ ପରିବାରରେ ଗୁଣଭରା ପିଲାଛୁଆ ଜନ୍ମ ନିଅନ୍ତି ।"

ହସି ହସି ଭାନୁ କହିଲା, "ଓଃ, ଏଇଥିପାଇଁ ମୋ ନୂଆ'ଭଟି ବଡ଼ ଗୁଣର । ସବୁବେଳେ ପୂଜାରୁଣୀବେଶ ।"

ପଛରୁ ଡାକ ଶୁଭିଲା, "କି ଲୋ ଭାନୁ ! ଆଲୋ ବୋହୂ ! କି ଗଲ କୁଆଡ଼େ ଗଲ କି ? କି ଗପରେ ମାତିଛ ଯେ, ଡାକ ଶୁଭୁନି କି ଲୋ !"

Digitized by srujanika@gmail.com

"ନାଇଁ ଲୋ ବୋଉ ! ଗପ କରନ୍ତୁ ଯେ, ମୁଁ ନୂଆ'ଉଙ୍କୁ ବରକ୍ତ ହେଉଥିଲି ସେ ମୁଣ୍ଡଟାକୁ ସବୁବେଳେ ମୁକୁଳା କରିଛନ୍ତି ବୋଲି ।"

"ଆଚ୍ଛା ମା ଦେ···ଦେ···କୁଣ୍ଡାଇ ଦେ ତା ମୁଣ୍ଡଟା । ଗାଁ ଲୋକେ କହୁଛନ୍ତି ଉପରେ ମୁଣ୍ଡରେ ଘର ବରଷା ହୋଇଛୁ । ନଈ ବଢ଼ି ଆସୁଛୁ । ବଡ଼ ଆଶ୍ଚର୍ଯ୍ୟକଥା, ଆମର ଇଆଡ଼େ ଝିପି ଝିପି ବରଷା; ସିଆଡ଼େ ମୁଣ୍ଡି ଏଡ଼େ ମେଘ ! ଅବଶ୍ୟ ଝିପି ଝିପି ଲଗାଣ ମେଘରେ ନଈ ବଢ଼େ ।

ବୋଉ, ତା'ହେଲେ ଗୋଳପାଣି ମାଡ଼ିଆସିବ ଲୋ ମାଡ଼ିଆସିବ । ନୂଆ'ଉର ମୋର ଯାଉଛୁ ଦୁଇ ଗରା ପାଣି ନେଇ ଆସିବୁ । କୂଅପାଣିରେ ତ ଡାଲି ଆଦୌ ସିଝିବନି । ଆମେ ସଙ୍ଗେ ସଙ୍ଗେ ଫେରିଆସିବୁ ଯେ ।

"ନାଇଁ ଲୋ ମା ! ଭୂଆସୁଣୀ ଝିଅ ବୋହୂ ଦୁଇଟ· ଏକୁଟିଆ କୁଆଡ଼େ ଯିବ । ବାପା ଶୁଣିଲେ ବରକ୍ତ ହେବେ । ହେନେ ଅଧ ଡାଲି ନ ସିଝିଲେ କଣ ଚଳିବନି ।"

"ଚଳିବ ଯେ, ଆଜି ପରା ଭାଇ ଆସିବେ ଏତେ ଦିନରେ । ତାଙ୍କୁ କଣ ଅସିଝା ଡାଲି ଖାଇବାକୁ ଦେବୁ ? ଆମେ କଣ ବେଶୀ ବେଳଯାଏ ରହିବୁ କି ? ବାପା ତ ରୋଗୀ ଦେଖିସାରି ବାଲିଆଡ଼େ ବୁଲିବାକୁ ଯାଇଛନ୍ତି । ସେ ଫେରିବା ଆଗରୁ ଆମେ ଫେରିଥିବୁ ।"

"ମା' ଦେଖ ସାବଧାନ । ଗାଁ ଝିଅବୋହୂ ଘାଟରେ ଥିଲେ ନଈକୁ ପଶିବ, ନ ହେଲେ ପାଣି ନ ଆଣିବ ପଛକେ ଫେରିଆସିବ ।"

"ବୋଉ, ଆମ ଦୁଇଟା ଉପରେ ତମର ଏତେ ଲୋଭ । ଆମକୁ କ'ଣ ସବୁଦିନେ ତମେ ସ୍ନେହର କାନ୍ଥପଣତରେ ଇମିତି ଘୋଡ଼ାଇ ରଖିଥିବ ?"

"ତୁ କଣ ଯେ କହୁ ବୋହୂ, ମୁଁ କିଛି ବୁଝିପାରେନି । ମା' ହୋଇ ପୁଅ, ଝିଅ, ବୋହୂ ଏମାନଙ୍କୁ ଲୋଭ କରିବନି ? ତା' ହେଲେ ଲୋଭ କରିବ ଆଉ କାହାକୁ ?

"ଯେଉଁ ଝିଅକୁ ଲୋଭ କରୁଛୁ କାଲିପମ୍ବଦିନକୋଇଟା ଓଲଟି ପଡ଼ିବ । ଆଖିର ଲୁହ-ଜୁଆରରେ ଦିନେ ତାକୁ ଠେଲିଦେବ ପର ଘରକୁ । ତା ଜୀବନର ଡଙ୍ଗା ଯାଇ ଲାଗିବ କେଉଁ ଅଜଣାଅଶୁଣା ଲୋକର ଦୁଆରରେ । ପର ଘର ହେବ ନିଜର । ଏଇ ତ, ଝିଅ-ଜନମ ପର ଘରକୁ ।

Digitized by srujanika@gmail.com

ବୁଢ଼ୀ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, "ସତ କହିଲୁ ମା, ଝିଅ-ଜନମ ପର ଘରକୁ ।

ଭାନୁ ଅଭିମାନିଆ ସ୍ୱରରେ କହିଲା, "ବୋଉ ! ତୁ ବି ଏଡ଼େ ଦୁଷ୍ଟ ! ଏ ଚଗଲୀ ନୂଆ'ଭଉଟା ଯିମିତି, ତୁ ବି ସିମିତି ! ଆଚ୍ଛା ନୂଆ'ଭଉ, ଆମ ଘରଟା କ'ଣ ତମପାଇଁ ପର ଘର ? ଆମେ କ'ଣ ସବୁ ପର ?"

"ଭାନୁ ! ସେଇଠାରେ ତ ମଜା ! ଝିଅ-ଜୀବନର ବିଶେଷତ୍ୱ ସେତିକ ! ସେ ଯିଏ ଘରକୁ ନିଜର କରେ ! ପରକୁ ଆପଣାର କରେ ! ତାର ତ୍ୟାଗରେ ଗୋଟିଏ ଘର ହୁଏ ଶ୍ରୀହୀନ, ଆଉ ଗୋଟିଏ ଘର ହୁଏ ଶ୍ରୀଭରା !"

"ସତରେ ନୂଆ'ଭଉ ତମେ ଆସିଲାଦିନଠାରୁ ଆମ ଘରଟା ପୂରିଉଠିଛି !

"ମୋ କଥା କାହିଁକି ଖାଲି କହୁଛ ଭାନୁ ! ତମ କଥା କହେ ! ତମେ ଚାଲିଗଲେ ଆଉ କାହାର ଘର ବଧୂ-ଦୀପରେ ହସିଉଠିଲାବେଳକୁ ଆମ ଘର ହୋଇଥିବ ଅନ୍ଧାର ଆମ ଘର ଖାଲି ହେଲାବେଳକୁ ଆଉ କାହାର ଘର ପୂରିଉଠୁଥିବ !

ଦୁହେଁଯାକ ପ୍ରୀତିଉଲ୍ଲସା ହସରେ ମାତିଉଠିଲେ ନିଜ ଭିତରେ ! ଭାନୁ ଅଭିମାନିଆ ହୋଇ ପଶିଗଲା ତା'ର ବୋଉର କୋଳରେ ! ମିନାକ୍ଷୀ କହିଲା, "ନାଇଁ ଲୋ ! ମୋ କୁନି ନଣନ୍ଦକୁ ମୁଁ ଆଦୌ ଶାଶୁଘରକୁ ପଠାଇବିନି ! ବରକୁ ବେଦୀ ଉପରୁ ବାନ୍ଧିଆଣି ଆମ ଘରେ ପିଞ୍ଜରାରେ ପାଇତି ରଖିବା !

ସେଠାରୁ ଝଟ୍‌କିନି ଉଠି ଚାଲିଗଲା ଭାନୁ ! କିଛି ସମୟପରେ ଫେରିଆସି କହିଲା, "ନୂଆ'ଭଉ ! ତମେ ଏଇ କୁନି ଗରିଆଟି ଧର ! ମୋ ଟିକି ଗରିଆ ମୁଁ ଧରୁଛି ! ଚାଲ ବେଗେ ବେଗେ ଯାଇ ନଈରୁ ଫେରିଆସିବା !"

ଆଗେ ଆଗେ ଚାଲିଲା ଭାନୁ ! ବୟସ ଷୋହଳ କି ସତର ! ଅଙ୍ଗରେ ନବଯୌବନର ଝଲକ ! ପିନ୍ଧିଛି ଏକ ପାଟଳ ଶାଢ଼ୀ ! କବରୀ କୋଳରେ ଦରମଉଳା ଏକ ପୁଷ୍ପମାଲ୍ୟ ! ପଛରେ ତାର ସ୍ନେହମୟୀ ଭାଉଜ ମିନାକ୍ଷୀ, ଉଭୟଙ୍କ ମଝିରେ ମଧ୍ୟରେ ବୟସର ଦୂରତା ଅଧିକ ନୁହେଁ ! ମିନି ଭାନୁଠାରୁ ଚାରିବର୍ଷ ବଡ଼ ! ଛନ୍ଦାୟିତ ତାର ଗତି ! ନିଟୋଳ ନିଟୋଳ ତାର ଠାଣି ! ଧୂପଚ୍ଛାୟା ଶାଢ଼ୀର ରାଗ-ରଞ୍ଜନତଳେ ଚମ୍ପକ ତନୁର ଅଳସ ବିଳାସ ମୃଦୁ ଗୁଞ୍ଜନ ଭିତରେ ଦୁହେଁଯାକ ଆଗେଇଲେ ଆଗକୁ !

Digitized by srujanika@gmail.com

ଅଦୂରରେ ଦେଖିଲେ ନଈବୁକୁରେ ଜଳ-ଦର୍ପଣର ଝଲକ । ଦୁହିଁଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଶଙ୍କି ଗଲେ କ୍ଷଣିକପାଇଁ । ଉଭୟଙ୍କର ଚକ୍ଷୁ ପରସ୍ପରର ପ୍ରଶ୍ନବାଚକ ମଧ୍ୟରେ ଆବଦ୍ଧ ହେଲା । କୁତୂହଳୀ ହୋଇଉଠିଲା ଭାନୁ ।

"ନୂଆ'ଉ ? ହେଇ ଦେଖିଲଣି । ସତରେ ନଈବଢ଼ି ଆସିଛି । ଚାଲ କୂଳକୁ ଯାଇ ନଈବଢ଼ି ଟିକଏ ଦେଖି ଫେରିବା ।"

"ଭଲ ବଢ଼ିଆ, ନାଇଁମ ଭାନୁ ! ବୋଉ ତେଣେ ବିରକ୍ତ ହେବେ । ଆଉ ଆଗକୁ ଯିବାନି । ଘାଟରେ ଝିଅବୋହୂ କେହି ନାହାନ୍ତି । ନଈ ଲହ ଲହ ଜଉ କରି ମାଡ଼ିଆସୁଛି । କେତେବେଳେ କେଉଁ କଥା ।"

"ସତରେ ନୂଆ'ଉ, ତମେ ଏଡ଼େ ଡରକୁଳୀ ନଈଗାଁ ଝିଅ ହୋଇ ନଈକୁ ଏତେ ଡରିଲେ ଚଳିବ । ଜୀବନଟାକୁ ତ'ର ତ ଭରି ଲେଇ ।"

"ବାଃ, ତମେ ତା'ହେଲେ ଗୋଟିପଣେ ତପସ୍ୱିନୀ ସାଜିଲଣି କି ଭାନୁ ? ଏଡ଼େ ସୁନ୍ଦର ଶବ୍ଦ ଚହଳ ରୂପ ନେଇ ଜୀବନପ୍ରତି ଏତେ ବିତୃଷ୍ଣା ଆସିଲା କେବେଠୁ ମ ?"

"ନାଇଁ ମ ନୂଆ'ଉ । ବିରାଗ ଆସିନି ଯେ, ରାଗ ଆସିଛି ।"

"କଣ ସଂସାର ତମକୁ ସଂସାରୀ କରିନି ବୋଲି ?" ହସି ହସି ପଚାରିଲା ମିନାକ୍ଷୀ । କୁଟୁକୁଟୁ ହୋଇ ହସିଉଠିଲା ଭାନୁ । ନଈର ଗୁରୁଗର୍ଜନ ମଧ୍ୟରେ ତାହା ମିଶିଗଲା ।

ଦୁହେଁଯାକ ଆସି ପହଞ୍ଚିଲେ ଘାଟ ପାଖରେ । ନଦୀତଟରେ ଗୋଟିଏ ଉଚ୍ଚ ଜାଗାରେ ଦୁହେଁ ଠିଆହେଲେ । ଆଶଙ୍କା ଓ ଉଲ୍ଲାସ ମଧ୍ୟରେ ଦୁହେଁ ସ୍ଥାଣୁ ରହିଲେ ସେଇ ଚଞ୍ଚଳପ୍ରକୃତିର ନଦୀଆଡ଼କୁ । ନଈର ଗର୍ଭ-ଉଚ୍ଛୁଳା ଜଳ ସ୍ରୋତ ଆଡ଼େ ମାଡ଼ି ଆସିଲାଣି ।

ନଦୀ ଆଜ ଉନ୍ମାଦିନୀ·········

ପ୍ରଳୟ ତାର ନୃତ୍ୟ । କଣ୍ଠରେ ଆଜ କୁଳୁକୁଳୁ ସଙ୍ଗୀତର କଳ-ନିନାଦ ନାହିଁ । ମଧୁ-ଝଂକାରର ମୃଦୁ-ମୂର୍ଚ୍ଛନା ନାହିଁ; ଅଛି କେବଳ ନୈରାଶ୍ୟର ବିକଟ ନର୍ତ୍ତନ । ପ୍ରାଣଥିବା ପ୍ରଳୟର ରୁଦ୍ର ଆହବ । ତରଙ୍ଗାୟିତ ମତ୍ତର ଜଳଧାରର କୃଷ୍ଣ-କୁଞ୍ଚିତ କବରୀ ତାର ଆଜ ମୁକୁଳା ।

Digitized by srujanika@gmail.com

ଏଇ ଭୀମକାନ୍ତ ଦୃଶ୍ୟଆଡ଼କୁ ଚାହିଁ ରହିଲେ ଉଭୟେ । ବିସ୍ଫାରିତ ତାଙ୍କର ନେତ୍ରଯୁଗ । ପରାହତ ତାଙ୍କର କଳ୍ପନା । ଅଙ୍ଗରେ ଭୟୋଲ୍ଲାସର ସଘନ ଶିହରଣ ।

ଗୋଟିଏ ରୁଦ୍ଧ ନିର୍ଜ୍ଜନ କୋଠରୀର ଘନାନ୍ଧକାର ମଧ୍ୟରେ ନିଃବାତ ନିଥର ଦୀପଶିଖା ତା ଗର୍ଭର ଶେଷ ତୈଳବିନ୍ଦୁକୁ ଖାଇ ଖାଇ ଥମି ଥମି ଆସିଲାପରି ଭାନୁ ଓ ମିନାକ୍ଷୀ ସେଇ ନିର୍ଜ୍ଜନ ନଦୀତଟର ନୈରାଶ୍ୟମୟ ପରିବେଶ ମଧ୍ୟରେ ହତାଶ ହୋଇ ଆଶଙ୍କାର ମହାଗ୍ରାସ ଭିତରେ ଥମି ଥମି ଆସିଲେ କ୍ଷଣକପାଇଁ ।

ଇସ୍, କି ଭୀଷଣ ଦୃଶ୍ୟ !

ପାହାଡ଼ପରି ଲହଡ଼ିମାଳାର କି ପ୍ରଳୟ ତାଣ୍ଡବ ! କି ଅକଳ୍ପନୀୟ ଜଳାବର୍ତ୍ତ ! ମହାଦ୍ରୁମର ଅଟ୍ଟହାସକୁ ବିଦ୍ରୂପ କରି ତାକୁ ଛିନ୍ନଭିନ୍ନ କରୁଛି ନିର୍ମମ-ଭାବରେ । ଭାସିଆସୁଛି କେତେ ପଶୁପକ୍ଷୀଙ୍କର ଶବ । କେତେ ଅଗଣିତ ହତ-ଭାଗାଙ୍କର ଘର ଭାଙ୍ଗିପଡ଼ି ନଦୀର କରାଳ ମୁଖରେ ବହିଆସୁଛି ଉତ୍ତାଳ ତରଙ୍ଗ ସହିତ ସଂଘର୍ଷ କରି ।

ହେଇ ତ, ଘରର ଛାତ ଉପରେ ଦିଶୁଛି ଦୁଇଟା କଳା କଳା ବିନ୍ଦୁ । ଏ ବୋଧ ହୁଏ ଦୁଇଟା ଖୁଣ୍ଟ ହୋଇଥିବ । ନିକଟରୁ ନିକଟତର ହୋଇଆସିଲା ଭାସମାନ ଛାତଟା । ଇସ୍, ଦୁଇଟା ହାଡ଼ କଙ୍କାଳସାର ମଣିଷ ! କି ବିକଳ ତାଙ୍କର ଚିତ୍କାର ! କି ବିକଟ ତାଙ୍କର ଚାହାଣୀ ! କି ଅସହାୟ ତାଙ୍କର ଭାବଭଙ୍ଗୀ ! ଅଭାଗା ଅଭିଶାପଦଗ୍ଧ ପ୍ରାଣୀଗୁଡ଼ାଙ୍କର ମିନତି-ମଥିତ କାତର କାନ୍ଦଣା ନଦୀର ଗୁରୁଗର୍ଜ୍ଜନ ମଧ୍ୟରେ ଅଗଣିତ ଲହଡ଼ିର ଅବସାନପରି ମିଶିଯାଉଛି ।

ଇସ୍, ଆହୁରି କି କରୁଣ ଦୃଶ୍ୟ ! ସେମାନଙ୍କ ମଧ୍ୟରୁ ଜଣକର କୋଳରେ ଏକ କ୍ଷୁଦ୍ର ତରଳ, ନୃତ୍ୟଚପଳ ଚଞ୍ଚଳ ଶିଶୁ । କେଉଁ ଅଭାଗିନୀ ମା'ର ଜୀବନ-ବୃନ୍ତରୁ ତାର ଏଇ ପ୍ରାଣପଦ୍ମଟି ଛିଣ୍ଡି ଡ଼ ଭାସିଆସୁଛି । ଆତ୍ମୀୟସ୍ବର କୋଳ-ବନ୍ଧନୀ ମଧ୍ୟରେ ସେ ଶଙ୍କି ଯାଇ ମିଶିଯାଇଛି ସତ; କିନ୍ତୁ ଏଇ ଉତ୍ତାଳ ତରଙ୍ଗମାଳାମାନ ନଦୀ ଶିଶୁର ଛଳଛଳ ହସରେଖାକୁ ଆହୁରି ଡ଼ାଇ ଦେଉଛି ।

ଆନନ୍ଦ ଓ ଆଶ୍ଚର୍ଯ୍ୟ-ବିସ୍ଫାରିତ ତାର ଚକ୍ଷୁ । ଟିକିଟିକି କଅଁଳ ହାତଦୁଇଟି ସେ ବଢ଼ାଉଛି ଉତ୍‌ଥିତ ଲହରୀମାଳାର ଶୁଭ୍ର ସ୍ଫଟିକ ଜଳବିନ୍ଦୁକୁ କୋଳାଗ୍ରତ କରିବ ବୋଲି । ପ୍ରଳୟର ଗୁରୁଗର୍ଜ୍ଜନ ପାଖେ ପାଖେ ଶିଶୁର କଳଗୁଞ୍ଜନ । କି

Digitized by srujanika@gmail.com

ବିଚିତ୍ର ସୃଷ୍ଟି ! ବୁଝିହୁଏନା—କିଏ କାହାକୁ ବିଦ୍ରୂପ କରୁଛି ? କିଏ କାହା ପାଖରେ ପରାସ୍ତ ?

ସ୍ତବ୍ଧା ଚକିତା ମିନାକ୍ଷୀ ଓ ଭାନୁ ।

ଶିଶୁଟି ମାତୃମୟୀ ନାରୀମୂର୍ତ୍ତି ଦୁଇଟିକୁ ଦେଖି ବୋଧ ହୁଏ ମା' ବୋଲି ଭାବି କାନ୍ଦିଉଠିଲା ବିକଳ ହୋଇ । ମିନାକ୍ଷୀର ଚକ୍ଷୁରୁ ଗଡ଼ିଆସିଲା ଉତ୍ତରଳ ଦୁଇ ଅଶ୍ରୁଧାର । ଭାନୁର ବାଷ୍ପାକୁଳିତ ନୟନ । ଉଭୟଙ୍କର ଗଣ୍ଡଦେଶରେ ବେଦନାର ଅଶ୍ରୁରେଖା ଦେଖିଲେ ମନେ ହୁଏ, ସତେ ଯେପରି କରୁଣାମୟୀ କାହା ମମତା-ମଣ୍ଡିତ ହୃଦୟର ଏହା ପ୍ରେମ-ଜାହ୍ନବୀ ।

କାରୁଣ୍ୟ-କଂପିତ ଶିଶୁଟି ଏକ ଉନ୍ମାଦିତ ତରଙ୍ଗାଘାତରେ ଉତ୍କ୍ଷିପ୍ତ ହୋଇ ନଦୀ ମଝିରୁ ଭାସିଆସିଲା କୂଳଆଡ଼କୁ । ଏତିକିବେଳେ ଭାନୁ ଓ ମିନାକ୍ଷୀର ଆନନ୍ଦ ଅକଳ୍ପନୀୟ । ବର୍ଷଣ ବାଦଲର ଫଟା ଫାଙ୍କରେ ହସିଲା ସୂର୍ଯ୍ୟ ଉଙ୍କି-ମାରିଲାପରି, ସେମାନଙ୍କର ଲୁହ ଓ କୋହର ଆସ୍ତରଣ ଭେଦି ଏକ କ୍ଷୀଣ ହାସ୍ୟରେଖା ଖେଳିଗଲା । ଅଶ୍ରୁସିକ୍ତ ନୟନ ଉଜ୍ଜ୍ୱଳ ହୋଇଉଠିଲା । ସତରେ କ'ଣ ଭଗବାନ୍ କରିବେ, ଶିଶୁଟି କୂଳରେ ଲାଗିବ ? ମିନି ଓ ଭାନୁ ଲୋକଗୁଡ଼ିକୁ ବିପଦ-ମୁଖରୁ ରକ୍ଷା କରି ଘରକୁ ଫେରି ବୋଉକୁ କହିବେ—ହେଇ ଦେଖିଲଣି ବୋଉ ! ଆମେ କ'ଣ କରିଛୁ ? ନଅ, ଏଇ ସ୍ନିଗ୍ଧ ମଧୁର କୋରକିତ ପଦ୍ମଟିକୁ କୋଳକୁ ନଅ ।

ମିନି ଓ ଭାନୁ ଯୋଡ଼ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା କରି ସେମାନଙ୍କର ଜୀବନ-ଭିକ୍ଷା କଲେ—"ହେ ଭଗବାନ୍ ! ତୁମେ ସତ୍ୟ, ଶିବ, ସୁନ୍ଦର । ତୁମର ଏଇ ଶାନ୍ତ ସବୁଜ ସୃଷ୍ଟିର ମାଧୁର୍ଯ୍ୟ ସୌନ୍ଦର୍ଯ୍ୟକୁ ଯେ ନଷ୍ଟ କରୁଛି, ତୁମେ ତାକୁ ଦଣ୍ଡ ଦେଇପାର; କିନ୍ତୁ ଏଇ ସରଳ ଶିଶୁ ଓ ନିରୀହ ଲୋକଗୁଡ଼ାକୁ ଏତେ ନିର୍ମମଭାବରେ ଶାସ୍ତି ଦେଉଛ କାହିଁକି ?"

ଇସ୍, କି ଭୟଙ୍କର ଶବ୍ଦ ! ବିକଟ ଚିତ୍କାର ! ଗୋଟାଏ ବିରାଟ ଅତଡ଼ା ଖସିଛି ନଦୀଗର୍ଭକୁ । ନଦୀଜଳ ଭାଗ ଭାଗ ହୋଇଯାଇଛି । ଲହଡ଼ିଗୁଡ଼ାକ ଦୀର୍ଘ ଆୟତନରେ ଆଗକୁ ପଛକୁ ହଟିଯାଇଛନ୍ତି ।

କାହିଁ·····ସେ ଲୋକଗୁଡ଼ାକ ଗଲେ କୁଆଡ଼େ ? ସେ ଭାସମାନ ଶିଶୁଟି କାହିଁ ? ସେ ସରଳ ଶିଶୁର କଳରୋଳ କୁଆଡ଼େ ଉଭେଇଗଲା ? ଭାନୁ କାହିଁ ? ମିନାକ୍ଷୀ କାହିଁ ?

Digitized by srujanika@gmail.com

ଆଃ, କି ବୁକ୍ଫଟା ଦୃଶ୍ୟ ! କି ଦୁର୍ଭାଗ୍ୟର ନିଷ୍ଠୁର ଲୁଚକାଳି ! ଅତଳ୍ପ ସମୃତ ସମସ୍ତେ ଖସିପଡ଼ିଛନ୍ତି ନଦୀଗର୍ଭକୁ । ହେ ଭଗବାନ୍ ! ତୁମେ କେତେ ନିଷ୍ଠୁର ! ତୁମେ ପଥର । ତୁମେ କୁଚକ୍ରୀ ! ମଙ୍ଗଳମୟ ନୁହଁ, ଶୁଭଙ୍କର ନୁହଁ । ତୁମେ ଶନି, ତୁମେ କେତୁ, ତୁମେ ରାହୁ, ତୁମେ ମଣିଷପାଇଁ ଅଶୁଭ ଗ୍ରହ । କି ନିର୍ମମ ତୁମର ଖେଳ ! କିଏ ତୁମକୁ କହେ ଦୀନବନ୍ଧୁ, ଆର୍ତ୍ତତ୍ରାଣ ବୋଲି ? ତୁମେ ଶୋଷକ······ଶୋଷକ ଯେଉଁମାନେ କରୁଣାର ଆଲୋକ ନେଇ ହାତ ପତାଇଥିଲେ ହତଭାଗ୍ୟ ଶିଶୁ ଓ ଲୋକଗୁଡ଼ାଙ୍କୁ ରକ୍ଷା କରିବାକୁ, ସେଇମାନଙ୍କୁ ଦେଲ ଏପରି ନିଷ୍ଠୁର ଅଭିଶାପ ! ସେଇମାନଙ୍କ ଉପରେ ପଡ଼ିଲା ତୁମର ରକ୍ତଚକ୍ଷୁ ! କିଏ ତୁମକୁ ଆଉ ଦେବତା ବୋଲି ସ୍ୱୀକାର କରିବ ?

କାହିଁ ତ ଲୋକଗୁଡ଼ାକ ଦିଶୁ ନାହାନ୍ତି । ସେମାନଙ୍କ ନୈରାଶ୍ୟର ଅନ୍ଧକାର ମଧ୍ୟରେ ଯେଉଁ ଦୁଇଜଣ ଆଶାର ଦୀପାଳୀ ଜାଳିଥିଲେ, ସେମାନେ ବି ନାହାନ୍ତି । ଝଲକାଏ ପବନରେ ପୁଣି ସେହି ନୈରାଶ୍ୟ ମଧ୍ୟରେ ସମସ୍ତେ ମିଶିଯାଇଛନ୍ତି ।

ଗୋଟିଏ ଉତ୍କଟ ଲହଡ଼ି ଆସି ସେମାନଙ୍କୁ ଟାଣି ନେଇଛି ନଦୀ ମଝିକୁ । ଭାନୁ ଓ ମିନାକ୍ଷୀ ପାଖ ପାଖ ହୋଇ ଭାସିଯାଉଛନ୍ତି ନଦୀଗର୍ଭରେ । କାତର କାନ୍ଦଣା ମଧ୍ୟରେ ଅଟ୍ଟହସୁଛି ଗଗନ ପବନ । ସତେ ଯେପରି ସେମାନଙ୍କର ଆର୍ତ୍ତ ଚିତ୍କାର ନଦୀର ଗୁରୁଗର୍ଜ୍ଜନକୁ ପରାସ୍ତ କରି ଆକାଶର ବୁକୁ ଥରାଇଦେଉଛି ।

ଭାନୁ ଗୁହଫଟା ସ୍ୱରରେ କାନ୍ଦି କାନ୍ଦି କହି ଉଠୁଛି, "ନୂଆଁଉ, ଜୀବନରେ ଏଇ ଶେଷ ଦେଖା ।" ମିନାକ୍ଷୀ ନିଜେ ପ୍ରଳୟ-ସ୍ରୋତରେ ଭାସି ଭାସି ଯାଉଥିଲେ ମଧ୍ୟ ସେ ତାର ସ୍ନେହଭରା ହାତକୁ ପ୍ରସାରଣ କରୁଛି ଭାନୁ ଆଡ଼କୁ ତାକୁ କୋଳକୁ ଟାଣିଆଣିବ ବୋଲି ଶେଷ ଥରପାଇଁ । ବେଦନାର ଗୁରୁଭାର ଯେତିକି ଅଧିକ ହୁଏ, ମଣିଷର ଭାଷା ସେତିକି ପରାସ୍ତ ହୁଏ । ସେ ହୁଏ ଭାଷାହୀନ । ଆଖି ଭିତରେ ନାଚିଉଠେ ଭାବ ଓ ଭାଷାର ଝଲକ ।

ମିନାକ୍ଷୀ କରୁଣରୁ କରୁଣତର ନୟନରେ ଚାହିଁ ରହିଲା ଭାନୁ ଆଡ଼କୁ, ନିର୍ବାକ୍, ନିସ୍ପନ୍ଦ ଜଡ଼ ମୂର୍ତ୍ତି । ହଠାତ୍ ଏକ ଉଚ୍ଛୁଳିତ ଲହରୀର ମାଡ଼ରେ ଅବଶ ହୋଇ ତାହାକୁ ଅପସାରି ଆଣିଲା—ବାଷ୍ପାକୁଳ ମଳାଭ ନୟନରେ ଫୁଟିଲା ନଦୀର ବନ୍ୟାଠାରୁ ଅଧିକ ବେଗରେ ଲୋତକ-ବନ୍ୟା । ସେ କୋହ କମ୍ପିତ କଣ୍ଠରେ ଚିତ୍କାର କଲା, "ଭାନୁ ! ଭାନୁ ! ! ପରଜନ୍ମରେ·········

Digitized by srujanika@gmail.com

ଏତିକବେଳେ ଦୁଇଟା ଲୋକର ମୃତ ଦେହ ତାଙ୍କ ଦେହଉପରେ ବାଡ଼େଇ ହୋଇ ଖସିଗଲା ଦୂରରୁ ବହୁ ଦୂରକୁ । ତା' ପଛେ ପଛେ ମରଣପଥର ଯାତ୍ରୀ ସାଜିଛି ଗୋଟିଏ ସରଳ ଶିଶୁ । ମୁଦ୍ରିତ ତାର ନୟନ । ତରଙ୍ଗାଘାତରେ ସେ କ୍ଷୁବ୍ଧ ହୋଇନ । ପ୍ରଳୟକୁ ପରାସ୍ତ କରି ସତେ ଯେପରି ସେ ଶୋଇଛି ଷଠୀ-ମା' କୋଳରେ ଅନନ୍ତ ତୃପ୍ତି ଓ ଅମାପ ଆନନ୍ଦ ନେଇ ।

ଚମକି ପଡ଼ିଲା ମିନାକ୍ଷୀ । ଏଇ ତ ସେଇ ଲୋକଗୁଡ଼ାକ ! ଏଇ ତ ସେଇ ଆଦରର ଶିଶୁଟି, ଯା'ପାଇଁ ତାଙ୍କର ଏତେ ଦୁର୍ଦ୍ଦଶା ! ମା' ମନ ତା'ର ଚହଲି-ଉଠିଲା । ପ୍ରାଣ ଭିତରେ ଗୋଟାଏ ଆର୍ତ୍ତବିଳାପ ନେଇ ସେ ପୁଣି ହାତ ବଢ଼ାଇଲା ସେଇ ଛୁଆଟି ଆଡ଼କୁ ।

ପାଗଳୀ ! ବୋକୀ !

ସେ ବୁଝୁନି ପିଲାଟି ଯେ ମୃତ । ତା' କୋଳର ଉଷ୍ମତା ଆଉ ତାକୁ ଜୀବନ ଦେଇପାରିବନି । ଛୁଆଟିର ପରିତୋଷପାଇଁ ତା'ର ଯେ ଅଭିଜ୍ଞ ନାହିଁ । ଧନ୍ୟ ଭଗବାନ୍ ! ଧନ୍ୟ ତୁମର ସୃଷ୍ଟି ! ଯେ ପରପାଇଁ କାନ୍ଦେ, ସେ ହୁଏ ଦୁର୍ଭାଗ୍ୟର ଶିକାର । ଯେ ଜୀବନର ସର୍ବସ୍ୱ ବାଣ୍ଟିଦେବାକୁ ଚାହେଁ, ଭଗବାନ ତାକୁ କରିଥାନ୍ତି ସର୍ବହରା । ମୃତ୍ୟୁ ଆଉ ମା' ଭିତରେ ଯେଉଁ ଟଣାଓଟରା ହୁଏ, ସେଥିରେ ସବୁବେଳେ ମୃତ୍ୟୁ ଜଣେ—ତାହା ହିଁ ହୋଇଛି । ଧନ୍ୟ ତୁମେ ମୃତ୍ୟୁ ଧନ୍ୟ ତୁ ମା !

ଶିଶୁଟିର କଅଁଳ ଦେହଟି ଭାସମାନ ସୋଲପରି ଭାସିଯାଉଛି ସଂଘର୍ଷ ମଧ୍ୟରେ ପରାସ୍ତ ହୋଇ । ତା'ର ଅଧରପୁଟରେ କଳକଳ ହସଖେଳ ନାହିଁ । ଟିକି ହାତରେ ଚଞ୍ଚଳତା ନାହିଁ । ନୀରବ, ନିସ୍ପନ୍ଦ ନିଷ୍ପ୍ରାଣ ତାର ଶରୀର ।

ହଠାତ୍ ଆସିଲା ଏକ ଲହରୀ । ଆଖିର ପଲକରେ ଭାନୁକୁ କରିଦେଲା ମିନଠାରୁ ଅଲଗା । ଜଣକ ପାଟିରୁ ଭାନୁ ଓ ଆଉ ଜଣକ ପାଟିରୁ ନୂଆ'ଈ ଡାକ କରୁଣରୁ କରୁଣତର ହୋଇଉଠିଲା । ଉଭୟେ ଭାସିଗଲେ ଦୁଇ ବିପରୀତ ଦିଗରେ ।

ବେଦନାର ଦୁର୍ବହ ଭାର ନେଇ ସେମାନେ ହୋଇଛନ୍ତି ମୂକ । ବିଳାପ-ବ୍ୟଥିତ ବେଦନା ମଧ୍ୟରେ ଚକ୍ଷୁ ହୋଇଛି ଭାଷାହୀନ ଅଥଚ ଭାଷାମୟ । ଉଭୟଙ୍କର ଅବସ୍ଥା ଠିକ ଏଇପରି ।

Digitized by srujanika@gmail.com

କାଖରୁ ଗଗ୍ରା ଖସିଯାଇଛି ସତ କିନ୍ତୁ ହାତରୁ ଖସିନି । ଗଗ୍ରାର ମୁହଁ ତଳକୁ । ତା' ଉପରେ ଭଗ୍ନ ସେଇ ଦୁଇହାତ ଭାସି ଭାସି ଯାଉଛନ୍ତି ଦୂରରୁ ବହୁ ଦୂରକୁ । ବାସ୍ତବିକ, ନିୟତିର କି ନିର୍ମମ ଉପହାସ ! ନିଜ ଭାଗ୍ୟର କି ଅସହନୀୟ ବିଦ୍ରୂପ !

ପୁଣି ମିନାକ୍ଷୀ ଭାବୁଛି—ନା···ନା, ସେ ବଡ଼ ଭୁଲ୍ କରୁଛି ଈଶ୍ୱରଙ୍କୁ ତାର ଏଇ ଅବସ୍ଥାପାଇଁ ଗାଳି ଦେଇ । ମଣିଷ ଜନ୍ମହେଲା ଦିନଠାରୁ ମୃତ୍ୟୁ ରୂପକ ସବାରିରେ ବସିଥାଏ । ସେ ଚାହୁଁ ବା ନ ଚାହୁଁ ସବାରି ଚାଲିଥାଏ ଧୀରେ ଧୀରେ ମୃତ୍ୟୁର ରାସ୍ତାରେ ମରଣ-ପଥର ଯାତ୍ରୀମାନଙ୍କୁ ବହନ କରି । କାହାରି କଥାରେ ସେ ଅଟକେ ନାହିଁ । ଚାଲିବା ତାର ଧର୍ମ । ମୃତ୍ୟୁ ରୂପକ ଶାସକକୁ ଆଗରେ ରଖି କର୍ତ୍ତବ୍ୟ କରି ଚାଲିବା ପଥିକର ମଧ୍ୟ ଧର୍ମ । ମୃତ୍ୟୁର ଚିନ୍ତା ମଣିଷର ମନରେ ଥିଲେ ସେ ବୋଧ ହୁଏ ପାପ କରିବାକୁ ସାହସ କରେ ନାହିଁ ।

ମରଣର ଚିନ୍ତାକୁ ମନ ମଧ୍ୟରୁ ଫାଙ୍କି ଦେବାପାଇଁ ମଣିଷର ବିରାଟ ଆୟୋଜନ ଚାଲିଥାଏ । ଆମୋଦ ପ୍ରମୋଦ, ଅନାଚାର, ଅତ୍ୟାଚାର ବିଳାସ-ଉଲ୍ଲାସ ମିନାକ୍ଷୀ ବହୁତ ଫାଙ୍କିଛି ଆନନ୍ଦ ଓ ସୁଖ ମଧ୍ୟରେ ମୃତ୍ୟୁକୁ । ଆଜି ସ୍ୱାଗତ ଜଣାଇବ । ଈଶ୍ୱରଙ୍କୁ ପ୍ରାର୍ଥନା କରିବ ତାଙ୍କର ଲକ୍ଷ୍ୟ ପୂରଣପାଇଁ ।

Digitized by srujanika@gmail.com

※ ❋ ❋ ❋ ଅସ୍ତ୍ରାସ୍ତ୍ରମାନ ତପନର ଅସ୍ତରେଖା' ବର୍ଷଣ ଧାର ଉପରେ ଇନ୍ଦ୍ରଧନୁ ସୃଷ୍ଟି କଲଣି । ଏତିକିବେଳେ ଦାଣ୍ଡ-ଦୁଆରେ ଡାକ ଶୁଭିଲ, "ବୋଉ ! ବୋଉ ! କି ଲୋ ଡାକ ଶୁଭୁନି କି ?"

"କିଏ, ଘନୁ କି ଲୋ ?"

"ନାଇଁ ଲୋ ବୋଉ, ମୁଁ ଯେ, ତୁ ପାରି ବାରିପାରୁନୁ ?" ବୁଢ଼ୀ ଦୁଆର ପାଖକୁ ଦଉଡ଼ିଆସି ହର୍ଷ ଗଦ୍‌ଗଦ୍ କଣ୍ଠରେ କହି ପକାଇଲେ, "ଆରେ, ମୋ ମନ୍ତୁ କିରେ ଆ···ଆ ଘରକୁ ଆ ।"

ବୋଉ ପଛେ ପଛେ ଚାଲିଲେ ମନ୍ତୁବାବୁ ।

"ତୋର ପରା କାଲିଠୁ ଆସିବାର ଥିଲା, ଆଜଯାଏ କ'ଣ କରୁଥିଲୁ ?"

"ହଁ ବୋଉ, ଆସୁଛୁ ତ । ରେଳ, ମୋଟର କଥା । ଠିକଣା ତ ଫେରୁ ଅଛି ? ସବୁବେଳେ କ'ଣ ସବୁ କଥା ସମାନ ଅଛି ?"

"ନାଇଁ ରେ ବାପା, କାଲିଠୁ ମୋ ମନ ଆଦୌ ଭଲ ଲାଗୁନି । ମୁଁ ଗୁଡ଼ାଏ ଖାଲି ଦୁଃସ୍ୱପ୍ନ ଦେଖୁଛି । ସବୁବେଳେ ଛୁଉଁ ଛୁଉଁ ଲାଗୁଛି । ବାପା, ତୁ ସୁବିଧାରେ ଆସିଲୁ ତ ?"

"କୌଣସିମତେ ଆସିଲି । ଆଉ ସୁବିଧା କଣ ପଚାରୁଛୁ ?"

ଏଇ ତ ଏଇକ୍ଷଣି ଝଡ଼ ପକାଉଥିଲା ତୋ ଲାଗି । ଖଡ଼ କଷ୍ଟ ଡାକିଲି । ସେତିକି ବେଳୁ ମନଟା ମାରି ଦେଇ ଏଠାରେ ବସିଛି । ଘୋଡ଼ସାଉ ମୋ ମନ । ମୋ ଛୁଆଟା ଆସି ପହଞ୍ଚିରେ ଦେଲା ଛାଡ଼ିଦେଲାଣି, ଲହକ ନାହିଁ ପାଣିଢ଼ାଳେ ଦେବାକୁ । ଏଇ ଆସନ ଉପରେ ଟିକିଏ ବସିପଡ଼ ବାପା !"—ଏତିକି କହୁ କହୁ ସେ ପାଣିଢାଳେପାଇଁ ଉଠିଗଲେ ବଡ଼ ବ୍ୟସ୍ତ ହୋଇ ।

"ବୋଉ ! ତୁ ଇମିତି ବ୍ୟସ୍ତ ହେଉଛୁ କାହିଁକି ?"

ବୁଢ଼ୀ ପାଣିଢ଼ାଳଟା ରଖିଦେଇ କହିଲେ, ବାପା ! ତୁ ଆଗ ପାଣିଟିକେ ମୁହଁରେ ମାରି ଦେଇ ଗୋଡ଼ଟା ଧୋଇପକା, ଶୀଘ୍ର ଜଳଖିଆ ଟିକିଏ କରି ନେ । ମୁଁ ଏଇ କରି ଆଣୁଛି ।"

Digitized by srujanika@gmail.com

"ତୁ ଏତେ ବ୍ୟସ୍ତ ହେଉଛୁ କାହିଁକି ? ମୁଁ ତ ବାଟସାକ ଗୋଡ଼ ଧୋଇ ଧୋଇ ଆସୁଛି । ସଞ୍ଜ ତ ହେଲାଣି । ବର୍ତ୍ତମାନ ଖାଇଲେ ରାତିକ କ'ଣ କିଛି ଖାଇ ହେବ ? ମୁଁ ଏକାଥରକେ ସନ୍ଧ୍ୟାପରେ ଖାଇବି ।"

ଏତେବେଳକୁ ମୃଣ୍ମୟବାବୁଙ୍କର କୁତୂହଳୀ ଆଖି ଶତାଧିକ ଥର ବୁଲି ଆସିଲଣି—ଘରର ଅଧଖୋଲା ଝରକା କବାଟ ପାଖରେ—ଗୋଟିଏ ସ୍ମିତାଧରା ବାଳିକା-ବଧୂକୁ ଆବିଷ୍କାର କରିବାପାଇଁ; ମୁଗ୍ଧ ମଧୁର ଓଢ଼ଣାତଳେ ଏକ ନମ୍ର ଲଜ୍ଜାର କମ୍ର ଶ୍ରୀହାଣୀ ଦେଖିବାପାଇଁ । ମୃଣ୍ମୟବାବୁଙ୍କର ମନ ମଧ୍ୟରେ ମୁଣ୍ଡ ଟେକୁଛି ଅସରନ୍ତି ପ୍ରଶ୍ନ; ସେ ପୁଣି ଆପେ ଆପେ ସମାଧିତ ହେଉଛି କ୍ଷଣିକ ମଧ୍ୟରେ ।

ମିନାକ୍ଷୀ ବୋଧ ହୁଏ ରୋଷେଇ ଘରେ ଅଛି ବୋଲି ଅଛି; ବୋଲି ଲାଜରେ ପାଖକୁ ଆସୁନି । କେହି ନ ଥିଲେ ଏତେବେଳକୁ ଆସି ଶ୍ରଦ୍ଧାର ଗୋଟିଏ ପ୍ରଣତି ବାଢ଼ି ସାରନ୍ତାଣି ।

ମୃଣ୍ମୟବାବୁ ପୁଣି ଭାବୁଛନ୍ତି—ନା ନା, ସେ ରୋଷେଇ ଘରେ ନାହିଁ । ଥିଲେ ନିଶ୍ଚୟ ଶୁଭ ସମ୍ଭାଷଣ ଜଣାଇ ସାରନ୍ତାଣି ଝରକା ଫାଙ୍କରେ । ତା' ଦେହ ବୋଧ ହୁଏ ଖରାପ ଅଛି । ବିଛଣା ପାରିଦରେ ବୋଧ ହୁଏ ଶୋଇଛି । ନା—ତା ହୋଇଥିଲେ ତ ବୋଉ ନିଶ୍ଚୟ କହିସାରନ୍ତାଣି ।

ତେବେ କଣ ଅଭିମାନ କରିଛି ମୋ ଉପରେ ? ଆଚ୍ଛା, ଭାନୁ କୁଆଡ଼େ-ଗଲା ? ସେ ତ ଏତେବେଳକୁ ଦଉଡ଼ି ଆସନ୍ତାଣି ଭାଇ ଭାଇ ବୋଲି । ମିନି ବୋଧ ହୁଏ ଭାନୁକୁ ନେଇ ବଗିଚାକୁ ଯାଇଛି ।

ପ୍ରତି ଫୁଲର କାନେ କାନେ ସେ ବୋଧ ହୁଏ ମନଗହନର ଅସରନ୍ତି ଭାବନା ଢାଳି ଦେଉଥିବ । ଫୁଲ ପାଖରେ ଭ୍ରମରର ମଧୁ-ଗୁଞ୍ଜନ ଶୁଣି, ଈର୍ଷାପୋଷଣ କରୁଥିବ ପୁଷ୍ପବଧୂ ଉପରେ । ସେ ଛପି ଛପି ଯାଇ ଦେଖିବ । ପାଖରେ ଭାନୁ ଥିଲେ ଚୁପ୍ କରି ଡାକିବ "ଭାନୁ" । ହଠାତ୍ ଦୁହେଁ ଚମକି ପଡ଼ିବେ । ଭାନୁ ହସି ହସି ଦଉଡ଼ି ଆସିବ 'ଭାଇ' ବୋଲି । ମିନାକ୍ଷୀ ତା'ର ଅସଜଡ଼ା ବେଶ-ବାସକୁ ସଜାଇ ସଜାଇ ଲାଜକୋଳା ହସମୁହଁରେ ପଳାଇଯିବ ଲତାକୁଞ୍ଜଳକୁ । ଭାନୁ ଭିଡ଼ି ଭିଡ଼ି ତାକୁ ଆଣି ହାଜର କରିବ ମୋ ଆଗରେ । ଅଭିନୟଟା ହେବ ବେଶ୍ ପ୍ରିତିକର, ସୁନ୍ଦର, ମନଭୁଲା । ସାରାପଥର ସମସ୍ତ କ୍ଳାନ୍ତି ଓ ଦୁଃଖ ତାଙ୍କୁ ଭୁଲିଯିବାକୁ ପଡ଼ିବ ।

Digitized by srujanika@gmail.com

ଭାନୁ ମିନାର ପାଖରେ ନ ଥିଲେ, ସେ ଫୁଲଟିଏ ଧରି ତା ମନକଥା କେତେ ଢାଳି ଦେଉଥିବ ଫୁଲ ପାଖରେ ।" ମଧୁବାବୁ ଚୁପି ଚୁପି ଯାଇ ତା'ର ଆଖି ବୁଜିଦେବ । ଭାନୁ ହାତର ସ୍ପର୍ଶ ବୋଲି ଭାବି ମିନାକ୍ଷୀ ହସି ହସି କହିବ—ଚଗଲା । ତଥାପି ସେ ହାତ ଖୋଲିବେନି । ସେ ଆଉରି ଭିଡ଼ି ଧରି କାନେ କାନେ ଚୁପି ଚୁପି କହିବେ—ପାଗଳୀ । ମିନାକ୍ଷୀ ଚମକିପଡ଼ି ଡ଼ାକିବ—ଭାନୁ । ମଧୁବାବୁ ସେତେବେଳେ ଆଖିର ବନ୍ଧନୀ ଖୋଲି' ମିନା ପିଠିରେ ହାତଦେଇ ତାକୁ ବୁକୁର କାରାକକ୍ଷରେ ବନ୍ଦୀ କରିବେ କ୍ଷଣକପାଇଁ । ସେ ପଛକୁ ଅନାଇ ଲଜ୍ଜିତ ହୋଇ କହିବ—ଶ୍ୱଶୁର । ମଧୁବାବୁ ସେତେବେଳେ ହସି ହସି କହିବେ—ଯେ ବନ୍ଦୀ କରିଛି ସିଏ ନା···ଯେ ବନ୍ଦୀ ହୋଇଛି ସିଏ । ମିନାକ୍ଷୀ ମୁଚ୍ କରି ହସି ଦେଇ ଖସିଯାଇ ପ୍ରଣାମ ବାଢ଼ିବ ହର୍ଷ-ଗଦ୍‌ଗଦ୍ ହୋଇ ।

ଭାବନାରୁ ଫେରିଆସି ମଧୁ କହିଲେ, "ବୋଉ । ମୁଁ ପରା ମନା କଲି ଜଳଖିଆ ଖାଇବନି ବୋଲି । ତୁ ଅଯଥା ବ୍ୟସ୍ତ ହେଉଛୁ କାହିଁକି ?

ଆଖି ତାଙ୍କର ଲୁହ ଛଳ ଛଳ ହୋଇଗଲା । ଜିନିଷଗୁଡ଼ିକ ଭାସିଯାଇ ନଥିଲେ ସେ ଗୁଡ଼ିକ କେତେ ଆନନ୍ଦରେ ବାହାରକରି ଦେଉଥାନ୍ତେ । ଭାନୁ ଦଉଡ଼ି ଆସି ପଚାରିବ, ଭାଇ ! ଆମ ପାଇଁ କଣ ଆଣିଚ ? ମୁଁ ପରା ଗୋଟାଏ ଲମ୍ବା ତାଲିକା ପଠାଇଥିଲି । କିଛି ଗୋଟାଏବି ଜିନିଷ ମିଳିଲାନି ? ମୋ ପାଇଁ କିଛି ନଆଣିଲ ନାହିଁ, ମୁଁ ଆଦାୟ କରିଦେବି ଯେ । ନୂଆ'ଉଙ୍କ ଜନ୍ମଦିନ ପାଇଁ କିଛି ଆଣିଲନି । ଆଜିଠାରୁ ତମେ ଏଡ଼େ କୃପଣ ହୋଇ ଗଲଣି । ଆଚ୍ଛା, ଠିକ୍ ଅଛି ।

ଆଉ ଅଧିକ ବିଳମ୍ବ ସହ୍ୟ କରିପାରିଲେନି ମଧୁବାବୁ । ମନର ବ୍ୟଗ୍ରତାକୁ ମନ ମଧ୍ୟରେ ଲୁଚି ରଖି ପଚାରିଲେ, "ବୋଉ ! କାଇଁ ଭାନୁର ପାଟିତୁଣ୍ଡ ତ ଆଜି ଘରେ ଶୁଣାଯାଉନି । ସେ କୁଆଡ଼େ ଗଲା କି ?"

ସେ ଚଗଲା କଥା କାହିଁକି କହୁଛୁ ବାପା ! ମୁଁ ମନା କରୁଛି; ଅଥଚ ସେ ଅମାନିଆ ହୋଇ ବୋହୂଟାକୁ ଟାଣି ଟାଣି ନେଇଯାଉଛି ନଦୀକୁ ପାଣି ଆଣିବ ବୋଲି । ନଈଟା ଟିକିଏ ବଢ଼ିଥିଲା" ବୋଲି ଶୁଣୁଥିଲି । ହଁ, ଏଇକ୍ଷଣି ଆସିଯିବ ଯେ ।" ମୁଁ ନଈଘାଟକୁ ଖବର ପଠଉଛି ।

ନଦୀକୁ ଯିବା ଖବର ଶୁଣି ଚମକି ପଡ଼ିଲେ ମଧୁବାବୁ । ବଡ଼ ବ୍ୟସ୍ତ ହୋଇ କହିଲେ, "ବୋଉ ! ତୁ କଣ କଲୁ ? ସେମାନଙ୍କୁ ଛାଡ଼ିଲୁ କାହିଁକି ? ନଈ ପରା

Digitized by srujanika@gmail.com

ଦୁଇ କୂଳ ଖାଇ ଉଚ୍ଛୁଳ ସାରିଲାଣି । ପାଣି ପରା ଆମ ଗାଁ ତୋଟାରେ ଆସି ପହଞ୍ଚାର ମାରିଲାଣି । ସେମାନେ ଏଯାଏ ଗଲେ କୁଆଡ଼େ ?”

ମଧୁର ବୋଉ ବ୍ୟସ୍ତତାରେ ଅସମ୍ଭାଳ ହୋଇଉଠିଲେ, ପାଗଳୀ ପରି ଏଣେତେଣେ ଏପାଖ ସେପାଖ ହେଲେ—“ମୁଁ କ’ଣ କରିବ ? ହେ ଭଗବାନ୍ ମୋତେ କି ଦୁର୍ବୁଦ୍ଧି ଦେଖାଗଲା, କ’ଣ କଲି ! କାହିଁ ସେମାନେ ତ ଆସିଲେନି । ସେ ଘରୁ ବାହାରିଆସି ନଈଆଡ଼କୁ ଚାହିଁଲେ । ନଈପାଣି ପ୍ରାୟ ଗାଁ ପାଖକୁ ଅଗ୍ନନକଦାବରେ ମାଡ଼ି ଆସିଲାଣି ! ଲୋକମାନେ ବ୍ୟସ୍ତ ହୋଇ ଏପାଖ ସେପାଖ ହେଉଛନ୍ତି । ଗାଁ ଆମ୍ବତୋଟାରେ କୁଡ଼ଆ ମାରି ରହିଥିବା କେଳାମାନେ ପିଲାପିଲି ଧରି ପ୍ରାଣବିକଳରେ ଗାଁଆଡ଼କୁ ଦୌଡ଼ି ଆସୁଛନ୍ତି । ଏ ଦୃଶ୍ୟ ଦେଖିଲାକ୍ଷଣି ମା’ ଓ ପୁଅ ଉଭୟେ ବିକଳ ହୋଇଉଠିଲେ । ମଧୁବାବୁଙ୍କର ଆଖି ଆଗରେ ନାଚି-ଉଠିଲା ନିଜର ଦୁରବସ୍ଥାର ଚିତ୍ର ।

“ମଧୁ ! ବାପା ତୁ ଏଇଠି ଥା । ମୁଁ ଝିପ୍ କରି ନଈକୂଳରୁ ଫେରି ଆସୁଛି । ଦେଖେ, ପିଲାଗୁଡ଼ାକ ଗଲେ କୁଆଡ଼େ ।”

ମଧୁବାବୁ କମ୍ପିତ କଣ୍ଠରେ କହିଲେ, “ବୋଉ ! ତୁ ଏତେବେଳେ ଯିବୁ କୁଆଡେ ? ନଈକୂଳଉଚ୍ଛୁଳାଇ ବଢି ଆସିଲାଣି । ମୁଁ ଯାଉଛି ସେମାନଙ୍କୁ ନେଇ ଆସିବି ।”

“ଆଚ୍ଛା ବାପା । ତୁ ଯା’ । ତୋର ବାପା ମଧ୍ୟ ବିଲଆଡେ ଯାଇଥିଲେ, ତାଙ୍କୁ ଦେଖିଲେ ସାଥିରେ ଡାକି ଆଣିବୁ । ମୁଁ ନ ମରି ଯାହା ବଞ୍ଚିଛି ଅଲକ୍ଷଣୀ—କୁଆଡେ ଯିବି । ମୋ ପିଲାମାନେ କୁଆଡ଼େ ଗଲେ ?

ମଧୁବାବୁ ଆଶା ଓ ଆଶଙ୍କା ମଧ୍ୟରେ ଚହଲି ଯାଇ ପାଦ ବଢ଼ାଇଲେ ଆଗକୁ । ପାଦ ତାଙ୍କର ବୈଶାଖର ପ୍ରଥମ ଝଞ୍ଜାପରି କ୍ଷିପ୍ର ଆଉ ବାଉଳା । ମନ ତାଙ୍କର ମୌସୁମୀପରି ଉଚ୍ଛଳ ଓ ଚଞ୍ଚଳମାନ । ଭୟ-ଆଶଙ୍କା, ବ୍ୟାକୁଳତା, ନୈରାଶ୍ୟ—ଏ ସମସ୍ତ ପୁଞ୍ଜୀଭୂତ ହୋଇ ତାଙ୍କ ମନରେ ଏକ ଅଶାନ୍ତ ଝଡ଼ ସୃଷ୍ଟି କଲେଣି । ସେ ବୁଝିପାରୁ ନାହାନ୍ତି—ସ୍ୱୟଂ ତାଙ୍କ ନିଜ ଭିତରେ ସେ ଅଛନ୍ତି କି ନାହିଁ ।

ପାଦ ଆଗେଇଛି·····

ଅତି ଚଞ୍ଚଳତା ମଧ୍ୟରେ ଆଗେଇଛି, ପବନକୁ ପରାସ୍ତ କରି ଆହୁରି ବେଗରେ ଆଗେଇଛି । ତଥାପି ମଧୁବାବୁ ଅନୁଭବ କରୁଛନ୍ତି, ସତେ ଯେପରି ପାଦ

Digitized by srujanika@gmail.com

ତାଙ୍କର ପକ୍ଷାଘାତଗ୍ରସ୍ତ, ଅଚଳ । ତାଙ୍କର ହୃଦୟର ସ୍ପନ୍ଦନ ବେଗମାନ ହୋଇ ଗ୍ରୁତି-ପଞ୍ଜୁରୀରେ ଏପରି ଆଘାତ ଦେଉଛି—ଯେପରି ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ବୋଧହୁଏ ତାଙ୍କ ଗ୍ରୁତି ଫାଟିଯାଇଥିବ । ମୁଣ୍ଡରେ ତାଙ୍କର ଚିନ୍ତାର ଭାର ଏତେ ବଢିଗଲାଣି ଯେ ଅନୁଭବ କରୁଛନ୍ତି, ସତେ ଯେପରି ହିମାଳୟର ବୋଝ ତାଙ୍କ ମୁଣ୍ଡରେ ଲଦା ହୋଇଯାଇଛି ।

ମନ୍ତୁ ! ମନ୍ତୁ ! ମନ୍ତୁ !!!

ଅତି କାତର ଡାକଟିଏ ଶୁଣାଗଲା ପଛରୁ । ତଥାପି ସେ ଆଗେଇଛନ୍ତି ଆଗକୁ ସମ୍ପୂର୍ଣ୍ଣ ଅଜ୍ଞାନଭାବରେ । ପୁଣି କାତରତା ମଧ୍ୟରେ ଶୁଣାଗଲା ସେଇ ଡାକ—ମନ୍ତୁ ! ମନ୍ତୁ ! ତଥାପି ମଧ୍ୟ ସେ ନୀରବ । ପ୍ରଦୋଷର ଆଲୋକଛାୟା କ୍ଷିଣାନ୍ଧକାର ମଧ୍ୟରେ ଅସ୍ପଷ୍ଟ ଅବଚ୍ଛାୟାପରି ସେ ଏକଧ୍ୟାନରେ ଆଗେଇଛନ୍ତି ଆଗକୁ ।

ହଠାତ୍ ତାଙ୍କର ଗତିକୁ ପ୍ରତିରୋଧ କରି ତାଙ୍କ ବାଟରେ ଅବତୀର୍ଣ୍ଣ ହେଲେ ଜଣେ ବର୍ଷିୟାନ । ମନ୍ତୁବାବୁ ତାଙ୍କୁ ଦେଖି ପ୍ରଥମେ ବ୍ୟସ୍ତ ହୋଇ ପରେ ପ୍ରଣତି ଜଣାଇଲେ ।

ବୃଦ୍ଧ ଥରିଲକଣ୍ଠରେ କହିଲେ, "ବାପା, ତୁ କେତେବେଳୁ ଆସିଲୁଣି ? କୁଆଡେ଼ ଯାଉଛୁ, ଏଇ ଟିକେ ବୟସ ପରି ନଈବଢ଼ି ଆସିଲାଣି ।" ଏକ ନିଃଶ୍ୱାସରେ ଏତକ କଥା ବାହାରିଆସିଲା ତାଙ୍କ ପାଟିରୁ ।

ମନ୍ତୁବାବୁ ବାଷ୍ପରୁଦ୍ଧ କଣ୍ଠରେ କହିଲେ, "ବାପା ମୁଁ ଏ ଅଳ୍ପ ସମୟ ହେଲା ଆସିଛି । ଭାନୁ ଓ ତା ନୂଆବୋହୂ ବହୁତ ବେଳୁ ଆସିଛନ୍ତି ପାଣିପାଇଁ—ସେମାନେ ଫେରିନାହାନ୍ତି ଏଯାଏ । ମୁଁ ଆସିଛି ସେମାନଙ୍କୁ ସାଥିରେ ନେଇଯିବାକୁ ।"

"କଣ କହିଲୁ ? ସେମାନେ ଏଯାଏ ଫେରିନାହାନ୍ତି ! ଫେରିନାହାନ୍ତି ସେମାନେ ? ନା······ନା, ନଈପାଣି ଦେଖି ସେମାନେ ନିଶ୍ଚୟ ଫେରିଯାଇଥିବେ । ଘାଟ ତ ବୁଡ଼ିଯାଇଛି । ପାଣି ତ ଆସି କୂଳ ବାହାରେ ଚଳକା ମାରୁଛି । ସଞ୍ଜ ଆସି ଏବେ ହେଲାଣି । କେବେହେଲେ ଏପର୍ଯ୍ୟନ୍ତ ସେମାନେ ନ ଥିବେ ।"

"ବାପା, ମୁଁ ତ ଏଇ ବର୍ତ୍ତମାନ ଘରୁ ଆସୁଛି । ସେମାନେ ଫେରିନାହାନ୍ତି । ଗାଁରେ ମଧ୍ୟ ନାହାନ୍ତି । ମୁଁ ଯେ ବାଟେ ବାଟେ ଆସୁଛି—ସେମାନେ ଆଉ କୋଉ ବାଟରେ ଗଲେ ?"

Digitized by srujanika@gmail.com

"ତୋ ବୋଉ ଯିମିତ, ସେମାନେ ବ ସିମିତ ଭାସୁଥିବେନା । କୁଅ-ପାଣିରେ କ'ଣ କାମ ଚଳି ନ ଥାନ୍ତା । ଯଦିବା ଦରକାର ହେଲ, ଝୁଙ୍କରକୁ କ'ଣ ପଠାଯାଇ ପାରି ନ ଥାନ୍ତା । ନା···ନା, ସେମାନେ ଏତେବେଳକୁ ବୋଧହୁଏ ଫେରିସିବେଣି ମୟୂ !"

"ନା ବାପା ! ତଥାପି ଆମେ ନଈକୂଳଟା ଦେଖିଦେଇ ଯିବା ଉଚିତ ।"

ଦୁହେଁଯାକ ଆଗେଇଲେ ଆଉ ଟିକିଏ ଆଗକୁ । ନଈପାଣି ଆମ୍ବ-ତୋଟାମଧ୍ୟରେ ଖେଳିଗଲଣି ଭୀଷଣଭାବରେ । କୂଳରେ ଗଛଗୁଡ଼ାକ ମଧ୍ୟରୁ ଗୋଟାଏ ଦୁଇଟା ଉପୁଡ଼ି ଯାଇ ନଦୀ-ଗର୍ଭରେ ସମାଧି ନେଲେଣି । ସେମାନଙ୍କର ଭୟ ଓ ଆଶଙ୍କାକୁ ଦ୍ୱିଗୁଣିତ କରି ଚାରିଆଡ଼େ ମାଡ଼ିଆସିଲଣି ନିରନ୍ଧ୍ର ଅନ୍ଧକାର ।

ଲୋକମାନଙ୍କର ଗହଳଚହଳ ନାହିଁ । ଚାରିଆଡ଼େ ନିର୍ଜନ । ନଦୀର ରୋଷକ୍ଷିପ୍ତ ଗୁରୁଗର୍ଜନ ସେ ସ୍ଥାନକୁ ଅଧିକ ଭୟଙ୍କର କରିଦେଉଛି । ଅଚଡ଼ା ଖଇବାଡ଼ିବା ମଝିରେ ମଝିରେ ଭୀଷଣଭାବରେ ପ୍ରତିଧ୍ୱନିତ ହେଉଛି ନଦୀକୂଳ । ମୟୂ ଓ ତା'ର ବାପା, ଉଭୟେ ଭୟାକୁଳ ହୋଇ କାତର କଣ୍ଠରେ ଡାକ ଛାଡ଼ିଲେ "ଭାନୁ···ଭାନୁ !" ନଦୀର ଗର୍ଜ୍ଜନମଧ୍ୟରେ ସେ ଡାକ ଲିଭିଗଲା ସତ; କିନ୍ତୁ ଆମ୍ବ ତୋଟାରୁ ପୁଣି ପ୍ରତିଧ୍ୱନିତ ହୋଇଉଠିଲା—ଭାନୁ ! ସତେ ଯେପରି କେହି ବିଦ୍ରୂପ କରୁଛି !

ଏତିକିବେଳେ ସେଇ ଜଳାର୍ଣ୍ଣବର କେଉଁ ଏକ କୋଣରୁ ପୁଣି ଅତି ବିକଳଭାବରେ ଶୁମୁରିଉଠିଲା କାହା'ର କାତର କଣ୍ଠସ୍ୱର—"ଭଗବାନ ରକ୍ଷା କର, ରକ୍ଷା କର ।" ଏ ଦୁହେଁ ଆହୁରି ପ୍ରାଣଭୟରେ ଥରିଉଠିଲେ ।

ବ୍ୟଗ୍ର ହୋଇଉଠିଲେ କାହାର ଏ କଣ୍ଠସ୍ୱର ଜାଣିବାପାଇଁ ।

ଏ କ'ଣ ଭାନୁର ଡାକ ! ନା···ନା, ଏ କ'ଣ ମିନାକ୍ଷୀର ସ୍ୱର ! ସେମାନେ କଣ ପାଣି-ସୁଅର ଭିତରେ ପଡ଼ିଛନ୍ତି !

"ଭାନୁ ! ଭାନୁ ! !"

'ମା କେଉଁଠି ଅଛୁ ?' ପ୍ରତିଧ୍ୱନି ବ୍ୟତୀତ ଆଉ କିଛି ଶୁଣାଗଲା ନାହିଁ । ସେମାନେ ବହୁତ ଖୋଜାଖୋଜି କରିବାକୁ ଚେଷ୍ଟା କଲେ; କିନ୍ତୁ ସେମାନଙ୍କୁ ବାଧା ଦେଲା ଘନ ଅନ୍ଧାର ଆଉ ନଦୀର ବିପୁଳ ଜଳରାଶି ।

Digitized by srujanika@gmail.com

ସେମାନେ ଯେଉଁଠାରେ ଛିଡ଼ା ହୋଇଥିଲେ, ସେଠାରେ ତାଙ୍କର ପାଦପାଖରେ ଆସି ବାଡ଼େଇ ହୋଇଗଲା ନଦୀଜଳର ଢେଉ । ଚମକି ପଡ଼ିଲେ ମଧୁ ଓ ତାଙ୍କର ବାପା । ସେଠାରୁ ପଛକୁ ପଛେଇଗଲେ ଖଣ୍ଡେ ବାଟ । ଏତିକି-ବେଳେ ଆମ୍ରକୋଠାର ପତ୍ରଗହଳମଧ୍ୟରେ ପବନର ସନ୍-ସନ୍ ଶବ୍ଦ ତାଙ୍କ ମନରେ ଭୟ ସଞ୍ଚାର କଲା । ଚରମ ବ୍ୟର୍ଥତାମଧ୍ୟରେ ସେ ଫେରିଆସିଲେ ଘରକୁ ।

ବାହାରେ ମେଘୁଆ ଆକାଶର ଅଭେଦ୍ୟ ଅନ୍ଧକାର । ଭିତରେ ନୈରାଶ୍ୟର ଧ୍ୱାନ୍ତ ସମାବେଶ । ପ୍ରାଣରେ ଗୁରୁବେଦନାର ଦୁର୍ବହ ଘୂର୍ଣ୍ଣି । ଭିତରେ ବାହାରେ ଶୁଭିଆଡ଼େ ଖାଲି ପ୍ରଳୟର ଡାକ । ମୁଣ୍ଡଭିତରେ ଗୁଳାଉଛି ତାଙ୍କର କେତେ ଅସମାପ୍ତ ବିକୃତ ଭାବନା । ବେଦନ ବିବର୍ଣ୍ଣ ମୁଖଭଙ୍ଗୀ । ଅନ୍ଧାରଭିତରେ କେହି କାହାରି ମନର ଭାବ ମୁଖର ସୂଚୀପତ୍ରରୁ ପଢ଼ିବା ସମ୍ଭବ ନୁହେଁ । ଏତେବେଳେ ବୋଧ ହୁଏ ଆଲୋକ ଦୁଃଖର ଗୁରୁଭାରକୁ ଆହୁରି ବଢ଼ାଇଦେଇଥାନ୍ତା । ଦୁଃଖୀପାଇଁ ଅନ୍ଧକାର ହିଁ ଆଶୀର୍ବାଦ ।

ସମ୍ପୂର୍ଣ୍ଣଭାବରେ ଉଭୟେ ନିଃଶବ୍ଦରେ ଆଗେଇଗଲେ ଆଗକୁ । ଉଭୟଙ୍କର ବକ୍ଷୁବ୍ଧ ଅନ୍ତର ବିଦୀର୍ଣ୍ଣ ହୋଇଯାଇଥିଲା ସତ; କିନ୍ତୁ ମନର କେଉଁ ନିଭୃତ କୋଣରେ ଆଶାର ଏକ କ୍ଷୀଣରେଖା କ୍ଷଣକପାଇଁ ମୁଣ୍ଡ ଟେକିଥିଲା ।

ମଧୁବାବୁଙ୍କର ବାପା ଏକ ସ୍ତିମିତପ୍ରାୟ ଦୀର୍ଘନିଃଶ୍ୱାସ ପକାଇ କହିଲେ, 'କି ଦୁର୍ଭାଗ୍ୟ ! ଆଚ୍ଛା, ଗୁଲ ଦେଖିବା—ଏଥିଭିତରେ କାଳେ ଆସିସାରିଥିବେ ।" ଆଶାଭିତରେ ଆଶାର ପ୍ରବଞ୍ଚନା ମସ୍ତିଷ୍କକୁ ଆହୁରି ବ୍ୟଥିତ କରେ ।

ସେମାନଙ୍କର ନୀରବ ପଦଚାଳ । ଆକାଶରେ ବର୍ଷାର ଧାରା ପୁଣି ଗୁମୁରି-ଉଠିଲାଣି । ମଝିରେ ମଝିରେ ବିଜୁଳି ଝଲକ, ପ୍ରକୃତିର କରାଳ ରୂପକୁ ଭୟଙ୍କର ଏଇ ପଥିକ ଦୁଇଙ୍କୁ ଦେଖାଇ ଦେଇ ସେମାନଙ୍କୁ ଆହୁରି ଭୟାକ୍ରାନ୍ତ କରୁଛି । ଇସ୍, ପ୍ରକୃତିର କି ମହାର ମୂର୍ତ୍ତି !

ଆଶଙ୍କା ଓ ବ୍ୟାକୁଳତା ମଧ୍ୟରେ ଥରି ଥରି ସେମାନେ ଆସି ପହଞ୍ଚିଲେ ଗାଁ ମୁଣ୍ଡରେ । ମଧୁବାବୁଙ୍କର ବୋଉ, ସେଇମିତି ସେ ଦାଣ୍ଡପିଣ୍ଡାକୁ ଆଉଜି ସମସ୍ତଙ୍କର ଆସିବା ବାଟକୁ ଚାହିଁ ବସିଥାନ୍ତି । ଆଖିରେ ତାଙ୍କର ଅମାନିଆ ଅଶ୍ରୁର ଧାରା, ବୁକୁରେ ଅସରନ୍ତି ଶୋକର ଉଚ୍ଛ୍ୱାସ ! ସେ ସେତିକିବେଳେ ବାଧା ଦେଇଥିଲେ ଆଜି ବୋଧହୁଏ ଏ ପ୍ରକାରକାଣ୍ଡ ଘଟିନଥାନ୍ତା । ଏତିକିବେଳେ ଅନ୍ଧାରଭିତରେ ଆସି ପହଞ୍ଚିଲେ ମଧୁ ଓ ତା'ର ବାପା ।

Digitized by srujanika@gmail.com

ହଠାତ୍ କ୍ଷଣିକପାଇଁ ବିଜୁଳୀ ଜଲସି ଉଠିଲା । ମୃଣ୍ମୟ ସେଇ କ୍ଷୀଣାଲୋକ ମଧ୍ୟରେ ବୋଉର ଅଶ୍ରୁଉଜ୍ଜ୍ୱଳା ମୁଖଟି ଦେଖି ତାଙ୍କର ଭାଗ୍ୟ-ଲିପି ପଢ଼ି ନେଇପାରିଲେ ।

ମୃଣ୍ମୟର ବାପା ଚରମ ବ୍ୟାକୁଳତା ମଧ୍ୟରେ ପଚାରିଲେ, "ଭାନୁ କଣ ଏପର୍ଯ୍ୟନ୍ତ ଫେରିନ ?"

ନା, ଫେରି ନାହାନ୍ତି ସେମାନେ । ଫେରି ନାହାନ୍ତି ? ଫେ···ରି···ନା··· ହା···ନ୍ତି ।

ସେମାନେ ଏପର୍ଯ୍ୟନ୍ତ ଫେରି ନାହାନ୍ତି ?

କ୍ରନ୍ଦନର ଆବେଗମୟ ଉଚ୍ଛ୍ୱାସଭିତରେ ସମସ୍ତଙ୍କ ପାଟିରୁ ବାହାରିଲା ଠିକ୍ ଏଇ କଥା । କେତୋଟି ଆର୍ତ୍ତ ଆକୁଳ ସ୍ୱର ମିଶିଯାଇ ଗୋଟିଏ ହେଲା । ଅନ୍ଧକାରମଧ୍ୟରେ କ୍ରନ୍ଦନ ଆହୁରି ଉଚ୍ଛ୍ୱାସମୟ । କେତୋଟି ପ୍ରାଣର କରୁଣକ୍ରନ୍ଦନ ବର୍ଷଣମୁଖର ସନ୍ଧ୍ୟାକୁ ଆହୁରି ମୁଖରିତ କରିଉଠିଲା । ଗାଁଟାଯାକର ଲୋକ ସମସ୍ତେ ତୁନି ହୋଇଗଲେ । ସମସ୍ତଙ୍କ କଣ୍ଠରେ ବେଦନାର ଆର୍ତ୍ତଚିତ୍କାର !

"ପିଲା ଦୁଇଟା ଭାସି ଗଲେ । ନିଶ୍ଚୟ ଭାସି ଯାଇଛନ୍ତି ଆଉ ଅପେକ୍ଷା କରନି, ଆମେବି ସମସ୍ତେ ଭାସିଯିବା । ନଈପାଣି ଗାଁ ଆଡ଼କୁ ମୁହାଁଇଲାଣି । ମହାନଦୀ ଆଜି ମହାନଦୀ ନୁହେଁ । ପ୍ରଳୟ ପାଗଳ ସମୁଦ୍ରଟାଏ ସମସ୍ତେ ନିରାପଦ ଯାଗାକୁ ପଳାଅ ।"

ଲୋକମାନେ ଛନ୍ନଛତ୍ର ହୋଇଗଲେ । ଆତ୍ମରକ୍ଷା ପାଇଁ ଅନ୍ଧାର ଭିତରେ ଯେ ଯେଉଁ ଆଡ଼େ ପଳାଇଲେ । ନିଜର ଆତ୍ମୀୟ ସ୍ୱଜନଙ୍କୁ ରକ୍ଷାକରିବା ପାଇଁ କାହାର ବେଳ ନାହିଁ । ରାକ୍ଷସ ପଛରୁ ଗୋଡ଼ାଉଛି । ରକ୍ଷା ପାଇବା ପାଇଁ ସମସ୍ତେ ବ୍ୟାକୁଳ । ଗାଁ ଭିତରକୁ ଅବଶ୍ୟ ପାଣି ପଶିନି । ସାମନା ପାହାଡ଼ଟା ବୋଧହୁଏ ବାଧା ଦେଉଛି । ଲୋକମାନେ ପାହାଡ଼ ଉପରକୁ ପ୍ରାଣବିକଳରେ ଦଉଡ଼ୁଛନ୍ତି । ମୃଣ୍ମୟ ତାଙ୍କର ବାପା ମାଙ୍କୁ ନେଇ ପଳାଇଲେ ପାହାଡ଼ ଆଡ଼କୁ ।

Digitized by srujanika@gmail.com

* * * * ମରଣର ଭୟ ମଣିଷକୁ ମରଣଠାରୁ ବଳି ଆହୁରି ଅଧିକ ଯନ୍ତ୍ରଣା ଦିଏ । ମରିବାଟା ନିଶ୍ଚିତ ହେଲେ ମଣିଷକୁ ଆଉ ଯନ୍ତ୍ରଣା ବାଧେ ନାହିଁ । ମଣିଷ ହୁଏ ପଥର, ମରଣ ପୂର୍ବରୁ ତା'ର ହୁଏ ମୃତ୍ୟୁ ।

ଆଜି ଭାନୁ ଓ ମିନାକ୍ଷୀର ଅବସ୍ଥା ଠିକ୍ ସେଇପରି ହୋଇଛି । ଦୁହେଁଯାକ ନଦୀର ଉଚ୍ଛ୍ୱଳ ତରଙ୍ଗ ସାଥିରେ ଭାସିଯାଇଛନ୍ତି ଦୂରକୁ ବହୁ ଦୂରକୁ । ନଦୀର ଯେଉଁ ପ୍ରଖର ସ୍ରୋତ ମଝି ମଝି ଦ୍ରୁମକୁ ଟାଳି ଦେଇ ତା'କୁ ଚୂରମାର୍ କରି-ଦେଉଛି, ସେ କଣ ଏଇ କଅଁଳ କମଳମ୍ମ ଦୁଇଟିକୁ ଆଉ ବଞ୍ଚାଇ ରଖିଥିବ ? ନଦୀର କେଉଁ ଅତଳ ଗର୍ଭରେ ସେମାନେ ବୋଧ ହୁଏ ସମାଧି ନେବେଣି । କେଉଁ ସର୍ପ କୁମ୍ଭୀର ଗର୍ଭରେ ସେମାନେ ଲୀନ ହେବେଣି । ପାହାଡ଼ପରି ଲହଡ଼ାର ଆଘାତରେ ଏ ଦୁଇଟି ସଜଗୋଲାପର ପାଖୁଡ଼ା ବୋଧ ହୁଏ ଛିକ୍ ଛିକ୍ ହୋଇପଡ଼ିଥିବ···ନୁହେଁ ? ? ?

ନା···ନା···ସେମାନେ ଯେ ସଲିଳ-ସମାଧି ନେଇ ନାହାନ୍ତି । ମୃତ୍ୟୁର ବିଦ୍ରୂପଭରା ଆଖିମିଟିକାରେ ସେମାନେ ଏପର୍ଯ୍ୟନ୍ତ ମଧ୍ୟ ବଞ୍ଚିଛନ୍ତି । ଦୁଇଟି କୂଟାଖିଅ ନଦୀର ଜଳରେ ଭାସିଯାଉଛନ୍ତି ଦୁଇ ବିପରୀତ ଦିଗରେ । କିଏ ଜାଣିବ, ସେମାନେ କ୍ଷଣିକପାଇଁ ଜୀବନରେ ଆଉ ମିଳନର ସୁଯୋଗ ପାଇବେ କି ନାହିଁ ।

ଭଗବାନ୍, ତୁମେଇ ବଡ଼ । ତୁମର ଅନନ୍ତ କରୁଣା ଓ ଆଶୀର୍ବାଦ ଥିଲେ ଅସମ୍ଭବ ମଧ୍ୟ ସମ୍ଭବ ହୁଏ ।

ଭାନୁ ଭାସି ଭାସି ଚାଲିଛି ନଦୀସ୍ରୋତରେ । ବିକଳ ହୋଇ ଚାହୁଁଛି ସ୍ଥିରପାଖକୁ । ତା' ପାଖ ଦେଇ କେତେ ଜୀବଜନ୍ତୁଙ୍କର ଶବ ଭାସିଯାଉଛି । କେତେ ଗଛ, ପତ୍ର, ଭଙ୍ଗାସ୍ତମ୍ଭବାଡ଼ ବାଡ଼େଇ ହୋଇଯାଉଛି; କିନ୍ତୁ କେହି କିଛି ତା'ର କ୍ଷତି କରିପାରୁ ନାହାନ୍ତି । ଭାନୁ ଭାବୁଛି, ଟିକିଏ ମାତ୍ର ଆଶ୍ରା ମିଳିଲେ ତା'ର ଶୋକସନ୍ତପ୍ତ ପ୍ରାଣଟାକୁ ସେ ବିପଦମୁଖରୁ ବଞ୍ଚାଇ ନିଅନ୍ତା । ଏହି ଅସହାୟା ଯୁବତୀଟିକୁ ବଞ୍ଚାଇବାପାଇଁ ନାଉରୀମାନେ, ବାଟରେ ଅନେକ ଚେଷ୍ଟା କରିଛନ୍ତି; କିନ୍ତୁ କାହାର ସାହାସ ହୋଇ ନ ପ୍ରକୃତିର ପ୍ରଳୟ ନୃତ୍ୟକୁ ଭେଦ କରି ଜଳା-ବର୍ତ୍ତମଧ୍ୟରୁ ତାକୁ ବଞ୍ଚାଇବାକୁ ନଦୀକୂଳରେ ଅସରନ୍ତି ଦର୍ଶକଙ୍କର ' ପ୍ରାଣ

Digitized by srujanika@gmail.com

ବେଦନାରେ ବକ୍ଷୁବ୍ଧ ହୋଇଛନ୍ତି । ସହାନୁଭୂତିର ଲୋତକ ଝରିଆସିଛି ସମସ୍ତଙ୍କ ନୟନରୁ—ହାୟ, ଭାଗ୍ୟ ଯାହାର ପ୍ରତିକୂଳ, ତାକୁ ସାହାଯ୍ୟ କରିବ କିଏ !

ଲହଡ଼ଉପରେ ଲହଡ଼ ମାଡ଼ିଆସୁଛି ତାକୁ ଗ୍ରାସ କରିବ ବୋଲି । କାଠଖଣ୍ଡ ସବୁ ଛୁଟି ଆସୁଛନ୍ତି ତୀରବେଗରେ । ମନେ ହୁଏ, ନଦୀ ତରଙ୍ଗ ହୋଇ ତା' ଉପରକୁ-ରୋଷ ଜର୍ଜ୍ଜରିତ ଚିତ୍ତରେ ତୀର ନିକ୍ଷେପ କରୁଛି । ଭାନୁ କିନ୍ତୁ ନଦୀର ବୁଅରେ ଭାସୁଛି ଜଳକନ୍ୟାପରି; ସତେ ଯେପରି ତା'ର ଦୈନ୍ୟ ଅଛି, କିନ୍ତୁ ଦୁଃଖ ନାହିଁ; କାମନା ଅଛି, କିନ୍ତୁ କଷ୍ଟ ନାହିଁ; ଆବେଗ ଅଛି, ଉଦ୍‌ବେଗ ନାହିଁ । ସତେ ଯେପରି ସେ ବଗଳାବସ୍ତ୍ରିତ ଫେନାୟିତ ବାରିରାଶିଉପରେ ତା'ର ଆଲୁଳାୟିତ କୃଷ୍ଣାଭ କବରୀକୁ ବିସ୍ତାଇ ଦେଇ ଭାସି ଭାସି ଚାଲିଛି ଅନନ୍ତ ସ୍ୱପ୍ନମଧ୍ୟରେ ।

ଏଥିଭିତରେ ସେ କେତେ ବନଗିରି, ଗଣ୍ଡ, ଘାଟ, ଗାଁ ଅତିକ୍ରମ କଲାଣି ତା'ର ଜଳଯାତ୍ରାମଧ୍ୟରେ । ସେ ଦେହରେ ଅବଶ ଅନୁଭବ କଲାଣି ।

ଭାସି ଯାଉ ଯାଉ ଦେଖିଲା, ଦୂରରେ—ବହୁ ଦୂରରେ ଲୋକମାନେ କାଠ ଧରୁଛନ୍ତି । ଗୋଟାଏ ଡଙ୍ଗା କେତେଗୁଡ଼ିଏ ଲୋକଙ୍କୁ ନେଇ ନଈ ପାରକରୁଛି । ଭାନୁ ବିକଳ ହୋଇ ଏତେବେଳେ ଭଗବାନଙ୍କୁ ଡାକିଲା "ଭଗବାନ ! ତୁମେଇ ରକ୍ଷା କର ।"

ଲୋକମାନେ କୂଳରେ ଥାଇ ଗୋଟିଏ ଗୋଟିଏ ଲମ୍ବା ବାଉଁଶରେ ନଗୀ ନଦୀଗର୍ଭକୁ ବଢ଼ାଇ ଭାସିଆସୁଥିବା କାଠଗୁଡ଼ିକୁ ଧରୁଛନ୍ତି । ଭାନୁ ଭାସି ଭାସି ଯାଉଛି ।

କୂଳଠାରୁ ଅଳ୍ପ ଦୂରରେ । ଭାନୁ ବିରାଟ ଆଶାର ପରିଆରମଧ୍ୟରେ ବହୁତ ଆଗକୁ ଆଗେଇଯାଇଛି । ସେ ଭାବୁଛି, ଚିତ୍କାର କରି ଡାକିବ ଲୋକମାନଙ୍କୁ । ଡାକ ଶୁଣିଲେ ତାକୁ ଉଦ୍ଧାର କରିବାପାଇଁ କେହି ଆଗେଇ ଆସିବ । ଆଶା ହିଁ ଆଶାରେ ରହିଲା । ଆଖିପିଛୁଳାକେ ସବୁ ଓଲଟ ପାଲଟ ।

ଭାନୁର ଆଗେ ଆଗେ ଅଳ୍ପ ଦୂରରେ ଭାସିଆସୁଥିଲା ଗୋଟାଏ କାଠଗଣ୍ଡି । କୋଳରେ ଜଣେ ଲୋକ ନଗୀ ବଢ଼ାଇଛି ତାକୁ ଟାଣିବ ବୋଲି କୂଳକୁ । ହଠାତ୍ ଆସିଛି ଦୁଇ ଜୁଆରର ପଦାଘାତ । କାଠଗଣ୍ଡିଟି ନଦୀ ସ୍ରୋତର ମଝିକୁ ଟାଣି ହୋଇଯାଇଛି । ଇସ୍, କି ଭୟଙ୍କର ! କି ଦୁର୍ଭାଗ୍ୟ ! ଲୋକଟି କାଠ ସହିତ ଟାଣି ହୋଇଆସିଛି ନଦୀଗର୍ଭକୁ । ପ୍ରଳୟ-ଯୁଅର ଶିକାର ହୋଇଛି ସିଏ । ଲୋକମାନେ

Digitized by srujanika@gmail.com

ଆର୍ତ୍ତ-କୋଳାହଳମଧ୍ୟରେ କଣ୍ଠ-ଉଠୁଥାନ୍ତ, ଭାସିଗଲା···ଭାସିଗଲା । ସେ ଲୋକଟି ପ୍ରାଣପଣରେ ଚିତ୍କାର କରୁଥାଏ-ରକ୍ଷା କର · ରକ୍ଷା କର ।

ଠିକ୍ ଏତିକିବେଳେ ସେହି କାଠଗଡ଼ଟି ଖରବେଗରେ ଯାଇ ବାଜିଲା ଯାତ୍ରୀବାହୀ ଡଙ୍ଗାଟି ଦେହରେ । ଆଖିପିଛୁଳାକେ ଆଉ ଏକ ପ୍ରଳୟ ନୃତ୍ୟ । ସଙ୍ଗେ ସଙ୍ଗେ ଡଙ୍ଗାଟି ଓଲଟିପଡ଼ୁଛି ଗୋଟିଏ ଭଉଁରିର ଘୋରଣାମଧ୍ୟକୁ । ଭଗବାନ ! ରକ୍ଷା କର··· ରକ୍ଷା କର, ମରିଗଲୁ । ହୃଦୟଫଟା କରୁଣ ଚିତ୍କାର ସହିତ ସବୁ ସେଇଠାରେ ପେଶି ହୋଇଗଲେ ମୃତ୍ୟୁର ପେଷଣୀମଧ୍ୟରେ । ସବୁ ଶେଷ···ସବୁ ଶେଷ ! ସମସ୍ତଙ୍କର ସଲିଳସମାଧି ହୋଇଛି । କେବଳ ଜଣକୁ ମୃତ୍ୟୁ ଅଇଁଠା କରି ଫୋପାଡ଼ି ଦେଇଛି । ସେ ନୌକାର ଭଙ୍ଗା-ପଟାଟିଏ ଧରି ଯୂପକାଠରେ ବନ୍ଧା ହୋଇଥିବା ବଧ୍ୟ ପଶୁପରି ଖାଲି କରୁଣରୁ କରୁଣତର ହୋଇ ଗୃହିଁଛି ଏପାଖ ସେପାଖକୁ । ପାଟିରୁ କଥା ବାହାରୁ ନ ପଡେ ଯେପରି ନିର୍ଜୀବ ।

ଭାନୁର ଛାତିଭିତରେ ଚାଲିଛି ସ୍ପନ୍ଦନର ଆବେଗ । କେତେବେଳେ ପଞ୍ଜରା ବିଦୀର୍ଣ୍ଣ କରି ଉଠୁଛି ଉଚ୍ଛ୍ୱାସ । କେତେବେଳେ ଭାବୁଛି, ହେଇ ମୃତ୍ୟୁ ଆସିଗଲା । ତା’ର ଚାଲିଛି ମୃତ୍ୟୁ ସହିତ ଲୁଚକାଳି । ସମସ୍ତେ ତ ଅସ୍ତ ହେଲେଣି । ଅପରିଚ୍ଛିନ୍ନ ଅଶ୍ରୁଳ ଇତିହାସର ଭୂମିକା ନେଇ ସେ କେବଳ ଗୃହିଁଛି ତା’ ଜୀବନର ଖେଳ କେତେବେଳେ ସମାପ୍ତ ହେବ ।

ଏତେବେଳେ ଭାନୁର ଚିତ୍କାର ଶୁଣୁଛି କିଏ । ଲୋକଟି ଭାସି ଭାସି ଯାଉଛି ଆଗେ ଆଗେ—ଭାନୁ ଚାଲିଛି ପଛେ ପଛେ ।

ଭାନୁ ଭାସି ଯାଉ ଯାଉ କେତେ ଯେ କୀଟପତଙ୍ଗ ତା’ର ମୁକୁଳା କେଶପାଶକୁ ଭିଡ଼ିଧରି ଆଶ୍ରୟ କଲେଣି, ତା’ର ହିସାବ ନାହିଁ ।

ଅନେକ ଲୋକ ନଦୀଗର୍ଭରେ ଜୀବନର ସର୍ବସ୍ୱ ଭସାଇଦେଇ ବ୍ୟାକୁଳିତ ହୋଇ ଗୃହିଁଛନ୍ତି ତା’ର ବଙ୍କିମ ପଥକୁ, ଯାହା ଦୂରରୁ ଦୂରକୁ ଯାଇ ମିଳିଯାଇଛି ଚକ୍ରବାଳରେ, ଯେଉଁଠାରେ ନାହିଁ ଗୋଧୂଳିର ଦୃପ୍ତ ଧୂସରିମା, ନାହିଁ ଊଷା-ଉଷସୀର ମନୋଜ୍ଞ ଅଭିନୟ । ନଦୀକୂଳଟା ପାଲଟିଛି ମଡ଼ାମଶାଣୀ । ଆଇଁଷ ଗନ୍ଧରେ ଶ୍ୱାସରୁଦ୍ଧ ହେଉଛି । ଶ୍ୱାନ ଶୃଗାଳର ଚାଲିଛି ଦିନବେଳାରେ ଆନନ୍ଦ-ଭୋଜି । ମଣିଷର ମାଂସ, ମେଦ, ରକ୍ତ ଭାରି ମିଠା ।

ସେକାଳି ନିରନ୍ନ ସର୍ବହରା ଲୋକଗୁଡ଼ାକ ଖାଲି ଗୃହିଁଛନ୍ତି—ଗୃହିଁ ରହିଛନ୍ତି ନିରର୍ଥକ ଦୃଷ୍ଟିରେ । କାଲି ସେ ଥିଲେ ସୌଧ-ବିଳାସୀ, ତାହାଙ୍କ

Digitized by srujanika@gmail.com

କନ୍ୟା ଓ କୁଳବଧୂ ଥିଲେ ଅସୂର୍ଯ୍ୟମ୍ପଶ୍ୟା, ସେମାନଙ୍କ ମଧ୍ୟରୁ କେହି ଧୂଳରେ ମିଶାଇ ଦେଇଛି ତା'ର ହେମ-ଅଙ୍ଗର ଉଜ୍ଜ୍ୱଳ୍ୟ । ତା' ଅଙ୍ଗର ପ୍ରତି ଲୋମକୂପରେ ଆଜ ଚରୁଛନ୍ତି ବିଷାକ୍ତ ଜୀବାଣୁ । ମଣିଷକୁ ହୁଏ ତ ସେ କେବେ କୁକୁର ବୋଲି ଭାବିଥିବ; କିନ୍ତୁ କୁକୁର ତାକୁ ଆଜ ମଣିଷ ବୋଲି ଭାବି ନ— ବେଶ୍ ତୃପ୍ତି ମଧ୍ୟରେ ସେ ତା'ର ମାଂସକୁ ଖାଇବାରେ ଲଗିଛି । ଘରର ଝିଅ-ବୋହୂମାନେ ହୋଇଛନ୍ତି ଅନାଥିନୀ, ଆଶ୍ରୟହୀନା ।

ସରକାରଙ୍କ ତରଫରୁ ରିଲିଫ୍ ବଣ୍ଟାଯାଉଛି—ଅଁଳ୍ପସିଝା, କଞ୍ଚାଚୁଡ଼ା, ଗୁଡ଼ । ଧନୀଘରର ଝିଅବୋହୂମାନେ ମୁହଁରେ ତାଙ୍କର ଲୁଗାକାନି ଘୋଡ଼ାଇ ଦେଇ ହାତ ପାତିଛନ୍ତି ସାହାଯ୍ୟପାଇଁ । ସେବକମାନେ ହାତରେ ଖାଦ୍ୟ ଦେଉଥିବେଳେ ସେଥିରୁ ଅଧା ଖସିପଡ଼ୁଛି ତଳେ । ଗୋଟିଏ ହାତରେ କେତେବା ଖାଦ୍ୟ ରହିବ । ଆଉ ଗୋଟିଏ ହାତ ବନ୍ଧ ହୋଇଛି ମୁହଁପାଖରେ ଲୁଗାକାନି ମୁହଁରେ ଘୋଡ଼ାଇବାରେ ।

ସ୍ୱେଚ୍ଛାସେବକ ଦରବିଗଳିତ ଅଶ୍ରୁକୁ ସମ୍ଭାଳି ନେଇ କହୁଛନ୍ତି—"ମା, ଭଉଣୀ, ମାଉସୀ, ଝିଅ, ମୁହଁରୁ ଲୁଗା କାଢ଼ । ହାତ ଦେଖାଅ । କାନି ପାର । ଦୁଇହାତରେ ଖାଦ୍ୟ ରଖିନିଅ । ଲଜ କର ନି । ଆମେ ତୁମର ପୁଅ, ଭାଇ, ସେବକ । ଲଜ କରୁ ନି ମା' ଲଜ କର ନି ।

କେହି ନବୀନଯୌବନା ଯୁବତୀ ତା'ର ଲୁଗାକାନିକୁ ଅଶ୍ରୁସିକ୍ତ କରି ତାରି ଭିତରେ ମୁହଁ ଲୁଚାଇ କହୁଛି—ଭାଇ, ଆମକୁ ଆଉ ଅଧିକ ଦୁଃଖ ଦିଅନି ।

ଆମର ମୁହଁ ଦେଖାଇବାକୁ ଭଗବାନ କରି ନାହାନ୍ତି । ପୋଡ଼ି ଯାଇଛି ଏ ମୁହଁ । ଯା'ଦେହରେ ସୂର୍ଯ୍ୟଙ୍କର ଛାଇ ପଡ଼ି ନ ଥିଲା, ସେ ଆଜ ପେଟପାଇଁ ତା'ର ପୋଡ଼ା ପେଟପାଇଁ ଅଜ ଅନ୍ନ ଛତ୍ରରେ ହାତ ପତାଇଛି । କୁହ ଭାଇ, ସେ ମୁହଁ ଦେଖାଇବ କିମିତି ? ମୁହଁ ଦେଖାଇବ ଆଉ କାହାକୁ ?

ଭାନୁ ବଡ଼ିଲ ନୂଆରେ ଭାସି ଯାଉ ଯାଉ ଏସବୁ ଦେଖି ଦେହ ତା'ର ଉଲୁସି ଉଠୁଛି । ସେ ମର୍ମବେଦନାରେ ଅସ୍ଥିର ହୋଇ ଭାବୁଛି, ଗଗନ-ପବନ ଫଟାଇ ଚିତ୍କାର କରି ଡାକିବ, ସେମାନଙ୍କୁ ଚିତ୍କାର କରି ଡାକିବ ଚାରି କୋଳକୁ । ଆସ, ଏପରି ବଞ୍ଚିରହିବା ଅପେକ୍ଷା ଯେଉଁ ନଈରେ ସମସ୍ତେ ଭାସିଯାଇଛନ୍ତି ଅଜଣା ପୁରକୁ, ଆମେ ବି ସେଇ ନଈରେ ଭାସିଯିବା । ଆସ, ଭାଇ ଭଉଣୀମାନେ ।

Digitized by srujanika@gmail.com

ଯୁବକଟି ଭାସି ଭାସି ଚାଲିଛି ଆଗେ ଆଗେ । ଘନୁ ଦୂରରେ, ଅନେକ-ଦୂରରେ ଚାଲିଛି ତା' ପଛେ ପଛେ । ଦୀର୍ଘପଥ ଅତିକ୍ରମ କରିବାପରେ ନଦୀଗର୍ଭରେ ଦେଖାଗଲା ଗୋଟିଏ ଉଁଚ ଛୋଟ ଟାପୁ । ସେଠାରେ ଏକ ଧ୍ୟାନମଗ୍ନ ତାପସପରି ଉନ୍ନତ ଶିର ଟେକି କାୟା ବିସ୍ତାର କରିଛି ବୃକ୍ଷରାଜ ବନସ୍ପତି । ତା'ର ଏକ ଭଙ୍ଗା ଡାଳ ନଈପାଣି ଭିତରକୁ ହାତ ମେଲି ଛିଡ଼ା-ହୋଇଛି ଟାପୁ ଉପରେ ।

ଯୁବକଟିର ଜୀବନ-ତରୀ ଭାସି ଭାସି ଯାଇ ଅଟକିଗଲା ତା'ର ପାଖରେ । ସେ ସୁଅରେ ଭାସି ଯାଉ ଯାଉ ଚଟ୍‌କରି ଡାଳଟିକୁ ହାତରେ ଧରିପକାଇଲା । ଇସ୍, ଏତେ ସମୟପରେ ଭଗବାନ୍ ତାଙ୍କର କରୁଣା-କର ପ୍ରସାରଣ କଲେ ତାକୁ ରକ୍ଷା କରିବାପାଇଁ । ସେ ସେହି ଡାଳଟି ଧରି ତା'ର ଅବଶ ବିବଶ ଶରୀରକୁ ଟାପୁ ଉପରକୁ ଉଠାଇଲା ଅତି କଷ୍ଟରେ ।

ଧରା-ଧୂଳିରେ ପାଦ ଦେଲାକ୍ଷଣି ଆନନ୍ଦରେ ତା'ର ହୃଦୟ ଉଦ୍‌ବେଳିତ ହୋଇଉଠିଲା । ସେ ଚାରିଆଡ଼କୁ ଚାହିଁ ଏକ ପ୍ରଶାନ୍ତ ଉଦାରଭାବ ମଧ୍ୟରେ ବିହ୍ୱଳ ହୋଇ ଏଇ ବନସ୍ପତିର ପଦତଳେ ମୁଣ୍ଡ ଲଗାଇଲା ଦୟାମୟ ଜଗଦୀଶ୍ୱରଙ୍କ ଉଦ୍ଦେଶ୍ୟରେ ।

ଏତିକିବେଳେ ଏକ କରୁଣ ଚିତ୍କାର ଶୁଣାଗଲା ପଛରୁ— ରକ୍ଷା କର… ରକ୍ଷା କର ଭାଇ…ରକ୍ଷା କର…ମରିଗଲି !!

ଆଶ୍ଚର୍ଯ୍ୟ, ଭୟ, କାତରତା ।

ଉଦ୍‌ବେଗ, ଅନୁକମ୍ପା, କର୍ତ୍ତବ୍ୟବୋଧ ।

ଏସବୁ ଜମାଟ ବାନ୍ଧିଲା ଯୁବକଟିର ପ୍ରାଣରେ । ଚମକିପଡ଼ିଲା ଭାଇ-ଡାକରେ ଯୁବକଟି । ସେ ବିକଳ ହୋଇ ଆଖିଫେରାଇଲା ପଛକୁ ।

ଭାସିଆସୁଛି ଏକ ନାରୀମୂର୍ତ୍ତି । ଆଲୁଳାୟିତ କେଶପାଶ । ନିସ୍ତେଜ ନିଥର ତା'ର ଅଙ୍ଗଭଙ୍ଗୀ । ଓଃ, ଏଇ କଣ ତା'ହେଲେ ତା'ର ପ୍ରାଣର ଭଉଣୀ ଉଷା ? ? ଉଷା ତା'ର ତେବେ ମରିନି ? ? ଅସହାୟ ପ୍ରତୀକ୍ଷା ଓ ଦୁର୍ବାର ବ୍ୟାକୁଳତାମଧ୍ୟରେ ସେ ଭାବିଲା, ତା'ର ପ୍ରାଣପ୍ରତିମା ଅଭାଗିନୀ ଭଉଣୀଟି ତା ପଛେ ପଛେ ଭାସିଆସୁଛି ଉଙ୍ଗାରୁ ଛିଡ଼ିକିପଡ଼ି । ଏଧ ଜୀବନର ଶେଷ ମିନତି ତାକୁଛି ଭାଇ ପାଖରେ ।

ହଁ…ହଁ…ସେ ତାକୁ ରକ୍ଷା କରିବ । ଏକା ହୋଇ ଘରକୁ ଫେରିବ କପରି ? ନବୋଉ, ବାପା କି ବ୍ୟସ୍ତତାଭିତରେ ଅପେକ୍ଷା କରି ବାଟ ଚାହିଁ

Digitized by srujanika@gmail.com

ବସିଥିବେ । ଏକା ଫେରିଯାଇ ସେମାନଙ୍କୁ କି ଉତ୍ତର ଦେବ. ନା, ସେ ପୁଣି ଥରେ ଲମ୍ଫଦେବ ନଦୀଗର୍ଭକୁ । ତାକୁ ବଞ୍ଚାଇବାକୁ ଚେଷ୍ଟା କରିବ । ଭଗବାନଙ୍କର ନିର୍ମମ ଦଣ୍ଡ ଭୋଗିବାକୁ ଥିଲେ ଉଭୟେ ଭୋଗିବୁ ।

ନା, ହେଇ ତ ନଯ ଟାପୁଆଡ଼କୁ ଗତି ବଦଳାଇଛି । ବାଃ, ଆନନ୍ଦ ! ଆନନ୍ଦ !! ଭଗ୍ନୀମସ୍ତୁ ତା'ର ସଂସାର । ଯେଉଁଆଡ଼େ ଦେଖୁଛି ଖାଲି ଉଷା… ଉଷା… ଆଲୋକ ଅଛି—ଉଷାର ଆଲୋକ ଅଛି—ପ୍ରଦୋଷର ଅନ୍ଧାରକୁ ଜିଣି ଉଷାର ଆଲୋକ ଝରିବ । ଆଜି ସେ ପ୍ରଦୋଷ ହେବାକୁ ଦେବ ନି । ଆନନ୍ଦରେ ଉଷା ହସରେ ଦେବତାର ଜୟଗାନ କରି ହସିଉଠିବେ ଭାଇ-ଭଉଣୀ ।

ତରତର ହୋଇ ବକ୍ଷର ଉତ୍ତରୀୟଟି ଖୋଲି ନେଇ ଚିନ୍ଧି-ପକାଇଲା । ଚିନ୍ଧାଲୁଗାଟି ବାହାର କରି ଗୋଟିଏ ପାଖ ଗଛର ଡାଳ ସନ୍ଧିରେ ଭିଡ଼ିଲା ଖୁବ୍ ଜୋରରେ । ଆର ପାଖ କାନିକୁ ଗୁଡ଼ାଇ ଗୁଡ଼ାଇ ଗୋଟିଏ ପିଣ୍ଡୁଳା କଲା । ଡାଳଟିକୁ ଗଛର ଏକ ଶକ୍ତ ଚେର ଦେହରେ ଟାଣିକରି ବାନ୍ଧିଲା ।

ସେଇ ଟାପୁ ପାଖଦେଇ ଅଳ୍ପ ଦୂରରେ ଭାସିଗଲାବେଳେ କରୁଣ ନୟନରେ ହାତ ପାତି ସାହାଯ୍ୟ ମାଗିଲା ଭାନୁ । ଯୁବକଟି ଚିତ୍କାର କରି କହିଲା, ଉଷା ! ଏ ଲୁଗା ପିଣ୍ଡୁଳାଟି ଧରି—ମୁଁ ବାନ୍ଧିଛି । ପିଣ୍ଡୁଳାଟିକୁ ଆଖିପିଛୁଳାକେ ଫୋପାଡ଼ିଲା ଭାନୁ ଉପରକୁ ।

ଲକ୍ଷ୍ୟ-ନିର୍ଦ୍ଦେଶ । ଭଗବାନଙ୍କର ଶୁଭାଶିଷ ନେଇ ଆସିଥିଲା ଭାନୁ । ଚଟ୍ କରି ପିଣ୍ଡୁଳାଟିକୁ ଦୁଇ ହାତରେ ଧରିପକାଇଲାକ୍ଷଣି ଗଣ୍ଠି ହାତରୁ ଖସିଗଲା । ଲୁଗା ପିଣ୍ଡୁଳାର ଖିଅ ହୋଇଛି ମୁକୁଳା । ପାଣିର ସୁଅ ତାକୁ ସେଇ ଅବସ୍ଥାରେ ଠେଲି ନେଇଛି ଅଳ୍ପ ବାଟ । ଖିଅ ଆସ୍ତେ ଆସ୍ତେ ଫିଟି ଫିଟି ଯାଉଛି । ସମସ୍ତ ଶକ୍ତି ଦେଇ ତାକୁ ଭିଡ଼ିଧରିଛି ଭାନୁ ।

ହଠାତ୍ ତା'ର ଯାତ୍ରା ଅଟକିଗଲା । ଲୁଗାକାନି ଧରି ସେ ପାଣିରେ ଭାସୁଥାଏ । ତା' ଉପରେ ବାଡ଼େଇ ହୋଇଯାଉଥାଏ ସୁଅ ।

ଯୁବକଟି ଚିତ୍କାର କରି କହିଲା, "ଉଷା, ଖୁବ୍ ଜୋର୍‌ରେ ଲୁଗା-କାନି ଭିଡ଼ି ଧରିଥା । ଭୟ କର ନାହିଁ । ତୋ ଭାଇ ମରି ନ…ମରି ନ ମୁଁ ଟାଣୁଛି, ଡାଳ ପାଖକୁ ଆସିଲାକ୍ଷଣି ଡାଳକୁ ଧରିପକାଇବୁ । ସାବଧାନ; ଭୟ କରୁଛୁ କି ଉଷା ? ହାତମୁଠା ଟାଣକର ।"

Digitized by srujanika@gmail.com

ଭାନୁ ଉଷା-ଡାକର ସମ୍ବୋଧନରେ ଥରେକପାଇଁ ଚହଲିଗଲା ନିଜ ଭିତରେ । ପ୍ରତିବାଦ କରିବାର ଶକ୍ତି ତା'ର ନାହିଁ । ସେ ବୃନ୍ଦେ ଆଶ୍ରୟ । ଜୀବନପ୍ରତି ମମତା । ବଞ୍ଚି ରହିବା ପାଇଁ ଚେଷ୍ଟା ।

ଯୁବକଟି ନଦୀର ସ୍ରୋତ ସହିତ ସଂଘର୍ଷ କରି ଭାନୁକୁ ଟାଣି ଟାଣି ଆଣି କୂଳରେ ଲଗାଇଲା । ତା'ପରେ ତା'ର ହାତ ଧରି ଉପରକୁ ଉଠାଇ ଆଣି ଆବେଗ ଓ ଉଦ୍‌ବେଗ ମଧ୍ୟରେ ଡାକିଲା, "ଉଷା······ଉଷା······ ଉଷା ! କଥା କହିବୁ ନି, ମୋତେ କଥା କହିବୁ ନି ? ହେଇ ଦେଖୁଛୁ, ଉଷାମୟ ମୋର ସଂସାର । ଜୀବନରେ ଆଜି ପ୍ରଦୋଷ ହେବାକୁ ଦେବି ନି । ମୋର ଜୀବନ ହେବ ମା' ଉଷାର ଏକ ନବୀନ ଉତ୍ସବ ।"

ଆନନ୍ଦରେ ଆତ୍ମହରା ହୋଇଛି ଯୁବକ । ତଥାପି ଭାନୁ ନିର୍ବାକ୍ । କ୍ଷତାକ୍ତ ଲଜକୁଳି ଲତାଟି ପରି ଶଙ୍କୁଚିତା ।

କିଛି ସମୟମଧ୍ୟରେ ଭାନୁର ଦେହଭିତରେ ଗୋଟାଏ ଅଜ୍ଞାତ ଆଶଙ୍କାର କମ୍ପନ ଖେଳିଗଲା । ସେ ବାଷ୍ପଭରା ଅସ୍ଫୁଟ ସ୍ୱରରେ କହିଲା, "ନା ନା, ମୁଁ ଉଷା ନୁହେଁ···ମୁଁ ଉଷା ନୁହେଁ ମୁଁ ତୁମର ଉଷା ନୁହେଁ" ।

"ତୁ ତେବେ ମୋତେ ପ୍ରତାରଣା କରିବାକୁ ଚାହୁଁଛୁ । ନା ନା, ଭୁଲ କହିଲି । ଭୁଲ କହିଲି । ମୋ ମୁଣ୍ଡ ତ ଖରାପ ହୋଇ ନି । ମୁଁ ଠିକ୍ ଅଛି ? ତୁ ମୋର ଭଉଣୀ ଉଷା ନିଶ୍ଚୟ, ତୁ ମୋର······

"ଭଉଣୀ, ଭାଇ ! ଭାନୁ ଆଜି କିଛି କହିପାରିଲା ନି । କଥା-କହିବାର ଶକ୍ତି ତା'ର ନ ଥାଏ । ହାତପାଦ ଥଣ୍ଡା, କେଶଗୁଚ୍ଛ ଆର୍ଦ୍ର ଓ ଫେଣଯୁକ୍ତ କେତେ କୁଟା, କାଟି, ପଙ୍କ, ମଳି କୀଟପତଙ୍ଗ ତା ଭିତରେ ବସା ବାନ୍ଧିଛନ୍ତି । ପ୍ରାଣରେ ତା'ର ସ୍ପନ୍ଦନ ଅଛି ସତ; କିନ୍ତୁ ଅଙ୍ଗରେ ଜାଗରଣ ନାହିଁ—ସତେ ଯେପରି ଅର୍ଦ୍ଧମୃତା ।

ଯୁବକଟି ବ୍ୟସ୍ତ ହୋଇ ତାକୁ ସାହାଯ୍ୟ କରିବାକୁ ଚେଷ୍ଟା କଲା । ତେବେ ଉଭୟ ସେ ସହୋଦର—ସମଧର୍ମୀ ।

ଏତେବେଳକୁ ବର୍ଷା ଛାଡ଼ିଗଲାଣି । ପାଣି ଟିକିଏ କମି ଆସୁଅଛି । କେବଳ ଉତରତ । ମେଘମାଳା ଆକାଶରୁ ତାଙ୍କର ପ୍ରଣୀ ଭଙ୍ଗି ଆସ୍ତେ ଆସ୍ତେ ଅପସରି ଯାଉଛନ୍ତି ଦିଗ୍‌ବଳୟ କୋଳକୁ । ଅସ୍ତଗାମୀ ସୂର୍ଯ୍ୟର ମ୍ଳାନ କିରଣ ନଦୀର ଗେରୁଆ ପାଣି ସହିତ ନିବିଡ଼ ଆତ୍ମୀୟତାଭିତରେ ମିଶିଯିବାକୁ

Digitized by srujanika@gmail.com

ବସିଲଣି । ଦୁହେଁଯାକ ତାଙ୍କର ଶୀତାର୍ତ୍ତ ଶରୀରକୁ ପଖାଳିଦେଲେ ସେଇ ଶେଷ କରଣତଳେ ।

ଯୁବକଟି ଲୁଗାଟିକୁ ଜୋରରେ ଚିପୁଡ଼ି ଦେଇ ଗଛଡାଳରେ ଟାଙ୍ଗି-ଦେଲା । ସେ ଅର୍ଦ୍ଧଶୁଷ୍କ ଚିତ୍ତରେ ଆସି ସେବା କଲା ଭାନୁର । ତା'ର ମୁକୁଳା କେଶପାଶକୁ ପରିଷ୍କାର କରି ଚିପୁଡ଼ି ଦେଲା । ଭାନୁର କଅଁଳ ଅଙ୍ଗ ଉପରେ ଜଣେ ଅପରିଚିତ ଯୁବକର ସ୍ନେହ-ସ୍ପର୍ଶ—ଜୀବନର ଏଇ ପ୍ରଥମ ଅଭିନୟ । ଭୟ, ଲଜ୍ଜା, ଆଶଙ୍କା ଭିତରେ ତା'ର ଲୋମ ଟାଙ୍କୁରିଉଠିଲା । ତାର କ୍ଷୀଣ ଅବଶ ଅଙ୍ଗରେ ସ୍ପନ୍ଦନ ନଥିଲା ।

ଅଳ୍ପ ସମୟମଧ୍ୟରେ ଲୁଗାଟି ଶୁଖିଗଲା । ଯୁବକଟି ଶୁଖିଲା ଲୁଗାଟି ଆଣି ଭାନୁ ହାତରେ ଦେଇ ଅତି ବନସୁବୋଳା କଣ୍ଠରେ କହିଲା, "ଊଷା, ତୁ ଲୁଗାଟା ବଦଳାଇ ଦେ ମା, ଏ ଶୁଖିଲା ଲୁଗାଟି ପିନ୍ଧିପକା ।"

ପ୍ରଶ୍ନଭରା ଆଖିରେ ତା' ଆଡ଼କୁ ଚାହିଁରହିଲା ଭାନୁ । "ମୁହଁ କୁ କଣ ? ଲୁଗାଟା ବଦଳ ଇପକା । ଓଦା ଲୁଗାଟା ଦେହରେ ଥିଲେ ଥଣ୍ଡା ହେବ । ସେଇ ଲୁଗାଟା ରହିଲା, ପିନ୍ଧିପକା ମୁଁ ଆସୁଛି ।"

ଯୁବକଟି ଲୁଗାଟି ଥୋଇଦେଇ ଆଗକୁ ଯାଇ ଦେଖିଲା, ଅନତିଦୂରରେ ଅନ୍ୟାନ୍ୟ ଗଛପତ୍ର ଗହଳରେ ଗୋଟିଏ ନଡ଼ିଆ ଗଛ ମୁଣ୍ଡ ଟେକି ଦିଗ୍‌ଦର୍ଶକ-ପରି ଛିଡ଼ାହୋଇଛି । ସେଥିରୁ ଶୁଖିଲା ନଡ଼ିଆ ଖସିପଡ଼ିଛି ତଳେ ।

ବାଃ, ନିର୍ଜ୍ଜନ ଦ୍ୱୀପରେ ନିର୍ବାସିତପାଇଁ ଭଗବାନ୍ ମଧ୍ୟ ଖାଦ୍ୟ ସଂଚୟ କରିରଖିଛନ୍ତି ! ପ୍ରକୃତରେ, ଭଗବାନଙ୍କର ସୃଷ୍ଟି କି ବିଚିତ୍ର ! ଏଇ ଦୁଇଟା କ୍ଷୁଧିତ ପ୍ରାଣୀକୁ ବଞ୍ଚାଇବାପାଇଁ ବୋଧ ହୁଏ ଈଶ୍ୱର ଏ ବ୍ୟବସ୍ଥା କରିଛନ୍ତି ।

ଭାନୁ ବଡ଼ କଷ୍ଟରେ ଶୁଖିଲା ଲୁଗାଟି ବଦଳାଇ ପୁଣି ପ୍ରଶ୍ନଭରା ନୟନରେ ଚାହିଁରହିଲା ସେଇ ଆଡ଼କୁ । ସେ ବୁଝିପାରୁ ନି, ତା'ର ସାହାଯ୍ୟକାରୀ ଏକ ଦେବଦୂତ, ନା ଯମଦୂତ, କି ଏକ ପାଗଳ; ତା'ର ଆଚରଣ ମାନସିକ ବିକୃତିର ଚିହ୍ନ, କି ପ୍ରଗଲ୍‌ଭତା । ତା ମନରେ ଏଇ ନଦୀର ଅଗଣିତ ଲହରୀମାଳାପରି ଅସରନ୍ତି ପ୍ରଶ୍ନ ଜାଗିଉଠି ସବୁଗୁଡ଼ିକ ଅମୀମାଂସିତ ହୋଇ ଲୀନ ହୋଇଯାଉଛି ଥରକୁ ଥର ।

ଯୁବକଟି ଯାହାର କ୍ଷତ ଭୁଲିଯିବାକୁ ଚେଷ୍ଟା କରୁଛି । ସେ

Digitized by srujanika@gmail.com

ଦେଖୁଛି, ନଗ୍ନ ପ୍ରଳୟ-ରୂପ ନେଲେ ବି ତାକୁ ଆଜି ତା'ର ବକ୍ଷପୁଟରେ ମା' ପରି ଆଶ୍ରୟ ଦେଇଛି । ଆନନ୍ଦ-ଉଦ୍‌ବେଳିତ ତାଁର ହୃଦୟ, ପୁଲକପୂରିତ ତା'ର ପ୍ରାଣ ।

ନଡ଼ିଆଟିକ ଚକ୍ରୁ ଗୋଟାଇସାରିବାପରେ ଦେଖିଲା ମାଝରେ ଶୁଖିଲା ବାହୁଙ୍ଗା । ତାକୁ ଉଠାଇଲା କ୍ଷଣି ତା'ର କୌତୂହଳକୁ ଦ୍ୱିଗୁଣିତ କରି ଦେଖାଗଲା ତା' ଦେହରେ ଗୋଟିଏ ମଧୁଚକ୍ର । ସେ ମହାଆନନ୍ଦରେ ତାକୁ ଭାଙ୍ଗିଲା । ପରର ତୋଲାରେ ମହୁଟିକ ସଂଗ୍ରହ କରି ଅତି ଆବେଗ ଓ ଚଞ୍ଚଳତା ମଧ୍ୟରେ ଫେରିଆସିଲା ତା'ର ପ୍ରାଣାଧିକା ଭଉଣୀ, କଳ୍ପନାର ଉଷା ପାଖକୁ ।

"ଉଷା……ଉଷା, ଦେଖୁଲୁଣି ଉଷା ! ସମୁଦ୍ର ମନ୍ଥନରୁ ଦେବତାଙ୍କୁ ଅମୃତ ମିଳିଲାପରି ଆମକୁ ଏଇ ସମୁଦ୍ରରୁ ଏତିକ ଅମୃତ ମିଳିଛି ।"

ଭାନୁ ଉତ୍କଣ୍ଠା ଓ ଆବେଗ ମଧ୍ୟରେ ଚିହାଁରିହେଲା ସେଇ ସମ୍ବିତ ଯୁବକ ଆଡ଼କୁ । ସେ କହିଚାଲିଛି ବାଧାହୀନଭାବରେ :

"ତୁ ଟିକିଏ ଚାଖି ଉଷା । ଭୋକ ଲିଭାଇ ପାରିବ ନା ସତ; କିନ୍ତୁ ଖାଦ୍ୟ-ପରି ଶକ୍ତି ଦେବ । ବିଳମ୍ବ କର ନା । ତୋଲାଟାରେ କେତେବେଳଯାଏ ରହିବ ? ଏଇ ନେ ।"

"ଧନ୍ୟବାଦ ଭାଇ । ତୁମର ଉପକାରପାଇଁ ମୁଁ ପ୍ରକୃତରେ କୃତଜ୍ଞ । ମୁଁ ତୁମର ଉଷା ନୁହେଁ । ଉଷା ଡାକି ମୋତେ ଅଧିକ ଲଜ୍ଜା ଦିଅନ୍ତୁ ନାହିଁ । କମ୍ପିତ ଓ ଆବେଗମୟ କଣ୍ଠରେ କହିଲା ଭାନୁ ।

"ତୁମେ ମୋର ଉଷା ନୁହଁ ? ତୁମେ ମୋର ସ୍ନେହମୟୀ ଭଉଣୀ ଉଷା ନୁହଁ ?"

ଭାନୁ ଆଷାଢ଼ୀ ମେଘର ଅସଂଭାପରି ଆଜିର ଲୋତକର ଘନ ବର୍ଷଣ-ଭିତରେ କହିଲା, 'ଭାଇ ! ମୋତେ ତୁମେ ଭଉଣୀ ବୋଲି ଡାକ । ମୁଁ ତୁମର ଅଲୋଡ଼ା ଭଉଣୀ ଭାନୁ । ମୁଁ ଉଷା ହୋଇପାରିବି ନା ଭାଇ, ଉଷା ହୋଇପାରିବ ନା । ଭାନୁ…ଭାନୁ… । ଭାନୁ ଭିତରେ ଉଷାକୁ ଦେଖିବାକୁ ଚେଷ୍ଟାକର ।

"ନା ନା ତୁ ମୋତେ ପ୍ରତାରଣା କରି ନା ଉଷା ! ମୋତେ ପ୍ରତାରଣା କର ନା । ତୁ ଉଷା… ତୁ ନିଶ୍ଚୟ ଉଷା ।"

ଏତିକବେଳେ ପ୍ରଶାନ୍ତୀ ଗହ୍ୱର ବକ୍ଷରେ ଅସ୍ତ ଯବନିକାର ରକ୍ତିମ ଆସ୍ତରଣ ଟାଣି ହୋଇଆସିଛି ବ୍ୟଥାତୁର ଭଗ୍ନୀହରା ଯୁବକର ଆଖିରେ ଉଷା…ପ୍ରକୃତ ବୁକୁରେ ଉଣସୀ । ଉଷାମୟୀ ଶୋଭାମୟୀ ଉଷସୀ ।

Digitized by srujanika@gmail.com

✳ ✳ ✳ ✳ ରଜନୀର ଏକ ଅନ୍ତହୀନ ପ୍ରହର । ବିମଳ ଆକାଶ । ଜ୍ୟୋତ୍ସ୍ନାଚର୍ଚ୍ଚିତ ମେଦିନୀ । ତରଙ୍ଗାକୁଳ ନଦୀବକ୍ଷରେ ପ୍ରତିଫଳିତ ହେଉଛି ବେପଥୂଭଜା ଜ୍ୟୋତ୍ସ୍ନାରେଖା ।

ମିନାକ୍ଷୀ ନଦୀର ଅପର ଦିଗରେ ଭାସି ଭାସି ଯାଉଛି ପ୍ରକୃତିର ଅଭିନୟକୁ ଦେଖି ଦେଖି । ମୃତ୍ୟୁ ତାକୁ ଆଖିମିଟିକା ମାରୁଛି ସତ; କିନ୍ତୁ ତା'ର ଜୀବନକୁ ନିଜ ପୂଜାପାଇଁ ନୈବେଦ୍ୟ ବାଢ଼ି ନି । ତଥାପି ସେ ମରଣ-ପଥର ଯାତ୍ରୀ । ନୈରାଶ୍ୟର ଭୂମିକା ନେଇ ସେ ଆଗେଇଛି—କିଏ କହିବ, କେଉଁବେଳେ ତା' ଯାତ୍ରୀ-ପଥରେ ପଡ଼ିବ ଏକ ବିରାଟ ପୂର୍ଣ୍ଣଚ୍ଛେଦ ।

ନଦୀସୁଅରେ ଭାସିଯିବା ସମୟରେ ସେ ଦେଖିଲା ଅନେକ ମାଛ ସ୍ରୋତ ସହିତ ଲଢ଼େଇ କରି ଆଗେଇଛନ୍ତି ତା'ର ବିପରୀତ ଦିଗରେ । ଜଳର ଆସ୍ତରଣ ଉପରେ ଅଙ୍କିତ ହେଉଛି । କେତେ ବଙ୍କିମ ରେଖା, ପୁଣି ଆଖି-ପିଛୁଳାକେ ତାହା ଲିଭିଯାଉଛି ଥରକୁ ଥର ।

ମିନାକ୍ଷୀର ମନେ ପଡ଼ିଲା ତା' ବୋଉର ନୀତିକଥା—'ଜୀବନ ପାଣିର ଗାର । ଆଖି ପିଛୁଳାକେ ଅଙ୍କିତ ହୋଇ ପୁଣି ତାହା ଲିଭିଯାଏ ।' ଏହି ମହାସତ୍ୟର ପରୀକ୍ଷା ବର୍ତ୍ତମାନ ଚାଲିଛି ତାହା ଜୀବନ ଉପରେ ।

ହଠାତ୍ ଆଶା ଓ ଆଲୋକ ମଧ୍ୟରେ ଆଖି ତା'ର ଉଜ୍ଜ୍ୱଳ ହୋଇ-ଉଠିଲା । ଗୋଟିଏ ପରିତୃପ୍ତିର ଲହରୀ ତା'ର ମୁଖମଣ୍ଡଳରେ ଖେଳିଗଲା । ଓଷ୍ଠାଧରରେ ଚହଲିଗଲା ଏକ କ୍ଷୀଣ ହାସ୍ୟରେଖାର କମ୍ପନ । ସେ ଭାବିଲା, 'ଏତେବେଳକେ ଭଗବାନ୍ ତା'ର ଡାକ ଶୁଣିଛନ୍ତି । ଅଳ୍ପ ସମୟମଧ୍ୟରେ ତା'ର ଏଇ ଦୁଃସହ ପରିସ୍ଥିତିର ସମାଧାନ ହୋଇଯିବ ।

ଦିଗ୍‌ବଳୟ ରଙ୍ଗମଞ୍ଚରୁ ପ୍ରଭାତର ସ୍ପର୍ଶରେ ଯେପରି ଅନ୍ଧକାରର ଘନକୃଷ୍ଣ ଯବନିକା ଖସି ଖସି ଯାଇ ଆସ୍ତେ ଆସ୍ତେ ଉଷାଲୋକର ବିଚ୍ଛୁରଣୀ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇଉଠେ, ମିନାକ୍ଷୀର ମୁଖମଣ୍ଡଳ ଆଶାଲୋକରେ ସେଇପରି ଉଦ୍ଭାସିତ ହୋଇଉଠିଲା ।

Digitized by srujanika@gmail.com

ଚରମ ଉତ୍କଣ୍ଠାମଧ୍ୟରେ ଆଗକୁ ଗୁହିଁଲ ମିନାକ୍ଷୀ । ନଦୀଗର୍ଭରେ ଦେଖାଯାଉଛି ଏକ କୃଷ୍ଣ ଶିଳାଖଣ୍ଡର ଦୃଶ୍ୟ । କଳା ମଚ ମଚ ତା'ର ଦେହ । ଜଳସ୍ରୋତ ସହିତ ସଙ୍ଘର୍ଷ କରି ଅଟଳ ହୋଇ ଛିଡ଼ାହୋଇଛି ଜଳର ବ୍ୟାପ୍ତିକୁ ଭେଦ କରି । ଭଗବାନଙ୍କର ଶୁଭଦୃଷ୍ଟି ଥିଲେ ସେ ଯାଇ ନିଶ୍ଚୟ ଅଟକିବ ସେଠାରେ । ସନ୍ତପ୍ତ ପ୍ରାଣଟାକୁ ଅନ୍ତତଃ ବଞ୍ଚାଇ ଦିଆଯାଇପାରିବ ।

ଇସ୍; କି ଦୁର୍ଭାଗ୍ୟ ! ସତରେ ଭଗବାନ୍ ଏତେ ନିର୍ମମ । ସମସ୍ତ ଆଶା-ନୈରାଶ୍ୟର କୁହେଳି ମଝିରେ ଉଭେଇଗଲା । କି ଭୟଙ୍କର ଦୃଶ୍ୟ ! ଯେଉଁ ଯାହାକୁ ଶିଳାଖଣ୍ଡ ବୋଲି ଭାବି ଆଶ୍ୱସ୍ତ ହୋଇଥିଲା, ପ୍ରକୃତରେ ତାହା ଗୋଟିଏ ମୃତ ହସ୍ତୀର ଶରୀର । ନଦୀ-ସ୍ରୋତରେ ଭାସି ଭାସି ଯାଉଛି ଏକ ଗତିଶୀଳ କୃଷ୍ଣ-ଶିଳାପର ।

ମରୁପଥରେ ରମ୍ୟ ମୃଗତୃଷ୍ଣା ଯେପରି ମାୟା ରଚନା କରି ତୃଷାତୁର ପଥିକକୁ ପ୍ରତାରଣା କରେ, ଆଜିର ଏଇ ମାୟାମୂର୍ତ୍ତି ମିନାକ୍ଷୀକୁ ଠିକ ସେଇପରି ପ୍ରତାରଣା କରିଛି । ନିଜର ଭାଗ୍ୟଦ୍ୱାରା ଯେ ଘୃଣିତ, ସେ ଅନ୍ୟଠାରୁ ସହାନୁଭୂତି ପାଇବ କିପରି ?

ହାତୀପରି ବିରାଟକାୟ ବଳଶାଳୀ ଜନ୍ତୁକୁ ଏଇ ନଦୀର ତୀକ୍ଷ୍ଣ ସ୍ରୋତ ମାରିଦେଇପାରିଲା, ଅଥଚ ସେ ମରି ନ । ନିର୍ଲଜ ଜୀବନ ନେଇ ଆଗେଇଛି । ଭଗବାନଙ୍କର କି ଗୂଢ଼ ରହସ୍ୟ ଅଛି ଏହା ପଛରେ କେବଳ ସେ ଜାଣନ୍ତି । କିଛି ସମୟପରେ ସେ ମୃତହସ୍ତୀଟି ନଦୀବୁକରେ କେଉଁଆଡ଼େ ଲୁଚିଗଲା, ସେ ଜାଣିପାରିଲା ନାହିଁ ।

ମିନାକ୍ଷୀ ଭାସି ଭାସି ଚାଲିଲା ଆଗକୁ କିଏ କହିବ, ତା'ର ଲକ୍ଷ୍ୟ କେଉଁଠାରେ? ତା' ଜୀବନର ତରୀ, ବାତ୍ୟା-ବିକ୍ଷୋଭିତ ନଦୀବକ୍ଷରେ କେତେ ଦିନ ଏପରି ବିନା ଆହ୍ଲାଦରେ ଭାସି ଭାସି ଯିବ, କିଏ ଜାଣେ ? ସାଗର ପାଣି ଚାଲିଛି— ସେ ଚାଲିଛି ଏକ ଅଜ୍ଞାତ ଉଦ୍ଦେଶ୍ୟ ନେଇ । ହଠାତ୍ ତାକୁ ଚକିତ କରି ନଦୀବକ୍ଷରେ ଦେଖାଦେଇଛି ଏକ କୁମ୍ଭୀର । ଶିକାର ଅନ୍ୱେଷଣରେ ସେ ମହା ଆନନ୍ଦରେ ଖେଳୁଛି ପାଣି ଉପରେ । ସେ ତା'ର କଣ୍ଟକିତ ପୁଚ୍ଛକୁ ଉତ୍ତୋଳନ କରି ମିନାକ୍ଷୀର ପୁଷ୍ପ-କୋମଳ ଅଙ୍ଗ ଉପରେ ଆଘାତ କରିବାକୁ ଉଦ୍ୟତ ହେଲାକ୍ଷଣି ତା' ଆଗରେ ହଠାତ୍ ଭାସିଯାଇଛି ଏକ ଜୀଅନ୍ତା ଜୀବ । ଆଖିର ପଲକ ମଧ୍ୟରେ କୁମ୍ଭୀର ସେ

Digitized by srujanika@gmail.com

ଜୀବନ୍ତିକୁ ପାଣିମଧ୍ୟକୁ ଟାଣିନେଇ କେଉଁଆଡ଼େ ଲୁଚିଯାଉଛି । ମିନାକ୍ଷୀର ଆଖି ଆଗରେ ଆଜ କୁମ୍ଭୀର ନାହିଁ ସତ, ତେବେ ମାଛଟାଏ ନଈପାଣିରେ ଜଳବେଣୀ କାଟି ଆଗେଇ ଆସିଲେ ସେ ଭାବୁଛି କୁମ୍ଭୀରଟାଏ ଆସୁଛି ବୋଲି । ତାକୁ ସବୁଆଡ଼େ ଦେଖାଗଲା ଖାଲି କୁମ୍ଭୀରମୟ । ସତେ ଯେପରି ନଦୀଟା ଗୋଟାଏ ବଡ଼ କୁମ୍ଭୀର, ଲହଡ଼ିରୂପକ କଣ୍ଟକିତ ପୁଚ୍ଛକୁ ମେଲାଇ ସେ ଧାଇଁଛି ମିନକୁ ଗର୍ଭସ୍ଥ କରିବ ବୋଲି ।

ଭୟ, ଆଶଙ୍କା ଓ ନୈରାଶ୍ୟ ମଧ୍ୟରେ ସେ ପୁଣି ଆଗେଇ ଚାଲିଲା ଆଗକୁ । କିଏ ଜାଣିବ ତା' ଜୀବନ-କାବ୍ୟର ପର ଅଧ୍ୟାୟରେ କ'ଣ ଲେଖାଅଛି, ତାକୁ ଆଉ କେଉଁ ଦୁଃସହ ଦୁଃଖ ଭୋଗିବାକୁ ପଡ଼ିବ ।

ଆଖିରେ ଯେତେ ଲୁହ ଥିଲା, ସେସବୁ ଏଇ ନଦୀବକ୍ଷରେ ଅଜାଡ଼ିଦେଇଛି ମିନ । ତା'ର କୋହଭରା ଲୁହର ଜୁଆର ଆଜିର ଏଇ ନଦୀ-ଜୁଆର ସହିତ ମିଶିଯାଇଛି । ନୟନର ବନ୍ୟା ଥମିଗଲାଣି; କିନ୍ତୁ ନଦୀର ବନ୍ୟା କମି ନାହିଁ ।

ହୃଦୟରେ ତା'ର ବେଦନାର ଉଚ୍ଛ୍ୱାସ ଅଛି; କିନ୍ତୁ ଆଖିରେ ଯାତନାର ଅଶ୍ରୁ ନାହିଁ । ପ୍ରାଣଭିତରେ ଅସରନ୍ତି ଭାବର ଭାବନାର ଝଡ଼ ଛୁଟିଛି, ଅଥଚ କଣ୍ଠରେ ତା'ର ଭାଷାର ଦୋଳନ ନାହିଁ । ସେ ଚାଲିଛି—ଚାଲିଛି ଅଜଣା ପଥର ଯାତ୍ରୀ ହୋଇ ।

ମିନାକ୍ଷୀ ଚାହିଁଛି—ବହୁ ଦୂରକୁ ଚାହିଁଛି । ପୃଥିବୀର ସବୁଜ ବୁକୁ ସହିତ ଆକାଶର ଅମଳିନ ବିଶାଳ ବକ୍ଷ ଯେଉଁଠାରେ ମିଳନର ମନ୍ତ୍ର ନେଇ ଏକ ହୋଇଯାଇଛନ୍ତି, ସେ ସେଇଆଡ଼କୁ ଚାହିଁଲା । ଆଜି ଏଇ ଦୁର୍ଦ୍ଦିନର କ୍ରୀଡ଼ନକ ହୋଇ ନ ଥିଲେ ଏଇପରି ଏକ ମଧୁ-ମିଳନର ମଧୁର ପଦ୍ୟ ରଚନା କରିଥାନ୍ତା ।

ଇସ୍, କି ଭୀଷଣ ଦୃଶ୍ୟ ! ପାଣିଧାରମଧ୍ୟରେ ଗୋଟିଏ ତେନ୍ତୁଳି ଗଛ । ତା' ଉପରେ ଚଢ଼ିଛନ୍ତି ଦୁଇ ଚାରି ଜଣ ଲୋକ । ଗୋଟିଏ ସ୍ତ୍ରୀ—କୋଳରେ ତା'ର ଏକ ସଦ୍ୟଜାତ ଶିଶୁ । ପିଲାଟି ତା'ର ଆଗମନୀ ଶଙ୍ଖ ବଜାଇ ଶୁଣାଇ-ଦେଉଛି—ମୁଁ ଦେବଶିଶୁ, ଏଇ ବଢ଼ି-ମରୁଡ଼ି ମଡ଼ାମଶାଣି ରାଜ୍ୟକୁ ଆସିଲି ସୃଷ୍ଟିର ବାର୍ତ୍ତାନେଇ । କୁଆଁ...କୁଆଁ...କୁଆଁ... ! ! !

ମା' ତା'ର ଶିରାବହୁଳ ଲକ୍ଷ୍ମୀହୀନା କାଙ୍ଗାଳୁଣୀ । କଙ୍କାଳସାର ତା'ର ଶରୀର ଶିଥିଳ ହାତରେ ସେ ଛୁଆଟିକୁ ଆଉଜାଇ ଆଣିଛି ତା'ର କୋଳକୁ ମାତୃତ୍ୱର ଉଷ୍ମତା ଦେବାପାଇଁ । ତା'ର ଶୀର୍ଣ୍ଣ କୋଳ ଅଛି; କିନ୍ତୁ ଉଷ୍ମତା ନାହିଁ । ପିଲାଟିକୁ

Digitized by srujanika@gmail.com

ବୁକୁ ଉପରକୁ ଟାଣିଆଣି ତା’ ମୁହଁରେ କରିଛୁ ସ୍ତନଦାନ । ଶିଶୁଟି କ୍ଷୁଧାର୍ତ୍ତ ହୋଇ ଚେଷ୍ଟା କରୁଛୁ ସେଥିରୁ ଅମୃତର ଝର ନିଃସରଣ କରିବାକୁ; କିନ୍ତୁ ସ୍ରୋତ ଯେ ଶୁଷ୍କ । ମାତୃତ୍ୱର ଚିହ୍ନସ୍ୱରୂପ କେବଳ ଚମ ଦୁଇଖଣ୍ଡ ଝୁଲୁଛୁ । ଛୁଆଟି ପୁଣି କାନ୍ଦି-ଉଠୁଛି କୁଆଁ···କୁଆଁ କୁଆଁ··· । ମା’ ସତୃଷ୍ଣ ନୟନରେ ଚାହିଁଛି ପିଲାଟିର ମୁହଁକୁ—ତା’ପରେ ମୁହଁ ଫେରାଇଛି ଗଛର କଅଁଳ ପତ୍ରଆଡ଼କୁ । ଅନ୍ୟମାନଙ୍କ ସହିତ ପ୍ରତିଯୋଗିତା କରି ସେ ପତ୍ର ତୋଳି ପାଟିରେ ପୂରାଉଛି କ୍ଷୁଧାନଳର ନିର୍ବାପନପାଇଁ । ଲୋକଗୁଡ଼ାକ କାହାରିକୁ ଅନାଉଁ ନାହାନ୍ତି ।

ମିନାକ୍ଷୀର ଦେହସାରା ଅଜଣା ଆଶଙ୍କାରେ ଥରିଉଠିଲା । ଇସ୍, ଆଉଟି କି ଭୟଙ୍କର ଦୃଶ୍ୟ ! ଗୋଟାଏ ମସ୍ତବଡ଼ ସାପ ଧୀରେ ଧୀରେ ସେ ଗଛ ଉପରକୁ ଚଢ଼ୁଛି । ହାୟ ଭଗବାନ ! ଅଳ୍ପ ସମୟପରେ ସମସ୍ତେ ତା’ର ଗର୍ଭସ୍ଥ ହେବେ । ସମସ୍ତଙ୍କର ଦୁଃଖର ଭୂମିକା ସମାପ୍ତ ହେବ ।

ନଈର ସୁଅ ଏତେବେଳକୁ ତାକୁ ଭସାଇ ଆଣିଲାଣି ବହୁତ ବାଟ । ଲୋକମାନେ ଯେଉଁଠାରେ ଦେଖିଛନ୍ତି, ଡଙ୍ଗା ଧରି ଦଉଡ଼ିଛନ୍ତି ତାଙ୍କୁ ଉଦ୍ଧାର କରିବାକୁ । ଧର୍ମର ଡଙ୍ଗା ନ ଆସିଲେ ମଣିଷର ଡଙ୍ଗା କେବେହେଲେ ମରଣ-ନଈରୁ ଲୋକକୁ ଘୁଞ୍ଚିପାରେ ନାହିଁ । ସେ ବୁଲୁଛି ତା’ର ଅସମାପ୍ତ ରାସ୍ତାରେ ନିଜର ପଟୁଆର ବାନ୍ଧି ।

ହଠାତ୍ ତା’ର ଆଖି ଏଡ଼ିଲା, ବହୁ ଦୂରରେ ଏକ ଶୁଭ୍ରରେଖା ପାଣିକୁ ସ୍ପର୍ଶ କରି ଆକାଶ ସହିତ ମିଶିଯାଇଛି । ସେ ଯେତିକି ଆଗକୁ ଆଗେଇଲା, ସେଇ ରେଖାର ଶୁଭ୍ରମା ସେତିକି ତା’ ଆଗରେ ଏକ କୁହୁକର ବୃତ୍ତ ଅଙ୍କନ କଲା । ଭାବିଲା, ଏହା ବୋଧ ହୁଏ ଖଣ୍ଡେ ଆସମାନ ଶୁଭ୍ର ବାଦଲ ।

ନା···ନା ! ତା’ର ଆଶ୍ଚର୍ଯ୍ୟକୁ ଦ୍ୱିଗୁଣିତ କରି ସେ ଦେଖିଲା ତା’ର କଳ୍ପନାର ପୁଷ୍କରିଣୀରେ ଫୁଟିଛି ଏକ ମନୋଜ୍ଞ ପଦ୍ମ । ନଦୀତଟରେ ଛିଡ଼ାହୋଇଛି ଏକ ମନ୍ଦିର । ତା’ର ପାହାଚଗୁଡ଼ିକ ନଦୀଗର୍ଭକୁ ଓହ୍ଲାଇ ଆସିଛି ତଳକୁ ତଳ । ସ୍ରୋତ ଏଠାରେ ବାଧାପ୍ରାପ୍ତ ହୋଇ ସୃଷ୍ଟି କରିଛି ଏକ ବିରାଟ ଘୂର୍ଣ୍ଣି । ଦେବତାର ଅପରିମିତ ଶକ୍ତି ନେଇ ଏଇ ମନ୍ଦିରଟି ଜଳାବର୍ତ୍ତକୁ ଉପେକ୍ଷା କରି ଛିଡ଼ାହୋଇଛି । ନିଶ୍ଚୟ ଏହା କୌଣସି ଦେବୀ କିମ୍ବା ଦେବତାଙ୍କ ମନ୍ଦିର ହୋଇଥିବ !

ଆନନ୍ଦ, ଆବେଗ ଓ ଭକ୍ତି ମଧ୍ୟରେ ତା’ର ହୃଦୟ ଉଚ୍ଛ୍ୱସିତ ହୋଇଉଠିଲା । ସେ କରୁଣ କୁହାଟ ତୋଳି ପ୍ରାର୍ଥନା କଲା, “ହେ ଭଗବାନ୍ !

Digitized by srujanika@gmail.com

ହେ ଠାକୁର ! ହେ ଦେବାଦେବୀ, କଏ ମନ୍ଦିର ଭିତରେ ଅଛ ? ସିଂହାସନରୁ ଓହ୍ଲାଇଆସି ଏ ଅନାଥମାନଙ୍କୁ ରକ୍ଷା କର । ଦୁଃଖିମାନଙ୍କର ଗୁହାରି ଶୁଣ । ଧର୍ମ ଯଦି ସତ୍ୟ, ଠାକୁର ଯଦି ସତ୍ୟ, ତୁମେ ଯଦି ନିରାଶ୍ରୟର ଆଶ୍ରୟ, ଅଗତିର ଗତି, ଦୀନର ବାନ୍ଧବ, ତାହା ହେଲେ ଦୁଃଖ-ଦରିଆରେ ଭାସୁଥିବା ଏଇ ସର୍ବହରା ଅଭାଗିମାନଙ୍କୁ ରକ୍ଷା କର । ହେ ସତ୍ୟ, ଶିବ ସୁନ୍ଦର ! ହେ ଶୁଭଙ୍କର ! ତୁମେ ମୋତେ ଟିକିଏମାତ୍ର କରୁଣାର ଆଲୋକ ଦିଅ । ମୁଁ ଜୀବନର ଅନ୍ଧାର-ପଥରୁ ପାଦଏ ଆଗକୁ ଥାଗେଇଯାଏ । ମୁଁ ମୋର ସମଗ୍ର ଅନ୍ଧକାରାବୃତ ପଥକୁ ଆଲୋକିତ କରିବାକୁ ମୁଁ ପ୍ରାର୍ଥନା କରୁ ନ ହେବତା । କେବଳ ଅନ୍ଧାର ଭିତରୁ ଗୋଟିଏ ଗୋଟିଏ ପାଦ ଖୋଲି ଆଗକୁ ଆଗେଇବାକୁ ଯେତିକି ଆଲୋକ ଦରକାର, ମୋତେ କେବଳ ସେତିକି ଆଲୋକ ଦିଅ ।

ନଦୀ ସେଠାରେ ପ୍ରଳୟ-ରୂପ ନେଲେ ମଧ୍ୟ ତା'ର ଗୁରୁଗର୍ଜ୍ଜନ ସେଠାରେ ଥମିଯାଇଛି, ସତେ ଯେପରି ସେ ଗୁରୁଗମ୍ଭୀର ଧ୍ୱନିରେ ଠାକୁରଙ୍କର ସ୍ତବ ଗାନ କରୁଛି ତନ୍ମୟ ହୋଇ । ସେ ଭକ୍ତିପୂତ ଅନ୍ତରରେ ସେଇ ମହା-ସଙ୍ଗୀତର ତାନ ସହିତ ନିଜର କଣ୍ଠ ମିଳାଇଲି ତା'ର ସେ ପରିଚିତ ପ୍ରାର୍ଥନାଟିକୁ ଆବୃତ୍ତି କଲା ।

"ବିପଦେ ମୋରେ ରକ୍ଷା କର ଏ ନଏ ମୋର ପ୍ରାର୍ଥନା
ବିପଦେ ଆମି ନା ଯେନ କରି ଭୟ ।
ଦୁଃଖତାପେ ବ୍ୟଥିତ ଚିତ୍ତେ ନାଇଁ ବା ଦିଲେ ସାନ୍ତ୍ୱନା,
ଦୁଃଖ ଯେନ କରିତେ ପାରି ଜୟ ।

× × ×

ଆମାରେ ତୁମି କରିବେ ତ୍ରାଣ, ଏ ନହେ ମୋର ପ୍ରାର୍ଥନା,
ତରିତେ ପାରି ଶକତି ଯେନ ରୟ ।
ଆମାର୍ ଭାର୍ ଲଘବ କରି ନାଇଁ ବା ଦିଲେ ସାନ୍ତ୍ୱନା
ବହିତେ ପାରି ଏମନ ଯେନ ହୟ ।"

ତା'ର କଣ୍ଠ ରୁଦ୍ଧ ହୋଇଆସିଲା । ସେ ଦେଖିଲା, ଦେଉଳ ପାଖରେ ସମୁଦ୍ର-ମନ୍ଥନପରି ଭଉଁରୀ ପେଶି ପକାଉଛି ବିବର୍ତ୍ତ ଦ୍ରୁମ, ଜୀବଜନ୍ତୁ ପ୍ରଭୃତିଙ୍କୁ । ସେ ଜୀବନର ଆଶା ଏଇଠାରେ ହରାଇଲା । ଆଉ ଅଳ୍ପ ସମୟପରେ ତା' ଜୀବନ-ଯାତ୍ରା ସମାପ୍ତ ହେବ ଘୋରଣାମଧ୍ୟରେ । ସେ ବାଷ୍ପରୁଦ୍ଧ କଣ୍ଠରେ କହିଲା—

Digitized by srujanika@gmail.com

"ଦେବତା ! ତୁମେ ନିର୍ମମ ଦେବତା ! କଳିଯୁଗର ଦେବତା ତୁମେ । ପାଷାଣମୟ ତୁମର ଶରୀର, ସ୍ପନ୍ଦନହୀନ ତୁମର ପ୍ରାଣ । ଏଇ ବିକଳମାର ବୁକୁଫଟା କରୁଣ ଚିତ୍କାର ଶୁଣିବାକୁ ତୁମର କାନ ନାହିଁ । ଏଇ ଭାଗ୍ୟହୀନା ଅଭାଗିନୀର କରୁଣ ଦୃଶ୍ୟ ଦେଖିବାକୁ ତୁମର ଆଖି ନାହିଁ । ମଙ୍ଗଳମୟ ! ଅଭୟକୋଳକୁ ଏ ଆଶ୍ରୟ-ହୀନାକୁ ଟାଣିନେବାପାଇଁ ତୁମର ହାତ ନାହିଁ । ଏଇ ଶୋକସନ୍ତପ୍ତ ପ୍ରାଣକୁ ଆଶ୍ୱାସନା ଦେବାପାଇଁ ତୁମର ପାଟି ନାହିଁ । ତୁମେ ପଙ୍ଗୁ···ପଙ୍ଗୁ, ଜଡ଼···ମୂକ, ପାଷାଣ କ୍ଳୀବ ତୁମେ ଦେବତା !"

"ତୁମେ ମିତ ନୁହଁ, ସଖା ନୁହଁ—ମଣିଷର ପ୍ରଥମ ଶତ୍ରୁ । ତମରି ଭୟରେ ସେ ଏପର୍ଯ୍ୟନ୍ତ ଭୟାତୁର ହୋଇ ପ୍ରାଣବିକଳରେ ବଞ୍ଚିରହିଥିଲା । ଜୀବନକୁ ଭୋଗ କରିପାରିଲା ନ କେବଳ ଭୟଭିତରେ । ଆଜି କିନ୍ତୁ ତା'ର ମନ ବିଦ୍ରୋହୀ ହୋଇ-ଉଠିଛି, ସେଥିପାଇଁ ତୁମର କାନ କାଟି, ଆଖି ଫୁଟାଇ, ହାତଗୋଡ଼ ଭାଙ୍ଗି ମନ୍ଦିରର ପାଷାଣ-ବାଡ଼ରେ ପଙ୍ଗୁ ଅସମର୍ଥ କରି ପକାଇଦେଇଛି । ମନ୍ଦିରର ଅନ୍ଧକାରବୃତ୍ତ କାରାକକ୍ଷରେ ବନ୍ଦ କରିଛି । ତୁମେ ଯେପରି ଭଗବାନଙ୍କର ଦୋହି ଦେଇ ଛଳନା କରୁଛ, ସେ ସେପରି ଭକ୍ତିର ଦୋହି ଦେଇ ବେଶ୍ ସୁନ୍ଦରଭାବରେ ଛଳନାର ଅଭିନୟ କରୁଛି ତୁମ ଆଗରେ । ଧୂପ, ଦୀପ, ବନ୍ଦନା, ଅର୍ଚ୍ଚନା—ଏସବୁ ଛଳନାର ଭୂମିକା ମାତ୍ର ।"

"ମୁଁ ଜାଣେ, ତୁମେ ସତ୍ୟଯୁଗର ସାକ୍ଷୀଗୋପାଳ ନୁହଁ, ପୂଜାରଣୀର ମଦନମୋହନ ନୁହଁ; କାଞ୍ଚି-ଯୁଦ୍ଧର ଜଗନ୍ନାଥ, ବଳରାମ ନୁହଁ; ତୁମେ ମଧ୍ୟ ନୁହଁ ଧ୍ରୁବ-ପ୍ରହ୍ଲାଦର ହରି । ମୁଁ ବି ଜାଣେ ତୁମେ ମୋତେ ରକ୍ଷା କରିପାରିବ ନ ।

ଆତ୍ମାର ବିଳାପମଧ୍ୟରେ ତା'ର ହାତ କେତେବେଳେ ଆପେ ଆପେ ଉଠିଗଲା ଠାକୁରଙ୍କୁ ପ୍ରଣତି ଜଣାଇବାକୁ—ଏଣିକବେଳେ ସେ ନିହସାମାଡ଼ରେ ଉତ୍କ୍ଷିପ୍ତ ହୋଇ ଯାଇ ପଡ଼ିଲା ପ୍ରକ୍ଷଣ ଘୂର୍ଣ୍ଣନମଧ୍ୟରେ ।

ଏଇ ତ ମିନାକ୍ଷୀ ଘୋରଣାମଧ୍ୟରେ ପଡ଼ିଗଲାଣି । ଆଖି-ପଲକରେ ଜୀବନର ଦର୍ଶନ ତା'ର ଲିଭିଯିବ । ଆଃ, କି ବୁକୁଫଟା ତା'ର ଚିତ୍କାର ! କି ବିକଳ ତାର ନିବେଦନ ! କି ମର୍ମସ୍ପର୍ଶୀ ସେ ଦୃଶ୍ୟ ! ମିନାକ୍ଷୀ ଯାଉଛି—ଚିର-ଦିନପାଇଁ; ତା'ର ଅସ୍ତିତ୍ୱ ଲୀନ ହୋଇଯାଉଛି ଜଳଘୂର୍ଣ୍ଣୀମଧ୍ୟରେ । ସେ ବୁଡ଼ିଗଲାଣି । ପାଣିଭିତରେ ଲିଭିଗଲାଣି ତା'ର ଅସ୍ତିତ୍ୱ ।

Digitized by srujanika@gmail.com

ନା ନା, ଦେବତା ! ତୁମେ ମହିମାମୟ କରୁଣାର ସାଗର ତୁମେ । ତୁମେ ଚିରଞ୍ଜୟ ।

ମିନାକ୍ଷୀ ପାଣିରେ ଥରେ ବୁଡ଼ିଯାଇ ଉପରକୁ ଉଠିଲାବେଳେ ତରଙ୍ଗ-ଆଘାତରେ ଛୁଡ଼ିକପଡ଼ ଆଶ୍ରୟ ନେଇଛି ମନ୍ଦରର ଏକ ପାହାଚରେ । ଆଃ, ହେଇ ତ ପୁଣି ଗୋଟାଏ ଲହରୀ ମାଡିଆସୁଛି ବକ୍ଷସପର ! ଆଖିପିଛୁଳାକେ ମିନକୁ ପୁଣି ଥରେ ଠେଲିନେବ ପାଣିଭିତରକୁ । କିଏ ଅଛି, ରକ୍ଷା କରିବ !

ମିନାକ୍ଷୀ ଜୀବନର ଶେଷ ଶକ୍ତି ଦେଇ ଭିଡ଼ିଧରିଛି ପାହାଚଟିକୁ । ଉପରକୁ ଉଠିବାକୁ ସାହସ ନାହିଁ ସେ ତା'ର ଭକ୍ତିପୂତ ପ୍ରଣତି ଜଣାଇଛି ସେଇ ଅଜ୍ଞାତ-ଦେବତାଙ୍କର ଉଦ୍ଦେଶ୍ୟରେ ।

ଜବସ୍ତ ମୁକୁଳା । ଆଲୁଳାୟିତ କେଶରାଶି; ଅଧା ପଡ଼ିଛି ପାହାଚ ଉପରେ ଓ ଆଉ ଅଧା ଲୋଟୁଛି ନଈଜଳରେ । ହାତରୁ ତା'ର ଖସିଯାଇଛି ଗରା । ଶରୀରରୁ ଖସିଯାଇଛି ଅଙ୍ଗ-ଆଭରଣ । ନଜର ହୋଇ ଯାହା ଥିଲା ସବୁ ଯାଇଛି, ଅଛି କେବଳ ଷତାକ୍ତ ଗ୍ଳାନ ଯୌବନ । ସେ ନିରାଭରଣା···ଦିଗମ୍ବରୀ । ପଶୁର ଶିକାର ହୋଇଥିଲେ ତାକୁ ଦୁଃଖ ଲାଗି ନ ଥାନ୍ତା; କିନ୍ତୁ କୌଣସି ମଣିଷ ହାବୁଡ଼ରେ ପଡ଼ିଲେ ସେ ତା'ର ବିଳାସ-ମନ୍ଦିର ପାଖକୁ ମାଂସ ଯୋଗାଇବ । ଇସ୍, କି ଭୟଙ୍କର କି କୁତ୍ସିତ ! ଭଗବାନ୍, ତୁମେ ଆଜି ଏକ ମହାପରୀକ୍ଷାରେ ପକାଇଲ । ଏବେ ପରୀକ୍ଷାଭିତରେ ବି ତୁମକୁ ଶାନ୍ତି ମିଳିଲା ନି ଠାକୁର, ତୁମକୁ ଶାନ୍ତି ମିଳିଲା ନି ! ନା ନା, ସେ ହିଂସ୍ରଆଖିର ଶିକାର ହେବା ପୂର୍ବରୁ ଏଇ ନଈ-ମା'ର ଶୀତଳ କୋଳକୁ ପୁଣି ଡେଇଁପଡ଼ିବ । ତାରି କୋଳରେ ତା'ର ମୃତ୍ୟୁ ହେବ—ସେଇଥିଁ ଶାନ୍ତି ।

ସେ ପୁଣି କାନ୍ଦି କାନ୍ଦି ପ୍ରାର୍ଥନା କଲା, "ହେ ଠାକୁର, ତୁମେଇ ସାହା । ତୁମେ ବଞ୍ଚାଇଲ—ତୁମେ ରକ୍ଷା କର ।"

ଅଜନ୍ତା ଗାତର କଳା-ବିଳାସିନୀ ପାଷାଣୀ କନ୍ୟାପରି ମିନାକ୍ଷୀ ମନ୍ଦିରର ପାହାଚରେ ପଡ଼ିରହିଲା ମୃତ୍ୟୁର ଆହ୍ୱାନକୁ ଅପେକ୍ଷା କରି ତା'ର ଭଗ୍ନଯୌବନର ନଗ୍ନ ବିଜ୍ଞାପନ ସେଇ ନିର୍ଜନତାମଧ୍ୟରେ ବାଡ଼ିଥିବାକୁ ସେ ସାହସ କରିପାରିଲା ନାହିଁ । ନଦୀ, ମନ୍ଦିର, ପ୍ରକୃତି ଓ ନିର୍ଜନତା ତା'ର ନଗ୍ନତାର ଦ୍ରଷ୍ଟା । ତା'ର ନାରୀତ୍ୱ ଉପରେ ଏ ସମସ୍ତଙ୍କର ମିଳିତ ଆକ୍ରମଣ । ନା ନା, ସେ ଆଉ ସହ୍ୟ କରିପାରିବ ନି —ନଦୀଗର୍ଭକୁ ଲମ୍ଫ ଦେବ । ନଦୀଜଳରେ ତା'ର ନଗ୍ନତାକୁ ଲୁଚାଇରଖିବ ।

Digitized by srujanika@gmail.com

ପ୍ରାଣର ମୋହ ଅପେକ୍ଷା ଲଜ୍ଜା ଓ ନା'ରୀତ୍ୱକୁ ସମ୍ମାନ ଦେବା ତା' ପକ୍ଷରେ ପ୍ରଥମ କର୍ତ୍ତବ୍ୟ । ଏତିକିବେଳେ ମନ୍ଦିରର ବୁକୁ ଚହଲାଇ ଗଗନପବନ ମଥିତ କରି ଭାସିଆସିଲା ଓଁକାରଝଙ୍କାର । ନଦୀର ଗର୍ଜ୍ଜନକୁ ପର୍ଯ୍ୟନ୍ତ କରି ମିନାକ୍ଷୀର ତପ୍ତ ପ୍ରାଣରେ ଶାନ୍ତିର ବାରି ବର୍ଷଣ କଲା ପବନର ତାଳେ ତାଳେ । ଭାସିଆସିଲା ଭକ୍ତର ଭକ୍ତିପୂର୍ଣ୍ଣ ବନ୍ଦନା—

"ମହାରୂପା, ମହାତେଜା, ମହାପାତକନାଶିନୀ ।
ମହାମାୟା, ମହାସତ୍ତ୍ୱା, ମହାଶକ୍ତି ମହାଭବ ।
ମହାଭୋଗା, ମହୈଶ୍ୱର୍ଯ୍ୟା, ମହାବୀର୍ଯ୍ୟା, ମହାବଳା,
ମହାବୁଦ୍ଧି ମହାସିଦ୍ଧି, ମହାଯୋଗୀ, ମହେଶ୍ୱରୀ,
ମହାତଂତ୍ରା, ମହାମଂତ୍ରା, ମହାଯନ୍ତ୍ରା, ମହାସନା
ମହାଜାଗ୍ରତ ମହାଶ୍ରଦ୍ଧା ମହାଭୈରବପୂଜିତା
ମହେଶ୍ୱରୀ ମହାକଳ୍ପ ମହାତାଣ୍ଡବ ସାକ୍ଷିଣୀ
ମହାକାମେଶ ମହିଷୀ ମହାମାତ ଭଟ୍ଟାରିକା ।"

ମିନାକ୍ଷୀ ତନ୍ମୟ ହୋଇ ଶୁଣୁଥାଏ ସେଇ ମୃଦୁ ଝଙ୍କାର । ସତେ ଯେପରି ତାହା ଅବିଚ୍ଛିନ୍ନ ପ୍ରବାହ ନେଇ ତା' କାନେ କାନେ ଝଂକୃତ ହେଉଛି । ସତେ ଯେପରି ନଦୀ, ଗିରିବନ ସେଇ ସ୍ତବର ଝଙ୍କାରରେ ଜନାହତ ହୋଇ ଦେବତାର ଜୟ-ଜୟକାର ଘୋଷଣା କରୁଛନ୍ତି ।

ବଡ଼ ବିକଳସ୍ୱରରେ ଡାକିଲା ମିନି, "କିଏ ଅଛ, ରକ୍ଷା କର । ଏ ଅଭାଗିନୀକୁ ରକ୍ଷା କର ।"

ମନ୍ଦିରର ସେବକ ଠାକୁରାଣୀଙ୍କର ପୂଜା-ଅର୍ଚ୍ଚନା ସାରି ତାଙ୍କ ଗଳାର ଛଡ଼ାଫୁଲହାରଟି ଆଣୁଛି, ଠିକ୍ ଏଇ ସମୟରେ ତା'ର କାନରେ ପଡ଼ିଲା ସେଇ ବ୍ୟଥିତ ବଧୂଟିର ବ୍ୟାକୁଳ ବେଦନା । କ୍ଷୀଣରୁ କ୍ଷୀଣତର ହୋଇଉଠିଲା ସେ ସ୍ୱର । ବର୍ଷାଭିଜା ପବନର ତାଳେ ତାଳେ ତାହା ଭାସିଆସୁଛି ବ୍ୟଥାର କମ୍ପନ ନେଇ । ନଶୀଥ ରାତ୍ରିର ସୁପ୍ତାଲୋକତଳେ କେଉଁ ଦୂର ବନାନ୍ତରୁ ବଂଶୀର ବେଦନା-ବ୍ୟଥିତ କରୁଣ ମୂର୍ଚ୍ଛନା ମୃଦୁ ସମୀରଣର ତାଳେ ତାଳେ ଭାସିଆସି ପଥିକ ପ୍ରାଣକୁ କାରୁଣ୍ୟମଧ୍ୟରେ ଯେପରି ଚହଲାଇଦିଏ, ସେବକ ଠିକ୍ ନିଜେ ସେଇପରି ଚହଲିଗଲା । କାହାର ସେ ଆର୍ତ୍ତ-ଆକୁଳ ସ୍ୱର, କେଉଁ ହୃଦୟ-ତନ୍ତ୍ରୀରୁ ବାହାରୁଛି ! ସେ ଥୟ ଧରିପାରିଲା ନି ଆଉ । ଉଠିଲା—

Digitized by srujanika@gmail.com

"ମା' ଭଟ୍ଟାରିକା ! ତୁମେଇ ସହାୟ ।"

ସେ ବୃଦ୍ଧଆଡ଼କୁ ଚାହିଁଲା—"କାହିଁ କେହି ତ ଦେଖାଯାଉ ନାହାନ୍ତି ?"

ପଥର ପାହାଚର ଅନ୍ତରାଳରୁ ପୁଣି ଥରେ ଗୁମୁରି ଗୁମୁରି ବାହାରିଆସିଲା ସେଇ କଣ୍ଠସ୍ୱର । ବୃଦ୍ଧ କୌତୂହଳ ଓ ବ୍ୟଗ୍ରତା ମଧ୍ୟରେ ଦଉଡ଼ିଗଲା ପାଖକୁ । ଇ ସ୍, କି ହୃଦୟବିଦାରକ ଦୃଶ୍ୟ ! ତା'ର ଆଖି ଆଗରେ ଏକ ଦିଗମ୍ବରୀ । ଆଲୁଳାୟିତ କେଶ । କ୍ଷତାହତ ଅଙ୍ଗ । ସେ ନିମ୍ନମୁଖୀ ହୋଇ ପାହାଚକୁ ଆଲିଙ୍ଗନ କରିଛି ।

ସେବକର ପଦ-ଶବ୍ଦରେ ଚମକିପଡ଼ିଲା ମିନାକ୍ଷୀ । ଅପରିଚିତର ଉପସ୍ଥିତିରେ ତା'ର ପ୍ରାଣ ଥରଉଠିଲା । ସତେ ଯେପରି ଲଜ୍ଜା, ଅପମାନ, ଗ୍ଲାନି, ଦୁଃଖ ଓ ନୈରାଶ୍ୟ ଏସମସ୍ତେ ଏକାଠି ହୋଇ ଝଡ଼ ସୃଷ୍ଟି କରିଛନ୍ତି । ସେ ଅସ୍ଥିର ହୋଇ ପୁଣି କହିଲା, "କିଏ ଅଛ, ରକ୍ଷା କର ।"

ବୃଦ୍ଧସେବକର ପିଞ୍ଜରା ଥରାଇ ବାହାରିଆସିଲା ପୁଣି ଥରେ "ମା ଭଟ୍ଟାରିକା ତୁମେଇ ସହାୟ ।"

ସେ ଦଉଡ଼ି ଯାଇ ନିଜେ ଗାମୁଛାଟି ବଦଳାଇ ଦେଇ ପିନ୍ଧିଲା-ଲୁଗାଟି ଆଣି ପକାଇଦେଲା ମିନାକ୍ଷୀର ନଗ୍ନତାଉପରେ ।

—"ମା' ଭୟ କରନା, ତୁ ଅଭୟଦାୟିନୀ ମା' ଭଟ୍ଟାରିକାଙ୍କ କୋଳକୁ ଆସିଛୁ । ଏଥର ସବୁ ବିପଦ ଘୁଞ୍ଚିଯିବ । ଲୁଗାଟା ଦେହରେ ଘୋଡ଼ାଇ ହୋଇପଡ଼ ମା' ! ମୁଁ ଠାକୁରାଣୀଙ୍କର ପୂଜାଫୁଲ ନେଇ ମନ୍ଦିରରୁ ଆସୁଛି । ତାଙ୍କର ଫୁଲଟି ଏ ତୋ ଉପରେ ପଡ଼ିଲେ ତୋତେ କେହି ଛୁଇଁପାରିବେ ନି । ବିଘ୍ନ ଆପେ ଆପେ ଘୁଞ୍ଚିଯିବ ଦୂରକୁ ।"

ବୃଦ୍ଧ ଏତିକି କହି ଦଉଡ଼ିଗଲେ ମନ୍ଦିର ଭିତରକୁ । ମିନାକ୍ଷୀ ବଡ଼କଷ୍ଟରେ ଲୁଗାଟି ଦେହରେ ପକାଇଦେଲା; କିନ୍ତୁ ପିନ୍ଧିପାରିଲା ନି । ଚେଷ୍ଟା କରି ମଧ୍ୟ ଠିଆ ହୋଇପାରିଲା ନି ମିନା । ନିରାବରଣ ରହିଲା ତା' ଅଙ୍ଗର ବହୁତ ଅଂଶ । ସେ ମନେ ମନେ କହିଲା, "ଯୌବନ ! ତୁମେ ମୋତେ ଆଜ ବିଦ୍ରୂପ କର ନାହିଁ ।"

ଏତିକିବେଳେ ସେବକ ଠାକୁରାଣୀଙ୍କର ପୂଜାଫୁଲଟି ଆଣି ମିନାକ୍ଷୀ ଉପରକୁ ପକାଇଦେଇ କହିଲେ, "ମା, ତୁ ମୋର ସତରେ ମା' । ମୁଁ ତୋର ବୁଢ଼ା ପୁଅ । ତୁ ଅନୁମତି ଦେ, ତୋର ବୁଢ଼ା ପୁଅ ଯାଇ ତା'ର ମା'କୁ ରକ୍ଷା କରୁ ।"

Digitized by srujanika@gmail.com

ଯେଉଁଠାରେ ଆତ୍ମୀୟତା ଯେତେ ଅଧିକ ହୁଏ, ସେଠାରେ ଭାଷା ସେତେ ଅଧିକ ପରାସ୍ତ ହୁଏ । ମିନାକ୍ଷୀ କହୁ କହିପାରିଲା ନ ତାକୁ । ଆଖିରେ ତା'ର ଝଲ-ଉଠିଲା ଅସରନ୍ତ ଭାଷା—କେତେ କାକୁତି—କେତେ ନୀରବ ମିନତି । ସେ କରୁଣ ନୟନରେ ତା ଆଡ଼କୁ ଚାହିଁ ହାତ ପତାଇଲା ସାହାଯ୍ୟପାଇଁ ।

ବୃଦ୍ଧସେବକ ଆନନ୍ଦରେ ପାଗଳ, ତେବେ ପ୍ରାଣ ତାର କରୁଣତାରେ ଆପ୍ଲୁତ । ସେ ମିନାକ୍ଷୀର ମନରୁ ସନ୍ଦେହ ଦୂର କରି ବିଶ୍ୱାସ ଜନ୍ମାଇବାପାଇଁ କହିଲା, 'ମ' ମୁଁ ଏଇ ପ୍ରତ୍ୟକ୍ଷ ଠାକୁରାଣୀ ମା'ଭଣ୍ଡାରିକାଙ୍କର ବୃଦ୍ଧ ସେବକ । ସେ ତୋତେ ଆଣି ମୋ କୋଳରେ ଦେଇ ପିତୃପ୍ରାଣକୁ ଶୀତଳ କରିଛନ୍ତି । ମୁଁ ଗତ ରାତିରେ ସ୍ୱପ୍ନରେ ଦେଖିଥିଲି, "ମା' ଭଣ୍ଡାରିକା ତୋରି ପରି ଗୋଟିଏ କନ୍ୟା ମୋ କୋଳକୁ ଦେଇ ମୋ ମନର ଅଭିଳାଷ ପୂରଣ କରିଛନ୍ତି । କନ୍ୟାହରା ମୁଁ । ତୁ ମୋର କନ୍ୟା······ତୁ ମୋର ମା······ତୁ ମୋର କଲ୍ୟାଣମୟୀ କୁଳର ଦୀପ, ମା' ଭଣ୍ଡାରିକାଙ୍କର ଦାନ । ଆ ମା, ମୋ କୋଳକୁ ଆ ।"

ବୃଦ୍ଧ ନିର୍ବିଘ୍ନରେ ତା'ର ଅମୃତ ଆଶିଷମୟ କୋଳକୁ ଟାଣିଆଣିଲା ମିନାକ୍ଷୀକୁ । ଆନନ୍ଦରେ ହସିଉଠିଲେ ବୃଦ୍ଧ, ସତେ ଯେପରି ସେ କୋହିନୂର ପାଇଛନ୍ତି, ସତେ ଯେପରି ତାଙ୍କର ପ୍ରାଣର ପ୍ରତିମା ଫେରିଆସିଛି କୂଳକୁ । କୋଟରଗତ ଚକ୍ଷୁ ତାଙ୍କର ନୂତନ ଉଦ୍ଭାସମଧ୍ୟରେ ଆଲୋକିଉଠିଲା ସତ; କିନ୍ତୁ ଗୋଟିଏ ଆଖିରେ ମିଳନର ଅଶ୍ରୁ ଓ ଆଉ ଗୋଟିଏ ଆଖିରେ ବେଦନାର ଧାରା-ଶ୍ରାବଣ ।

ଶ୍ରାନ୍ତ ଶିଶୁ ତା'ର ମା'ର ଅଭୟ-କୋଳ ପାଇଲେ ଯେପରି ତା' ଭିତରେ ଲୀନ ହୋଇଯିବାକୁ ଚେଷ୍ଟା କରେ, ମିନାକ୍ଷୀ ଠିକ୍ ସେଇପରି ବୃଦ୍ଧଙ୍କର ପ୍ରଶସ୍ତ ବୁକୁ ଉପରେ ଆଶ୍ଲେଷଭରା ନିବିଡ଼ତା ନେଇ ଆସ୍ତେ ଆସ୍ତେ ଉଠିଲା ପାଣିଭିତରୁ; ସତେ ଯେପରି ନଈର ସୁଅ ତାକୁ ଆଉ ଅଲଗା କରିପାରିବ ନାହିଁ ।

ବୃଦ୍ଧ ଶତହସ୍ତିର ବଳ ନେଇ ତାକୁ ଉପରକୁ ଉଠାଇଆଣି ଦେଉଳ-ପ୍ରାଙ୍ଗଣକୁ ନେଇଗଲେ । ମିନାର ବିପର୍ଯ୍ୟସ୍ତ ସିକ୍ତ କେଶଭାରକୁ ସଜାଇଦେବାପାଇଁ ସେ ତାଙ୍କର ଶୀର୍ଣ୍ଣ ହାତର ରୁକ୍ଷ ଅଙ୍ଗୁଳିଗୁଡ଼ିକ ତା ଭିତରେ ଚଳାଇଲେ । ଦେହକୁ ସମ୍ପୂର୍ଣ୍ଣ ବସ୍ତ୍ରାବୃତ କରି କହିଲେ, "ମା, ତୁ ଆଉ ଭୟ କରନା । ମା' ଭଣ୍ଡାରିକାଙ୍କର ପଦତୀର୍ଥରେ ଏଇଠାରେ ପ୍ରଣାମ କର । ସାରାଜୀବନ ପୂଜା କରି କରି ମା'ଠାକୁରାଣୀ ମର୍ତ୍ତ୍ୟର ମାନବୀରୂପରେ ତୋ ଭିତରେ ଦେଖାଦେଇଛନ୍ତି । ପରୀକ୍ଷା ସଫଳ ହୋଇଛି ମା'—ସଫଳ ହୋଇଛି ।"

"ତୁ ଭୟ କର ନା ମା !"

Digitized by srujanika@gmail.com

. .

* * * * ଓଁ  ସର୍ବମଙ୍ଗଳମାଙ୍ଗଲ୍ୟ ବରଦା ସିଦ୍ଧିଦାୟିନୀ
ମହାରୂପା, ମହାତେଜା, ମହାପାତକନାଶିନୀ ।"

ବଜ୍ର-ଗମ୍ଭୀର କଣ୍ଠରେ ଆବୃତ୍ତି କଲେ ବୃଦ୍ଧ ସେବକ । ଧୂପ, ଦୀପ, ଗନ୍ଧ, ଅର୍ଚ୍ଚନାରେ ମହକିଉଠିଲା ମନ୍ଦିର । ସେବକ ଭକ୍ତି-ଗଦ୍‌ଗଦ୍ କଣ୍ଠରେ ସ୍ତବଗାନ କରିସାରି ପ୍ରଣାମ ଢାଳିଲେ ଦେବୀଙ୍କ ଉଦ୍ଦେଶ୍ୟରେ । ମିନାକ୍ଷୀର ଶିର ଆପେ ଆପେ ନଇଁଆସିଲା ଅଶ୍ରୁର ଉତ୍ତରଣମଧ୍ୟରେ । ସେ ମୁଣ୍ଡ ଟେକି ଚାହିଁରହିଲା ଦେବମୂର୍ତ୍ତି ଆଡ଼କୁ ଆଶା ଓ ଉତ୍ସାହରେ ଉଲ୍ଲସିତା ହୋଇ । ନୈରାଶ୍ୟର ବୁକୁ ଚିରି ଆଶା-ଚକ୍ରବାଳରେ ନୂତନ ଦୀପ୍ତିମାନ୍ ସୂର୍ଯ୍ୟ ଆଲୋକିଉଠିଲା । ମିନାକ୍ଷୀର ମ୍ଳାନ ଅଧରପୁଟରେ ଖେଳିଗଲା ଆଶାଲୋକର କ୍ଷୀଣ ଉଦ୍ଭାସ ।

ବୃଦ୍ଧ ଶୀଘ୍ରଗତିରେ ଚୁଲି ପାଖକୁ ଦଉଡ଼ିଯାଇ ଦରଲିଭିଲା ଚୁଲିରେ କେତେ ଖଣ୍ଡ କାଠ ପକାଇଦେଲେ ତାକୁ ପୁଣି ଥରେ ଉଦ୍ଦୀପିତ କରିବେ ବୋଲି । କିଛି ସମୟପରେ ଏହା ଜଳିଉଠିଲା । ମିନାକ୍ଷୀର ମନ ଚୁଲିର ହତାଶିଆ ପାଉଁଶତଳେ ଆଶାର ଅଗ୍ନିଫୁଲିଙ୍ଗ ଠିକ୍ ଏଇପରି ଆଜି ଜଳିଉଠିଛି । ବୃଦ୍ଧ ମିନାକ୍ଷୀର ଆପାଦ-ମସ୍ତକ ଠିକ୍ ସେବାଶୀଳା ମା'ପରି ସେକିବାକୁ ଆରମ୍ଭ କଲେ । କିଛି ସମୟପରେ ସେ ହେଲା ସଚେତ । ପୂଜା ହେବାପାଇଁ ଆସିଥିବା କ୍ଷୀରରୁ ଟିକଏ ନିଆଁରେ ଆଉଟି ଦେଇ ତାକୁ ପିଇବାକୁ ଦେଲେ । ଅତି ଭୋକିଲାପେଟରେ ଖାଦ୍ୟ କ'ଣ ରହିବ ? ସେସବୁ ବାନ୍ତି ହୋଇଗଲା । ସେ ବିଶ୍ରାମ ନେଲା କିଛି ସମୟପାଇଁ । ଏଇ ଅବସରରେ ବୃଦ୍ଧ ସେବକ ଅଳ୍ପ ସମୟପାଇଁ ବାହାରକୁ ଯାଇ ତାଙ୍କ ଗାଁର ବରିଷ୍ଠ ଲୋକ ଅବିନାଶବାବୁଙ୍କୁ ଖବର-ଦେଲେ ମିନାକ୍ଷୀର ଉଦ୍ଧାର ବିଷୟରେ ।

ମିନ ମନ୍ଦିର ମୁଖଶାଳାର ଚଟାଣ ଉପରେ ତା'ର ଅବଶ ଅଙ୍ଗଟିକୁ ଢାଳିଦେଇଛି । ଆଖିପିଛୁଳାକେ ତା' ଆଖିରେ ବୋଳିହୋଇଯାଇଛି ନିଦ୍ରାର ଅଞ୍ଜନ । ତୃପ୍ତିମୟୀ ସୁପ୍ତିର କି ସୁଖସ୍ପର୍ଶ—କେତେ କ୍ଳାନ୍ତି, କେତେ ଶଙ୍କାକୁଳ କଳ୍ପନା, ଶାନ୍ତିର ଶୀତଳ ଆଲିଙ୍ଗନରେ କୁଆଡେ ଉଭେଇଗଲା । ତା''ର ଚକ୍ଷୁରେ ଫୁଟିଲା ସ୍ୱପ୍ନର ଶିହାର । ଚମକିପଡ଼ିଲା ସେ । ଦୃଷ୍ଟି ଲିଭିଗଲା; ଯୋଟିଲା ତନ୍ଦ୍ରା ।

Digitized by srujanika@gmail.com

ସେ ଦେଖିଲ—ତା ର ଶାଶୁ ହୋଇଛନ୍ତି ପାଗଳୀ । ମୁଣ୍ଡବାଳ ମୁକୁଳା, ମୁଖମଣ୍ଡଳରେ ବିଷର୍ଣ୍ଣତାର ଚିହ୍ନ ଚକ୍ଷୁ କୋଟରଗତ । ଦୁଇଧାର ଅଶ୍ରୁରେଖା ଗଣ୍ଡ ପ୍ଲାବନ କରି ବହିଆସିଛି ତଳରୁ ତଳକୁ । ବେଶବାସ ମଳିନ । ଶୋକ-ବାଦଲର ଛାୟା ଘୋଟିଯାଇଛି ସାରାଶରୀରରେ ।

ଶ୍ୱଶୁର ତା'ର ଏକ ମ୍ଳାନ ଦୀପଶିଖା; ସାମାନ୍ୟ ପବନ-ସ୍ପର୍ଶରେ ଡୋହଲି-ଗଲାପରି ଡୋହଲି ଯାଇଛନ୍ତି । ସେ ବଡ଼ ଅଶାନ୍ତ ଅସ୍ଥିର । ତା'ର ପ୍ରାଣପ୍ରିୟା ପ୍ରିୟାର ବିରହବେଦନାରେ ଅଧିର । ବିପର୍ଯ୍ୟସ୍ତ କେଶ, ମଳିନବାସ, ଅଶ୍ରୁଳ ନୟନ—ବାଉଳା ପାଦ । ସେ ହୋଇଛନ୍ତି ସମ୍ପୂର୍ଣ୍ଣ ପାଗଳ । ସେ ହୋଇଛି ବନବିସିଗ ହଜାଗିତା ସୀତା । ପ୍ରିୟ ତା'ର ସୁଖଶିଶିର ସିଂହାସନରୁ ରାମଚନ୍ଦ୍ରଙ୍କ ପରି ଓହ୍ଲାଇ ଆସିଛନ୍ତି ବନବାସୀର ବେଶରେ ।

ଦୀର୍ଘଦିନର ବ୍ୟବଧାନପରେ ତାଙ୍କ ପାଖରେ ପହଞ୍ଚିଛି ମିନାକ୍ଷୀ । ସେ ଆଦୌ ଚିହ୍ନିପାରୁ ନାହାନ୍ତି ତାକୁ । ଦେଖିଲାକ୍ଷଣି ଉତ୍‌କ୍ଷିପ୍ତ ହୋଇ କହୁଛନ୍ତି—ଧେତ୍, ପାଗଳୀ ! ତୁ ମୋ ମୁହଁ ଆଗରୁ ଦୁରେଇ ଯା । ତୋର ଲେଉଟିଆ ରୂପରେ ମୋତେ ଆଉ ଭୁଲାଇବାକୁ ଚେଷ୍ଟା କର ନା । ମୁଁ ମୋର ମିନାକ୍ଷୀକୁ ଖୋଜିବି···ମିନାକ୍ଷୀକୁ ଖୋଜିବି ।

ମିନାକ୍ଷୀ ସ୍ୱପ୍ନ ଭିତରେ କାନ୍ଦ କାନ୍ଦ କହୁଛି—ଏତେ ଶୀଘ୍ର ତୁମେ ତୁମର ମିନକୁ ଭୁଲିଗଲ ପ୍ରିୟ । ମୋ ଭିତରେ କ'ଣ ତୁମର ସେଇ ହଜିଲା ମିନ ନାହିଁ । ଦେଖ ପ୍ରିୟ, ମୁଁ ତୁମର ମିନ କି ନୁହେଁ ?

ହଠାତ୍ ତା' କାନେ କାନେ ଶୁଣାଗଲା—ତୁମେ ସୀତାପରି କଷଣି । ଅଗ୍ନି ପରୀକ୍ଷାରେ ତୁମକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ । ଧୈର୍ଯ୍ୟ ହରାଅ ନା—ଜୟ ତୁମର ।"

ଜୟ ତୁମର ???

ଖୁଉଁକରି ନିଦ ଭାଙ୍ଗିଗଲା ମିନାକ୍ଷୀର । ସେ ଉଠିପଡ଼ିଲାକ୍ଷଣି ତା' କୋହକମ୍ପିତ କଣ୍ଠରୁ ବାହାରିଆସିଲା, "ପ୍ରିୟ । ଜୟ ତୁମର ।"

ସେ ଆଖି ଖୋଲି ଦେଖିଲାବେଳକୁ ତା' ପାଖରେ ଛିଡ଼ାହୋଇଛି ଏକ ସ୍ମିତ ହାସ୍ୟମୟୀ ଯୁବତୀ, ଶୁଭ୍ରବେଶା । ଶାନ୍ତ ମଧୁର କମ୍ର କଟାକ୍ଷ ଚୋରି ତା ଆଡ଼କୁ ଚାହିଁରହିଛି କଲ୍ୟାଣମୟୀରୂପରେ । ଭାବିଲା—ସେ ଆଉ ସ୍ୱପ୍ନ ଦେଖୁ ନାହିଁ

Digitized by srujanika@gmail.com

ତ ? ମା' ଭଣ୍ଡାରିକା ବୋଧ ହୁଏ ମାନସାରୂପରେ ତା' ଆଗରେ ଛିଡ଼ାହୋଇଛନ୍ତି ଆଶୀର୍ବାଦ ଦେବାପାଇଁ । ନା ନା, ଏଇ ତ ଲାନୁ । ମୋ ପ୍ରାଣର ଠିକ ଭଉଣୀ ଲାନୁ ।"

ସେ ଉଠିପଡ଼ି ବଡ଼ ଉଦ୍‌ଗ୍ରୀବ ଚିତ୍ତରେ ଏକ ସ୍ନେହ ଆଶ୍ଲେଷଣ ଦେଇ କହିଲା, "ଲାନୁ ? ତମେ ? ତମେ ଅଛ ଲାନୁ ?

ବାଳିକାଟି ହସ ହସ ହୋଇ କହିଲା, "ଲାନୁ ନୁହେଁ ଅପା, ମୁଁ ତମର ଚଗଲା ଭଉଣୀ ବୃନ୍ଦ ।"

"ବୃନ୍ଦ !···ବୃନ୍ଦ···ତୁମେ ? ଲାନୁ ନୁହଁ ?"

"ଅପା, କେଉଁ ଲାନୁ କଥା କହୁଛ ? ସେ ତମର କଣ ହୁଅନ୍ତି ?"

ମିନାକ୍ଷୀର ବାହୁବନ୍ଧନ ଆସ୍ତେ ଆସ୍ତେ ଶିଥିଳ ହୋଇଆସିଲା । ସେ ଟିକଏ ଲଜ୍ଜିତ ହୋଇ କହିଲା, "ଭୁଲ କଲି ବୃନ୍ଦ, ଭୁଲ କଲି । ତମେ ବୃନ୍ଦ···ବୃନ୍ଦ । ସତରେ ବୃନ୍ଦପରି ମୁହଁ, ବୃନ୍ଦପରି ହସ, ବୃନ୍ଦପରି ଗୃହାଣୀ ।"

"ଅପା ! ମୁଁ କଣ ତମର ଭଉଣୀ ନୁହେଁ ?"

"ଏଥିରେ କଣ ସନ୍ଦେହ ଅଛି ବୃନ୍ଦ ?"

"ସତରେ ତମେ ଯଦି ମୋତେ ଭଲପାଅ, ମୁଁ ଯଦି ତମର ଭଉଣୀ, ତା'ହେଲେ ମୋ କଥା ନିଶ୍ଚୟ ରଖିବ । ମୋରାଣ ଟିକଏ ଭିତରକୁ ଆସ ।" ବୃନ୍ଦ ଏହା କହି ତା'ର ହାତ ଭିଡ଼ି ଭିଡ଼ି ନେଇ ଦୋଲଘରର ଗୋଟିଏ କୋଣରେ ଛିଡ଼ା କରିଦେଲା । ଆଣିଥିବା ଗୋଟିଏ ନୂଆ ହେମଚମ୍ପା ଶାଢ଼ୀ ଓ ବ୍ଲାଉଜ ତାକୁ ପିନ୍ଧାଇଦେଲା । ମିନ ଅନିଚ୍ଛାସତ୍ତ୍ୱେ ପିନ୍ଧିଲା । ତେଲ ମାଖି ମୁଣ୍ଡ କୁଣ୍ଡାଇ ଦେଲା ।

ବୃନ୍ଦ ହସି ହସି କହିଲା, "ଅପା ତମକୁ ମୁଁ ଆଜ ବେଶ କରିଦେବାରେ ମୋତେ ଭାରି ଆନନ୍ଦ ମିଳୁଛି । ସତରେ ଅପା, ତମର ଏଇ ସୁନ୍ଦର ଗୋରା ଦେହକୁ ଶାଢ଼ୀ, ତା ସାଥିକୁ ସୁନାଚୁଡ଼ି ଆଉ ବେକର ଏଇ ହାର ବଡ଼ିଆ ଦିଶୁଛି, ସତେ ଯେପରି ସ୍ୱର୍ଗର ଶଚୀ ମର୍ତ୍ତ୍ୟପୁରକୁ ଆସିଛନ୍ତି ।"

ମିନାକ୍ଷୀ ଗୋଟିଏ ଖେଳନା କଣ୍ଢେଇପରି ବୃନ୍ଦର ହାତରେ ରୂପ ନେଇଥାଏ । ସେ ଆହତ କଣ୍ଠରେ କହିଲା, "ମରଣପାଇଁ ଯାହାର ସୃଷ୍ଟି, ତା' ପକ୍ଷରେ ଏ ସୌନ୍ଦର୍ଯ୍ୟର ପରିଚର୍ଯ୍ୟା ଉପହାସ ଛଡ଼ା ଆଉ କଣ ହୋଇପାରେ ବୃନ୍ଦ ?

Digitized by srujanika@gmail.com

ସ୍ୱପ୍ନ ଦୁଃଖଭରା କଣ୍ଠରେ କହିଲା, "ଅପା ମୁଁ କଣ ତମର ଶତ୍ରୁ ?"

"ଛି ସ୍ୱପ୍ନ ! ସେମିତି କହନ୍ତୁ ? ନା ନା, ମୋର ଭୁଲ ହୋଇଛି । ତୁମର ପ୍ରାଣଭରା ସ୍ନେହକୁ ମୁଁ ଅତ୍ୟାଚାର ବୋଲି କାହିଁକି ଭାବିବି ?"

"ଅପା ! ଏ ଦୁଇଟା ପାଟିରେ ପକାଇଦେଲ ।"

"କ'ଣ କି ସ୍ୱପ୍ନ ?"

"ସେ କିଛି ନୁହେଁ । ବୋଉ ଟିକିଏ ଜଳଖିଆ ପଠାଇଛି । ତୁମେ ଆଁ କର, ମୁଁ ଖୁଆଇଦେବି । ଭାରି ବଢ଼ିଆ ଲାଗିବ ।"

"ହଁ, ସ୍ୱପ୍ନହାତରେ ତ ଅମୃତ ଅଛି, ତେବେ ମୋତେ ଭଲ ଲାଗୁନି ଭଉଣୀ, ମୁଁ କିଛି ଖାଇବି ନି । ପେଟଟା ଫାଣ୍ଡି ଚକଟି ହେଉଛି ।"

"ତମେ ବାହାନାଣୀ ହେଲ ଅପା ! ତୁଚ୍ଛା ପେଟ ବୋଲି ଏମିତି ହେଉଛି ।" ଏହା କହି ଭିଡ଼ ଭିଡ଼ ନେଇ ବଳତ୍କାରରେ କିଛି ଖୁଆଇଦେଲା । ହଠାତ୍ ପଛ ପାଖରୁ ଶବ୍ଦ ଶୁଭିଲା—

କି ଲୋ ତଗଲି ! ତୁ ଆସି ପହଞ୍ଚି ଯାଇ ଚିହ୍ନା-ପରିଚ ହୋଇଗଲୁଣି ?"

ସ୍ୱପ୍ନ ହସି ହସି କହିଲା, "ମଣିଷକୁ ମଣିଷ ଚିହ୍ନିବାରେ କିଛି ଅସୁବିଧା ଥାଏ କି ଗଡ଼ଅଜା ? ସେ ପରା ମୋର ଅପା ! ମୁଁ ପରା ତାଙ୍କର ଟିକି ଭଉଣୀ । ଏ କ'ଣ ଯଥେଷ୍ଟ ହେଲା ନି । ଆଉ ଅଧିକ ପରିଚୟ କ'ଣ ଦରକାର ?"

ବୃଦ୍ଧ ହସି ହସି ମିନାକ୍ଷୀକୁ ନିର୍ଦ୍ଦେଶ କରି କହିଲେ, "ସତରେ ମା" ନାଁଟି ତା'ର ସ୍ୱପ୍ନ; ପ୍ରକୃତରେ ଗୋଟିଏ ସ୍ୱପ୍ନ । ସ୍ୱପ୍ନପାରେ ତ ହେଲେ କଳଙ୍କ ଅଛି । ଏ ଯେ ଅକଳଙ୍କ ସ୍ୱପ୍ନ । ପକ୍ଷେ ଅନ୍ଧାର, ପକ୍ଷେ ଉଜଳି ସ୍ୱପ୍ନ ନୁହେଁ । ସବୁଦିନିଆ ହସକୁସି ପୁନେଇଁ ସ୍ୱପ୍ନଟିଏ ।

"ସେତିକି ଥାଉ ଗଡ଼ଅଜା ! ତମର ଏ ବିଶେଷଣଗୁଡ଼ାକ । ଅପାଙ୍କ କଥା ଆଗ ବୁଝ । ବୋଉ ହେଉକା କେତେବେଳେ ଆସିବେ ?"

"ହେଇ ଦେଖିଲୁଣି, ଶରଧା ଆଈ, ତମ୍ପୀ ମାଉସୀ; ବୁଧେଇ ଖୁଡ଼ୀ, ଅପର୍ଣ୍ଣା ଭାଉଜ, ଲକ୍ଷ୍ମୀ ନାନୀ, ଟୁନି, ବାବୁନି, ପାକୁନି,···ଆଲୋ ସେତିକି ନୁହେଁ ଲୋ ! ମଲିକେ, ବରଜୁଆ, ମହାପାତ୍ରେ—କ'ଣ ସମସ୍ତେ ଉଠିଆସିଛନ୍ତି । ଗାଁଟାଯାକର

Digitized by srujanika@gmail.com

ଝିଅ-ବୋହୂ ଆଗେଇଛନ୍ତି ଏଇଆଡ଼ । ତା ବାପା ବୋଉ ଆଗେ ଆଗେ ଚାଲିଛନ୍ତି । ତାଙ୍କ ପଛେ ପଛେ ଗାଡ଼ିଟିଏ ଆସୁଛି ।"

"ବାଃ ବାଃ, ଆମ ଗାଁର ଲକ୍ଷ୍ମୀକୁ ଆଜି ପାଲ୍ଟେଇ ନେବେ, ଗାଁ ଆମର ପୂରିଉଠିବ । ଆମର ଏଇ ଲକ୍ଷ୍ମୀ ମା'ଟିର ପାଦ ବାଜିଲେ ଗାଁଦାଣ୍ଡର ଧୂଳି ହସିଉଠିବ । ଗାଁର ଶିରୀ ଫେରିଆସିବ ଗାଁକୁ । ଆରେ ବୃଦ୍ଧ ! ଦେଖିଲୁଣି, ମିଆଁ ବୁଢ଼ା ବି ତା' ନାତୁଣୀକୁ କାଖରେ ଧରି ପାଦ୍ରୀବାବୁଙ୍କ ସାଙ୍ଗରେ ଗପ କରି କରି ଆସୁଛି ।"

ବୃଦ୍ଧ କୌତୂହଳୀ ହୋଇ ଚାହିଁରହିଲେ ସେଇ ଆଡ଼କୁ । ମିନାକ୍ଷୀ ଉଦାସ ଓ ଗମ୍ଭୀର ଭାବରେ ଶାନ୍ତ ନୟନରେ ଚାହିଁଲା ସେଇ ପଟୁଆରକୁ । ସେ ବୁଝିପାରୁନି ଏହା ଭଗବାନଙ୍କର ଆଶୀର୍ବାଦ ନା ଅଭିଶାପ । ସେମାନେ ଦେବଦୂତଗଣ ଆସିଛନ୍ତି ତାକୁ ସମ୍ଭାଷଣ ଜଣାଇ ନେଇଯିବାକୁ କି ମୃତ୍ୟୁର ଦୂତମାନେ ଆସିଛନ୍ତି ତାକୁ ସଇତାନପୁରକୁ ନେଇଯିବାକୁ । ଆଶା ଓ ଆଶଙ୍କା ଭିତରେ ବୁଡ଼ିଗଲା ମିନି । ନା ନା, ସେ ଭୁଲ କରୁଛି ଅମଙ୍ଗଳ ଚିନ୍ତା କରି । ମଙ୍ଗଳମୟୀ ଶୁଭଦାୟିନୀ ମା' ଭଟ୍ଟାରିକା ଯାହାର ସାହା, ତା'ର ପୁଣି ଭୟ କ'ଣ ?

ଦେଖୁ ଦେଖୁ ଆଖିପିଛୁଳାକେ ସମସ୍ତେ ଜମା ହୋଇଗଲେ । ସମସ୍ତଙ୍କର ଆଖିରେ ଉତ୍ସୁକତା, ସମସ୍ତଙ୍କ ପ୍ରାଣରେ ଆବେଗ । ମିନାକ୍ଷୀ ସମସ୍ତଙ୍କୁ ଲକ୍ଷ୍ୟ କରି ପ୍ରଣାମ ଜଣାଇଲା । ବୃଦ୍ଧର ବୋଉ ପ୍ରଭୃତି ଆସି ତାକୁ କୋଳକୁ ଟାଣି ନେଇଗଲେ ।

"ମା, ଆମକୁ ଆଜି କୋଟିନିଧି ମିଳିଛି । ଆ ମା'ଘରକୁ ଯିବା । ଆମେ ଏତେ ଲୋକ ଆସିଛୁ ତୋତେ ପାଲ୍ଟେଇ ନେବାପାଇଁ । ଗାଁରେ ଆହୁ କେତେ ଲୋକ ତୋ ବାଟକୁ ଚାହିଁରହିଛନ୍ତି ।"

ବୃଦ୍ଧ ହସି ହସି କହିଲା, "ଅପା, ମୋର ଜଣକର ଅନୁରୋଧ ସିନା ରଖୁ ନ ଥିଲୁ । ଏତେ ମା' ଭଉଣୀ, ଭାଉଜ, ଝିଅ ବାପଭାଇଙ୍କର ଅନୁରୋଧ ଏଡ଼ିଦେଇ-ପାରିବୁ ତ ?"

ମିନାକ୍ଷୀ ସମସ୍ତଙ୍କ ମୁହଁକୁ ବଲବଲ ହୋଇ ଚାହିଁରହିଲା ଖାଲି । ତା' ଛାତିରେ କୋଟି ପ୍ରଶ୍ନର ଜାଲ; ପ୍ରାଣରେ ଉଚ୍ଛ୍ୱାସର ଉଦ୍‌ବେଳନ ।

Digitized by srujanika@gmail.com

ବୃଦ୍ଧର କାପା ଗାଁର ପ୍ରଧାନ ଅବନାଶବାବୁ ମମତାମଖା କଣ୍ଠରେ କହିଲେ "ମା, ଡରୁଛୁ କଣ ? ତୁ ଆମ ଗାଁର ସୌଭାଗ୍ୟ-ଲକ୍ଷ୍ମୀ । ଭଗବତୀ ଭଟ୍ଟାରିକାଙ୍କର କନ୍ୟା ତୁ । ତୋର କୌଣସି ଅସୁବିଧା ହେବ ନି ମା' । ଆ, ଗାଁକୁ ଆସ ।"

ମିନାକ୍ଷୀ ସମସ୍ତଙ୍କର ସ୍ନେହ-ଆକ୍ରମଣରେ ବ୍ୟସ୍ତ ହୋଇ କହିଲା, "ଆପଣ-ମାନେ ମୋପାଇଁ ବ୍ୟାକୁଳ, ମୁଁ ସେଥିପାଇଁ ଋଣୀ । ମୁଁ ବୁଝିପାରୁନି, ଏ ଅଭାଗିନୀ କିପରି ଏ ଋଣ ପରିଶୋଧ କରିବ । ମୋତେ କ୍ଷମା କରନ୍ତୁ ଆପଣମାନେ । ଏଇ ମନ୍ଦିରରେ ମା' ଭଟ୍ଟାରିକାଙ୍କ କୋଳରେ ମୁଁ ଆନନ୍ଦରେ ରହିପାରିବି ମଉସା !"

"ନା ନା, ମୁଁ ତୋତେ ଏଠାରେ ହିଂସ୍ରଜନ୍ତୁଙ୍କ ମୁଖରେ ଏକାକୀ ଛାଡ଼ି-ଦେଇ ଯାଇପାରିବି ନି ମା !"

"ଛି ମଉସା ! ତୁମେ ତା' କହିଲ, ଭଟ୍ଟାରିକାଙ୍କର ଅବମାନନା ହେବ । ସେ ମୋର ମା' । ମୁଁ ତାଙ୍କ କୋଳରେ ନିର୍ଭୟରେ ରହିବି । ଠାକୁର ଯାହାର ସାଥୀ, ହିଂସ୍ରଜନ୍ତୁ ତା'ର କ'ଣ କରିବେ ?"

'ତୁ ବୁଝୁନୁ ମା' ମଣିଷର ଦୁର୍ଭାଗ୍ୟ ଆସିଲେ ଏଇ ଦେବତା ବି ପାଷାଣ ହୁଅନ୍ତି । ତୋତେ ଏତେ ଲୋକଙ୍କର ଅନୁରୋଧ ରକ୍ଷା କରିବାକୁ ପଡ଼ିବ । ଯିବାକୁ ପଡ଼ିବ ଆମ ଗାଁକୁ ।"

ତା ହେଲେ ତୁମେ ମୋର ଶ୍ୱଶୁରଙ୍କ ପାଖକୁ ଶୀଘ୍ର ଖବର ଦିଅ ମଉସା ! ସେମାନେ ମୋପାଇଁ ଓ ମୋର ନଣନ୍ଦ ଭାନୁପାଇଁ ମୁଣ୍ଡ ବାଡ଼େଇ କାନ୍ଦୁଥିବେ । ମୋ ଶାଶୁଙ୍କର ଆଖି ଫୁଟିଯିବଣି କାନ୍ଦି କାନ୍ଦି । ବାପା ବୋଉ ମୋର ପାଗଳ ହେବେଣି ମୋପାଇଁ······

ବୃଦ୍ଧ ଚଟ୍ କରି ତା ପାଟିରୁ କଥା ଛଡ଼ାଇ ନେଇ କହିଲେ, "ତମ ନଣନ୍ଦ ନାଁ ତେବେ ଭାନୁ ? ବୁଝିଲି···ବୁଝିଲି । ସେଥିପାଇଁ ତୁମେ ହଠାତ୍ ମୋତେ ଦେଖିଲାକ୍ଷଣି ଭାନୁ ବୋଲି ସମ୍ବୋଧନ କଲ ଅପା ! ସେ କଣ ଭାସିଯାଇଛନ୍ତି ? ତାଙ୍କୁ ରକ୍ଷା କରାଯାଇପାରି ନି ?" ଏକ ନିଃଶ୍ୱାସରେ ଅସରନ୍ତି ପ୍ରଶ୍ନ ବର୍ଷିଦେଲେ ବୃଦ୍ଧ । ଆଖିରେ ତାର କାତରତା । ବଡ଼ ଉଦ୍‌ବିଗ୍ନ ସେ ଶୁଣିବାକୁ ତା'ର ଲୋତକର ଇତିହାସ । ଗାଁର ସମସ୍ତ ଝିଅ-ବୋହୂ ବ୍ୟଗ୍ର ହୋଇ ଚାହିଁଲେ ମିନାକ୍ଷୀ ଆଡ଼କୁ । ସମସ୍ତଙ୍କ ଆଖିରେ କାରୁଣ୍ୟ,' ସମସ୍ତଙ୍କ ଆଖିରେ ଉତ୍ସୁକ ଲୁହ । ଗାର ସମସ୍ତଙ୍କ କଣ୍ଠ ବାଷ୍ପଭିଜା ।

Digitized by srujanika@gmail.com

ମିନାକ୍ଷୀ କହିଚାଲିଲା ତା'ର ମର୍ମନ୍ତୁଦ ଇତିହାସ । କାହାରି ପ୍ରଶ୍ନକୁ ସେ ଅପେକ୍ଷା କରିବା ଦରକାର ପଡ଼ିଲା ନା । ସମସ୍ତଙ୍କର ଆଖିର ପ୍ରଶ୍ନ ଓ ମନର ଭାବକୁ ସେ ବୁଝିପାରି ଅତିକ୍ରମାସ୍ତ ଦୁରବସ୍ଥାର ବର୍ଣ୍ଣନା କରିବାକୁ ଲାଗିଲା ଏକ-ଧାରାରେ । ସେ ତା କଥାରେ ଚାଲିଛି—ଅସମାପ୍ତ ତାର କଥା । ସମସ୍ତେ ମନ୍ତ୍ରମୁଗ୍‌ଧପରି ତା ମୁହଁକୁ ଚାହିଁରହିଛନ୍ତି । କିନ୍ତୁ ବଡ଼ କଷ୍ଟରେ କହୁଛି ।

ଅନେକ ବେଳରୁ ତା କଥା ଶେଷ ହେଲାଣି, କିନ୍ତୁ ସମସ୍ତେ ଆଶ୍ଚର୍ଯ୍ୟ-ବିସ୍ଫାରିତ ନୟନରେ ତା ଆଡ଼କୁ ଚାହିଁରହିଛନ୍ତି । ମୁଗଧା କିଶୋରୀ ପ୍ରଭାତମୁଖରେ ତୁଳସୀ ରଖି ଭକ୍ତି ଓ ତନ୍ମୟତା ମଧ୍ୟରେ ଯେପରି ଚାହିଁରହିଥାଏ ପ୍ରଭାତଶ୍ରୀର ଚମତ୍କାର ଦୃଶ୍ୟଆଡ଼କୁ—କେତେବେଳେ ଯେ କୁମ୍ଭରେ ପାଣି ପରି ତାହା ଉଚ୍ଛୁଳିଲାଣି ସେ ଜାଣେ ନା, ସେହିପରି ସମସ୍ତେ ଚାହିଁରହିଁଛନ୍ତି ଏଇ ପ୍ରଭାତଶ୍ରୀ ମିନାକ୍ଷୀ ଆଡ଼କୁ ।

ମିନ ନୀରବତା ଭଙ୍ଗ କରି କହିଲା, 'ମଉସା ! ଏ ଅଭାଗିନୀ ଝିଅକୁ ଟିକିଏ ସାହାଯ୍ୟକର, ଆମଘରକୁ ଶୀଘ୍ର ଖବର ଦେବାର ବ୍ୟବସ୍ଥା କର ।"

ସମସ୍ତଙ୍କର ତନ୍ମୟତା ଭାଙ୍ଗିଗଲା । ଅବିନାଶବାବୁ ଅନୁରୋଧ-କଣ୍ଠରେ କହିଲେ "ମା ତୁ ଆଉ ନାହିଁ କର ନା । ଆମର ଏତେ ଲୋକଙ୍କ ମନରେ କଷ୍ଟ ଦେଇ ତୁ କି ଲାଭ ପାଇବୁ ? ଆ ଯିବା ଘରକୁ ଯିବା ।" ମୁଁ ତ ନିଶ୍ଚୟ ଖବର ଦେବି । ସେଥିପାଇଁ ବ୍ୟସ୍ତ ହେବାର କିଛି ନାହିଁ ।

ମଉସା ! ତୁମେ ଜାଣିବା ଲୋକ । ମ'ଉସୀ ! ତୁମେ ତ ମୋ ପରି ନାରୀ । ଭଉଣୀମାନେ ! ତମେ ନାରୀ-ଜୀବନର ଦୁଃଖକଷଣ ସବୁ ଜାଣ । ମୁଁ ଏକ ପବିତ୍ର କୁଳର ଅଭାଗିନୀ କୁଳବଧୂ । ମୁଁ ବୋହୂ ହିସାବରେ ଜୀବନର ପ୍ରଥମ ଓ ଶେଷ ଥରପାଇଁ ପତିଗୃହ ଚାହେଁ, ଅନ୍ୟ କାହାରି ଘରକୁ ବୋହୂର ଜୀବନ ନେଇ ଝିଅର ଅଭିନୟ କରିବାକୁ ଯାଇପାରିବି ନା । ସେ ଅଭିନୟ ମୋର ଶେଷ ହୋଇଛି । ମୁଁ ଆଜି ସମସ୍ତଙ୍କର ଅତିଥି । ଗାଁର ଅତିଥି । ମୁଁ ଆପଣମାନଙ୍କ ଅନୁରୋଧରେ ଗାଁକୁ ଯିବି ସତ, କିନ୍ତୁ କାହାରି ଘରକୁ ଯିବି ନାହିଁ ।"

ସମସ୍ତେ ଏକ କଣ୍ଠରେ କହିଲେ, "ଆମ ଘରକୁ ନ ଯାଅ ପଛକେ ଗାଁକୁ ଚାଲ । ଗାଁର କୋଠଘରେ ରହିବ । ବେଶ୍ ଭଲ ଘରଟିଏ, କିଛି ଅସୁବିଧା ହେବ ନି ।

Digitized by srujanika@gmail.com

ବୃନ୍ଦ ମିନର ହାତ ଧରିପକାଇ କହିଲା, "ମୁଁ ତମକୁ ଆଜ ଅପା ବୋଲି ଡାକିବି ନ—ଡାକିବି ବିଧିମତ ନୂଆ'ଉ ବୋଲି । ମୋର ଭାଇ ନାହାନ୍ତି, ତମ ଜରିଆରେ ଭାଇଟିଏ ହେଲେ ପାଇବି ! ଏ ତ ମୋ ପକ୍ଷରେ କମ୍ ଗୌରବର ବିଷୟ ନୁହେଁ ନୂଆ'ଉ ।"

"ତୁମେ ମୋ ଭିତରେ ଭାନୁକୁ ଦେଖ । ଭୁଲିଯାଅ ତୁମର ପ୍ରାଣାଧିକା ଭାନୁକୁ—ବୃନ୍ଦ ହେଲା ଆଜଠାରୁ ଭାନୁ । ମା' ଭଟ୍ଟାରିକା କଲେ, ସେ ତମରି କୋଳକୁ ଫେରିଆସିବେ ନୂଆ'ଉ ! ତମେ ତମ ଠିକ ଅଳିଅଳି ନଣନ୍ଦର କଥା ରଖିବ ନ ?

ଫେ···ରି···ଆ···ସି···ବେ । ନୂ···ଆ···ଉ !! ଅମୃତ ସିଞ୍ଚନ କଲା ମିନର ପ୍ରାଣରେ । ନୂଆ'ଉ-ଡାକରେ ଗୁଡ଼ ଭିତରଟା ତା'ର ଉଲ୍ଲସି ଉଠିଲା । ଇସ୍, କି ମଧୁବୋଳା ଡାକ ? ସତେ କଣ ଅଭାଗିନୀ ଭାନୁ ଫେରି ଆସି ମୋତେ ଡାକିବେ ନୂଆ'ଉ ବୋଲି !

ମିନାକ୍ଷୀ ତା'ର କର୍ମପନ୍ଥା ସ୍ଥିର କରିବା ପୂର୍ବରୁ ଛଳଛଳ ନୟନରେ ଚାହିଁଲା, ଶୁଭମୟୀ ମା ଭଟ୍ଟାରିକାଙ୍କ ଆଡ଼କୁ ଏକ ନୀରବ ନିର୍ଦ୍ଦେଶପାଇଁ । ଦେଖିଲା, ତାଙ୍କର ମୁଖମଣ୍ଡଳ ଅଲୌକିକ ଉଦ୍ଭାସ ମଧ୍ୟରେ ଆଲୋକିତ । ମିନ ବୁଝିଲା, ଏହା ଆଶାର ଆଲୋକ, ଆଶୀର୍ବାଦର ଝଲକ । ସେ ଯିବ; ସନ୍ଦେହର କାରଣ ନାହିଁ ।

ଗୃହର ବୋଉ କହିଲେ, "ବୃନ୍ଦ ଯା ତୋର 'ନୂଆ'ଉର ହାତ ଧରି ଆଣ । ତୁମେ ଝିଅ- ବୋହୂମାନେ ମା'ଙ୍କୁ ଆଣି ଗାଡ଼ିରେ ବସ । ଆମେ ପଛରେ ଚାଲି ଚାଲି ଯିବୁ ।"

ମିନ ହସି ହସି କହିଲା, "ମାଉସୀ, ଗାଡ଼ିରେ ବସିବାର ଆବଶ୍ୟକତା ନାହିଁ । ମୋର ଅନ୍ଧାର ପଥକୁ ଆଲୋକିତ କରି ବୃନ୍ଦ ଆଗେ ଆଗେ ଚାଲିବେ । ମୁଁ ପଛେ ପଛେ ଚାଲିବି । ହେଲେ ମନେ ରଖ ବୃନ୍ଦେ, ଅଧା ବାଟରେ ମୋତେ ଯେପରି ଉଆଁସର ଅନ୍ଧାର ମୁହଁକୁ ଠେଲି ନ ଦିଅ ।"

ଗାଁଆଡ଼କୁ ଆଗେଇ ଚାଲିଲେ ସମସ୍ତେ । ଏତିକିବେଳେ ଗାଁର ବୋହୂ-ମାନଙ୍କ ଭିତରୁ ଜଣେ ମୁରୁକି ହସି ଦେଇ ଚୁପିଚୁପି କହିଲା ମିନକୁ :

Digitized by srujanika@gmail.com

"ସାଙ୍ଗ ଆକାଶର ଜହ୍ନ ତମପରି ବୋହୂ ସାଜି ଲୁଚି ଲୁଚି ରହେ ଶାଶୁଘରେ ପନ୍ଦର ଦିନ, ଆଜି ଆମ ଜହ୍ନପରି ଝିଅ ସାଜି ବାପଘରେ ଆକାଶ-ଅଗଣାରେ ନାଚେ ପନ୍ଦର ଦିନ । ହେଲେ ଆମର ଜହ୍ନ କିନ୍ତୁ ବାରମାସ । ସବୁଦିନେ ଆମ ଦୁଆରେ ଜୋଛନା ଢାଳିବେ । ତମକୁ ଉଁଆସର ଅନ୍ଧକାରକୁ ଠେଲିବେ କିଆଁ ?"

ସମସ୍ତଙ୍କମଧ୍ୟରେ ଖେଳିଗଲା ଛଳଛଳ କଳକଳ ହାସ୍ୟରୋଳ । ମିନାକ୍ଷୀର ଅଧରପୃଷ୍ଠରେ ହସର ରେଖାଟିଏ ଅଙ୍କିହୋଇଗଲା । ତାହା କ୍ଷୀଣ, ଅଥଚ ମ୍ଳାନ କିମ୍ବା ନିଷ୍ପ୍ରଭ ନୁହେଁ ।

ମଧୁର ବାର୍ତ୍ତାଳାପମଧ୍ୟରେ ବାଟ ଶୀଘ୍ର ସରିଗଲା । ସେମାନେ କେତେବେଳେ ଯେ ଆସି ଗାଁମୁଣ୍ଡରେ ପହଞ୍ଚିଲେଣି, କେହି ଜାଣିପାରିଲେ ନାହିଁ ।

ନୂଆ ମଣିଷଟିଏ ଗାଁକୁ ଆସିଛି । ସମସ୍ତଙ୍କ ମନରେ ଅପରିମିତ ଆନନ୍ଦ । ଗାଁଦାଣ୍ଡରେ ସ୍ତ୍ରୀଲୋକମାନଙ୍କର ଗହଳି । ଯେ ଯେଉଁଠାରେ ଥିଲେ, ନୂଆ ମଣିଷଟିକୁ ଦେଖିବାପାଇଁ ଦଉଡ଼ି ଆସିଲେ । ଆନନ୍ଦର କଳରୋଳରେ ଗାଁ-ଦାଣ୍ଡ ଉଚ୍ଛୁଳିଉଠିଲା । ମିନାକ୍ଷୀ ଯାଇ ରହିଲା ଗାଁର କୋଠଘରେ । ଅବିନାଶବାବୁ ତତ୍ପର ଯାଇ ସବୁ ଘଟଣା ଜଣାଇଲେ ଥାନାରେ । ଟେଲିଗ୍ରାମ୍ କରିବାକୁ ଗଲେ ମିନାକ୍ଷୀର ଶ୍ୱଶୁରଙ୍କ ପାଖକୁ ।

ଗାଁ-ଚଉକିଆ ବାହାରେ ଜଗିରହିଲା । ଥାନାବାବୁ ବଡ଼ ସହାନୁଭୂତିର ସହିତ ଅବିନାଶବାବୁଙ୍କୁ ସାହାଯ୍ୟ କଲେ । ତାଙ୍କଠାରୁ ସେ ସମସ୍ତ ଇତିହାସ ସଂଗ୍ରହ କଲେ ମିନାକ୍ଷୀ ବିଷୟରେ । ସେ ଓ୍ୱାରଲେସ୍ କଲେ ବଉଦକୁ ।

ଗାଁର ଝିଅମାନେ ମିନାର ପାଖେ ପାଖେ ରହିଲେ ଦିନସାରା । ତା'ର ପ୍ରଧାନ ସାଥୀ ହେଲା ଚନ୍ଦ୍ର । କାରଣ ସହିତ ଜହ୍ନର ସମ୍ବନ୍ଧପରି ମିନାକ୍ଷୀ ସହିତ ଜହ୍ନର ସମ୍ବନ୍ଧ ହେଲା ନିବିଡ଼ । ଗାଁର ଝିଅମାନେ କୋଠଘର ଅଗଣାରେ ଜମା ହେଲେ । ଗୀତ-ନାଚ ଗାନ-ବାଜଣାରେ ଉଚ୍ଛୁଳିଉଠିଲା କୋଠଘର, ସତେ ଯେପରି ତା'ର ଦୁଃଖକୁ ଭୁଲାଇବାପାଇଁ ତାଙ୍କର ପ୍ରବଳ ଚେଷ୍ଟା । ନୃତ୍ୟରତା ବାଳିକାମାନଙ୍କର ନୂପୁର-ନିକ୍ୱଣ ଓ ଗୀତିଗୁଞ୍ଜନ

Digitized by srujanika@gmail.com

ଅମୃତର ପ୍ରଲେପ ଢାଳିଲି ପ୍ରତ୍ୟେକଙ୍କ ହୃଦୟରେ । ଓଃ, ସ୍ନେହ, ସେବା, ସହାନୁଭୂତି ଓ ସମ୍ଭାଷଣର କି ବିରାଟ ପ୍ରତିଯୋଗିତା ଚାଲିଛି ସମସ୍ତଙ୍କ ମଧ୍ୟରେ ! ମିନି ବୋଧ ହୁଏ ସେ ସବୁର ନିରପେକ୍ଷ ବିଚାରକ ।

ସନ୍ଧ୍ୟାରେ ସମସ୍ତେ ନିମନ୍ତ୍ରଣ ଦେଲେ ମିନିକୁ ତାଙ୍କ ଘରେ ଖାଇବା-ପାଇଁ । ସେ କାହା ଘରକୁ ଯିବ, କାହା ଘରକୁ ନ ଯିବ ?

ଚାନ୍ଦ କହିଲା, "ନୂଆ'ଉ ! ଆମେ କାହାର ଘରକୁ ଯିବା ନି । ମୁଁ ଯାଉଛି ସବୁ ଝିଅଙ୍କୁ କହିବି, ସମସ୍ତେ ମିଶି ଏଇଠାରେ ଆଜି ଭୋଜି କରିବା । ଭାରି ମଜା ହେବ । ବାଃ ରେ, ତୁମେ ଯାଇ କାହା ଘରେ କୁଣିଆ ହେବ—ଆମେ ଏତେ ଝିଅ ଏଣେ ଚାହିଁଥିବୁ ! ମୁଁ ଯାଉଛି ଘରେ ଘରେ ପଚାରି ଆସିବି ଯେ ଆମ ଝିଅସବୁଙ୍କୁ ଖାଇବାକୁ ଦେଇପାରିବେ, ଆମ ନୂଆ'ଉ ସେଠାକୁ ଯିବେ ।

ଚାନ୍ଦର କଥାରେ ସେ ଝିଅଯାକ ଆନନ୍ଦରେ ନାଚଉଠିଲେ—"ବେଶ-ଭଲ କଥା, ସମସ୍ତେ ରାନ୍ଧିବା, ସମସ୍ତେ ବାଢ଼ିବା, ଏକାଠି ଖାଇବା, ଏକାଠି ଶୋଇବା । ବାଃ, କି ମଜା ହେବ !"

ପାଖରେ ଜଣେ ଅଧେ ସ୍ତ୍ରୀଲୋକ ଥିଲେ । ଚାନ୍ଦ ହସି ହସି କହିଲା, "କି ଲୋ ପାକୋଇ ଆଈ, ରାଧି ନାନୀ, ଲଖି ଖୁଡ଼ି, ତମେସବୁ କ'ଣ ଆମ ଉପରେ ଗରଗର ହେଉଛ କି ?"

"ନାଇଁ ଲୋ, ନାଇଁ ! ଗରଗର ହେବୁ କିଆଁ ? ତମେ ଭୋଜି କର; ଆମେ ତମରି ରନ୍ଧା ଚାଖିବୁ । ଯାଉଛୁ ।"

କୁରୁକଚୁ ହୋଇ ଉଠିଲେ ସମସ୍ତେ ।

ଗଛକୋଳର ଲଲ-ଗୁଲଲ ନବୀନ ପତ୍ର ସୁଲୁସୁଲିଆ ପବନରେ ନାଚ ଉଠିଲାପରି ଝିଅମାନେ ନାଚ ନାଚ ରନ୍ଧାବଢ଼ାର ଆୟୋଜନରେ ଲାଗି-ପଡ଼ିଲେଣି । ସମସ୍ତେ କହିଲେ, "ନୂଆ'ଉ ! ଆମକୁ ରନ୍ଧା ଶିଖାଇଦିଅ ।"

ମିନି ଖଟରେ ଶୋଇ ବିଶ୍ରାମ ନେଉଥିଲା ହସି ହସି କହିଲା; "ତୁମକୁ ରନ୍ଧା ଶିଖାଇଦେବି କ'ଣ ? ତମର ପାଳି ପଡ଼ିଛି ରାନ୍ଧିବାକୁ' ମୋ ପାଳି ପଡ଼ିଛି ଚାଖିବାକୁ ।"

Digitized by srujanika@gmail.com

ହସ-ଖୁସିରେ ଦିନ ଦୁଇଟା କଟିଗଲା । ମିନାକ୍ଷୀ ପ୍ରକୃତିର କରାଳ ବନ୍ୟାରୁ ନିଜକୁ ବଞ୍ଚାଇ, ଆଜି ଗୋଟିଏ ବନ୍ୟାରେ ଅସହାୟା ହୋଇ ଭାସୁଛି—ତା' ହେଉଛି, ସମସ୍ତଙ୍କର ଆଦର-ବନ୍ୟା । ସେ ଆଉ କେତେ ଦିନ ସ୍ନେହର ଅତ୍ୟାଚାର ସହ୍ୟ କରିବ ?

ସେ ଭାବୁଛି, ଭଗବାନ୍ କଲେ ସେ ଯଦି ଫେରିଯାଏ, ତା'ହେଲେ ଶାଶୁ-ଶ୍ୱଶୁର ଓ ସ୍ୱାମୀ ତାକୁ ଘୃଣା କରିବେ ନାହିଁ ତ ? ତାକୁ କଳଙ୍କିନୀ ବା ଅଲକ୍ଷଣୀ ବୋଲି ଭାବିବେ ନାହିଁ ତ ।

ଛି, ଏସବୁ କ'ଣ ସେ ଭାବୁଛି ! ସେମାନେ ଏତେ ସଙ୍କୀର୍ଣ୍ଣ ନୁହନ୍ତି । ସେମାନେ ତା' ଆଗରେ ଦେବତା ଦେବତା । ସେମାନଙ୍କୁ ଏତେ ଖ୍ରୋଟ ବୋଲି ଭାବିବା ହିଁ ତା'ର ଦୋଷ । ହେ ଭଗବାନ୍ ! କ୍ଷମା ଦିଅ ।

ମିନାକ୍ଷୀକୁ ସେମାନେ ପୂରା ବିଶ୍ରାମ ଦେଇଛନ୍ତି । ବୃନ୍ଦାର ବୋଉ ରାତିରେ ତାଙ୍କ ପାଖରେ ଶୋଇଛନ୍ତି । ଖଟ ଉପରେ ମିନି ପାଖକୁ ବୃନ୍ଦା, ଆରପାଖରେ ବୃନ୍ଦାର ବୋଉ । ତଳେ ଆଉ କେତେଜଣ ଝିଅ, କେତୋଟି ପୁରୁଖା ସ୍ତ୍ରୀ ଲୋକ । ବୃନ୍ଦାବୋଉ ଅବଶ୍ୟକ୍ଳାନ୍ତ ଶରୀରରେ ହାତ ବୁଲାଇ ମିନିର ନିସ୍ତେଜ ଅଙ୍ଗଲତାରେ ସତେଜତା ସୃଷ୍ଟି କଲେ । ମା' ପରି ମିନିକୁ ତା ଇଚ୍ଛା ବିରୁଦ୍ଧରେ ଘୋଟିଲେ । ମିନି ଘାରି'ଲଜ୍ଜିତ ହେଲା । ଅନୁଭବ କଲା ସତେ ଯେପରି ତା ବୋଉ କୋଳରେ ସେ ଶୋଇଛି ।

ରାତିସାରା ସମସ୍ତେ ସଜାଗ । ସମସ୍ତେ ଚିନ୍ତିତ ସେଇ ନବାଗତା ଅତିଥିଟି ପାଇଁ । କିନ୍ତୁ ମିନାକ୍ଷୀର ଦୁଃଶ୍ଚିନ୍ତା ବହୁ ପରିମାଣରେ କମିଯାଇଛି ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ଓ ସେବାର ଆଲେଖ୍ୟ ନେଇ ।

କ୍ଳାନ୍ତଭରା ଶରୀରରେ ନିଦ୍ରାର ଅଞ୍ଜନ । ଶାନ୍ତ ସମାବେଶ । ବୃନ୍ଦାର ବୋଉର ରାତିରେ ଥରକୁ ଥର ଉଠନ୍ତି । ମିନାକ୍ଷୀକୁ ଦେଖନ୍ତି । ଝିଅଟା ଶାନ୍ତିରେ ଶୋଇଛି । କାହାର ଝିଅ, କାହାର ବୋହୂ ଦୁର୍ଭାଗ୍ୟ ତାକୁ ଏ ଅବସ୍ଥାରେ ପକାଇଛି । ସେ ତାଙ୍କ ଘରକୁ ଫେରିବା ପର୍ଯ୍ୟନ୍ତ ଯେପରି ତା ମନରେ ଟିକିଏ ବି ଅଶାନ୍ତି ସୃଷ୍ଟି ନହୁଏ । ମା ଭଣ୍ଡାରିକା ତୁମେ ହିଁ ସହାୟ ।

Digitized by srujanika@gmail.com

* * * * ଆକାଶରୁ ମେଘ ଲିଭିଯାଇ ଦିଗ୍‌ବଳୟରେ ବସା ବାନ୍ଧୁଛି—ଦିଶୁଛି ଅଶିଣର ଆକାଶପରି ଚୋପା । ଘନେଇ ଆସିଛି ଶୁଭ୍ର ସୁସ୍ମିତ ଚନ୍ଦ୍ର ରଜନୀ । ଜ୍ୟୋତ୍ସ୍ନା-ଜ୍ୟୋତିତ ପ୍ରକୃତି । ଝିଅଗୁଡ଼ିକ ଆନନ୍ଦରେ ମଜଗୁଲ ହୋଇ ଦାଣ୍ଡରେ ଖେଳ ଖେଳିବାରେ ବ୍ୟସ୍ତ । ପ୍ରକୃତିରେ କି ନିଶ୍ଚିନ୍ତ ଜୀବନ ! କି ପୁଲକ ପୂରିତ ପ୍ରାଣ ! କି ଅବାଧ ସୁନ୍ଦର ଅଭିନୟ ! ଏଇ କଳ-କଣ୍ଠୋଷ୍ଠ ଅଳର ସ୍ପର୍ଶ ପାଇଲେ କେତେ଼ ବେଗେ ବଦଳିଯାଏ, କେତେ ମୀତକଥା ତା'ମନକୁ ଛୁଏଁ । ଅସରନ୍ତି ଆଶା-ନୈରାଶ୍ୟ ମଧ୍ୟରେ ମଉଳିଯାଏ ତା'ର ରମ୍ୟ ରଚନା ।

ମିନାକ୍ଷୀ ସେମାନଙ୍କର ଅଭିନୟ ଦେଖି ଭାବୁଛି ଏଇପରି ଅନେକ କଥା । ସତରେ, ଜୀବନଭିତରେ କେତେ ପରିବର୍ତ୍ତନ ! କାଲି ସେ କ'ଣ ଥିଲା, ଆଜି ସେ କ'ଣ ହୋଇଛି ! ଜୀବନ ଗୋଟାଏ କୁହୁକ ଝରଣା, ଚିରଚଞ୍ଚଳମୟୀ ।

ଆଜି ତୃତୀୟ ଦିନ ।

ହସଖୁସିରେ ସଂଜ-ପହରଟା ବିତିଗଲା । ଆସିଲା ନିବିଡ଼ ରାତି । ସମସ୍ତେ ସୁପ୍ତି କୋଳରେ ଆଶ୍ରୟ ନେଲେ । ଘରପାଖରେ ବେଢ଼ି ଶୋଇଲେ ଝିଅମାନେ । ମଝିରେ ମିନାକ୍ଷୀ । ପଦ୍ମଗହଳରେ ମୁଦ୍ରିତ କମଳିନୀ ।

ଚାନ୍ଦବଧୂ ଲାଜ-ଲାଜ ଓଢ଼ଣାତଳେ ହସି ହସି ଖସିଆସିଲାଣି ଆକାଶର ତଳ ପାହାଚକୁ । କୋଠାଘରର ଗବାକ୍ଷ-ପଥଦେଇ ବିଚ୍ଛୁରିତ ହେଲାଣି ଘନ ଜ୍ୟୋତ୍ସ୍ନାର ଆସ୍ତରଣ । ସମସ୍ତଙ୍କର ଶୁଭ୍ର ମୁଖମଣ୍ଡଳରେ ଲିପି ହୋଇଗଲାଣି ଶୀତଳ ଚନ୍ଦ୍ରାଲୋକ । ଉଜ୍ଜ୍ୱଳଉଠୁଛି ତାଙ୍କର ବଦନବିଭା । ଚାନ୍ଦବଧୂ ଚଞ୍ଚଳତାର ସହିତ ସମସ୍ତଙ୍କ ମୁହଁକୁ ଚାହିଁଛି । ଜ୍ୟୋତ୍ସ୍ନା ଓ ଯୌବନର କି ପ୍ରୀତିଭରା ଲୁଚକାଳି ସେ ଉପଭୋଗ କରୁଛି—ପ୍ରାଣଭରି ଉପଭୋଗ କରୁଛି !

ମିନାକ୍ଷୀର ନିଦ ଘୁଉଁକରି ଭାଙ୍ଗିଗଲା । ସେ ଚାହିଁଲା ଗବାକ୍ଷ-ପଥଦେଇ ସେଇଆଡ଼କୁ—ସେଇ ଢେଉଢହଣା ନୀଳ ଆକାଶ ଆଡ଼କୁ, ଯେଉଁଠାରେ

Digitized by srujanika@gmail.com

ଝରୁଛି ସ୍ନେହ, ପ୍ରୀତି, ଆନନ୍ଦ ଓ ଉଲ୍ଲାସର ପ୍ଲାବନ । ନା, ଏ ପ୍ରହସନ-ମେଳରେ ସେ ସ୍ୱାଧୀନଭାବରେ ପ୍ରାଣଭରି ଉପଭୋଗ କରିପାରିବ ନି ସେ ଦୃଶ୍ୟ । ସେମାନଙ୍କ ଗହଣରୁ ଉଠି ଆସ୍ତେ ଆସ୍ତେ ପାଦ ବଢ଼ାଇଲା ଆଗକୁ । ବାହାର ଆସି ବସିଲା ଘରର ପଛପାଖ ପିଣ୍ଡାରେ, ଗୋଟିଏ ଖମ୍ବ ଉପରେ ଭରାଦେଇ । ମନେ ପଡ଼ିଲା ଅତୀତ । ଏଇପରି ଆଜି ଦିନେ ସେ ଜ୍ୟୋତ୍ସ୍ନାଲୋକରେ ନିଜକୁ ଭସାଇ ଦେଇଥିଲା ଏକ ହଜିଲା ପହରରେ । ଏତିକିବେଳେ ତା'ର ପ୍ରିୟ ଆସି ପାଦ ଚପି ଚପି ତା'ର ଆଖି ମୁନ୍ଦି-ଦେଇଥିଲେ କ୍ଷଣିକପାଇଁ । ଚମକି ପଡ଼ିଲାବେଳେ ସେ ନିବିଡ଼ ଆଲିଙ୍ଗନ ଦେଇ କହିଥିଲେ, ମିନି ! ଏ ଦୁଷ୍ଟାକୁ ତମ ବକ୍ଷର କାରାକକ୍ଷରେ ବନ୍ଦୀ କରି ତାକୁ ଶାସ୍ତି ଦିଅ ।

ସତରେ କ'ଣ ସେ ଜୀବନରେ ଏଇ ଅଭିନୟ ପୁନରାବୃତ୍ତି କରିବାର ସୁଯୋଗ ପାଇବ ! ସେ ଭାବୁଛି—ଏଇପରି କେତେ କଣ ସେ ଭାବୁଛି ।

ହଠାତ୍ ଉଠିଲା ଗୃହ । ତା'ପାଖରେ ନୂଆ'ଜ ନାହାଁନ୍ତି । ସେ ଚମକି-ପଡ଼ିଲା । ନା ନା, ସେ ବୋଧ ହୁଏ ବାହାରକୁ ଯାଇଥିବେ । ପାଦ ଚପି ଚପି ଘରର ଦୁଆର ପାଖ ଦେଖିଲା—ପାଇଲା ନାହିଁ । ଟିକିଏ ଅପେକ୍ଷା କଲା ।

କାଇଁ, ସେ ତ ଏତେବେଳଯାଏ ଫେରିଲେ ନି ? ତା'ହେଲେ କ'ଣ କୁଆଡ଼େ ଚାଲିଗଲେ ? ମୁଣ୍ଡରେ ତା'ର ଖେଳିଗଲା ନୈରାଶ୍ୟର ତୋଫାନ । ଭୟରେ ତା'ର ଥରିଉଠିଲା ମନ ଓ ଦେହ । ଦାରୁଣ ବ୍ୟଥାଭିତରେ ତା' ପାଟିରୁ ବାହାରି ଆସିଲା—"ନୂଆଜ ! କୁଆଡ଼େ ଗଲ ?"

ମିନିର ସମସ୍ତ ଚିନ୍ତନ ଭାବନା ଉଭେଇଗଲା । ସେ ଚମକି ପଡ଼ି କହିଲା, "କିଏ ଗୃହ ? ତୁମେ ଉଠିଲଣି ? ମୁଁ ଏଇଠି ଅଛି । ଗରମ ହେଲା ଯେ ଟିକିଏ ବାହାରେ ବସିଥିଲି ।"

ମିନାକ୍ଷୀର ପାଟି ଶୁଣି ଗୃହ ଆନନ୍ଦରେ ଉଲ୍ଲସିଉଠିଲା ସତ; କିନ୍ତୁ ଅଭିମାନର ପାହାଡ଼ ତା' ମୁହଁରେ ଲଦି ହୋଇଗଲା । ଅଭିମାନିଆ ସ୍ୱରରେ କହିଲା, "ନୂଆ'ଜ ! ତମେ ବଡ଼ ଦୁଷ୍ଟା । କଥା କହିବି ନି ତମ ସାଥିରେ । ମୋତେ ଛାଡ଼ି ତମେ ଏକୁଟିଆ ଏଠାରେ କାହିଁକି ବସିଛ ? ନୂଆ'ଜ ନୂଆ'ଜ ଡାକି ଡାକି ମୋ ତଣ୍ଟି ଶୁଖିଗଲାଣି. ତୁମେ ଏଠାରେ ମଜାରେ ବସିଛ ?"

Digitized by srujanika@gmail.com

"ନାଇଁ ଗୃନ୍ଦ ! ତୁମେ ମିଛ କହୁଛ, ବିଲ୍‌କୁଲ୍ ମିଛ କହୁଛ । ତୁମକୁ ଛାଡ଼ି ମୁଁ ଆଦୌ ଏକୁଟିଆ ବସି ନ । ତୁମେ ଯେ ସବୁବେଳେ ମୋର ପାଖେ ପାଖେ ଅଛ । ଏଇ ଦେଖିଲ—ଆକାଶରେ କଏ ? ଆଉ ଦେଖିଲ, ମୋ ପାଖରେ କଏ ? ଖାଲି ଗୃନ୍ଦ···ଗୃନ୍ଦ ! ଗୃନ୍ଦମୟ ମୋର ସଂସାର । ଗୃନ୍ଦକୁ ଛାଡ଼ି ମୁଁ ରହିବି କପରି ?"

"କଥାର ଗୃଢ଼ସରେ ମୁଁ କ'ଣ ତୁମକୁ ଜିଣିପାରିବ ନୂଆ'ଉ ? ମୋ ଦାଦ ଛୁଇଁ କହିଲ, ତୁମେ ଏଠାରେ ଏକୁଟିଆ ବସି କ'ଣ ଭାବୁଛ ?"

"ସତ କହୁଛି—ମୁଁ ଭାବୁଛି, ଗୃନ୍ଦ ଆମର କେବେ ଶାଶୁଘରକୁ ଯିବ । ସେଇଠାରେ ତାଙ୍କର ଲାଜ ଲାଜ ଗୃହାଣୀ ଆଉରି ସୁନ୍ଦର ଦିଶିବ ।"

"ଧେତ୍ ମିଛୁଆଇ ! ଆସ ଘରକୁ ଯିବା, ଶୋଇବା । ଆମ ପାଟି ଶୁଣି ପୁଣି ଅନ୍ୟମାନେ ଉଠିବେ ଯେ···"

ଏତେବେଳକୁ କୋଠରୀ ମଧ୍ୟରୁ ଚନ୍ଦ୍ରକିରଣ ଲିଭିଗଲାଣି । ଦୁହେଁଯାକ ଆସି ନିଜ ନିଜ ଜାଗାରେ ଶୋଇଲେ । ଅଳ୍ପ ସମୟ ମଧ୍ୟରେ ଜଣଙ୍କର ଚକ୍ଷୁରେ ବୋଳିହୋଇଗଲା ନିଦ୍ରାର ଅଞ୍ଜନ; କିନ୍ତୁ ଆଉ ଜଣକ ଆଖିରେ ଉଛୁଳିଉଠିଲା ଅଶ୍ରୁର କମ୍ପନ । ମିନି ଚେଷ୍ଟା କଲା ଆଖି ବୁଜିବାକୁ; କିନ୍ତୁ ପାରିଲା ନି । ଅନୁଭବ କଲା, ସତେ ଯେପରି ତା' ଆଖିରେ କଣ୍ଟା ଫୋଟା ଯାଉଛି । ରାତି ପାହିଲା । ମଥାନରେ କୁଆ ଡାକଦେଲା—କାଁ···କାଁ···। ସେ ଆଗ ଉଠି କାମ ଶେଷ କଲା । ସମସ୍ତେ ଉଠିଲେ ବହୁତ ପଛରେ । କହିଲେ, "ନୂଆ'ଉ ! ତମେ ଏତେ ଚଞ୍ଚଳୀ ?"

ବେଳ ଆସି ହେଲା ଦଶଟା । ପାଠପଢ଼ୁଆ ଝିଅମାନେ ସ୍କୁଲକୁ ଗଲେ । ଗୃନ୍ଦ ସ୍କୁଲକୁ ନ ଯାଇ ରହିଲା ମିନି ପାଖରେ । ହାତରେ ତା'ର ପାନିଆ, ଦର୍ପଣ, ତେଲ, କୁଙ୍କୁମ, ସ୍ନୋ, ଫିତା—ଇମିତି କେତେ କଅଣ । କହିଲା, "ନୂଆ'ଉ ! ଆସ ମୁଣ୍ଡ କୁଣ୍ଢେଇ ଦେବ । ତୁମକୁ ଆଉ ସନ୍ୟାସିନୀ କରି ଛାଡ଼ିବ ନି । ତମକୁ ନୂଆ ବୋହୂରୂପରେ ନୂଆବୋହୂ ହେବାକୁ ପଡ଼ିବ । ବସ ମୁଣ୍ଡରେ ପାନିଆ ମାରି । ମୁଁ ତେଲଶିଶି ଖୋଲୁଛି ।

Digitized by srujanika@gmail.com

ମିନ ତା'ର ଘନକୁଞ୍ଚିତ କେଶଗୁଚ୍ଛ ମଧ୍ୟରେ ପାନିଆ ଚଳାଉ ଚଳାଉ ଦୁଇଥର ତା' ହାତରୁ ତାହା ଖସିପଡ଼ିଲା । ଭାବିଲା—ପାନିଆ ତ ଖସିଗଲାଣି; ସତରେ କ'ଣ ତା' ଶ୍ୱଶୁର ଆସୁଥିବେ ? ମିନର ମନ କଥାକୁ ଛଡ଼ାଇ ନେଇ ବୃଦ୍ଧ କହିଲା, "ନୂଆ'ଉ ! ତମର ଆଜ କେହି ବୋଧ ହୁଏ ଆସୁଥିବେ ।"

କେତେ ମଧୁ-ଗୁଞ୍ଜନ ଭିତରେ ଦୁହେଁଯାକ ମାତିରହିଲେ । ବୃନ୍ଦ ମିନର କବରୀ-କୋଳରେ କେତେ ଫୁଲର ହାର ସଜାଇଦେଲା । କପାଳରେ ଲେଖିଦେଲା କୁଙ୍କୁମ-ଟିକା, ପାଦରେ ଅଳତାର ଗାର, ଆଖିରେ କଜଳ-ରେଖା; ଠିକ୍ ଏତିକିବେଳେ ଘର ଦୁଆରେ ଡାକ ଶୁଣିଲା, ବୃନ୍ଦ···ବୃନ୍ଦ !

"କଣ କ ବାପା !"

"ତୋ ନୂଆ'ଉଙ୍କୁ କହିଦେ, ତାଙ୍କ ଶ୍ୱଶୁର ଆସିଛନ୍ତି ।"

ବୃନ୍ଦ ମିନକୁ କୁଣ୍ଢାଇ ହୋଇ ଅଶ୍ରୁ ଓ ଆନନ୍ଦ ଭିତରେ ଗଦ୍‌ଗଦ ହୋଇ କହିଲା, "ନୂଆ'ଉ ! ଭଗବାନ୍ ତମର ଡାକ ଶୁଣିଛନ୍ତି । ମୁଁ ତୁମକୁ ଆଉଟି ଛାଡ଼ିବି ନାହିଁ । ଦୁନିଆର କୌଣସି ଶକ୍ତି ମୋ ନୂଆ'ଉକୁ ମୋଠାରୁ ଅଲଗା କରିପାରିବ ନାହିଁ । ନୂଆ'ଉ······ନୂଆ'ଉ !"

ଠିକ ଏତିକିବେଳେ ମିନାକ୍ଷୀର ଶ୍ୱଶୁର ଲୁହବୋଳା ଚକ୍ଷୁ ଓ ବାଷ୍ପ-ଭରା କଣ୍ଠରେ ଆସି ପହଞ୍ଚିଲେ ମିନ ପାଖରେ । ମିନ ସାଶ୍ରୁ-ନୟନରେ ତା'ର ପ୍ରଣତି ବାଢ଼ିଲା ଶ୍ୱଶୁରଙ୍କର ପଦ-ତୀର୍ଥରେ । ବୃନ୍ଦ ମଧ୍ୟ ପ୍ରଣାମ ଜଣାଇଲା ତାଙ୍କୁ । ତାଙ୍କ ପାଖରେ ଥିଲେ ବୃଦ୍ଧ ସେବକ ଗତିକୃଷ୍ଣ ଓ ଅବିନାଶବାବୁ । ସମସ୍ତଙ୍କ ଚକ୍ଷୁରେ ଅଶ୍ରୁ । ମିନାକ୍ଷୀ ଭାଷାହୀନା । ନୀଳ ନୟନରେ ତା'ର ଉଦ୍ଗତ ଅଶ୍ରୁର ଉଚ୍ଛ୍ୱାସ, ସତେ ଯେପରି ଗୋଟିଏ ଲେଖାଏ ଲୋତକ-ବିନ୍ଦୁ କୋଟିଏ ଇତିହାସର ରୁଦ୍ଧ ପେଟିକା ।

ଗତି ଅଗ୍ରକଣ୍ଠରେ କହିଲେ, "ମା, ମୁଁ ତୋତେ ପାଇଥିଲି ଦୁଦିନ-ପାଇଁ । ତୋତେ ଯେଉଁ ପିତା ସାରା ଜୀବନପାଇଁ ପାଇଛନ୍ତି, ତୁ ତାଙ୍କର କୋଳକୁ ଯା । ମା' ଭଣ୍ଡାରିକା ତୋର ମନସ୍କାମନା ପୂରଣ କରିଛନ୍ତି ।"

ବୃନ୍ଦର ଆଖିରୁ ଝରୁଥାଏ ନୀରବ ଅଶ୍ରୁଧାର । ମିନାକ୍ଷୀ ତାକୁ ବୁକୁରେ ଚାପି ଧରି ତାର ଲୁହବୋଳା ବୃନ୍ଦମୁହଁଟିକୁ ଲୁହର ଉଚ୍ଛୁଳା ଧାର ପୋଛି-ଦେଲା ନିଜର ବସନାଞ୍ଚଳରେ । ସମସ୍ତଙ୍କ ଆଖିରେ ଲୁହ, କଣ୍ଠରେ କୋହ; ସମସ୍ତେ ନିର୍ବାକ୍ ହୋଇ ରହିଁରହିଲେ ।

Digitized by srujanika@gmail.com

ବିଦାୟବେଳା ଆସ୍ତେ ଆସ୍ତେ ଘନେଇ ଆସିଲା । ଗାଁର ସମସ୍ତଙ୍କ ଘରୁ ଆଜ ଆସିଛି ମିନି ପାଖକୁ ନିମନ୍ତ୍ରଣ । ଅବିନାଶବାବୁ ମିନାକ୍ଷୀର ଶ୍ୱଶୁରଙ୍କୁ କହିଲେ, "ଭାଇ, ଗାଁର ସମସ୍ତେ ବଡ଼ ଦୁଃଖରେ ଅପେକ୍ଷା କରିଛନ୍ତି ତାକୁ ଦେଖିବାକୁ । ସେ ଟିକଏ ଯାଇ ସମସ୍ତଙ୍କଘରୁ ବିଦାୟ ନେଇ ଆସୁ, ଯା ଲାଗି ଆଜ ଆମ ଗାଁରେ ଦୁଃଖର ଛାୟା ଖେଳିଯାଇଛି । ଚାଲ, ଆମେ ଆମ ଘରକୁ ଯିବା । ଚନ୍ଦ, ମା' ତୁ ତୋର ନୂଆ'ଭଉଣୀକୁ ସାଙ୍ଗରେ ନେଇଯା । ଶୀଘ୍ର ଯୋଗାଡ଼ କର ନୂଆ'ଭଉଣୀକୁ ଛାଡ଼ିବାକୁ ।"

ମିନିର ଶ୍ୱଶୁର ସମସ୍ତଙ୍କ ଆତ୍ମଭୋଲା ସ୍ନେହର ପରିଚର୍ଯ୍ୟା ପାଇ ନିଜକୁ ଭୁଲିଗଲେ । ବାଃ, କି ଉଚ୍ଛ୍ୱସିତ ମମତାର ମନ୍ଦାକିନୀ ଏମାନଙ୍କ ହୃଦୟରେ ପ୍ରବାହିତ ହେଉଛି !

ଏତିକିବେଳେ ଗାଁର କେତେଗୁଡ଼ାଏ ଝିଅ ଦଉଡ଼ିଆସିଲେ ମିନାକ୍ଷୀ ପାଖକୁ । ତା' ଶ୍ୱଶୁରଙ୍କୁ ପ୍ରଣାମ କରି କହିଲେ, "ମଉସା ! ଆମେ ନୂଆ'ଭଉଣୀକୁ ଛାଡ଼ିବୁ ନି । ଆମପରି ଏତେ ଝିଅଙ୍କ ହାତରୁ ତାକୁ ନେବେ କିପରି ? ସେ ଯେ ଆମ ହାତରେ ବନ୍ଧା । ଆପଣ ଫେରିଯାଆନ୍ତୁ । ଆମେ ନେଇ ଆପଣଙ୍କ ଗାଁରେ ଛାଡ଼ିଦେଇ ଆସିବୁ ।"

"ମା, ତୁମେ ତାକୁ ଅଟକାଅ ନାହିଁ । କେବଳ ତମ ନୂଆ'ଭଉଣୀ କାହିଁକି, ଆମର ସାରାପରିବାରର ଭାଗ୍ୟ ତମ ହାତରେ ବନ୍ଧା । ବୋହୂକୁ ଦେଖିବାପାଇଁ ସମସ୍ତେ ବ୍ୟାକୁଳରେ ଚାହିଁଛନ୍ତି । ତା' ମା, ବାପା, ଶାଶୁ—ଏ ସମସ୍ତଙ୍କର ଆଖି ଫୁଟିଗଲାଣି ତା'ପାଇଁ କାନ୍ଦି କାନ୍ଦି । ମୋର ଭାଇ ଯାଇ ଗୋଟିଏ ଆଖି ଫୁଟିଛି, ମା'କୁ ପାଇ ଆଉ ଆଖିଟି ଖୋଲିବ । ଏତେଗୁଡ଼ାଏ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ତୁମର କର୍ତ୍ତବ୍ୟ ମା' ! ତାକୁ ଛାଡ଼ିଦିଅ ।"

ସମସଙ୍କର ଭାସମାନ ଚକ୍ଷୁ···ଛଳ ଛଳ ଲୋତକ । ମିନିର ସକରୁଣ ମୁଖମଣ୍ଡଳକୁ ସମସ୍ତେ କରୁଣତର ହୋଇ ଚାହିଁରହିଛନ୍ତି । ହାତର ଦଶଟି ଅଙ୍ଗୁଳିକୁ ଟାଣିଧରିଛନ୍ତି ଦଶଟି ସ୍ନେହଶୀଳା ବାଳିକା ।

ମିନାକ୍ଷୀ ସମସଙ୍କ ମୁହଁକୁ ଚାହୁଁଛି । ସତେ ଯେପରି ମହାନନ୍ଦାର ବନ୍ୟା ଫେରି ଆସିଛି ସମସ୍ତଙ୍କର ଆଖିକୁ । କି କରୁଣ କାତର ଚାହାଣୀ ।

Digitized by srujanika@gmail.com

ଝିଅମାନେ ନିଜର ପଣତକାନିରେ ମିନାକ୍ଷୀର ଆଖି ଲୁହ ପୋଛୁଥାନ୍ତି । ସେମାନଙ୍କର କଅଁଳ କୋରକିତ ଅଙ୍ଗୁଳିରେ ମିନାକ୍ଷୀର ମୁହଁ ଟେକି ତାକୁ ନିର୍ନିମେଷ ନୟନରେ ଗୃହୁଁଥାନ୍ତି । ଭିଷାତ୍ତ୍ୱିନତା ପ୍ରାଣକୁ କେତେ ଭିଷାମୟ କରିପାରେ ।

ସଞ୍ଜୟବାବୁ ନିଜ ଆଖିକୁ ବିଶ୍ୱାସ କରି ପାରୁ ନାହାନ୍ତି । ଏତେ ଶ୍ରଦ୍ଧା ଏତେ ସ୍ନେହ । ଏତେ ମମତା । ଆନ୍ତରିକତାର କି ବିପୁଳ ପ୍ରତିଯୋଗୀତା । ଶ୍ରଦ୍ଧା ସମୁଦ୍ରର ତରଙ୍ଗ ଏତେ ଶକ୍ତିଶାଳୀ ଯେ ତା ଭିତରକୁ ଯେ ଥରେ ପଶିଯାଏ ସେ ତରଙ୍ଗ ତାକୁ ଭିତରକୁ ଟାଣି ନେଇ ତାକୁ ବୁଡ଼ାଇ ଦିଏ । କେହି ତାକୁ ଉଦ୍ଧାର କରି ପାରନ୍ତିନାହିଁ । ମଣିଷ ଅସହାୟ ଭାବରେ ଆତ୍ମ ସମର୍ପଣ କରିବା ବ୍ୟତୀତ ତାର ଅନ୍ୟ ପନ୍ଥା ନଥାଏ । ସେଇ ସମର୍ପଣର ପର୍ବ ଆରମ୍ଭ ହୋଇଛି । ପ୍ରୀତି ଭରା ପରିବେଶ ତାଙ୍କୁ ନିର୍ବାକ କରିଦେଲା । ସଞ୍ଜୟବାବୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଷ୍ଟ୍ରୀଁ-ରହିଲେ ।

Digitized by srujanika@gmail.com

✽ ✽ ✽ ✽ **ମେଘ-ଅନ୍ଧାର** ରଜନୀ ।

ଆକାଶରେ ତାରାଗୁଡ଼ାକ ଉଙ୍କିମାରି କେତେବେଳୁ ଲୁଚିଗଲେଣି । ମଝିରେ ମଝିରେ ବିଜୁଳି ମାରୁଛି ଚକ୍...ଚକ୍...ଚକ୍; ଆଖିପିଛୁଳାକେ ପୁଣି ଲୁଚିଯାଉଛି ବହଳ ଅନ୍ଧକାରମଧ୍ୟରେ । ଦୂର ପାଖରେ ନଦୀର ଗୁରୁଗର୍ଜ୍ଜନ । ଉପରେ ଘନ ଅନ୍ଧକାରଘେରା ଆକାଶ-ତଳେ ଅନ୍ଧାରଭରା ଅରମା ଝଣ୍ଟାବଣ । କେତେ ଜୀବ-ଜନ୍ତୁଙ୍କର ଶବ ଲଗିଛି ବଣବୁଦାଭିତରେ ।

ଉତ୍ତାଳ ତରଙ୍ଗଘେରା ଦ୍ୱୀପ ଉପରେ ଦୁଇଟି ଉପେକ୍ଷିତ ଜୀବନ କେତେ-ବେଳେ ଯେ ଦୁହିଁଙ୍କର ଏକ ସମୟରେ ଡାକରା ଆସିବ, କିଏ କହିବ ? ଦୁଇଟିଯାକ ଭୟକାତର ପ୍ରାଣକୁ ଆହୁରି ଭୟାତୁର କରି ଦେଉଥାଏ ବିଦ୍ୟୁତ୍‌ର ଆଲୋକମଧ୍ୟରେ ପ୍ରକୃତିର କରାଳ ଦୃଶ୍ୟ । ପ୍ରାଣରମମତା ନେଇ ଉଭୟେ ଉଭୟଙ୍କ ଆଶ୍ରାପାଇଁ ବ୍ୟାକୁଳ ।

ବିପଦ ଦୁଇଟି ସଂପୂର୍ଣ୍ଣ ଅପରିଚିତ ପ୍ରାଣକୁ ମିଶାଇ ଦେଇ ଏକ କରିଛି, ସତେ ଯେପରି ଜଣେ ଅନ୍ୟ ପ୍ରାଣର ବ୍ୟଥିତ ସ୍ପନ୍ଦନ ନିଜ ବୁକୁରେ ଅନୁଭବ କରୁଛି । ଉଭୟେ ସମଦୁଃଖୀ । ଜଣେ ଲଜ୍ଜାଶୀଳା, ନମ୍ରକମ୍ରମୟୀ, ବେଦନାବିବର୍ଣ୍ଣ ନତମୁଖୀ ଯୌବନଭରା ଯୁବତୀ, ଆଉ ଜଣେ ଉଦ୍ଦାମ ଉତ୍ସାହଭରା ବିଷାଦବିବଶ ଭାବପ୍ରବଣ ଯୁବକ । ଜଣେ ଲୋଳମୟୀ, ଲଳିତଲୋଟଣୀ ଲତା; ଆଉ ଜଣେ ଶୋଭାମୟ ପୁଣ୍ୟ ପାଦପ । ଜଣେ ସ୍ୱପ୍ନ—ଆଉ ଜଣେ ସ୍ୱପ୍ନଜୀବୀ । ଉଭୟଙ୍କମଧ୍ୟରେ ସୃଷ୍ଟି ହୋଇଛି ନିବିଡ଼ ମମତା । ପ୍ରାଣପାଇଁ ପ୍ରାଣର ଆକର୍ଷଣୀ ।

ଉଭୟଙ୍କ ମନ ମଧ୍ୟରେ ଆଜି ଉର୍ମୀମାଳାପରି ଅସରନ୍ତି ପ୍ରଶ୍ନ ମୁଣ୍ଡଟେକୁଛି । ସବୁ ଅସମାଧିତ । ବିଦ୍ୟୁତ୍‌ର କମ୍ପନ ତଳେ ଉଭୟେ ଉଭୟଙ୍କ ମନର ଭାବକୁ ମୁଖର ସ୍ମୃତିପଟରୁ ପଢ଼ିବାକୁ ଚେଷ୍ଟା କରୁଥାନ୍ତି । ଅନ୍ଧାର ଭିତରେ ଉଭୟେ ଚାହିଁଥାନ୍ତି ଉଭୟଙ୍କୁ ବ୍ୟାକୁଳିତଭାବରେ, ବିଶ୍ୱାସର ପ୍ରତିଯୋଗିତା ଚାଲିଛି । ଉଭୟେ ନିଜ ନିଜ ଭିତରେ ଅପରକୁ ଲୀନ କରି ଦେବାର ପ୍ରୟାସ ।

Digitized by srujanika@gmail.com

ପବନ-ସ୍ପର୍ଶରେ ପତ୍ରର ସନସନ୍ ଶବ୍ଦ ଶୁଣି ଚମକପଡ଼େ ଝୁନୁ । ସତେ ଯେପରି କେହି ଅନ୍ଧାର ଭିତରେ ପାଦ ଚିପିଚିପି ତା' ପାଖକୁ ଆସୁଛି । ମଣିଷର ମନ ଦୁର୍ବଳ ହେଲେ ଶରୀରର ସମସ୍ତ ଶକ୍ତି କୁଆଡ଼େ ଉଭେଇଯାଏ । ଝୁନୁର ଅବସ୍ଥା ଠିକ୍ ସେଇପରି ହୋଇଛି । ଉଭୟେ ଉଭୟଙ୍କଠାରୁ ବ୍ୟବଧାନ ରକ୍ଷା କରିଛନ୍ତି ଶାରୀରିକ ଦୃଷ୍ଟିରୁ କିନ୍ତୁ ମନ ହଇଟା କୌଣସି ବ୍ୟବଧାନ ମାନେନି ।

ପବନର ଶବ୍ଦ ଶୁଣିଲେ ରଞ୍ଜନ ଭାବୁଛି ଅନ୍ଧାରଭିତରେ ପାଦ ଚିପିଚିପି ଝୁନୁ ବୋଧ ହୁଏ ଆସୁଛି ଆଶ୍ରୟ ନେବ ବୋଲି । ଚରିତ୍ରଗ ମନକଥା ପ୍ରକାଶ କରି ନ ପାରି ସଶଙ୍କ ଓ ଫନ୍ଦଗନ୍ଧ ଶବ୍ଦରେ ବୋଧ ହୁଏ ଆସୁଛି ।" ଏଇ ମଧୁ-କଳ୍ପନା-ଭିତରେ ସେ ବୁଢ଼ାରଙ୍କ ଅନ୍ଧାରମଧ୍ୟରେ ଦୁଇଟିଯାକ ହାତ ବଢ଼ାଇଲା ଝୁନୁ ଆଡ଼କୁ । ଠିକ୍ ଏତିକିବେଳେ ଝଲସିଉଠିଲା ବିଦ୍ୟୁତ୍ । ଏ ଦୃଶ୍ୟ ଦେଖି ତା'ର ଦେହସାରା ଥରିଉଠିଲା ଏକ ଅହେତୁକ କମ୍ପନଭିତରେ । ସେ ସ୍ଥାଣୁପରି ସେଇ-ଠାରେ ସେଇପରି ଅବସ୍ଥାରେ ରହିଁରହିଲା ଅନ୍ଧକାରଭିତରେ । ବୁଝିପାରିଲା ନି, ତାକୁ କିଏ ହାତଠାରି ଡାକୁଛି ? ମୃତ୍ୟୁ ନା ମିଳନ । ଏକ ରୁଦ୍ଧ କକ୍ଷର ନିବାତ ଦୀପଶିଖାପରି ସେ ସେଇଆଡ଼କୁ ରହିଁରହିଲା ପ୍ରଜ୍ୱଳିତ ହୋଇ ।

ଏତିକିବେଳେ ଝୁନୁର ପାଦ ଉପରେ ଗୋଟାଏ ଓଜନିଆ କାଠଗଡ଼ ପରି କ'ଣ ଗୋଟାଏ ଧୋକାରି ହୋଇଗଲା । ଚିତ୍କାର କରିଉଠିଲା ଝୁନୁ, "ବୋଉ ଲୋ, ମରିଗଲି ।"

"ଆଃ, ରହଭାଇ ! ଗୋଡ଼ ମୋର ଛିଡ଼ିପଡ଼ୁଛି ।"

"ଝୁନୁ, ଝୁନୁ ! କ'ଣ ହେଲା କି ଝୁନୁ ?"

ଏତିକି କହି ସେ ତରତର ହୋଇ ତା' ପାଖକୁ ଦଉଡ଼ି ଗଲାବେଳକୁ ଅନ୍ଧାରଭିତରେ ଝୁନୁର ଦେହ ସହିତ ତା'ର ହେଲା ନିବିଡ଼ ସଂଘର୍ଷ । ଉଭୟେ ଉଭୟଙ୍କଠାରୁ ଟିକିଏ ଦୂରେଇଗଲେ ମଧ୍ୟ ବସନ୍ତ ପବନର ପଲ୍ଲବସ୍ପର୍ଶରେ ବୃନ୍ତ-କୋଳରେ ନବୀନ ପତ୍ର ଯେପରି ଚହଲିଉଠେ—ଉଭୟେ ନିଜ ଭିତରେ ନିଜେ ଚହଲିଗଲେ ଠିକ୍ ସେଇପରି । ଝୁନୁ ହେଲା ରୋମାଞ୍ଚିତ । ରଞ୍ଜନ୍ ବାତ୍ୟାହତ ପତ୍ରପରି ଥରି ଥରି କହିଲା, "ଝୁନୁ ! ତମେ ଡରୁଛ କି ? ମୁଁ ଯେ ଏଇ ତମ ପାଖେ ପାଖେ ଅଛି । ଗୋଡ଼ କଣ ହେଲା ? କ'ଣ ଝୁଣ୍ଟି ପଡ଼ିଲ ?"

Digitized by srujanika@gmail.com

ଭାନୁ ଟିକିଏ ଥରିଗଲାରେ କହିଲା, "ନା, ଝୁଣ୍ଟିପଡ଼ି ନ ଯେ, ମୋ ଗୋଡ଼ଉପରେ କଣ ଗୋଟାଏ ଓଜନିଆ ଲମ୍ବ ଜିନିଷ ଘଷିହୋଇ ଚାଲିଗଲା ! ଖୁବ କଷ୍ଟ ହେଲା !"

"ତମ ଗୋଡ଼ରେ କିଛି ଆଘାତ ଲାଗି ନ ତ ଭାନୁ ?"

"ନାଁ, ସେମିତି କିଛି ନୁହେଁ, ତେବେ ଏଇ ଗଛଆଡ଼କୁ ଯାଇଛି ।" ଏତିକିବେଳେ ପୁଣି ଥରେ ବିଜୁଳିର ଉଜ୍ଜ୍ୱଳନଭିତରେ ଦୁହେଁଯାକ ଦେଖିଲେ ଗୋଟିଏ ବଡ଼ ସାପ ଗଛ ଉପରକୁ ଚଢ଼ୁଛି । ଚମକି ପଡ଼ିଲେ ଦୁହେଁ । ଅଜ୍ଞାତରେ ତାଙ୍କ ପାଦ ଗଛକୁ ଘୁଞ୍ଚିଗଲା କ୍ଷଣକପାଇଁ । ଆତଙ୍କବିସ୍ଫାରିତ ନୟନରେ ସେଇ ପ୍ରଳୟ ଦୃଶ୍ୟଆଡ଼କୁ ଅନାଇରହିଲେ ଆବେଗରେ ହୋଇ ସ୍ଥିରହୋଇଥିବାବେଳେ ଉଭୟଙ୍କ ପାଟିରୁ ଫୁଟିଉଠିଲା ଏକ ଅସ୍ପଷ୍ଟ ଗୁଞ୍ଜନ—ସା···ପ···ସା···ପ ! ! !

ଆସନ୍ନ ମୃତ୍ୟୁର ଭୟରେ ଦୁହେଁଯାକ ଥରିଉଠିଲେ ନିଜ ଭିତରେ । ଭାନୁ ଯେ କେତେବେଳୁ ଭୟରେ ଖସି ଖସି ଯାଇ ରସାନର ବୁକୁମଧ୍ୟରେ ମିଶିଗଲାଣି, ସେ ଜାଣେ ନା । କେଉଁ ଅଜ୍ଞାତ ମୁହୂର୍ତ୍ତରେ ରସାନ୍‌ର ହାତ ଆସି ପଡ଼ିଛି ଭାନୁର କାନ୍ଧଉପରେ ଅନେକ ବେଳୁ । ଉଭୟଙ୍କର ଅଜ୍ଞାତରେ ଦେହ ଓ ମନ ଏକ ହୋଇଯାଇଛି ମରଣ ପାଖରେ ମିଳିତ ପ୍ରତିବାଦ ଜଣାଇବାପାଇଁ ।

ରସାନ୍ ଭାନୁର କାନ ପାଖକୁ ଝୁଙ୍କିପଡ଼ି ତାକୁ ନିବିଡ଼ଭାବରେ ବୁକୁରେ ଚାପି ଚାପି କହିଲା, "ଭାନୁ ! ଦୁହିଁଙ୍କର ଭାଗ୍ୟର ଭୂମିକା ହୋଇଛି ସମାନ । ଜୀବନ-ବୃକ୍ଷର ଗୋଟିଏ ଶାଖାରେ ଆମେ ଦୁହେଁଯାକ ବସିଛେ, ଡାଳହରା ପକ୍ଷୀ ଓ ନୀଡ଼ହରା ପକ୍ଷିଣୀପରି । ଆଜି ଜୀବନର ଉଷ୍ମ କୋଳକୁ ଫେରିଯିବାର ସୁଯୋଗ ନାହିଁ ଭାନୁ ! ଚାଲ, ଏଠାରୁ ଟିକିଏ ଦୂରକୁ ଯାଇ ଗୋଟିଏ ନୀଡ଼ ରଚନା କରିବା ···ସେଇଠାରେ ପଡ଼ିରହିବା ମୃତ୍ୟୁର ଅପେକ୍ଷାରେ । ଯାହା ଭାଗ୍ୟରେ ଥିବ, ତାହା ଘଟିବ ଭାନୁ ! କାଲିପାଇଁ ଚିନ୍ତା କରି ଆଜିର ଶାନ୍ତିଟିକକ ନଷ୍ଟ କରିବା କାହିଁକି ?"

ଅନ୍ଧାରଭିତରେ ଦୁହେଁଯାକ ଆଗେଇଲେ ଆଗକୁ । ସେମାନେ ଯୋଡ଼-ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା କଲେ—"ହେ ଭଗବାନ୍ ! କରୁଣାର ଆଲୋକ ଦେଇ ଏ ଅନ୍ଧକାରମଧ୍ୟରେ ବାଟ ଦେଖାଅ" ଭଗବାନ୍ ତାଙ୍କ ଡାକ ଶୁଣିଛନ୍ତି, ଝଲସି ଉଠିଛି ଥରକୁ ଥର ବିଦ୍ୟୁତର ଝରଣ ।

Digitized by srujanika@gmail.com

ଯେଉଁ ବଜ୍ର ବିଦ୍ୟୁତ୍‌ ଭରକମ୍ପନ ବିଳାସୀ ମନରେ ଭୟ ସଞ୍ଚାର କରେ, ତାହା ଆଜ ଏହି ଦୁଃସ୍ଥ ଜୀବନର ପାଥେୟ ହୋଇଛି । ଅବଶ୍ୟ ପଥ ତାଙ୍କର ଦୁର୍ଗମ, ତେବେ ପଥର ଦୁର୍ଗମତା ଓ ସୁଗମତା ପଥ ଉପରେ ସେତିକ ନିର୍ଭର ନ କରେ, ତା' ଅପେକ୍ଷା ବେଶୀ ନିର୍ଭର କରେ ଚିତ୍ତର ଭୂମିକା ଉପରେ, ମଣିଷର ଦୃଷ୍ଟି ଉପରେ ।

ଦୁହେଁ ହାତ ଧରାଧରି ହୋଇ ଅନ୍ଧାର ଭିତରେ କଚ୍ଛୁବାଟ ଆଗେଇଲେ । ଶୀତଳ ଶୀର ପ୍ରଶୀରରେ ଶରୀରର ଉଷ୍ଣତା ଚମକ ସୃଷ୍ଟି କଲା । ଓଦା ଲୁଗା ଦେହର ଉଷ୍ଣତାରେ ପ୍ରାୟ ଶୁଖି ଆସିଲାଣି । ବିଜୁଳିର ଝଲକ ଭିତରେ ଦେଖିଲେ ଅଳ୍ପଦୂରରେ ଗୋଟିଏ ଛୋଟିଆ କୁଡ଼ିଆ ।

ଏଁ···କାହାର କୁଡ଼ିଆ ?

କେହି ଲୋକ କଣ ତା ଭିତରେ ଅଛି ?

ସେ ସେମାନଙ୍କୁ ଆକ୍ରମଣ କରିବ ନାହିଁତ ?

ରଞ୍ଜନ କାଶିଲା । ପାଟି ଶୁଣାଇ ପ୍ରତିଶବ୍ଦ ପାଇଁ ଅପେକ୍ଷା କଲା ସେତେ-ବେଳକୁ ଭାନୁ ରଞ୍ଜନ ଦେହରେ ପ୍ରାୟ ମିଶିଗଲାଣି । ଭୟ ତାକୁ ବ୍ୟାକୁଳିତ ତଥା ବିହ୍ୱଳିତ କରିଛି । ସେ ଥରିଲାଗଳାରେ କହିଲା ।

"ତମେ ତାକୁ ଡାକିଲ, ସେ ଶୁଣୁଛି ନା ନାହିଁ ।"

"କଣ ବୋଲି ଡାକିବ ?'

ମୁଁ କଣ ଶିଖାଇ ଦେବ । ତୁମେ ଡାକି ଜାଣିବନି ?

ରଞ୍ଜନ ଆତ୍ମୀୟତାର ସ୍ୱର ଦେଇ ଡାକିଲା, "ଭାଇ ! କିଏ ଅଛ ? ଆମକୁ ରକ୍ଷାକର । କେହି ପ୍ରତ୍ୟୁତ୍ତର ଦେଲେନି । ବୋଧହୁଏ ଶୋଇ ପଡ଼ିଛନ୍ତି ନା କଣ । ବର୍ଷିଲା ନିଶି ଭିତରେ ମଣିଷ କଣ ନିଶ୍ଚିନ୍ତରେ ଶୋଇ ପାରିବ ? ଭାନୁ ଗଳା ସଫାକରି ଅନୁରୋଧ କଣ୍ଠରେ ଡାକିଲା ।

"ଭାଇ କିଏ ଅଛ ? ମଉସା···ମଉସା ! ! ବାପା ! କିଏ ଅଛି ଆମକୁ ରକ୍ଷାକର ।

କିଛି ଉତ୍ତର ମିଳିଲାନି । ଦୁହେଁ ପାଦ ଚିପି ଚିପି କୁଡ଼ିଆ ସାମନାରେ ଛିଡ଼ା ହେଲେ । ହାତରେ ଅଣ୍ଡାଳି ଅଣ୍ଡାଳି ରଞ୍ଜନ ଅନୁଭବ କଲା ଏଇଟା ପ୍ରକୃତରେ ଗୋଟାଏ କୁଡ଼ିଆନୁହେଁ । ଗୋଟାଏ ଚାଳିକୁ ବ' ପାଖକୁ ଲୁଆଇଁ

Digitized by srujanika@gmail.com

ଦେଇ ଛାଟ ପରି କରାଯାଇଛି । ତା ଉପରେ ନଡ଼ା ପଟ ଛପର ହୋଇଛି । ଦୁହେଁ ଅପେକ୍ଷା କଲେ, ବିଜୁଳି ମାରିଲେ ସେମାନେ ଠିକ୍ ଭାବରେ ସବୁ ଦେଖି ନେବେ ।

ଦୂର ଦିଗବଳୟରେ ଚକ୍ ଚକ୍ ବିଜୁଳି ମାରୁଥାଏ, କିନ୍ତୁ ଏହାର ଉଜ୍ଜ୍ୱଳତା ଅଧିକ ନୁହେଁ । ଟିକଏ ଝଲସି ଯାଇ ପୁଣି ଲିଭି ଯାଉଥାଏ । ସେମାନେ ବ୍ୟାକୁଳିତ ନୟନରେ ଚାହିଁଥାନ୍ତି ଆକାଶକୁ । କେତେବେଳେ ବିଜୁଳିର ଝଲସ ତାଙ୍କୁ ଈଶ୍ୱରଙ୍କ ଆଶୀର୍ବାଦ ପରି ମିଳିଯିବ । ଚକ୍‌କରି ଖୁବ୍ ଜୋରରେ ବିଜୁଳି ମାରିଦେଲା, ସେ ଦୁହେଁ ଆକାଶରୁ ତଳକୁ ମୁହଁ ଫେରାଇଲା ବେଳକୁ ଆଲୋକ ଲିଭିଯାଇଥିଲା । କେବଳ ଛାଟ ଘେରା କୁଡ଼ିଆର ଉପରପାଖ ସେମାନେ ଭଲ ଭାବରେ ଦେଖି ପାରିଲେ ।

"ଭାନୁ ! ଏଥର ଆଉ ଆକାଶକୁ ଚାହିଁବା ନାହିଁ, ଦୁହେଁ କୁଡ଼ିଆ ଭିତରକୁ ଚାହିଁଥିବା । ବିଜୁଳି ମାରିଲେ ଭିତରଟାକୁ ଦେଖି ନେବା । ତମେ ଆଦୌ ଅନ୍ୟ ମନସ୍କ ହୁଅନା ।"

ସେମାନେ ଅପେକ୍ଷା କଲେ ।

କିଛି ସମୟପରେ ତାଙ୍କ କରୁଣ ମିନତି ଠାକୁରେ ଶୁଣିଲେ । ଝକ୍ କରି ବିଜୁଳି ମାରି ଦେଲା । ସତେ ଯେପରି ମେଞ୍ଚାଏ ଆଲୋକ ଆକାଶରୁ ଖସି ପଡ଼ୁଛି ତଳକୁ । ଦୁହେଁ ଭଲ ଭାବରେ କୁଡ଼ିଆ ଭିତରଟାକୁ ଦେଖି ନେଲେ ।

ଭିତରଟା ଶୁଖିଲା ଅଛି । ଠାଏ ଠାଏ ପାଣିଗଳା ଅବଶ୍ୟ ଭିଜି ଯାଇଛି । ତେବେ ବାଲି ତାହା ଶୋଷି ନେଇଛି । କୁଡ଼ିଆର୍ ଚାରି ପାଖରେ ହୁଡ଼ା ଦିଆ ଯାଇଛି, ବାହାର ପାଣି ପଶି ଆସିବାର ଭୟ ପ୍ରାୟ ନାହିଁ ।

ଦୁହେଁ ଆନନ୍ଦରେ କୁରୁଳି ଉଠିଲେ । ଭଗବାନ କାତର ପ୍ରାର୍ଥନା ଶୁଣିଛନ୍ତି । ବିକଳ ବିଳାପର ମୂଲ୍ୟ ଦେଇଛନ୍ତି । ଶ୍ରାନ୍ତ କ୍ଳାନ୍ତ ଶରୀର ଦିଇଟା ଶୁଖିଲା ମାଟିରେ ଗଡ଼ାଇ ଦେଲେ ଟିକଏ ଶାନ୍ତି ମିଳିବ ।

ଦୁହେଁ ଭିତରକୁ ପ୍ରବେଶ କଲେ । ମୁଣ୍ଡରେ କେଉଁଣ ଠାଏ ବାଜିଲା । ରଞ୍ଜନ ହାତରେ ଅଣ୍ଡାଳି ଜାଣିଲା, ସେଇଟା ଠେକା ଟାଏ । ତାପରେ ଉପରକୁ ହାତ ବୁଲାଇଲା । ଶିକାରେ ଆଉ ବି ତିନଟା ଠେକ ଅଧ ଝୁଲୁଛି ।

ଶୁଖିଲା ମାଟିକୁ ଉଚ୍ଚକରି ପିଣ୍ଡି ଟିଏ ତିଆରି ହୋଇଛି । ଦୁହେଁ ସେ ପିଣ୍ଡି ଉପରେ ପାଖା ପାଖି ବସିଲେ । ରଞ୍ଜନ ଠେକଟିଏ ଆଣି ହାତ ପୂରାଇ ଦେଖିଲା,

Digitized by srujanika@gmail.com

ତା ଭିତରେ ଧଇଁଚା ଚୂଡ଼ା ଅଛି । ଚକରେ ଘଷି ତାକୁ ଶୁଙ୍ଘିଲା । ତାପରେ ପାଟିରେ ଧଇଁଚା ପକାଇଲା । ଭଲ ଲାଗୁଛି ।

ଭାନୁ ! ଭାନୁ ! ! ଠାକୁରେ ବ ଖାଦ୍ୟ ସାଇତି ରଖିଛନ୍ତି । ଠେକାଭିତରେ ଧ ଗୁବ ମୁଠା ଚୂଡ଼ା ଅଛି । ବାସ୍ ତାକୁ ଭିଜେଇ ଦେଇ ମହୁ ମିଶାଇ ଖାଇବା । ଆଉ ଗୋଟିଏ ଠେକ ଦେଖିଲେ । ତା ଭିତରେ ଅଧ ଠେକାଏ ଖୁଦ ଗୁଡ଼ଳ ଅଛି । ତା ମଧ୍ୟ ସମୟରେ ଦରକାରକୁ ଆସିବ । ଆଉ ଗୋଟିଏ ଠେକ, ତା ଭିତରେ ଅଛି ମୁଠାଏ ଲୁଣ, ଗୋଟିଏ ଧଆସିଲ ପୁଡ଼ା, କାଗଜ ପୁଡ଼ାରେ ଅଛି ସରୁ ସରୁ କଣ ଜିନିଷ ଗୁଡ଼ାଏ । ବୋଧହୁଏ ଶୋରିଷ ।

ରବୀନ ଚିତ୍କାର କରି ଉଠିଲା ।

"ମିଳିଗଲା···ମିଳିଗଲା···।"

କଣ ପାଇଲ ରବୀନ୍ ଭାଇ, କୋଠି ନିଧି ମିଳିଗଲାନା କଣ ?

"ହଁ ହଁ କୋଠି ନିଧି ମିଳିଯାଇଛି ଭାନୁ । ଦେଖିବ···ଏଇ ଦେଖ ।"

ସାଇଁ କରି ଧଆସିଲ କାଠିଟା ଜଳି ଉଠିଲା ।

"ଆଲୋକ···ଆଲୋକ···

ଜୀବନ···ଜୀବନ ମିଳିଗଲା···ମିଳିଗଲା ଭାନୁ ଆନନ୍ଦରେ ରବୀନ ଦେହରେ ଲେଟିଗଲା ଦୁହେଁ ଖୋଜିଲେ, ନିଶ୍ଚୟ ଡ଼ିବିରି କିମ୍ବା ଲାମ୍ପଟିଏ ଥିବ । ସତକୁ ସତ ଛୋଟ ଲାମ୍ପ୍ ଟିଏ 'କୋଣରେ' ଥୁଆ ହୋଇ ଥିବାର ସେମାନେ ଦେଖିଲେ ।

ଭାନୁ ରବୀନ ହାତରୁ ଧଆସିଲଟା ନେଇ ଲ୍ୟାମ୍ପଟିକୁ ଲଗାଇଲା । ଅବଶ୍ୟ ବାହାର ପବନର ପ୍ରଭାବରେ ତାରଶିଖା ଚଞ୍ଚଳ ହେଉଥିଲେ ମଧ୍ୟ ଲିଭି ଯିବାର ଆଶଙ୍କା କମ୍ ଥିଲା । ଲାମ୍ପ ଦେହରେ କିରୋସିନ ଥିଲା ଅତି ଅଳ୍ପ । ଦୁହେଁ କୁଡ଼ିଆ ଭିତରଟିକୁ ଆବିଷ୍କାର କଲେ । ତା ଭିତରେ ଗୁଛି, ଜୂତ, ବାଡ଼ି ଏବଂ ଗୋଟିଏ ଛୋଟିଆ କୁରାଢ଼ି ଥିଲା । ଦୁହେଁ ସ୍ଥିରକଲେ ଏହା ନିଶ୍ଚୟ ଗୋଟିଏ ଗଉଡ଼ର ଘର । ଏଠାରେ ସେ ଗୋଠ ରଖେ । ହୁଏତ ବର୍ଷା ପୂର୍ବରୁ ସେ ଗୋଠ ନେଇ ଯାଇଛି କିମ୍ବା ତା ମଇଁଷି ଗୁଡ଼ିକ ନଈ ସୁଅରେ ଭାସି ଯାଇଛନ୍ତି । ଲୋକଟି ବୋଧହୁଏ ନିକଟରେ ଏଠାରେ ଥାଏ । ନହେଲେ ଏତେ ଜିନିଷ ମିଳନ୍ତା କିପରି ? ସେ ହୁଏତ ଭାସି ଯାଇଛି କିମ୍ବା ତା ଗାଁରୁ ଫେରି ପାରିନ ବର୍ଷା ଭିତରେ ।

Digitized by srujanika@gmail.com

ଦୁହେଁ ଚୁଡ଼ାଚକ ଭିଜାଇ ସେଥିରେ କିଛି ମହୁ ପକାଇ ଖାଇଲେ । ଭାନୁ କୁଡ଼ିଆରୁ ଶୁଖିଲା ପତ୍ର ବାଉଁଶଚୋଳ ଆଣି ଭଜା ଚଡ଼ାକୁ ବ ଭାଗ କଲା । ଅଧିକା ଦେଲା ରଙ୍ଗୀନର ପତ୍ରରେ । ହାତକୁ ବଢ଼ାଇ ଦେଇ କହିଲା, "ନଅ, ଖାଇଦଅ ।

ରଙ୍ଗୀନ ସ୍ପଷ୍ଟ ଆଲୋକ ଭିତରେ ଭାନୁର ମୁହଁକୁ ଅପଲକ ନୟନରେ ଚାହିଁ ଥାଏ । ଭାନୁ ସତରେ ଭାନୁ । ତା ମୁଖମଣ୍ଡଳର ଦୀପ୍ତି ଏହି ସ୍ଥାନ ମ୍ଳାନ ଆଲୋକକୁ ପରାସ୍ତ କରୁଛି ।

"ଆରେ ନଅ···ଚାହିଁଛ କଣ ?"

"ଚାହିଁବା ପାଇଁତ ତୁମେ ଅନ୍ଧାରକୁ ଆଲୋକିତ କରିଛ ।"

ଭାନୁ ଲାଙ୍ଗଟାକୁ ଜବାବ ଦେଲା । ଏଇ ଦେଖୁନା କିରାସିନ ଖୁବ୍ କମ୍ ଅଛି । କେତେ ଦିନ ରହିବାକୁ ହେବ କିଏ ବା କହିବ । ବିପଦ ଆପଦ, କେତେବେଳେ କଣ ଅଛି । ଅନ୍ଧାରରେ ଖାଅ ହାତ ଥରେ ପାନିକୁଗଲେ ଖାଇବାଶେଷ ।

ମୁଁ ତ ଦେଖିପାରୁନ ଭାନୁ ।"

ଭାନ୍ ଅଣ୍ଡାଳ ଅଣ୍ଡାଳ ରଙ୍ଗୀନ ହାତରେ ଚୁଡ଼ାଚକ ଦେଇ କହିଲା, ଏଇ ନଅ ।" ଦୁହେଁ ଖାଇଲେ···

ଆକାଶରେ ଜହ୍ନ କଳାମେଘ ଭିତରେ ଉଙ୍କି ମାରିଲା । ଗହଳ ଅନ୍ଧକାର ପାତାଳ । ଦେଖାଗଲା । ଗୋଟା ନଈଟା ହଶିଲା ଗୋଟିଏ ରୁପ ଚଦଲା ରୁପା ନଈପରି । ସତେ ଅବା ରୁପା ପାହାଡ଼ଟା ତରଳ ଯାଇ ନଈପାଲଟି ଯାଇଛି । ଦୁହେଁ ମୁଗ୍ଧ ହୋଇ ଚାହିଁ ରହିଲେ ସେଇ ଆଡ଼କୁ । ଶ୍ୟାମ କାନ୍ତ ରୂପଶ୍ରୀ ଦୁଇଟି ପ୍ରଳୟଂଚଖା ମଣିଷ ପ୍ରଳୟ ମଧ୍ୟରେ ଅନୁଭବ କରୁଛନ୍ତି । ଉଭୟଙ୍କର ଉପସ୍ଥିତି ଏହି କରାଳ କୋଳରେ କେତେ ଯେ ଅନସ୍ଥିତ ସେମାନେ ସେତେବେଳେ ଅନୁଭବ କରି ପାରୁ ନଥିଲେ । ନଦୀଠାରୁ ଦୂରରେ ରହି ନଦୀର ଦୃଶ୍ୟ ଉପଭୋଗ କରିବା ଓ ନଦୀର କରାଳ ଗର୍ଭରେ ରହି ତାର କରାଳତା ଭିତରୁ ସୌନ୍ଦର୍ଯ୍ୟ ଆହରଣ କରିବା, ଦୁଇଟାଯାକ ସମାନ କଥା ନୁହେଁ ।

ଟାପୁର ଅନେକ ଅଂଶ ବୁଡ଼ିଯାଇଛି । କୁଡ଼ିଆଟି ଅପେକ୍ଷାକୃତ ଉଚ୍ଚ ଅଂଶରେ । ନଈର ବଢିଲା ପାଣି ତାଠାରୁ କିଛି ଦୂରରେ ରହିଛି । ସାମାନ୍ୟଟିକିଏ ଅଧିକ ବନ୍ୟା ହେଲେ ହୁଏତ ଏ କୁଡ଼ିଆ ସହିତ ସେମାନେ ନଦୀ ଗର୍ଭରେ ଲୀନ ହୋଇ ଯିବେ ।

Digitized by srujanika@gmail.com

ମନରେ ଭୟର କମ୍ପନ । କେହି କାହାଠାରୁ ଅଲଗା ହୋଇ ଯିବା ପାଇଁ ସେମାନେ ଇଚ୍ଛୁକ ନଥିଲେ । ଯଦି ମରିବେ ଉଭୟେ ମରିବେ । ଯଦି ବଞ୍ଚିବେ ଉଭୟେ ବଞ୍ଚିବେ ।

ଦୁହେଁ କୁଡ଼ିଆ ଭିତରେ ଅଧିକ ସମୟ ରହିପାରିଲେ ନାହିଁ । ଭୟ ଉଭୟଙ୍କୁ ଗ୍ରାସ କରିଥିଲା । ଦୁହେଁ ବାହାରେ ବସିଲେ । ବଢ଼ିଲା ନଈକୁ ଉଭୟେ ଚାହିଁ ରହିଥାନ୍ତି । ଚନ୍ଦ୍ରକିରଣରେ ନଈର ପ୍ରଳୟ ରୂପଟା ସେମାନେ ଦେଖି ଶୀତେଇ ଉଠୁଥାନ୍ତି । ଶୁଖିଲା କୁଟାକାଠି ସଂଗ୍ରହକରି ଭାସିଆସିଥିବା ଶୁଖିଲା କାଠ ଗୋଟାଇ ସେମାନେ ନିଆଁ ଜାଳିଲେ । ଶୀତଳ ଶରୀରରେ କିଛିଟା ସଂଚରିତ ହେଲା ।

ପାଖରେ ଥିଲା ଗୋଟାଏ ବଡ଼ କାଠ ଗଡ଼ । ନଈ ସ୍ରୋତରେ ଭାସି ଭାସି ଅଟକି ଯାଇଥିଲା । ସେମାନେ ତା' ଦେହରେ ଅଗ୍ନି ସଂଯୋଗ କଲେ । ଗଠା ଉପରେ ନିଆଁ ଜଳି ଉଠିଲା । ସେ ଦୁହେଁ ପାଖା ପାଖି ବସି ଅଗ୍ନି ସେବା କରୁଥାନ୍ତି । ନଈରେ ଗାଈଗୋରୁ ଛେଳି ମେଣ୍ଢା ମଣିଷ ଭାସି ଯାଉଥାନ୍ତି ମଝିରେ ମଝିରେ ନଈ ଭିତରୁ ହଠାତ୍ ଶବ୍ଦ ଶୁଣାଯାଏ, "କିଏ ଅଛ, ରକ୍ଷାକର ରକ୍ଷାକର ।

ଭାନୁ ଓ ରବୀନ ନିର୍ଜନ ରାତିରେ କରାଳ ନଈ ଭିତରୁ ମଣିଷର କଣ୍ଠ ସ୍ୱର ଶୁଣି ଚମକି ଉଠନ୍ତି । ରବୀନ ଚିତ୍କାର କରି କହେ, "ଭଗବାନ, ରକ୍ଷାକର··· ରକ୍ଷାକର । ତମେ ହିଁ ତ୍ରାଣ କର୍ତ୍ତା । କିଛି ସମୟପରେ ସେ ସ୍ୱର କୁଆଡ଼େ ମିଳାଇ ଯାଏ ।

ମଝିରେ ମଝିରେ କେବଳ ଆର୍ତ୍ତ ବିଳାପ ଶୁଣାଯାଏ । ଭାନୁ ଚମକିପଡ଼ି ଏପାଖ ସେପାଖ ଚାହେଁ ।

ଦୁହେଁ ବସିଛନ୍ତି ହଠାତ୍ କାହାର ପଦଶବ୍ଦ ଶୁଣି ପାରିଲେ । ଚମକିପଡ଼ିଲୁ ଚାହିଁଲେ ଭାନୁ ଆଉ ରବୀନ । ସେମାନଙ୍କ ଆଖିଯୋଡ଼ିକୁ ବହୁ ଗୁଣିତ କରି ସେ ଦେଖିଲେ ପଛରେ ଗୋଟିଏ ହରିଣଛୁଆ । ଅତି ଶୀର୍ଣ୍ଣ···ସାରା ଶରୀର ଥରୁଛି । ଦୁର୍ବଳ ପାଦ ଗୁଡ଼ିକରେ ଶକ୍ତି ନାହିଁ ସେ ଦୌଡ଼ି ପଳାଇବ ବୋଲି । ଭାନୁ ଉଠି ଠିଆ ହେଲା । ପାଦ ଚପି ଚପି ସେଇ ହରିଣ ଛୁଆ ପାଖରେ ପହଞ୍ଚିଲା । ଛୁଆଟି କରୁଣ ନୟନରେ ଚାହିଁଲା ଭାନୁର ମୁହଁକୁ । କରୁଣରୁ କରୁଣ ତର । ସେ ତାକୁ କୋଳକୁ ଟେକିନେଇ ତାକୁ ଆଉଁସି ପକାଇଲା । ପାଣି ହବୁ ନଗିଡ଼ ପଡ଼ିଲା ତା

Digitized by srujanika@gmail.com

ଦେହକୁ ଛୁଆଟିକୁ, ରବୀନ କୋଳକୁ ଟେକି ଦେଇ ଦଉଡ଼ି ଗଲା କୁଡ଼ିଆ ଭିତରକୁ ଭାନୁ । ଅନ୍ୟମନସ୍କ ଭାବରେ ସେ ଭାବୁଥିଲା, ସତେ ଯେପରି ଠେକରେ କ୍ଷୀରଅଛି ସେ ତାକୁ ଖୁଆଇ ଦେବ ।

ନିଜର ବୋକାମି ପାଇଁ ମନେ ମନେ ହସି ହସି ଫେରିଆସିଲା । ରବୀନ କୋଳରୁ ଛୁଆଟିକୁ ଟେକାନେଇ ତା ପିନ୍ଧିଲା ଲୁଗାକାନିରେ ତାକୁ ଭଲକରି ଘୋଡ଼ି ଦେଲା । କଅଁଳା ଛୁଆକୁ ମା' ସେକିଲା ପରି ଭାନୁ ତାକୁ କୋଳରେ ପୁରାଇଲା ଆପାଦମସ୍ତକ ସେକ ଅଗ୍ନିର ଉତ୍ତାପ ପାଇଁ ଶୀତଳ ହୋଇ ଆସୁଥିବା ଅଙ୍ଗପ୍ରତ୍ୟଙ୍ଗ ପୁଣି ସତେଜ ହୋଇ ଉଠିଲା । ଦେହରେ ଉଷ୍ଣତା ସଞ୍ଚରିଗଲା । ଛୁଆଟି ଭାନୁର କୋଳରୁ ଉଠି ଛିଡ଼ାହେଲା । ଉପରକୁ ଲମ୍ଫ ଦେଇ ଶୀରପ୍ରଶୀରରେ ରକ୍ତ ସଞ୍ଚାଳନର ସ୍ୱାଭାବିକତା ରକ୍ଷା କଲା ।

ରବୀନ ଆନନ୍ଦରେ ଚୁହିଁ ଥାଏ । "ସ୍ତ୍ରୀ ଲୋକ ଗୁଡ଼ାକ କବରରେ ଶୋଇ ଥିଲେ ବି ଛୁଆର ଗନ୍ଧବାଜିଲେ ମଶାଣି ବୁକୁରେ ମାତାଲ ହୋଇ ଉଠନ୍ତି । ଧନ୍ୟ ସେ ଛୁଆ···ଧନ୍ୟ ସେ ମା । ହସିହସି କହିଲେ ରବୀନ ।

ହରିଣ ଛୁଆଟି କୁହାମାରି ନିଆଁ ଚାରି ପାଖରେ ଘୂରି ବୁଲିଲା । ଅଗ୍ନି ଅଗ୍ନି···ଏଁ ଜୀବନ । ଜହ୍ନ ଆଲୁଅରେ ହରିଣ ଛୁଆର ସାବଲୀଳ ମନମତାଣିଆ ନାଚ, ନଦୀର ପ୍ରଳୟ ତାଣ୍ଡବକୁ ପରାସ୍ତ କରୁଥିଲା । ଦୁହେଁ ପ୍ରାଣଭରି ଉପଭୋଗ କରୁଥିଲେ ସଦୃଶ୍ୟ ।

ରାତ୍ରି ଅନେକ ହୋଇ ଗଲାଣି । ଜହ୍ନଟା ମୁଣ୍ଡ ଉପରକୁ ଆସିଲାଣି । ନଦୀଟା ଘୁଘୁ ଗର୍ଜନ କରି ବଢ଼ି ଚାଲିଛି, ତେବେ ପାଣି ଟାପୁ ତଳକୁ ଖସିଗଲାଣି । ନଈର-ବଢ଼ି ଯେ କମୁଛି ଏଥିରେ ଟିକିଏ ବି ସନ୍ଦେହ ନଥିଲା । ଆଶଙ୍କା ବହୁ ପରିମାଣରେ କମି କମି ଆସିଲା ।

ଭାନୁ ନିଆଁ ତୁଳାଧରି ପଠା ଦେହରୁ କଅଁଳିଆ ଘାସ କାଟି ସଂଗ୍ରହ କଲା । ତାକୁ ଭଲକରି ଧୋଇ, ହରିଣ ଛୁଆଟିକୁ କୋଳରେ ଧରି ତାକୁ ଗୋଟିଏ ଗୋଟିଏ ଖୁଆଇଲା । ଛୁଆଟି ଆହାର ଅଙ୍କୁର ଭାନୁହାତରୁ ମହା ଆନନ୍ଦରେ ଖାଉଥାଏ । ପଶୁମାନେ ସାନ୍ନିଧ୍ୟମାନଙ୍କ ସ୍ନେହର ଗନ୍ଧ ଏତେ ବାରି ପାରନ୍ତି । ଖୁବ୍ ଅଳ୍ପ ସମୟ ମଧ୍ୟରେ ସେ ପୋଷା ମାନି ଯାଇଛି । ଭାନୁ ମଣିଷ ନୁହେଁ । ସେ ନଈକୂଳରେ ଭାସି ଆସିବାପରେ ତା ମା' ଘନ ବନାନୀରୁ ବାହାରି ଆସି

Digitized by srujanika@gmail.com

ଲମ୍ଫ ଦେଉଛି ନନ୍ଦ ଭିତରକୁ ଛୁଆକୁ ଉଦ୍ଧାର କରିବ ବୋଲି । ତା' ମା' ବୋଧହୁଏ ମଣିଷ ପାଲଟି ଯାଇଛି । ଭନୁ ଭିତରେ ତା! ମା' ଲୁଚିଛି··· ।

କଅଁଳ ଅଙ୍କୁରିତକ ଖୁଆଇ ସାରିବାପରେ ଭନୁ ତା ପେଟରେ ହାତ ମାରି ଅନୁଭବ କଲା, ପେଟ ପୂରିନି । କଷ୍ଟେ ମଷ୍ଟେ ରାତିଟା ଚଳିଯିବ । ଦିନ ହେଲେ ସେ ତା କଥା ବୁଝିବ ।

"ଭନୁ ! ଭନୁ !! ତମେ ଯାଇ କୁଡ଼ିଆ ଭିତରେ ଟିକଏ ବିଶ୍ରାମ ନିଅ । ତମଛୁଆକୁ ବି ଶୋଇପକାଅ ମୁଁ ତାକଥା ବୁଝି ପାରିବିନି । ମୁଁ ବାହାରେ ରହିଛି ?

"ମୋ ଛୁଆ ???"

ହେଃ···ହେଃ···ହେଃ··· ମୁଁ କ'ଣ ଭୁଲ କହିଲି ? ସେ କ'ଣ ତମ କୋଳ ଛାଡ଼ୁଚି ?"

ଭନୁ ଭିତରକୁ ଗଲା । ଉଚ୍ଚା ବେଦୀ ଟା ଛାଡ଼ି ଦେଲା ରବୀନ ପାଇଁ । ସେ କ୍ଳାନ୍ତ ହେଲେ ଗଡ଼ିବେ । ତଳେ ବାଲି ଶେଯରେ ସେ ତା କାନିଟା ବିଛେଇ ଦେଇ ଗଡ଼ି ପଡ଼ିଲା । କୋଳରେ ହରିଣ ଛୁଆ । ଜୀବନର ଏକ ନୂତନ ଅନୁଭୂତି ନୂତନ ରୋମାଞ୍ଚ । ହରିଣ ଛୁଆକୁ ପାଖକୁ ଟାଣି ନେଇ ତା ମୁହଁରେ ମୁହଁ ଲଗାଇଲା । ତା' ଲମ୍ବା ଲମ୍ବା କାନ ଦିଇଟା ଆନନ୍ଦରେ ଆଉଁସିଲା । ସାରା ଦେହରେ କୋମଳ ଗହଳରେ ଅଙ୍ଗୁଳି ଚାଳନା କଲା । ଛୁଆଟା ଅନୁଭବ କଲା, ସତେଯେପରି ତା ମା' ତାକୁ ସ୍ନେହରେ ଚାଟୁଛି ।

ଭନୁରଆଖିରେ ନିଦ ଆସିଯାଇଛି । କ୍ଳାନ୍ତଭରା ଶରୀର ଟିକଏ ଅଶ୍ୱସ୍ତ ହୋଇଛି । ରବୀନ ବାହାରୁ ଥରେ ଦିଥର ଆସି ଦେଖିଛି, ଭନୁ ଶାନ୍ତିରେ ଶୋଇଛି । ଉଚ୍ଚା ବେଦୀଟି ଛାଡ଼ିଯାଇଛି ତା ପାଇଁ ତା ପାଦ ଚଳିଲାନି ମାଟି ବେଦୀ ଉପରକୁ ଉଠିବାକୁ । ସତେ ଯେପରି କେହି ପଛରୁ ଟାଣି ଧରିଲା ନିଶ୍ୱାସ କ୍ଷିପ୍ରତର ହେବାକୁ ଲାଗିଲା । ଛାତିଭିତରେ ସତେଯେପରି କେହି ହାତୁଡ଼ିରେ ବାଡ଼ଉଛି । ଦେହରୁ ଝାଳ ଗମ୍ ଗମ୍ ବାହାରି ଆସିଲା । ବାହାରକୁବାହାରି ଆସିଲା ରବୀନ । ପୁଣି ସେଇ ନିଆଁ ପାଖରେ ଆସି ବସିଲା । ଶୀତଳପବନରେ ଝାଳ ବିନ୍ଦୁ ଲିଭି ଲିଭି ଆସୁଥାଏ ।

ହଠାତ୍ ଚମକି ପଡ଼ିଲା ଭନୁ । ଘରର ଆଡ଼କୁ ଚାହିଁଲା । ହରିଣ ଛୁଆଟା ତା ଲୁଗାକାନିତଳେ ମୁହଁ ଗୁଞ୍ଜି ତାକୁ ଅଡ଼ୁଆ ତଡ଼ୁଆ କରୁଛି । ନିଶ୍ୱାସର

Digitized by srujanika@gmail.com

ଚଞ୍ଚଳତା ଆପେ କମି ଆସିଲା । ଲୁଗା ସଜେଇ ନେଇ ସେ ବସିଲା । ତା ପାଖରେ ଉଠିଛୁଡ଼ା ହେଲା ହରିଣ ଛୁଆଟି । ସେ ତାର କାନ ମୋଡ଼ି ଦେଇ କହିଲା ଚଗଲୀ ! ଏଡ଼େ ସୁନ୍ଦର ନିଦ ମୋର ଭାଙ୍ଗିଦେଲୁ ?

ପାଟି ଶୁଣି ରବୀନ ପଚାରିଲେ ଭାନୁ ଉଠିଲଣି ?

"ତମେ ଏପର୍ଯ୍ୟନ୍ତ ବାହାରେ ବସିଛ ? ତମକୁ ନିଦ ମାଡ଼ୁନି ?"

"ନା ଭାନୁ, ଆଖିଅଛି କିନ୍ତୁ ନିଦ ନାହିଁ । ଏରାକ୍ଷସୀ ନଈ ସାରାଜୀବନ ପାଇଁ ମୋ ଆଖିରୁ ନିଦ ଛଡ଼ାଇ ନେଇଛି । ତମେ ଆଜି ଟିକଏ ବିଶ୍ରାମ ନିଅ ।

"ଏଥର ତମ ପାଳି ତୁମେ ବିଶ୍ରାମ ନିଅ ।"

ରବୀନ ଧୀରେ ଯାଇ ଶୋଇଲେ ସେଇ ବାଲି ଶେଯରେ ।

"ଆରେ ଉପରକୁ ଯାଅ । ତଳଟାରେ କାହିଁକି ଶୋଇଲ । ଦେହ ଖରାପ ହେବ ।"

"ଓଦାଳିଆ ଥଣ୍ଡା ମାଟିରେ ଶୋଇବ କାହିଁକି ? ଏଇ ବାଲିରୁ ତ ଉଷୁମ ଭାଜନ, ବେଶ୍ ଭଲ ଲାଗିବ ଶୀତୁଆ ଦେହଟାକୁ ।"

ଭାନୁ ଆଉ କିଛି କହିଲାନି ହରିଣ ଛୁଆଟିକୁ ସାଥିରେ ନେଇ ନଈ ପାଖକୁ ଆସିଲା । ଗୋଟିଏ କାଠଗଡ଼ ଉପରେ ବସିଲା । ନଦୀର ଗର୍ଜନ ବେଶ୍ କ୍ଷୀଣ ହୋଇଗଲାଣି । ଚନ୍ଦ୍ର ଦିଗବଳୟ କୋଳକୁ ଆଉଜି ଆସିଲେଣି । ଜ୍ୟୋତ୍ସ୍ନା ଆଲୋକରେ ନଦୀଟା ଟୋପା ଦେଖା ଯାଉଛି । ସେ ଅନୁଭବ କରୁଛି ନଦୀଟା ତା ଭିତରେ ସତେ ଅବା ପଶିଯାଇଛି । ତା ଭିତରଟା ଉଦ୍‌ବେଳିତ ହୋଇ ଉଠିଛି । ତାରପରେ ବନ୍ୟା ମୁଖୀ ହେବାକୁ ସେ ଇଙ୍ଗିତ ଦେଉଛି । ସେ ଆକାଶକୁ ଚାହିଁଲା । ନୀଳ ଆକାଶର ପ୍ରଶାନ୍ତିମା ତାର ଉଦ୍‌ବେଳନକୁ ମନ୍ଥର କରିଦେଲା । ଶାନ୍ତିପାଇଁ ସେ ଚାହିଁ ରହିଲା ଆକାଶକୁ । ହରିଣ ଛୁଆଟା ତାଙ୍କର ପାଖରେ ମହା-ଆନନ୍ଦରେ ଘୂରି ବୁଲୁଥାଏ ।

Digitized by srujanika@gmail.com

❋ ❋ ❋ ❋ ଘଣ୍ଟ-ଶଙ୍ଖ ଶବ୍ଦ ସହିତ ଗ୍ରାମ-ସୀମନ୍ତିନୀମାନଙ୍କ ଆହ୍ଲୋଳକା ଗୁମୁର-ଉଠିଲା ମନ୍ଦିର ଭିତରେ । ଗନ୍ଧ ଗୁଗୁଳ ଧୂପଦୀପର ମହକରେ ଘରସାରା ମହକ-ଉଠିଲା । ଧୂପ ଧୂଆଁ କୁଣ୍ଡଳୀ କାଟି ଉଠିଲା ଉପରକୁ । ସମସ୍ତେ ଭକ୍ତିନମ୍ର ପ୍ରାଣରେ ପ୍ରଣାମ ଜଣାଇଲେ ମା’ ଭଟ୍ଟାରିକାଙ୍କ ପାଦକମଳରେ । ବୃଦ୍ଧ ସେବକ ଗତିକୃଷ୍ଣ ଠାକୁରାଣୀଙ୍କର ଫୁଲ-ଚନ୍ଦନ ଆଣି ସମସ୍ତଙ୍କୁ ଦେଲେ । ମିନା ଅଶ୍ରୁ ଛଳ ଛଳ ନୟନରେ ଚାହିଁରହିଲା ସେହି ବୃଦ୍ଧଙ୍କ ମୁହଁକୁ । ବୃଦ୍ଧ କୋହକମ୍ପିତ କଣ୍ଠରେ କହିଲେ, “ମା ! ତୁ ଏଇ ଭଟ୍ଟାରିକାଙ୍କର ଅଭୟ ଚରଣତଳେ ସବୁଦିନପାଇଁ ବିଶ୍ୱାସ ରଖିପାରିଲେ କୌଣସି ବିପଦ ତୋତେ ସ୍ପର୍ଶ କରିପାରିବ ନାହିଁ । ମା, ମନେ ରଖିଥା, ଭଗବତୀ ଭଟ୍ଟାରିକାଙ୍କୁ ପୂଜା କରିବାପାଇଁ ତାଙ୍କ ପାଖକୁ ଆସିବା କିଛି ଦରକାର ନାହିଁ; ତୁ ନିଜେ ଭକ୍ତ ହୋଇ ଜାଣିଲେ ଭଗବତୀ ନିଜେ ତୋ ପାଖକୁ ଯିବେ । ସବୁକାଳେ, ସବୁଦିନେ ଭଗବାନଙ୍କ ପାଖକୁ ଭକ୍ତ ଯାଇପାରେ ନା, ବରଂ ଭକ୍ତ ପାଖକୁ ଭଗବାନ୍ ଆସନ୍ତି । ପୁରାଣ-ପ୍ରବାଦ ମିଛ ନୁହେଁ ମା, ମିଛ ନୁହେଁ । ଭଗବତୀଙ୍କର ଫୁଲହାରଟି ସାଥିରେ ନେଇ ଯା, ତୋର ଯାତ୍ରା ମଙ୍ଗଳମୟ ହେବ ।”

ମିନାର ବେକରେ ଝୁଲୁଥିଲା ତିନୋଟି ସୁନ୍ଦର ହାର; ବଡ଼ ଲୋଭଣିଆ । ସେ ସମସ୍ତଙ୍କଠାରୁ ଅତି ମୂଲ୍ୟବାନ୍ ହାରଟି ବେକରୁ ବାହାର କରି ପୂଜାଥାଳରେ ଥୋଇଦେଇ କହିଲା, “ବାପା, ଠାକୁରଙ୍କ ପୂଜାପାଇଁ ଏ ହାରଟି ରହିଲା । ମୁଁ ତ ଅଭାଗିନୀ, ତାଙ୍କୁ ଅବା କ’ଣ ଦେଇପାରିବି ? ତାଙ୍କରି ଜିନିଷ ତାଙ୍କୁ ଦେଉଛି । ଏଇ ପୂଜାଫୁଲର ହାରଟି ଆଶୀର୍ବାଦର ସୂତା-ଖିଅରେ ବୁଣା । ଏହା ମୋର ସାରା ଜୀବନର ଭୂଷଣ ।”

ମିନାକ୍ଷୀ ତା’ ବେକରୁ ଦ୍ୱିତୀୟ ହାରଟି ବାହାର କରି ଗୁନ୍ଦର ବେକରେ ପିନ୍ଧାଇ ଦେଇ କହିଲା, “ଗୁନ୍ଦ ! ଏଇ ତପସ ଅଭାଗିନୀ ନୂଆ’ଭଉର ସ୍ମୃତି ରହିଲା । ଭାବିବ, ନୂଆ’ଭଉ ତମରି ଗଳାରେ ଚିରଦିନପାଇଁ ବନ୍ଧାହୋଇଅଛି ।”

ସମସ୍ତେ ବଲବଲ ହୋଇ ଚାହିଁରହିଲେ ମିନାର ମୁହଁକୁ । ଗୁନ୍ଦ ହସି ହସି କହିଲା, “ବାଃ ରେ ବାଃ, ତମେ ଭାରି ଗୁଲକ ନୂଆ’ଭଉ !”

Digitized by srujanika@gmail.com

ସୁନ୍ଦ ଆଖିପିଛୁଳାକେ ନିଜ ବେକରୁ ହାରଟି ବାହାର କରି ମିନକୁ ପିନ୍ଧାଇଦେଇ କହିଲା "ନ,ଆ'ଉ ! ତମ ସ୍ମୃତି ଖାଲି ମୁଁ ରଖିବି, ମୋ ସ୍ମୃତି କଣ ତମେ ରଖିବ ନି ? ଏତେ ପଥର ତମର ମନ ! ଆଜିଠୁ ସୁନ୍ଦ ବି ତମ ଗଳାରେ ବନ୍ଧା ହେଲା !" ଆନନ୍ଦରେ ହସିଉଠିଲେ ସମସ୍ତେ ! ଆନନ୍ଦ ଓ ଉଦାସ ଭିତରେ ହସି ହସି କହିଲା ମିନ, "ପ୍ରକୃତରେ ସୁନ୍ଦ, ପରାଜୟଟା ମୋର ସବୁଠାରେ ! ଜିତାପଟଟା ତମର ! ବେଶ୍ ତମ ସ୍ମୃତିହିଁ ଆଜିଠାରୁ ମୋର ଭୂଷଣ ହୋଇ ରହିଲା !

ମିନାକ୍ଷୀ ତୃଷ୍ଣାସ୍ପ ହାରଟିକୁ ବେକରୁ ବାହାର କରି, ଜନସ୍ଥାବନତ ହୋଇ ଥୋଇଲା ବୃଦ୍ଧ ଗତିକୃଷ୍ଣଙ୍କର ପଦତଳେ ! ପ୍ରଣାମ ଢାଳି କହିଲା, "ବାପା, ତୁମେ ମୋର ପିତା ! ଏ ଭାଗ୍ୟହୀନା କନ୍ୟା ମର-ଜୀବନରେ ବୋଧ ହୁଏ ତମର ଋଣ ପରିଶୋଧ କରିପାରିବ ନାହିଁ ! ଜନ୍ମ-ଜନ୍ମାନ୍ତରପାଇଁ ଅପରିଶୋଧ ସେ ଋଣ ! ଦୁଃଖିନୀର ଏଇ ସ୍ମୃତିଟି ତମ ପାଖେ ରହିଲା ବାପା ! ଆଶୀର୍ବାଦ ଦିଅ ଏ ଅଭାଗିନୀକୁ !"

ବୃଦ୍ଧଙ୍କର କୋଟରଗତ ଚକ୍ଷୁ ରକ୍ତିମ ହୋଇଉଠିଲା ! ମୁଖମଣ୍ଡଳରେ ଖେଳିଗଲା ଉତ୍ତେଜନାର ତେଜ ! ନିର୍ବାକ୍ ହୋଇ ନିଷ୍ପଲକ ନୟନରେ ଚାହିଁରହିଲେ ଆବେଗମୟୀ ମିନାକ୍ଷୀ ଆଡ଼କୁ ! ମିନ ବୁଝିଲା, ଏ ବୋଧ ହୁଏ ବୃଦ୍ଧଙ୍କର ନୀରବ ସମ୍ମତି ! ସେ ଆଉ ଥରେ ମିନତିମଥିତ କଣ୍ଠରେ କହିଲା, "ବାପା, ଗ୍ରହଣ କର ବାପା ! ଆଶୀର୍ବାଦ ଦିଅ !"

ବାରୁଦ-ସ୍ତୂପରେ ଅଗ୍ନି ସଂଯୋଗ କଲେ ଯେପରି ଭୟାନକ ବିସ୍ଫୋରଣ ହୁଏ, ବୃଦ୍ଧ ସେଇପରି ଗର୍ଜନ କରି କହିଲେ, "ପାଗଳି ! ଟଙ୍କା-ସୁନାର ବିନିମୟରେ ଆଶୀର୍ବାଦ କିଣାଯାଏ ନା ! ତୁ ମୋତେ ସୁନାର ମୋହ ଦେଖାଉଛୁ, ନୁହେଁ ? ତୋର ସ୍ନେହ-ଅତ୍ୟାଚାରର ଏପର୍ଯ୍ୟନ୍ତ ନୀରବରେ ସହ୍ୟ କରୁଥିଲି; ଆଉ ପାରିବି ନି, ସହ୍ୟ କରିପାରିବି ନି ! ହୃଦୟହୀନା ! ମୁଁ ଗରିବ ବୋଲି ମୋର ମନଟା ଗରିବ ନୁହେଁ ! ତା' ହୋଇଥିଲେ ଏଇ ତିନିଟା ଦାମିକା ହାର ତୋ ଗଳାରେ ଝୁଲି ଝୁଲି ବଡ଼ଲୋକୀର ବିଜ୍ଞାପନ ବାଡ଼ୁ ନ ଥାନ୍ତା ! ସେଇ ପାହାଚ ଉପରେ ଶେଷ ଥର-ଅନ୍ତିମ ଜୀବନର ଆର୍ତ୍ତ ବିଳାପ ନଦୀର ଗୁରୁଗର୍ଜ୍ଜନମଧ୍ୟରେ ମିଶିଯାଇଥାନ୍ତା !"

ସୁନ୍ଦ ଚିତ୍କାର କରି କହିଲା, "ଚୁପ୍ ଅଜା ! ଆଃ, ତୁମେ କଣ କହୁଛ ? ମୁଁ ଆଉ ତମକୁ କହିବାକୁ ଦେବି ନି—କିଛି କହିବାକୁ ଦେବି ନି ଗତି ଅଜା !"

Digitized by srujanika@gmail.com

"ନା ନା, ତୁ ଭୁଲ କରୁଚୁ ବୃଦ୍ଧ ! ମୋତେ କହିବାକୁ ଦେ ମା'—କହିବାକୁ ଦେ । ଏତେ ସମୟ ଧରି ସହିଛି; ଆଜି କହିବ—ମନର ତୃପ୍ତି ଆସିବା-ଯାଏ କହିବ । ତା'ର ବିଦାୟବେଳରେ ମୁଁ ବି ଫେରି କିଛି ଗୋଟାଏ ସ୍ମୃତି ତା' ହାତରେ ଦେବି; ଅନ୍ତତଃ ତା'ର ଏଇ ହୃଦୟହୀନ ପାଷାଣ ପିତାକୁ ମନେ ରଖିବାପାଇଁ ! ବୁଝିଲୁ ଚଗଲି ! ତୋର ସେ ନୂଆ'ଜ —ସେ ଯେ ଆଗେ ମୋର ଝିଅ ।

"ହଁ ମା ! ତୁ ଆଜି ଯେପରି ହିଂସ୍ର ହୋଇ ମୋପ୍ରତି ଅବିଚାର କଲୁ, ତା' ଅପେକ୍ଷା ସେତେବେଳେ ମୁଁ ଅଧିକ ହିଂସ୍ର ହୋଇପାରିଥାନ୍ତି । ଆଖିପିଛୁଳାକେ ତୋର ସ୍ୱପ୍ନର ସଂସାରକୁ ନଷ୍ଟର ପ୍ରଳୟ-ଜୁଆରଭିତରକୁ ଠେଲିଦେଇ ଏକୋଟି-ଯାକ ହାର ନେଇପାରିଥାନ୍ତି ! ତୋ-ମୋ ଭିତରେ ବାପ-ଝିଅର ସୃଷ୍ଟି କରିବା ଦରକାର ପଡ଼ୁ ନ ଥାନ୍ତା ।"

ମିନାକ୍ଷୀ ବୃଦ୍ଧ ସେବକଙ୍କର ପାଦକୁ ଭିଡ଼ିଧରି କାନ୍ଦି କାନ୍ଦି କହିଲା, "ବାପା, ଅଭାଗିନୀକୁ କ୍ଷମା ଦିଅ ବାପା ! ପ୍ରକୃତରେ ମୋର ଭୁଲ ହୋଇଛି, ମସ୍ତବଡ଼ ଭୁଲ ହୋଇଛି ବାପା !"

ବୃଦ୍ଧର ବୋଉ ହାରଟିକୁ ଉଠ୍ରୁ ଗୋଟାଇ ଆଣି ମିନ୍ନିକୁ ପିନ୍ଧାଇଦେବା-ସମୟରେ ସେ ବାଧା ଦେଇ କହିଲା, "ମାଉସୀ ! ସତରେ ଜମର ମଣିଷ ଦେହ-ଭିତରେ ଦେବତାର ମନ ଲୁଚି ରହିଛି । ମା' ଭଟ୍ଟାରିକା ତମର ହୃଦୟକୁ ଏପରି ପ୍ରଶସ୍ତ କରିଛନ୍ତି । ମୋର ଧାରଣା ମାଉସୀ ! ମଣିଷ ଭଗବାନଙ୍କର ଶ୍ରୀଚରଣରେ ତା'ର ପାପ, ତାପ ଅନ୍ୟାୟ, ଅନୀତି ଓ ଅହଂକାର ଢାଳି ଦେଇ ତାଙ୍କୁ ଜ୍ଞାନର ଆଲୋକ ମାଗେ । ମୁଁ କାହିଁକି ଭାବୁଛି, ଏଇ ଏକୋଟି ହାର ମୋ ଗଳାରେ ଗୁଡ଼ାଇ ହୋଇ ରହିଛି ନିବିଡ଼ଭାବରେ । ସର୍ବଦୋଷବିନାଶିନୀ, ସର୍ବପାପହାରିଣୀ ମା' ଭଟ୍ଟାରିକାଙ୍କ ପାଦତଳେ ଏହାକୁ ଥୋଇ ମୁଁ ଟିକିଏ ଶାନ୍ତି ପାଇବି । ନିଅ, ଏସବୁ ପୂଜାଥାଳିରେ ରଖ ବାପା । ମନର ସମସ୍ତ କ୍ରୋଧ ଭୁଲିଯାଅ । ମୋତେ ସାହାଯ୍ୟ କର ବାପା !

ବୃଦ୍ଧ କାନ୍ଦି କାନ୍ଦି ମିନ୍ନିର ହାତ ଧରିପକାଇ କହିଲେ, "ମା ! ଠାକୁରଙ୍କୁ ମଣିଷ କିଛି ଦେଇପାରେ ନା । ମଣିଷ ଆଖିର ଲୁହ ଓ ବୁକୁର କୋହରେ ଠାକୁରଙ୍କ ପାଖରେ ଅନୁତାପ କରିପାରିଲେ ତା'ର ସମସ୍ତ ଦୁଃଖ ଦୂର ହୁଏ । ମନଦାନ ନ କରି ଧନଦାନ କରିବା ମଣିଷର ବୋକାମି । ଏହା ଆଉ ଗୋଟିଏ

Digitized by srujanika@gmail.com

ପାପ । ଅଳଙ୍କାର ନାରୀର ଭୂଷଣ । ମୁଁ ତୋତେ ନବାଭରଣା କରି ଘୁଡ଼ପାରିବି ନ ମା !"

ଏହା କହି ସେ ମିନୁର ଗଳାରେ ବାଳ ହାରଗୁଡ଼ିକ ପିନ୍ଧାଇଦେଇ କହିଲେ, "ମା ! ଏଥର ସୁନ୍ଦର ମାନଲା ତୋତେ ? ସଞ୍ଜୟବାବୁ ! ମିନୁ ମୋର କଲ୍ୟାଣମୟୀ କନ୍ୟା, ଆଜ ଆପଣଙ୍କର ସତୀ ଲକ୍ଷ୍ମୀ କୁଳବଧୂ । ବିଦାୟ-ବେଳା ଉତ୍ତୀର୍ଣ୍ଣ ହୋଇଯାଉଛି । ତମରି ହାତରେ ତମରି ଲକ୍ଷ୍ମୀକୁ ଟେକିଦେଇ ଆଶ୍ୱସ୍ତ ହେଉଛି । ହୋଇ ତ, ମା' ଭଟ୍ଟାରିକାଙ୍କର ମୁଖ ଉଜ୍ଜ୍ୱଳ ଦେଖାଗଲାଣି । ସେ ନିଶ୍ଚୟ ତମ ଦୁଃଖ ଦୂର କରିବେ ଡାକ୍ତରବାବୁ ! ମୁଁ ଯାଏ, ମା'ଙ୍କର ମାନତକାମ ବଢ଼ାଏ ।"

ମିନାକ୍ଷୀ ବୃଦ୍ଧଙ୍କଠାରୁ ବିଦାୟ ଆଣି ଗଗନ-ପବନ ଥରାଇ କାନ୍ଦ କାନ୍ଦ ସମସ୍ତଙ୍କୁ ପ୍ରଣାମ ଜଣାଇଲା । ଗାଁଟାଯାକର ଯେତେ ଝିଅବୋହୂ, ବୁଢ଼ାବୁଢ଼ୀ, ଯୁବକଯୁବତୀ ସେଠାରେ ରୁଣ୍ଡ ହୋଇଥିଲେ ସମସ୍ତଙ୍କ ଆଖିରେ ସକାଳର ଅଦିନ କୁହୁଡ଼ିପରି ଲୋତକର ବାଷ୍ପ ଖେଳିଗଲା କ୍ଷଣିକପାଇଁ । ବୁଢ଼ା ମିଆଁର ଦୁର୍ବଳଚକ୍ଷୁ ଲୋତକର ଭାର ସମ୍ଭାଳି ପାରିଲାନାହିଁ । ତା'ର ପକ୍ୱ ଶ୍ମଶ୍ରୁ ଉପରେ ବ୍ୟଥାର ବିନ୍ଦୁ ଝୁଲି ଝୁଲି ଖସି ଆସିବାବେଳେ ପାଟିରୁ ବାହାରି ପଡ଼ିଲା, "ମେଣ୍ଢ ବେଟି ଚାଲିଗୟୀ ।" ଗାଡ଼ି ଚାଲିଲା ଦୂରରୁ ବହୁ ଦୂରକୁ । ବୃଦ୍ଧ ଚିତ୍କାର କରି ଉଠିଲା । ନୂଆ'ଉ ଚାଲିଗଲା ? ଚାଲିଗଲା ନୂଆ'ଉ ।

ଗାଁର ଝିଅ ବୋହୂ···ସମସ୍ତଙ୍କ ଆଖିରେ ଲୁହ । ସମସ୍ତଙ୍କ ମୁହଁରେ ବିଷାଦ କାଳିମା । ସମସ୍ତେ ବାମ୍ପ ଉତ୍ତପ୍ତ ହାଣ୍ଡି ପରି ଅନ୍ତର ଭିତରେ ବ୍ୟଥାର ଆନ୍ଦୋଳନ ନେଇ ଅସ୍ଥିର । ସତେଯେପରି ସେମାନଙ୍କର ପ୍ରିୟ ବ୍ୟକ୍ତିଟିକୁ ସେମାନେ ହରାଇବାକୁ ଯାଉଛନ୍ତି । ମଣିଷ ପାଇଁ ମଣିଷର ଏତେ ସ୍ନେହ, ଏତେ ଶ୍ରଦ୍ଧା, ଏତେ ସମ୍ବେଦନଶୀଳତା, ଲକ୍ଷ୍ମୀ ବୋଧହୁଏ ଗାଁକୁ ଆସିଥିଲେ । ସେ ଚଞ୍ଚଳା, କୌଣସିଠାରେ ଦୀର୍ଘସମୟ ପର୍ଯ୍ୟନ୍ତ ରହନ୍ତି ନାହିଁ । ଏହା ତାଙ୍କର ସ୍ୱଭାବ ସିଦ୍ଧ ପ୍ରକୃତି । ସେ ସେଇଥିପାଇଁ ଚାଲିଗଲେ ବୋଧହୁଏ ।

ଝିଅବୋହୂ ଏକ ସ୍ୱରରେ କହିଲେ "ଆମକୁ ଭୁଲିଯିବନି ମା, ପ୍ରତିବର୍ଷ ଥରେ ଆମଠାକୁରଙ୍କୁ ଆଉ ଆମକୁ ଦେଖିବାକୁ ଆସିବ । ଯେଉଁ ଠାକୁର, ଯେଉଁ ଗାଁ ତମକୁ ନୂଆ ଜନମ ଦେଲା ତମେ ତାଙ୍କରି ଝିଅ । ବାପ ଘରକୁ ଝିଅ ଆସିବନି ?

Digitized by srujanika@gmail.com

ମନ୍ଦୁର ବାପାଙ୍କ ଆଖିରେ ଲୁହ ଜମି ଆସିଲା ସେ କୋହଭରା କଣ୍ଠରେ କହିଲେ, ସେ ନିଶ୍ଚୟ ଆସିବ, ପ୍ରତିବର୍ଷ କାହିଁକି ଯେତେବେଳେ ସେ ଖୁହିଁବ ମୁଁ ତାକୁ ପଠେଇ ଦେବ । ଏତିକିବେଳେ ମନ୍ଦିର ଭିତରୁ ଶୁଣାଗଲା ।

"ଓଁ ସର୍ବମଙ୍ଗଳ ମାଙ୍ଗଲ୍ୟ ବରଦାସିଦ୍ଧିଦାୟିନୀ ସର୍ବଶକ୍ତି ସମ୍ପୂର୍ଣ୍ଣା ଭଟ୍ଟାରିକା ନମସ୍ତୁତେ ।"

* * * *ଟାପୁ ଉପରେ ଭାନୁ ଏବଂ ରଶ୍ମାନର ଆଜି ତୃତୀୟ ଦିନ । ପ୍ରଥମ ଦିନର ଆଶଙ୍କା ଭୟ, ଅବିଶ୍ୱାସ, ବ୍ୟବଧାନ ଓ ଆଚରଣଗତ ଅସାମଞ୍ଜସ୍ୟ ବହୁଦିଗରୁ ଅପସରି ଯାଇଛି । ତା ସ୍ଥାନରେ ରୂପ ନେଇଛି ଆଶା, ଆନନ୍ଦ ବିଶ୍ୱାସ, ଆନ୍ତରିକତା ଓ ବ୍ୟବହାର ଗତ ଏକାତ୍ମତା । ଭାନୁ ଏବଂ ରଶ୍ମାନ···ଉଭୟେ ଉଭୟଙ୍କୁ ନିବିଡ଼ ଭାବରେ ପରୀକ୍ଷା ନେଇ କରି ସାରିଲେଣି ।

ସକାଳ ଆସିଛି ଆଶାର ସମ୍ଭାରନେଇ । ଆଜିର ପବନଟାରେ କିଛି ଗୋଟାଏ ବିଶେଷତ୍ୱ ଅଛି । ମନ ଭିତରର ସମସ୍ତ ମ୍ଳାନିମା ପୋଛି ଦେବାରେ ଏହାର ଅବଦାନ ଅଧିକ । ପବନଟା ଭାରି ଭଲଲାଗୁଛି ଉଭୟଙ୍କୁ । ଏଥିରେ ଉନ୍ମାଦନା ନାହିଁ କିନ୍ତୁ ମନର କ୍ଷତକୁ ଉପଶମ କରି ଦେବାର ମହୌଷଧି ଅଛି । ଉଭୟେ ଉଭୟଙ୍କୁ ଚାହିଁଛନ୍ତି । ସେ ଚାହାଣୀ ଭିତରେ ସତେଯେପରି କୌଣସି ଅଜଣା ଶୁଭ ସଙ୍କେତର ଅବଲମ୍ବନ ରହିଛି ।

ନଦୀ ଆଜି ତାର ଉଗ୍ରତା ପରିହାର କରିଛି । ସାଗର ସଙ୍ଗମ ପାଇଁ ସ୍ରୋତ-ମଧ୍ୟରେ କ୍ଷିପ୍ରତା ପ୍ରକାଶ ପାଇଛି । ପୂର୍ଣ୍ଣଗର୍ଭା ନଦୀଟା ଆଜି କାହିଁକି ଦିଶୁଛି ଖୁବ୍ ଲୋଭନୀୟା । ସତେ ଯେପରି ଏକ ମଙ୍ଗଳମୟୀ ଶୋଭାମୟୀ ଶାନ୍ତଶୀଳା ରମଣୀ ।

ଆଶା ଓ ବିଶ୍ୱାସର ସମ୍ଭାର ନେଇ ସୂର୍ଯ୍ୟ ଉଦିତ ହୋଇଛନ୍ତି । ତାଙ୍କର ଫଗୁଲ କିରଣ ନଦୀ ବୁକୁରେ ବିଛେଇ ହୋଇ ପଡ଼ୁଛି । ସୃଷ୍ଟି ହୋଇଛି ଗୋଟାଏ ଅପୂର୍ବ ଶୋଭା ସମ୍ଭାର ।

ହରିଣ ଛୁଆଟି ମହା ଆନନ୍ଦରେ ଟାପୁଉପରେ ବୁଲିବୁଲି କଅଁଳ ଘାସପତ୍ର ଖାଉଛି । ଭାନୁର ସ୍ନେହ ଶ୍ରଦ୍ଧାରେ ସେ ଏପରି ବାନ୍ଧିହୋଇ ଯାଇଛି ଯେ ତା ପାଟି ଶୁଣିଲେ ଦଉଡ଼ି ଦଉଡ଼ି ଆସି କୋଳରେ ପଶି ଯାଉଛି ।

"ଆଜି କାହିଁକି ଭାରି ଭଲ ଲାଗୁଛି ଭାନୁ, ତମକୁ କିମିତି ଲାଗୁଛି ?"

"ମୁଁ ଭାବୁଛି, ଆଜି ବୋଧହୁଏ ଆମ ଭାଗ୍ୟର ମୀମାଂସା ହୋଇଯିବ । ମୁଁ ବି ମନଭିତରେ ଭାରି ଆନନ୍ଦ ଅନୁଭବକରୁଛି ।"

Digitized by srujanika@gmail.com

"କାଲର ଖାଦ୍ୟ ପୁଡ଼ିଆରୁ କଣ କଛି ଅଛି ? ଭୋକ ଲାଗିଲାଣି ।"

"ବିସ୍କୁଟ୍ ପ୍ୟାକେଟ ଟାଏ ଅଛି, ଦେଉଛି ।"

ଭାନୁ କୁଡ଼ିଆ ଭିତରକୁ ପଶିଗଲା । ରଘାନ ନଈଆଡ଼େ ଚାହିଁଛି । ହଠାତ୍ ତାର ଆଖିରେ ପଡ଼ିଲା ଗୋଟାଏ ସାଇକେଲ୍ ଟାୟାର ଭାସିଭାସି ଆସି ଟାପୁ ପାଖରେ ଲାଗିଛି । ତା ଗୋଟିଏ ପାଖରେ ଖଞ୍ଜାଯାଇଛି ତଣ ବାରଟା ପଲିଥିନ୍ ମୁଣା । ସେ ଉଠିଯାଇ ତାକୁ ଟାଣି ଆଣିଲା । ପ୍ୟାକେଟ ଗୁଡ଼ିକ ଖୁବ ଯତ୍ନର ସହିତ ପ୍ୟାକ୍ କରାଯାଇଛି ତାଭିତରେ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ।

"ଭାନୁ ଭାନୁ ଏଇନିଅ, ମିଳିଗଲା ମିଳିଗଲା···ମିଳିଗଲା···ତିନିଘଣ୍ଟାଦିନ ପାଇଁ ଖାଦ୍ୟ ମିଳିଗଲା । ଠାକୁରେ ଠିକ୍ ସମୟରେ ପଠାଇଛନ୍ତି । ବୋଧହୁଏ ଏଇଟା ଆସୁଥିଲା ବୋଲି ମନଟା ଭଲ ଲାଗୁଥିଲା ।"

ଭାନୁ ଫେରି ଆସି ବିସ୍କୁଟ ପ୍ୟାକେଟଟି ରଘାନ ହାତକୁ ବଢ଼ାଇ ଦେଇ କହିଲା ଠାକୁରଙ୍କର ଏତେ ଦୟା । ଠିକ୍ଅଛି, ତମେ ଖାଅ ମୁଁ ଖୋଲୁଚି ।"

ରଘାନ ବିସ୍କୁଟ ଗୋଟିଏ ଗୋଟିଏ ପାଟିରେ ପକାଇବାକୁ ଲାଗିଲା । ତାର ଲୋଲୁପ ଦୃଷ୍ଟିଟା ଥାଏ ଖାଦ୍ୟ ପୁଡ଼ିଆ ଉପରେ । ଭାନୁ ପ୍ରଥମ ପୁଡ଼ିଆଟି ଖୋଲି ଦେଖିଲା ତା ଭିତରେ ଦୁଇଟା ପାଉଁରୁଟି ଓ କଛି···ବୁନ୍ଦିଦାନା ରହିଛି ।

"ଆସ, ପାଖକୁ ଆସ, ରୁଟି ଆଉ ମିଠାଦାନା ନେଇ ଯାଅ ।"

ଭୋକିଲା ପିଲା ତା ମା ପାଖକୁ ଦଉଡ଼ି ଆସିଲା ପରି ରଘାନ ଭାନୁ ପାଖକୁ ଆସି ତା ହାତ ପାତିଲା । ଭାନୁ ପୁଡ଼ିଆଟି ତା ହାତକୁ ବଢ଼ାଇ ଦେଲା । କି ଆନନ୍ଦ ···ଆରେ ଖାଅନା୍ୟ

"ତମପାଇଁ କଛି ରଖିଲନ ।"

"ମୁଁ ଖାଇବି ଯେ, ତେବେ ଅନ୍ୟ ପୁଡ଼ିଆ ଗୁଡ଼ିକ ଦେଖୁଛି । ଯେଉଁ ଜିନିଷ ଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯିବାର ସମ୍ଭାବନା ଅଛି ତାକୁ ଆଗ ବ୍ୟବହାର କରିବା ।

ଏଇତ ସିଝାଆଳୁ···ଲୁଣ, ମସଲା ଗୁଣ୍ଡିକଏ । ବେଶ୍ ମୋର ଅତିପ୍ରିୟ ଖାଦ୍ୟ । ଆଳୁଖାଇ ପାଖକୁ ତା ମା ବୋଧହୁଏ ଆଳୁ ମେଞ୍ଚାଏ ସିଝାଇ ପଠାଇ ଦେଇଛି । ସେ ମିଠା ଫିଠା ଗୁଡ଼ାକ ମୋତେ ଭଲଲାଗେନ ।

Digitized by srujanika@gmail.com

ଦୁହେଁ ଖାଇଲେ । ଖାଦ୍ୟ ପୁଡ଼ିଆ ତକ ଖୋଲି ଯତ୍ନରେ ସାଇତି ରଖିଲେ । ଚୂଡ଼ା, ଗୁଡ଼, ଆଳୁ, ରୁଟି, ବିସ୍କୁଟ, ବୁନ୍ଦିଦାନା, ଖେଚୁଡ଼ି; କଟୁ ଶୁଖିଲା ଫଳ ଲୁଣଲଙ୍କା, ପିଆଜ, ଇମିତି ଆଉ କେତେକଣ । ବେଶ ଦି ରୁଦ୍ଧନ ପାଇଁ ପାଥେୟ ମିଳିଗଲା ।

"ଏ ! ଦେଖିଲଣି ? କେଡ଼େ ବଢ଼ିଆ ଜନସଂଠାଏ କିଏ ପଠାଇଛିମ । ଖରବଢ଼ିଆ ।

"ଇଏ କି ଡ଼ାକ ? ମୋର କଣ ନାଁ ନାହିଁ ??"

ଚମକ ପଡ଼ିଲା ଖନୁ, ଲାଜେଇଯାଇ ଅଟକି ଗଲା । ଜିଭଟା କାମୁଡ଼ି ଦେଇ ମୁହଁ ପୋତି ଦେଲା ।"

କଣ କରେ ଖନୁ ? କି ବଢ଼ିଆ ଜନସ ଆସିଛି ମ ଦେଖେଇଲୁ ।"

ଖନୁ ମୁହଁଟିକୁ ଅଧା ଟେକ ପଡ଼ିଆ ଭିତରେ ଆସିଥିବା ଗୁରପ୍ରଷ୍ଠକାଗଜ ଖଣ୍ଡିକ ହାତକୁ ବଢ଼ାଇ ଦେଲା ।

"ଓ ଏଇଟା ? କଣ କିଛି ଲେଖାଅଛି ?

"ପଢ଼ନ୍ତୁ... ।"

ବାଃ...ବାଃ...ବାଃ...ଲେଖା ହୋଇଚି

"ଈଶ୍ୱର ତମର ମଙ୍ଗଳ କରିବେ ।"

ସେ ହିଁ ରକ୍ଷା କରିବେ ।

ରବିନ ଗମ୍ଭୀର ହୋଇଗଲା । ଖନୁ ମୁଣ୍ଡଟେକ ପଚାରିଲା, ଭୁନ ହେଇଗଲ-ଯେ ।

"ସତରେ ଖନୁ, ଏଇଟାକୁ କହନ୍ତି ଶୁଭେଚ୍ଛା । ଏଇଟା ମଣିଷର ମଣିଷ ପ୍ରତି ଆନ୍ତରିକ ସ୍ନେହ ଶ୍ରଦ୍ଧା ଓ ମଣିଷ ପଣିଆର ଚିହ୍ନ । ଯେଉଁ ଲୋକଟି ଏତକ ଲେଖିଛି ସେ କେଡ଼େ ମଣିଷ ପ୍ରେମୀ । କେତେ ଭଲପାଏ ସେ ମଣିଷଙ୍କୁ । ଭଗବାନ ତାର ମଙ୍ଗଳ କରନ୍ତୁ । ଏଇପରି ଅନେକ ଭଲ ଲୋକଙ୍କର ଶୁଭେଚ୍ଛା ନେଇ ସଂସାରଟା ଚଳୁଛି । ନହେଲେ ଖଣ୍ଡ ଶଇତାନମାନେ ଏହାକୁ ରସାତଳକୁ ନେଇ ସାରନ୍ତେଣି ।

ହରଣ ଛୁଆଟା ଏକାନଶ୍ୱାସରେ ଡେଇଁ ଡେଇଁ ଆସି ଖନୁର କୋଳରେ ପଶିଗଲା । ତା ଦେହସାରା ଥରୁଚି । ରବିନ ଉଠିପଡ଼ି ଲକ୍ଷ୍ୟକଲା, ଛୁଆଟା

ଚାହୁଁଥିଲ, ଭୟରେ ପଳାଇଲ କାହିଁକି ? ସାପଟା ତା ପଛରେ ଗୋଡ଼ାଇଛି । ରବୀନକୁ ଦେଖି ହଠାତ୍ ଅଟକିଗଲା । କିଛି ସମୟପରେ ଫେରିଗଲା ପଛକୁ ।

"ବୁଝିଲ ଭାନୁ, ଆମେ ଏଠାରେ ଯେତିକି ଅଧିକ ସମୟ ରହିବା ସେତିକି ଅଧିକ ବିପଦର ସମ୍ମୁଖୀନ ହେବା । ଏଇ ଦେଖିଲ, ବର୍ତ୍ତମାନ ଅବସ୍ଥା କ'ଣ ହୋଇଥାନ୍ତା ।"

"ତେବେ କରିବା କଣ ? ଆମ ହାତରେ କଣଅଛି ? ଠାକୁରେ ଯେତେବେଳେ ଦୟା କରିବେ ସେତେବେଳେ ସେ ବେଳ ଆସି ପହଞ୍ଚିବ ।"

"ଆମେ କଣ କିଛି ଚେଷ୍ଟା କରିବାନି ? ଆମେ କଣ କରିପାରିବା କୁହ ?"

ପାଖରେ ଗାଁ ଗଣ୍ଡା ଦେଖାଯାଉନି । ଥିଲେ ଲୋକମାନେ ନଈ ଘାଟକୁ ଆସନ୍ତେ ହୁଏତ ଆମେ ତାଙ୍କ ଆଖିରେ ପଡ଼ନ୍ତେ ସାହାଯ୍ୟ କିଛି ମିଳନ୍ତା ।"

"ମୁଁ ତ ଭାବୁଚି,

ଗାଁ ଗଣ୍ଡା ବେଶି ଦୂରରେ ନାହିଁ । ସେଇଥିପାଇଁ ଗଉଡ଼ ଗୋଠ ଏ ପଟାରେ ରହିଛି । ଲୋକମାନେ ଏଥର ନିଶ୍ଚୟ ନଈକୂଳକୁ ଆସିବେ । ଆମେ ତାଙ୍କୁ କିଛି ଇସାରା ଦେବା ?"

ମୁଁ ତ ସେଇଆ ଭାବୁଚି । ଦୂରରୁ ହୁଏତ ଆମକୁ କେହି ଦେଖିପାରିବେନି ଗୋଟାଏ କାମ କଲେ କିମିତି ହୁଅନ୍ତା ?"

"କଣ କହୁଚ ?"

"ଏଇ କାଠଗଡ଼ଟାରେ ନିଆଁ ରହିଚି, ହୁଏତ ଆଉ ଦିନେ ଦି ଦିନ ରହିପାରେ ଆମ୍ଭେ ଯଦି କାଠିକୁଟା ପକାଇଦେବା ତାହେଲେ ତା ଧୂଆଁ ଉପରକୁ ଉଠିବ । ତାକୁ ଦେଖିଲେ, ରକ୍ଷା କରିବା ପାଇଁ ଡଙ୍ଗା ନିଶ୍ଚୟ ଆସି ପହଞ୍ଚିବ । ଏଣିକି ଡଙ୍ଗା ଆସିବାରେ ବିଶେଷ କିଛି ଅସୁବିଧା ନାହିଁ ବୋଧହୁଏ ।"

ଠିକ୍ କହିଲ ରବୀନ ଭାଇ, ଟାପୁ ଭିତରପାଖରେ ଅନେକ କାଠି, କୁଟା, କୋଟଲ ଲଗିଛି । ସେସବୁ ନିଆଁରେ ପକାଇଲେ ଧୂଆଁ ନିଶ୍ଚୟ ଉପରକୁ ଉଠିବ । ଆକାଶରେ ହେଲିକପ୍ଟର୍ ଦେଖିଲେ ତଳେ ନିଆଁ ଜଳାଇବା ।

ସେଇଆ ହେଲା । ଲଗିପଡ଼ ଦୁହେଁ କୁଟାକାଠି ପକାଇ ଧୂଆଁ ଉପରକୁ ଉଠାଇଲେ । ଦୁଇ ତିନି ଘଣ୍ଟା ପରେ ସତକୁସତ ଗୋଟାଏ ହେଲିକପ୍ଟର ଆସି ଟାପୁ ଉପରପାଖରେ ଚକର ଦେଲା । ଭାନୁ ଓ ରବୀନ ବାହାରକୁ ବାହାରି

Digitized by srujanika@gmail.com

ଆସି ହାତ ହଲାଇଲେ । ତା ଦେହରୁ ଗୋଟାଏ ମଟର ଟ୍ୟୁବ୍ ତଳେ ଖସି ପଡ଼ିଲା । କିଛି ଖାଦ୍ୟ ପୁଡ଼ିଆ ମଧ୍ୟ ପଡ଼ିଲା । ତାପରେ ମୋଟା ପଟି ଖଣ୍ଡେ ଖସି ଆସିଲା । ଲାଲ ଅକ୍ଷରରେ ସେଥିରେ ଲେଖା ଥିଲା "ଅପେକ୍ଷା କର, ଡଙ୍ଗା ଆସିବ ।" ତାପରେ ହେଲିକପ୍ଟରଟା ଉପରକୁ ଉଠି ଯାଇ ଆକାଶ ମାର୍ଗରେ ଦୂରେଇଗଲା ।

ଆନନ୍ଦରେ ନାଚ ଉଠିଲେ ଭାନୁ ଆଉ ରଞ୍ଜନ । ଠାକୁରେ ଡାକ ଶୁଣିଛନ୍ତି । ଅଳ୍ପସମୟପରେ ସେମାନେ ଉଦ୍ଧାର ପାଇବେ ।

ଭାନୁ ହରିଣ ଛୁଆଟିକୁ ଗେଲକରି ତା କାନେ କାନେ କହିଲା, ଚଗଲି ଲୋ ଚଗଲି ! ଡଙ୍ଗା ଆସୁଛି, ଆମେ ଘରକୁ ଯିବୁ । ତୋତେ ନଈ ଧୁଅରେ ଭସେଇ-ଦେଇ ଚାଲିଯିବି ।"

କୁହୁକୁହୁ ହୋଇ ହସି ଉଠିଲା ଭାନୁ । ହରିଣ ଛୁଆଟି କାନ ଟେକି ମୁଣ୍ଡ ଉଠାଇ କରୁଣ ଭାବରେ ଚାହିଁଲା ଭାନୁର ମୁହଁକୁ । ଭାନୁ ତାକୁ କୋଳରେ ଯାବୁଡ଼ି ଧରି ପିଠି ଆଉଁସି କହିଲା, "ନାଇଁ ଲୋ ମୋ ଧନମଣି" । ତୋତେ ଛାଡ଼ି ମୁଁ ଯାଇପାରିବି ନାହିଁ । ମୁଁ ପଛକେ ଧୁଅରେ ଭାସିଯିବି ତୋତେ ରକ୍ଷା କରିବି । ମୋ ସୁନାମଣିରେ ସୁନାମଣି । ଧନମଣିରେ ଧନମଣି ।

ହରିଣ ଛୁଆଟା କଣ ବୁଝିଲା କେଜାଣି ସେଇ ମୁହୂର୍ତ୍ତରୁ ସେ ଭାନୁକୁ ଛାଡ଼ିଲା ନାହିଁ । ବାଳେଇ ଛୁଆ, ହବରେ ଘସି ହେଲାପରି, ସେ ଖାଲି ଘସି ହେଉଥାଏ । ସତେ ଅବା ତା ମା ତାକୁ ଛାଡ଼ି ପଳେଇଯିବ । ସେ ଇମିତି ତା ବାଟ ଛନ୍ଦିଲା ଯେ ଭାନୁ ସୁବିଧାରେ ଚାଲି ପାରିଲାନି । ତାକୁ ଟେକିନେଇ କାନ ମୋଡ଼ି ଦେଲା, କହିଲା "ତତେ କଏ ଖାଇ ଯାଉଚି ? ବସେଇ ଉଠେଇ ହଉନୁ ।"

ଏ ପର୍ଯ୍ୟନ୍ତ ଉଭୟେ ସମୟର ମୂଲ୍ୟ ସେତେ ବୁଝି ନଥିଲେ । ବର୍ତ୍ତମାନ ଅନୁଭବ କଲେ ସେମାନଙ୍କର ପ୍ରତ୍ୟେକ ମିନଟ୍ ଭାରି ମୂଲ୍ୟବାନ । ଅଳ୍ପସମୟପରେ ହୁଏତ ସାହାଯ୍ୟକାରୀ ଡଙ୍ଗା ଆସି ପହଞ୍ଚିବ । ଉଭୟେ ଉଭୟଙ୍କଠାରୁ ଅଲଗା ହୋଇଯିବେ ଚିରଦିନ ପାଇଁ । ବିପଦ ସେ ଦୁହିଁଙ୍କ ପ୍ରାଣକୁ ଖୁବ୍ ଅଳ୍ପ ସମୟ ଭିତରେ ଏକ କରିଦେଇଥିଲା । ଏହି ଏକତ୍ୱ ସତେ ଯେପରି ସାରା ଜୀବନର ଏକତ୍ୱ କିନ୍ତୁ ବାସ୍ତବତାର ନିଷ୍ଠୁରତାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ।

ଉଭୟଙ୍କ ମନ ମଧ୍ୟରେ ପ୍ରାୟ ଏକ ପ୍ରକାରର ପ୍ରତିକ୍ରିୟା, କିନ୍ତୁ କେହି କାହାରି ପାଖରେପ୍ରକାଶ କରିପାରୁନାହାନ୍ତି । ମନର ଝଡ଼କୁ ମନ ମଧ୍ୟରେ ଚାପି ରଖିବା ପାଇଁ ଉଭୟେ ବ୍ୟାକୁଳ ।

Digitized by srujanika@gmail.com

ଅମ୍ବୁରଷାର ଆୟୋଜନ ମଧ୍ୟରେ ପ୍ରତ୍ୟେକେ ନିଜ ନିଜର ପାରିବାରିକ ପରିଚୟ, ସୁଖ ଦୁଃଖ ଭଲମନ୍ଦ ବିଶେଷ ଭାବରେ ଆଳାପ ଆଲୋଚନା କରିପାରି-ନାହାନ୍ତି । ସେମାନେ ବର୍ତ୍ତମାନ ସମୟଟାର ସଦୁପଯୋଗ କରିବାପାଇଁ ଅତୀତ କଥାର ଖିଅ ଯୋଡ଼ିଲେ ।

ରଶୀନ ତାର ପାରିବାରିକ ଜୀବନର ଅଶ୍ରୁଳ ଚିତ୍ର ଦେଇଛି । ସେ ମାତୃ ପିତୃହରା । ସେମାନେ ଦୁଇ ଭାଇ ଗୋଟିଏ ଭଉଣୀ । ବଡ଼ ଭାଇ ଭାଉଜଙ୍କୁ ସେ ବାପ ମା ପରି ମାନି ଆସିଛି । ଭଉଣୀ ଉଷା । ଦୁଇ ଭାଇର ଅଳିଅଳି ଭଉଣୀ । ମାମୁଁ ଘରୁ ଫେରୁଥିଲେ । ନଈ ଭଉଣୀଟିକୁ ନେଇ ଯାଇଛି ତା କରାଳ ଗର୍ଭକୁ । ଶେଷରେ ତାକୁ ଅଇଁଠା କରି ଛାଡ଼ି ଯାଇଛି । ସେ ତା ନିର୍ଲଜ ମୁହଁ ଧରି ବଂଚିଛି । ଏ ବନ୍ୟାରେ ଗାଁ ଭୂଇଁ ଭାଇ ଭାଉଜ, ବନ୍ଧୁ ପରିଜନଙ୍କର ଅବସ୍ଥା କଣ ହୋଇଥିବ ସେ ଜାଣେନା ।

ସେ ଘରକୁ ଫେରିବ ହୁଏତ ମୁଣ୍ଡ ଗୁଞ୍ଜିବାକୁ ତା ପାଇଁ ଘର ନଥିବ । ବରଂ ଏଇ କରାଳ ନଦୀର ଏଇ ଠାପୁହ୍ନିଁ ତା ପାଇଁ ସ୍ୱର୍ଗ । ଭାଇ ଭାଉଜ ତା ପାଇଁ ହୁଏତ ଦି'ଦିନ କାନ୍ଦିଥିବେ, ତାପରେ ଭୁଲି ଯାଇଥିବେ ସେମାନେ । ବର୍ତ୍ତମାନ ସେ ସେମାନଙ୍କ ପାଖରେ ପହଞ୍ଚି ଗଲା କ୍ଷଣି ତାକୁ ସମସ୍ତେ ରଶୀନ୍‌ର ପ୍ରେତାତ୍ମା ବୋଲି ବିଚାର କରିବେ ପ୍ରଥମେ । ଆଖିକୁ ତାଙ୍କର ବିଶ୍ୱାସ ଯିବେନା । ଲୋକେ ଦେଖିଛନ୍ତି ଉଷା ବୁଡ଼ିଛି । ସମସ୍ତେ ନଦୀ ଗର୍ଭରେ ସମାଧି ନେଇଛନ୍ତି ।

"ତୁମ ଘରଟା କେଉଁଠାରେ ଭାଇ ?"

"ଆମଦର···ତମ ଘରର ଠିକ୍ ଆରପାଖରେ ।

"ମାନେ ?"

"ମାନେ ତମେ ହେଉଛ ବଢ଼ଦର ଲୋକେ । ଆମେ ହେଉଚୁ କଆକଟାର ଲୋକ ।"

"ତମେ କିମିତି ଜାଣିଲ ଆମ ଗାଁ କଥା ?"

"ପ୍ରଥମ ଦିନ ତମେ କହୁଥିଲ ତେବେ କଥା ଆରମ୍ଭ କରିଥିଲ, ଶେଷ କରିନ । ଭାଉଜ ତମର ଭାସି ଆସିଥିଲେ ବୋଲି କହୁଥିଲ ।"

"କୋଉର କିତାଣ ଆମେ ଶୁଣିଲୁନି । ତା କଥାକୁ ମାନିଲୁନି, ତାର ଫଳ ଭୋଗିବାକୁ ପଡ଼ିଲା । ଗୁରୁଜନମାନେ ଯେଉଁ ବାରଣ କରନ୍ତି ତାହା ଗ୍ରହଣ କରିବା

Digitized by srujanika@gmail.com

ଉଚିତ । ସେମାନେ ମନାକରିବା ପଛରେ ତାଙ୍କ ମାନସିକ ଅବସ୍ଥାର ପ୍ରରୋଚନା ଥାଏ । ଆଶଙ୍କାର ଅନୁଭୂତି ବାରଣ କରିବାପାଇଁ ତାଙ୍କୁ ବାଧ୍ୟ କରେ । କୌଣସି ଦୁର୍ଯୋଗର ଭାବୀ ସୂଚନା ଅଜ୍ଞାତରେ ତାଙ୍କ ମନକୁ ସ୍ପର୍ଶକରେ ଯାହାକି ସେମାନେ ନିଜେ ମଧ୍ୟ ଅବହିତ ହୋଇ ପାରନ୍ତିନି କିନ୍ତୁ ଅନୁଭୂତିରୁ ସେମାନେ କିଛି ମାତ୍ରାରେ ଇଙ୍ଗିତ ପାଇଥାନ୍ତି ।

ମନଖୁସି କରିବାକୁ ଯାଇ ଭାଉଜ ଓ ମୁଁ ଛୁଟିଗଲୁ ହୋଇଥିଲୁ ନଦୀକୂଳରେ । ନଦୀ ଅଟକା ଖାଇଲା । ଆମେ ଦୁହେଁ ଝାଣି ହୋଇ ଗଲୁ ନଦୀ ଗର୍ଭକୁ । ବହୁତ-ବାଟ ଦୁହେଁ ଭାସି ଆସିବାପରେ ଅଲଗା ଅଲଗା ହୋଇଗଲୁ । ଭାଉଜ ମୋର ଜୀବନରେ ଥିଲେ ଜାଣି ବି ଏ କଳି କାଳରେ ଧର୍ମ ଆଦୌ ବୁଡ଼ିନି । ବାପା ଡାକ୍ତର । ଗାଁରେ ତାଙ୍କର କ୍ଲିନିକ, ଭାଇ ଜଣେ ଓ ଏ ଏସ୍ ଅଫିସର । ଆମେ ଦୁଇ ଭାଇ ଭଉଣୀ ଭାଇ ଥାଆନ୍ତି ଭୁବନେଶ୍ୱରରେ । ଖବର ପାଇଥିବେ ନା ନାହିଁ କହି ପାରୁନି । ଆମ ଦୁହିଁଙ୍କୁ ହରାଇ ବାପ ମା ବଞ୍ଚିଥିବେ ନା ନାହିଁ ମୋର ମଧ୍ୟ ସନ୍ଦେହ । ନଦୀ ଆମ ଗାଁ ଆଡ଼କୁ ମୁହାଁଇ ଆସୁଥିଲା । ଯଦି ପଶିଥିବ ତା ହେଲେ ଗାଁ ଭୂଇଁ ନିଶ୍ଚିହ୍ନ କରି ଦେଇଥିବ । ବାପା ବୋଉ ଜୀବନରେ ନଥିଲେ, ଏ ସଂସାରରେ ନିଜର ହୋଇ ଆଉ କିଏ ଥିବେ ନା ନାହିଁ ସନ୍ଦେହ । ମୋର ଏ ଘର ବାହୁଡ଼ାରେ ଆନନ୍ଦ ଯେତିକି ନିରାନନ୍ଦ ମଧ୍ୟ ସେତିକି ।

"ଘର ଥାଉ ନଥାଉ, ବାପ ମା ଥାଆନ୍ତୁ ନଥାନ୍ତୁ, ଆମକୁ ସେଇ ମଣିଷ ସମାଜକୁ ଫେରି ଯିବାକୁ ହେବ ଭାଇ । ସମାଜ କିପରି ଭାବରେ ଆମ ଦୁହିଁଙ୍କୁ ଗ୍ରହଣ କରିବ ମୁଁ କହି ପାରିବିନି ତଥାପି ଫେରିଯିବାକୁ ହେବ ।"

"ଏତେ ବ୍ୟସ୍ତ କାହିଁକି ? ଯେଉଁ ନିୟମ ତା କୋଳକୁ ଆମକୁ ଝାଣି ନେଇଥିଲା, କିଛି ନହେଲେ ସେଠିକି ଫେରିଯିବାକୁ ତ କେହି ମନା କରିପାରିବେନି ।"

ରଞ୍ଜନ ଗମ୍ଭୀର ହୋଇଗଲା । ଭାନୁ ନିର୍ବାକ ହେଇଗଲା । ଜୀବନର ଖୁବ୍ ନିଭୃତ କଥାଟା ନିର୍ମମ ଭାବରେ ବାହାରି ଆସିଲା କିଣ ! ସେ ଏପରି କହିବା ଉଚିତ୍ ନଥିଲା । ନିଜର ପୌରୁଷ ଉପରେ ଏତେ ଅବିଶ୍ୱାସ !

ଭାନୁ । ଅଳ୍ପସମୟ ପରେ ଡଙ୍ଗା ଆସିବ । ଆମେ ନିଶ୍ଚୟ ଫେରିଯିବା । ଫେରିବା ପରର ଜୀବନ ଅଧ୍ୟାୟ ବୋଧହୁଏ ଜୀବନ କାବ୍ୟର ଶୀର୍ଷ ପର୍ଯ୍ୟାୟ ଯାହାକୁ କ୍ଲାଇମାକ୍ସ ବୋଲି କୁହାଯାଏ । ତମକୁ ସେଥି ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ମାନେ କିଛି ସମୟ ପାଇଁ ଅଭିନୟ କରିବାକୁ ହେବ ।

Digitized by srujanika@gmail.com

ଅଭିନୟ ? "ମାନେ କ ପ୍ରକାର ଅଭିନୟ ?" ଏଇ ଭିନନ୍ଦନ ହେଲା ଯେଉଁ ଅଭିନୟ କରୁଛ । ମାନେ ତମେ ମୋର ଭଉଣୀର ଅଭିନୟ କରିବ ଲୋକମାନଙ୍କ ଆଗରେ । ତାପରେ ଆମେ ଦୁହେଁ ସେମାନଙ୍କ ପରିଚର୍ଯ୍ୟାରୁ ରକ୍ଷା ପାଇଯିବା । ତମର ସ୍ଥିତି ମଧ୍ୟ ନିରାପଦ ହେବ । ତାପରେ ଆମେ ଦୁହେଁ ପ୍ରଥମେ ତମ ଗାଁକୁ ଯିବା । ତମକୁ ତମ ଘରେ ଛାଡ଼ିଦେବା ପରେ ମୋର ଦାୟିତ୍ୱ ସରିଗଲା । ତେଣିକି ମୋ କଥା । ମୋର ଏତିକି ଆଶ୍ୱାସନା ଯେ ମୁଁ ଗୋଟାଏ ପୁରୁଷ ପିଲା । ସବୁ ପରିସ୍ଥିତିରେ ମୁଁ ଆମର ଏଇ ପୁରୁଷ ପ୍ରଧାନ ସମାଜରେ ନିଜକୁ ଚଳେଇ ନେଇ ପାରିବ ।

"ଏ ହରିଣ ଛୁଆଟି ?"

ହସିଲା ରଞ୍ଜନ୍ । ଛେପ ଢୋକ ଢୋକ କହିଲା "କୁଆଁରି କନ୍ୟାର ଜୀବନରେ ଏ ଛୁଆଟା କଳଙ୍କ ଲଗାଇ ଦେବନି କଣ ? ସେଇଟା ଯେ ହରିଣ ଛୁଆ ।

ଝିନୁ ସହଜ ଏକ କଟାକ୍ଷହାଣି ମୁହଁ ପୋତିଲା ।

"ଆରେ ବୁଝୁଛ କଣ ଝିନୁ, ଏଥିପାଇଁ ଅଙ୍କ କଷାର କ ଆବଶ୍ୟକତା ଅଛି ? ଛୁଆଟା ଯାହା ପାଖକୁ ଯିବ ତା' ପାଖରେ ରହିବ । ସେଇଟା ବିଲ୍‌କୁଲ୍ ତା'ର ।

ଖୁବ୍ ଦୂରରେ ଦେଖାଗଲା ଗୋଟିଏ ଡଙ୍ଗା । ଉଭୟେ ଜସ୍‌ତକ୍ତା ଭିତରେ ସେଇ ଅଡ଼କୁ ଚାହିଁ ରହିଲେ । ଡଙ୍ଗାଟା ସୁଅ ମୁହଁରେ ଛୁଟିଛି । ଅଳ୍ପ ସମୟ ମଧ୍ୟରେ ପହଞ୍ଚିବ । ଉଭୟେ ପ୍ରସ୍ତୁତ ହୋଇଗଲେ । ଲୋକଟିର ଯେଉଁଠାରେ ଯାହାଥିଲା ସବୁ ସଜାଇଦେଲେ । ଝିନୁ ଭାବିଲା, ଏହା ପର୍ଣ୍ଣକୁଟୀର ନୁହେଁ ଦୁହିଁଙ୍କ ପାଇଁ, ଜୀବନର ସର୍ବୋତ୍ତମ ପବିତ୍ର ମନ୍ଦିରଟିଏ । ଏହାର ଦେବତାଙ୍କ ପାଇଁ ଦେଇଯିବାକୁ ତାଙ୍କ ପାଖରେ କିଛି ନାହିଁ । ସେ ଦୁହେଁ ତାକୁ ପରିଷ୍କାର କରିଦେଇ ମୁଣ୍ଡିଆ ମାରିଲେ ।

"ହେ ଦେବତା ! ଆମର ପ୍ରଣାମ ଗ୍ରହଣ କର । ତମକୁ ଦର୍ଶନ କରିବାର ସୁଯୋଗ ଆମକୁ ମିଳିଲାନି । ତମେ ଯେଉଁ ମନ୍ଦିରଟିକୁ ନିର୍ମାଣ କରିଦେଇ ଯାଇଥିଲ ତାହା ହେଲା ଦୁଇଟା ପରିତ୍ୟକ୍ତ ଜୀବନର ପବିତ୍ର ସ୍ୱର୍ଗ । ତମ ଦେବତ୍ୱର ଜୟଗାନ କରିବାପାଇଁ ସମୀରଣ ମୁଖରିତ ହୋଇ ଉଠିବ ।

ତାପରେ ସେହି ବିରାଟ ବନସ୍ପତି ପାଖକୁ ଗଲେ । ଦୁହେଁ ପ୍ରଣାମ ତାଳି କହିଲେ ହେ ବୃକ୍ଷରାଜ । ତମେ ମହାନ । ତମ ଋଣ ଅପରିଶୋଧ୍ୟ । ତମର

Digitized by srujanika@gmail.com

କରୁଣାରୁ ଦୁଇଟା ଜୀବନ ରକ୍ଷା ପାଇଗଲା । ତମେ କେତେ ଜୀବନକୁ ଏପରି ଅଜ୍ଞାତରେ ରକ୍ଷା କରିଥିବ । ସମସ୍ତେ ତମ ପାଖରେ ଋଣୀ । ଆମରି ଆତ୍ମା ତମରି ଆତ୍ମାର ଆଶିଷନେଇ ଫେରୁଛି । ତମେ ବିଶ୍ୱବିଧାତାଙ୍କର ମଙ୍ଗଳ ବିଧାନରେ ସାହାଯ୍ୟକର ।

ତାପରେ ଉଭୟେ ନଡ଼ିଆ ଗଛ ପାଖରେ ପହଞ୍ଚିଲେ । ପ୍ରଣାମ ଜଣାଇ କହିଲେ, "ହେ ବୃକ୍ଷ ଶ୍ରେଷ୍ଠ ନାରିକେଳ, ତମେ ହିଁ ସବୁ ଶୁଭର ପ୍ରତୀକ । ମଣିଷ ଏ ସଂସାରରେ ବଂଚିରହିବା ପାଇଁ ତାର ତିନୋଟି ମୌଳିକ ଆବଶ୍ୟକତାର ପରିପୂରଣ ଅନିବାର୍ଯ୍ୟ । ଖାଦ୍ୟ, ବସ୍ତ୍ର, ଓ ଆଶ୍ରୟସ୍ଥଳ । ଏକା ଧାରରେ ଏହି ତିନୋଟିର ପରିପୂର୍ତ୍ତି ତମରି ଦ୍ୱାରା ସମ୍ଭବ । ତମଠାରୁ ଅଧିକ ଶୁଭଙ୍କର ମଙ୍ଗଳମୟ ଆଉ କିଏ ବା ହୋଇ ପାରନ୍ତା । ଏ ଦୁଇଟା ଅଲେଡ଼ା ଜୀବନକୁ ତୁମେ ମଙ୍ଗଳମୟ କର ।

ଡଙ୍ଗା ଟାପୁର ନିକଟ ହୋଇଗଲା । ସେମାନେ ଦଉଡ଼ି ଦଉଡ଼ି ଯାଇ ଚିତ୍କାର କଲେ, "ରକ୍ଷାକର· ·ରକ୍ଷାକର ।"

ଡଙ୍ଗା ଲଗିଲା । କେତେଜଣ ଲୋକ ଝପଝାପ ବାହାରି ଆସି ସେମାନଙ୍କୁ ଡ଼ଙ୍ଗା ଭିତରକୁ ଯିବାକୁ ନିର୍ଦ୍ଦେଶ ଦେଲେ । ବାଘ ଶିଶୁ ଦୁଇଟି ପରି ସେ ଦୁହେଁ ଯାଇ ଡଙ୍ଗାରେ ଚଢିଲେ । ସେମାନେ ପଚାରିଲେ "ଏ ଟାପୁରେ ଆଉ କିଏ କେଉଁଠାରେ ନାହିଁତ ?"

"ନାହିଁ··· ।"

ତାପରେ ଡଙ୍ଗା ଗୁଡ଼ିଲା । ଏ ଦୁହେଁ ନୀଳ ଆକାଶକୁ ଚାହିଁ ହାତ ଟେକିଲେ । ଟାପୁକୁ ଚାହିଁ ପ୍ରଣାମ ଜଣାଇଲେ । ଡଙ୍ଗା ପ୍ରତିକୂଳ ଗତିରେ ଆଗେଇ ଚାଲିଲା ।

ଡଙ୍ଗାଟା କିଛିବାଟ ଗଲାପରେ ଟାପୁଉପରୁ · ଗୋଟାଏ ବିକଳ ସ୍ୱର ଶୁଣାଗଲା ।

ଘନ ଗଗନ ପବନ ଥରାଇ ଚିତ୍କାର କଲା "ମୋ ହରିଣଛୁଆ···ମୋ ହରିଣ ଛୁଆ ।"

ଡଙ୍ଗାରୁ ଡେଇଁ ପଡ଼ିବାକୁ ଉଦ୍ୟମ କରୁଥିବା ଅବସ୍ଥା ଲୋକମାନେ ଧରି ପକାଇ ଗର୍ଜନ କଲେ, "ଚୁପ୍···ସମୁଦ୍ରକୁ ମାରିବୁ ନା·କଣ ?" ରଶ୍ମିନ୍ ତାକୁ ଆଶ୍ୱାସନା ଦେଲା । ସେ କରୁଣ ଭାବରେ ସେହି ହରିଣ ଛୁଆଟିକୁ ଚାହିଁଥାଏ । ଆଖିରୁ ଧାର ଧାର ଲୁହ ବାହାରି ଆସୁଥାଏ ।

ଡଙ୍ଗାର ଗତି ମନ୍ଥର ହୋଇ ଆସୁଥାଏ ।

Digitized by srujanika@gmail.com

❋ ❋ ❋ ❋ ଅଳ-ଗୁଞ୍ଜିତ ପ୍ରଭାତ । ଇନ୍ଦ୍ରଧନୁର ରଶ୍ମିରେଖା ଗୃହଆଡ଼େ ବକ୍ରୀଭୂତ ହୋଇ ପଡ଼ୁଛି । ମଧୁବାବୁ ରୋଗଶଯ୍ୟାରୁ ଉଠି ପଳାଇ ଆସିଛନ୍ତି ପୁଷ୍ପୋଦ୍ୟାନକୁ । ମୋଟରର ଶବ୍ଦ ଶୁଣି ବୋଉ ତାଙ୍କର ଚାଲିଆସିଛନ୍ତି ଦାଣ୍ଡପାଖକୁ ଅସରନ୍ତି ଆବେଗ ଓ ଉଦ୍‌ବେଗ ଭିତରେ ।

ଜଣେ ମଗ୍ନ ଦାର୍ଶନିକପରି ଗୋଟିଏ କରଣୀ-କଳିକୁ ହାତରେ ଧରି ମଧୁବାବୁ ତନ୍ମୟତା ସହିତ ଚାହିଁରହିଛନ୍ତି ତାକୁ । ମୁଖମଣ୍ଡଳରେ ଖେଳିଯାଇଛି ଉଦାସ ଗମ୍ଭୀର୍ଯ୍ୟ । ଭାବନାର ଅସରନ୍ତି ଉର୍ମୀରେଖା ତାଙ୍କ ମନରେ ଖେଳିଉଠୁଛି । ଆଜି ପ୍ରାଣର ମିନାକ୍ଷୀ ତା'ର ଆସିବ—ଏକା ଆସିବ । ଯାଇଥିଲା ସାଥି ନେଇ; କିନ୍ତୁ ଫେରିବ ସେ ଏକା । ଉପଭୋଗର ଅଶ୍ରୁ ଢାଳେ ଅନୁଭୋଗର ଅଶ୍ରୁ ନେଇ ସେ ଫେରିବ ।

ମଧୁବୋଉଙ୍କର ଦୁଇ ଆଖିରୁ ଦୁଇଧାର ଅଶ୍ରୁ ବହିଯାଇ ଗଣ୍ଡଦେଶରେ ରହିଯାଇଛି ତା'ର ଏକ ଅଳଭା ଦାଗ । ସେ ସତୃଷ୍ଣ-ନୟନରେ ଚାହିଁରହିଛନ୍ତି ତାଙ୍କ ଘର ଆଗରେ ଲମ୍ବିଥିବା ହାଇୱେ ରାସ୍ତାର ବହୁଦୂରକୁ । ପବନର ସାଇଁ-ସାଇଁ ଶବ୍ଦରେ ସେ ଚମକିପଡ଼ି ମୋଟରର ଶବ୍ଦ ବୋ'ଲି ଭାବନ୍ତି । ବୁକୁର ସ୍ପନ୍ଦନ ମଧ୍ୟ ସମୟେ ସମୟେ ତାଙ୍କର ଚିତ୍ତବିଭ୍ରମ ସୃଷ୍ଟି କରାଏ । ସେ ଚମକିପଡ଼ି ଉଦ୍‌ବେଗରେ ଚାହାନ୍ତି ଆଗକୁ ।

ଝିଅର ସମ୍ବାଦ ମିଳନ—ବୋହୂ ଆସି ଘରେ ପଦାର୍ପଣ ନାହିଁ—ପୁଅ ରୋଗଶଯ୍ୟାରେ ।—ଇସ୍, କି ଦୁଃସହ ପରିସ୍ଥିତି ! ବସୁଧାଙ୍କରେ ମା' ସବୁ ସହିପାରେ । ପୁଣି ସେ ଚାହିଁରହିଲେ ସେଇ ବଙ୍କିଲ ରାସ୍ତାର ଅସମାପ୍ତ ରେଖାକୁ ।

ଚଳଚ୍ଚିତ୍ରର ଦୃଶ୍ୟପରି ହଠାତ୍ ପରିବର୍ତ୍ତନମଧ୍ୟରେ ଦେଖାଗଲା ଏକ ଆଶାତୀତ ଆଭିମୁଖ୍ୟ । ଗୋଟିଏ ଧାବମାନ ଟ୍ୟାକ୍‌ସି ଆସି ହଠାତ୍ ଅଟକିଗଲା ଘର ସାମନାରେ ତା'ମଧ୍ୟରୁ ଓହ୍ଲାଇ ଆସିଲେ ଜଣେ ଯୁବତୀ ଓ ଜଣେ ଯୁବକ । ଯୁବତୀଟିର କୃଷ୍ଣକେଶପାଶ ଉପରେ ଗୋଟିଏ କ୍ଷୀଣ ଅବଗୁଣ୍ଠନ । ଚକ୍ଷୁରେ ଲୋତକର ବନ୍ୟା । ମଧୁବାବୁଙ୍କର ବୋଉ ଚମକିପଡ଼ି ପଛକୁ ଅନାଇଲାକ୍ଷଣି ସେ ଚିତ୍କାର କରି କହିଲା, "ବୋଉ, ବୋଉ ! ମୁଁ ମରି ନ ଲେ ବୋଉ; ତୋ କୋଳକୁ ଫେରିଆସିଛି ।"

Digitized by srujanika@gmail.com

ଆକାଶରେ ବଜ୍ରର କମ୍ପନ ଖେଳିଗଲାପରି ଏକ ଉଚ୍ଛ୍ୱାସମୟ ସ୍ପନ୍ଦନର ଢେଉ ସ୍ୱରଆଡ଼େ ଖେଳିଗଲା । ବୁଢ଼ୀ ଉଲ୍‌କାପରି ତା' ପାଖକୁ ଦଉଡ଼ିଯାଇ ତାକୁ କୋଳକୁ ଟାଣିନେଲେ । ଇସ୍, ଆକର୍ଷଣୀ କ ଅଦ୍ଭୁତ ! ସତେ ଯେପରି ଦୁଇଟିଯାକ ପ୍ରାଣ ମିଶିଯାଇ ଗୋଟିଏ ହୋଇଛି । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ମଧ୍ୟ ସେ ବାହୁ-ବନ୍ଧନକୁ ଶିଥିଳ କରିପାରିବେ ନାହିଁ ।

"ମା' ତୁ ଆସିଛୁ ! ତୋର କର୍ମହୀନା ମା'ପାଖକୁ ଆସିଛୁ ! ସବୁହରା କାଙ୍ଗାଳୁଣୀର କୋଳ ଆଜ ପୂରିଉଠିବ ମା' । ଲକ୍ଷ୍ମୀହୀନା ପୁର ତା'ର ଶିରିଭରା ହୋଇଉଠିବ ମା' । ଭଗବାନ୍ ସତରେ ଦରିଦ୍ରର ବନ୍ଧୁ, ଅସହାୟର ସହାୟ, ଅଗତିର ଗତି । ସେ ଭିକାରୁଣୀର ଆକୁଳ ଡାକ ଏତେ ଦିନପରେ ଶୁଣିଛନ୍ତି । ଆଜ ତୋର ନୂଆ'ଭ ବ ଫେରିଆସିବ ମା ! ବାପା ଯାଇଛନ୍ତି ଆଣିବାକୁ ।"

"ନୂଆ'ଭ ମୋର ଫେରିଆସିବେ ? ? ସତ କହୁଛୁ ବୋଉ ? ଆନନ୍ଦରେ ନାଚ ନାଚ ଦଉଡ଼ି ଯାଇ କହିଲା, "ଭଉଭଉ, ଆଜ ଏ ଭାଗ୍ୟହୀନ ପରିବାରର ମିଳନ-ପର୍ବ···ନୂଆ'ଭ ମୋର ଫେରିଆସିବେ । ମୁଁ ତାଙ୍କର କଥା ତମକୁ କହୁଥିଲି ।

ମହୁବୋଉ ଆନନ୍ଦରେ ଆଉରି ଗଦ୍‌ଗଦ୍ ହୋଇ ପାଗଳୀପରି ଚିତ୍କାର କଲେ, "ମହୁ ! ବାପା ମହୁ ! ହେଇ ତୋର ପ୍ରାଣର ଭଉଣୀ ଭାନୁ ଫେରିଆସିଛି । ତୋ ଜ୍ୱର ଆଜ ଭଲ ହୋଇଯିବରେ ବାପା !" ଭାନୁର ହାତ ଧରି ସେ ପାଗଳୀ-ପରି ଦଉଡ଼ ଦଉଡ଼ ଗଲେ ମହୁବାବୁଙ୍କର ରୋଗଶଯ୍ୟା ପାଖକୁ । ଦେଖିଲେ କକ୍ଷ ଶୂନ୍ୟ ।

ଭାନୁ ବ୍ୟସ୍ତ ହୋଇ ଡାକିଲା, "ଭାଇ, ମୁଁ ଫେରିଆସିଛି । ତୁମେ ଏତେ-ବେଳେ କୁଆଡ଼େ ଗଲ ?"

ମହୁବାବୁ · ତାଙ୍କର ଦୁର୍ବଳ ‐ ଶରୀରର ଭାର ବହନ କରିନପାରି ଆନନ୍ଦ-ମଥିତ ହୋଇ ଦଉଡ଼ିବାବେଳେ ଝୁଣ୍ଟି ପଡ଼ିଲେ ତଳେ । ଭାନୁ ଦଉଡ଼ ଆସି ତାଙ୍କୁ ତଳୁ ଉଠାଇବାବେଳେ କାନ୍ଦ କାନ୍ଦ କହିଲା, "ଭାଇ ! ତୁମର ଅବସ୍ଥା କ'ଣ ହୋଇଛି ? ଛି, ମୁଁ ଅଲକ୍ଷଣୀ ନ ମରି ଯା'ହା ଆସିଛି ଏ ଦୃଶ୍ୟ ଦେଖିବାପାଇଁ । ତୁମେ ଏତେ ଦୁର୍ବଳ ହୋଇଯାଇଛ ଭାଇ ।

ଭାନୁ ମହୁବାବୁଙ୍କର ନିଗଡ଼ା ଲୁହ ତା' ପଣତକାନିରେ ପୋଛୁବାବେଳେ ସେ କୋହଭରା କଣ୍ଠରେ କହିଲେ, "ଭାନୁ ତୁ ଆସିଛୁ ! ସତରେ ଫେରିଆସିଛୁ ତୁ । ଏ ଲୁହ ମୋର ପୋଛ ନାରେ ଭାନୁ, ତାକୁ ବହିବାକୁ ଦେ—ତାକୁ ବହିବାକୁ

Digitized by srujanika@gmail.com

ଦେ । ମୋ ବୁକୁରେ ଯେଉଁ ଅସହ୍ୟ ରୁଦ୍ଧ ବେଦନା ଜମାଟ ବାନ୍ଧିଛି, ତାହା ସେହି ଲୁହର ଧାର ମଧ୍ୟରେ ବାହାରି ଯାଉ । ମୋର ପ୍ରାଣ ହେଉ ହାଲୁକା । ମୁଁ ଏଥର ଶାନ୍ତିରେ ଟିକିଏ ନିଃଶ୍ୱାସ ମାରେ । ଆମଘରକୁ ଗୋଟାଏ ନୂଆ ଜୀବନ ଫେରି ଆସିଛିରେ ଭାନୁ ।

ରଞ୍ଜନ୍, ଭାନୁର ବୋଉ ଓ ମଧୁବାବୁଙ୍କର ପାଦତଳେ ପ୍ରଣାମ ବାଢ଼ି କହିଲା, "ତୁମେ ଏବେ ଅଧୈର୍ଯ୍ୟ ହୁଅନି ଭାଇ ଦମ୍ଭ ଧର !"

"ତୁମେ ?—"

ପ୍ରଶ୍ନଭରା ଆଖିରେ ଚାହିଁରହିଲେ ମଧୁ ରଞ୍ଜନର ମୁହଁକୁ । ଭାନୁ ପ୍ରଶ୍ନକୁ ଅପେକ୍ଷା ନ କରି କହିଲା, "ହଁ ଭାଇ, ରଞ୍ଜନବାବୁ; ସେ ବି ଆମରି ପରି ହତଭାଗା । ନଈ ସୁଅରେ ଭାସିଯାଇ ଥିଲେ । ଭଗବାନ ତାଙ୍କୁ ରକ୍ଷା କଲେ ।

ସେ ଆଜ୍ଞା ପାଇବାପରେ ତମର ଏଇ ଅଭାଗିନୀ ଭଉଣୀକୁ ପାଣିସୁଅରୁ ଟାଣିଆଣି ତା'ର ନିର୍ଜ୍ଜନ ଜୀବନକୁ ବଞ୍ଚାଇଛନ୍ତି ।" ମଧୁବାବୁଙ୍କର ବୋଉ ଆନନ୍ଦରେ ଆତ୍ମହରା ହୋଇ ବିହ୍ୱଳ ନେତ୍ରରେ ଚାହିଁରହିଲେ ତାଙ୍କରି ଆଡ଼କୁ । ମଧୁବାବୁ ଥରି ଥରି ଭୂଇଁରୁ ଉଠି ରଞ୍ଜନକୁ କୁଣ୍ଢାଇ ପକାଇ କହିଲେ, "ରଞ୍ଜନ୍, ତୁମେ ମୋର ଭାଇ ନୁହ, ତୁମେ ଭାନୁର ଦେବତା, ଆମରପୂଜ୍ୟ । ତୁମେ ଦେବଦୂତ ରଞ୍ଜନ୍ ! ଦେବଦୂତ ତୁମେ । ଖାଲି ଭାନୁ କାହିଁକି, ଏ ଦୁଃସ୍ଥ ପରିବାର ଦୁର୍ଭାଗ୍ୟର ସ୍ରୋତରେ ଭାସିଯାଇ ତାଙ୍କର ଅସ୍ତିତ୍ୱ ଲୋପ କରିବାବେଳେ ତମେ ସ୍ୱର୍ଗପଥରୁ ବୋଧହୁଏ ଓହ୍ଲାଇ ଆସି ସମସ୍ତଙ୍କୁ ରକ୍ଷା କରିଛ" । ତୁମେ ଭାସିଯାଇଥିଲ ଆମର ଭାସିଲା ସଂସାରକୁ ରକ୍ଷା କରିବ ବୋଲି । ତମେ ଆମପାଇଁ ମହାନ୍ ।

ନା ଭାଇ, ମୋତେ ଆଉ ଲଜ୍ଜା ଦିଅ ନା । ମୁଁ ଏଥିପାଇଁ ଯୋଗ୍ୟ ନୁହେଁ । ହତଭାଗା ମୁଁ । ଗୋଟିଏ ଭାସମାନ ସ୍ରୋତରେ ଆମେ ଦୁହେଁ ଭାସି ଯାଉଥିଲୁ । ଭଗବାନ୍ ଆମକୁ ରଖିଛନ୍ତି ?

ଏଥିରେ ମଣିଷର କିଛି ହାତ ନାହିଁ । ମୁଁ କେବଳ ନିମିତ୍ତ ମାତ୍ର ।

ଭାନୁ ଆବେଗମୟ ଉଚ୍ଛ୍ୱାସପୂର୍ଣ୍ଣ ଉଭୟଙ୍କ ଜୀବନର ଅଶ୍ରୁବୋଳା ଇତିହାସ କହିଗଲା ତା'ର ଭାଇ ଓ ବୋଉ' ପାଖରେ । ସେମାନେ ସ୍ତମ୍ଭୀଭୂତ ହୋଇ ଚାହିଁରହିଲେ ତା' ଆଡ଼କୁ । ମଧୁବାବୁ ସବୁ କଥା ଶୁଣୁ ଶୁଣୁ ହଠାତ୍ ଚିତ୍କାର କରି କହିଲେ, "ଆହା, ଭଉଣୀଟି ତାଙ୍କର ଭାସିଗଲା ! ତୁ କ'ଣ କହୁଛୁ ଭାନୁ ! ମୋତେ ଆଉ କହ ନା ସେ ଦୁଃଖର ଇତିହାସ । ଭୁଲିବାକୁ ଦେ ମୋତେ ।

Digitized by srujanika@gmail.com

ଭନୁ ଆସିଛୁ—ମିନାକ୍ଷୀ ଆସିବ, ଏ ଆସିବାରେ ଏ ଜନ୍ମର ଚରମ ଆନନ୍ଦ ଭରିଛୁ କିନ୍ତୁ ଏମାନଙ୍କର ଯେଉଁମାନେ ରକ୍ଷାକର୍ତ୍ତା ସେମାନଙ୍କୁ ବର୍ଣ୍ଣନ କରିବାରେ ବୋଧହୁଏ ପରମ ପବିତ୍ରତା ଭରି ରହିଛୁ ।

"ତୁମେ ତୁମ ଭଉଣୀକୁ ହରାଇ ମୋ ଭଉଣୀକୁ ଫେରାଇଆଣିଛ ମରଣ-ମୁହଁରୁ । ବାସ୍ତବିକ ରବି, ଦେବତା ତୁମେ । ଏ ପରିବାରର ପୂଜ୍ୟ ।

ଠିକ୍ ଏତିକିବେଳେ ମୃଣ୍ମୟର ଘରପାଖରେ ଆସି ଗାଡ଼ିଟା ଅଟକିଗଲା । ସମସ୍ତେ ବ୍ୟାକୁଳତାମଧ୍ୟରେ ଚାହିଁରହିଲେ ସେଇ ଆଡ଼କୁ । ବହିରୁ ବାହାର ଅସିଲେ ମୟୂବାବୁଙ୍କର ବାପା । ତାଙ୍କ ପଛେ ପଛେ ମିନାକ୍ଷୀ । ଭନୁ ପାଗଳିଣୀ ସ୍ତ୍ରୀପରି ଦଉଡ଼ିଗଲା ତାଙ୍କ ପାଖକୁ । ଘନଶ୍ରାବଣର ଉତ୍ତୁଙ୍ଗ କମ୍ପନପରି ଥରିଉଠିଲା ସେ । ବାପା ଓ ନ୍ଆଁଙ୍କୁ ପ୍ରଣାମ ଜଣାଇ ଅସରନ୍ତି ଆବେଗମଧ୍ୟରେ କୁଣ୍ଢାଇ ପକାଇଲା ମିନକୁ । ମିନ ଓ ମୟୂର ବାପା ବିସ୍ମୟାଭିଭୂତ ହୋଇ ଚାହିଁରହିଲେ ତାକୁ । ସେ କଣ ଦେଖୁଛନ୍ତି ? ସତେ କଣ ଭନୁ ତାଙ୍କର ଆଶା-ଆଲୋକର ଉତ୍ତରଣମଧ୍ୟରେ ଉଦିତ ହୋଇଛୁ ସେମାନଙ୍କର ଦୁଃଖାନ୍ଧକାରକୁ ଦୂରେଇଦେବା ପାଇଁ ! ସେ ସ୍ୱପ୍ନ ଦେଖୁ ନାହାନ୍ତି ତ ! ସେମାନେ ଭନୁକୁ ଦେଖୁଛନ୍ତି ନା ଆଉ କାହାକୁ ଦେଖି ଭନୁର ଭ୍ରମ ସୃଷ୍ଟି ହୋଇଛୁ ।

ପ୍ରଣାମକରି ମିନ ବାଷ୍ପ ଗଦ୍‌ଗଦ୍ ହୋଇ କହିଲା, "ବୋଉ, କଳିକାଳର ଦେବତା ପଥର ନୁହନ୍ତି । ମା' ଭଟ୍ଟାରିକା ଆମର ଗୁହାରି ଶୁଣିଛନ୍ତି । ସେ ମୋତେ ବାହିଁକି, ଭନକୁ ବି ଫେରାଇ ଆଣିଛନ୍ତି ତମ କୋଳକୁ । ବାପା, ତମ ଭନୁକୁ ପାଖକୁନିଅ ।

ଭନୁ ଆନନ୍ଦବିହ୍ୱଳ ହୋଇ କହିଲା, "ରବିଭାଇ, ମୟୂଭାଇ, ବୋଉ ପାଖକୁ ଆସ । ମୋର ନ୍ଆଁଙ୍କୁ ପାଚ୍ଛୋଟି ନିଅ । କୂଳର ଘାପ ଆମର ଲିଭି ନ । ଶାତ ଝଡ଼ଝଞ୍ଜାମଧ୍ୟରେ ସେଇପରି ଆଜ ବି ଜଳୁଚି ।" ବାପା ବୋଉଙ୍କର ପୁଣ୍ୟ ଆମ-ଦୁହିଁଙ୍କୁ ତାଙ୍କ ପାଖକୁ ଫେରାଇ ଆଣିଛୁ ।

ଗୋଟିଏ ପାଖରେ ମୟୂ, ତାଙ୍କର ବୋଉ ଓ ବାପା, ଆଉ ପାଖରେ ରବିନ୍, ମିନାକ୍ଷୀ ଓ ଭନୁ । ଗୋଟିଏ ପାଖରେ ଆନନ୍ଦର ଉଦ୍‌ବେଳନ ଓ ଅନ୍ୟ ପାଖରେ ବିସ୍ମୟ ଆସ୍ତରଣ । ଗୋଟିଏ ପାଖ ଦୃଶ୍ୟ ଓ ଅନ୍ୟ ପାଖ ଦର୍ଶକ । ସେତେବେଳେ କାହାର ମନରେ କଣ ଘଟି ଯାଉଥାଏ ତାହା ଜାଣିବା ସମ୍ଭବ ନୁହେଁ ।

Digitized by srujanika@gmail.com

ମୃଣ୍ମୟ ଗୁରୁଗମ୍ଭୀର କଣ୍ଠରେ କହିଲେ, ବା'ପା, ଭଗବାନଙ୍କର ଆଶୀର୍ବାଦ, ଏ ମଧ୍ୟ ଈଶ୍ୱରଙ୍କର ମଧୁର ମୁହୂର୍ତ୍ତରେ ସମସ୍ତେ ଆସିଛନ୍ତି । ବୋଧ ହୁଏ ମିଳନ ନ ଥିଲେ ଆଜିର ଏଇ ଉତ୍ସବଟା ଅପୂର୍ଣ୍ଣ ରହିଯାଇଥାଆନ୍ତା । ଏଇ ମିଳନ-ପର୍ବର ଆଜିଜଣେ ପୂଣ୍ୟ ପୁରୋଧା ହୋଇଛନ୍ତି ଏଇ ରତନବାବୁ । ସେ ଆମର ଭାନୁକୁ ମରଣର ମୁହଁରୁ ଛଡ଼ାଇ ଆଣିଛନ୍ତି । ନିଜ ଭଉଣୀକୁ ହରାଇଛନ୍ତି, ନର୍ଦ୍ଦମାର କଦମ ଗର୍ଭରେ । ସେ ଆମ ସମସ୍ତଙ୍କର ତୀର୍ଥ ପୁରୁଷ । ତାଙ୍କ ସାଉଁଟା ଫୁଲକୁ ସମର୍ପି ଦେବା ପାଇଁ ଆମ ଘରକୁ ଆସିଛନ୍ତି ।

ରଞ୍ଜନ ସମସ୍ତଙ୍କୁ ପ୍ରଣାମ ଜଣାଇଲା ।

ଭାନୁରବାପା ଆନନ୍ଦରେ ଗଦ୍‌ଗଦ୍ ହୋଇ ରଞ୍ଜନକୁ ଆଲିଙ୍ଗନ କରି କହିଲେ, "ବାପା, ତମେ ମୋର ଜନ୍ମ ଜନ୍ମାନ୍ତରର ପୁତ୍ର । ତମେ ମୋ ପରିବାରର ସତରେ ତୀର୍ଥ ପୁରୁଷ । ଆଜି ଆଉରି ଆନନ୍ଦ ମିଳିଥାନ୍ତା, ମା ମିଶ୍ରୀକୁ ଯେଉଁମାନେ ପ୍ରାଣ ଦେଇ ରକ୍ଷାକରିଥିଲେ ସେମାନଙ୍କ ଭିତରୁ ସବୁ କାହାର ପବିତ୍ର ପାଦଧୂଳି ଏ ପାପକୁଣ୍ଡଆରେ ପଡ଼ିଥାନ୍ତା । ତାର ଅତି ପ୍ରିୟ ମଣିଷ ତାକୁ ଆମଘରେ ଛାଡ଼ି ଦେଇଯିବାକୁ ଆସିଥିଲେ । ଶାରୀରିକ ଅସୁସ୍ଥତା ନେଇ ସେମାନେ ବାଟରୁ ଫେରିଲେ । ଆମର ସେ ସୌଭାଗ୍ୟ ନାହିଁ । ମୁଁ ତମରି ଭିତରେ ସେମାନଙ୍କୁ ଦେଖିବାକୁ ପାଉଛି । ମଣିଷ ପଣିଆର ରୂପ ଗୋଟିଏ ପ୍ରକାରର ଏବଂ ଶତଧାର ବହୁରୂପ ରହିଛି । ତମେ ସବୁ ମଣିଷ ପଣିଆର ଗୋଟିଏ ଗୋଟିଏ ପବିତ୍ର ମନ୍ଦିର ।

କାହାର ଆୟତ୍ତ ଅଛି ଏ ଜଗତେ
ନିୟତିକୁ ନେବ ନିଜ ଇଚ୍ଛା ପଥେ ॥

Digitized by srujanika@gmail.com